# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-306 ♦BHUBANESWAR ♦FRIDAY ♦3 MAY 2024 ♦PAGE-16 ♦₹ 6.00


♦ବର୍ଷ-୪୧ ♦ସଂଖ୍ୟା-୩୦୬ ♦ଭୁବନେଶ୍ୱର ♦ଶୁକ୍ରବାର ♦୩ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦



ପରଦାକୁ ଫେରିବେ ଇମ୍ରାନ୍

▶ପୃଷ୍ଠା ୧୪ ଦେଖନ୍ତୁ...






# କଣ୍ଟାବାଞ୍ଜିରୁ ମୁଖ୍ୟମନ୍ତ୍ରୀଙ୍କ ନାମାଙ୍କନ

■ **ଟିଟିଲାଗଡ଼,୨।୫(ସମିସ):** ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର କଣ୍ଟାବାଞ୍ଜି ବିଧାନସଭା ଆସନ ନିମନ୍ତେ ନିଜର ପ୍ରାର୍ଥିପତ୍ର ଦାଖଲ କରିଛନ୍ତି । ଏହି ଅବସରରେ ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇ, ମନ୍ତ୍ରୀ ଟୁକୁନି ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରୁ ତୁଷୁରା ଏୟାରଷ୍ଟ୍ରିପ ଓ ସେଠାରୁ ଟିଟିଲାଗଡ଼ ଏସ୍‌ଟି ହାଇସ୍କୁଲ ପଡ଼ିଆକୁ ଯାତ୍ରା କରିଥିଲେ। ସେଠାରେ ତାଙ୍କୁ କାର୍ତ୍ତିକ ପାଣ୍ଡିଆନ, ଟିଟିଲାଗଡ଼ ବିଧାୟିକା ପ୍ରାର୍ଥୀ ଟୁକୁନି ସାହୁ, ବଲାଙ୍ଗିର ସାଂସଦ ପ୍ରାର୍ଥୀ ସୁରେନ୍ଦ୍ର ସିଂହ ଭୋଇ, ବଲାଙ୍ଗିର ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ, ସୋନପୁର ବିଧାୟକ ପ୍ରାର୍ଥୀ ନିରଞ୍ଜନ ପୂଜାରୀ, କଣ୍ଟାବାଞ୍ଜି ପୂର୍ବତନ ବିଧାୟକ ମହମ୍ମଦ ଆୟୁବ୍ ଖାଁ, ନର୍ଲା ବିଧାୟକ ଭୂପିନ୍ଦର ସିଂହ ଓ ରମେଶ ଅଗ୍ରୱାଲଙ୍କ ସମେତ ହଜାର ହଜାର ଜନସାଧାରଣ ସ୍ୱାଗତ ଜଣାଇଥିଲେ। ମୁଖ୍ୟମନ୍ତ୍ରୀ ଏକ ▶ପୃଷ୍ଠା-୯



## ନବୀନଙ୍କୁ ପୁଷ୍ପବର୍ଷା

### ୩ କିମି ରାସ୍ତା ଜନସମୁଦ୍ର

■ **ଟିଟିଲାଗଡ଼, ୨।୫ (ସମିସ):** ଗୁରୁବାର ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟିଟିଲାଗଡ଼ରେ ଦାଖଲ କରିଛନ୍ତି ନାମାଙ୍କନ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ପହଞ୍ଚିବା ପରେ ଦୀର୍ଘ ୩ କିଲୋମିଟର ଯାଏ ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ ସହ ପୁଷ୍ପ ବର୍ଷା କରିଥିଲେ ଉପସ୍ଥିତ ଜନସାଧାରଣ। ସାରା ସହର ନବୀନ ମୟ ହୋଇ ଉଠିଥିଲା ଓ ନବୀନ ପଟ୍ଟନାୟକ ଜିନ୍ଦାବାଦ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଦେଖିବା ପାଇଁ ହଜାର ହଜାର ଜନସାଧାରଣଙ୍କ ଭିଡ଼ ଜନସମୁଦ୍ରରେ ପରିଣତ ହୋଇଥିଲା। ପଶ୍ଚିମ ଓଡ଼ିଶାର ପାରମ୍ପରିକ ଲୋକବାଦ୍ୟର ତାଳେତାଳେ ଦୁଲୁକି ଉଠିଥିଲା ଟିଟିଲାଗଡ଼ ସହର। ▶ପୃଷ୍ଠା-୯

# ବଲାଙ୍ଗିର ବିକାଶରେ ନବୋଦୟ

■ **ଭୁବନେଶ୍ୱର, ୨।୫ (ସମିସ):** ରାଜ୍ୟର ସମତୁଲ ବିକାଶ ସର୍ବଦା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ ପ୍ରକ୍ରିୟାର ମୂଳବିନ୍ଦୁ ରହି ଆସିଛି। ଏହିକ୍ରମରେ ନିକଟ ଅତୀତରେ ବଲାଙ୍ଗିର ଜିଲ୍ଲାରେ ବିକାଶ ପ୍ରକ୍ରିୟା ବ୍ୟାପକ ଏବଂ ତ୍ୱରାନ୍ୱିତ ହୋଇଥିଲା ବେଳେ ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କଣ୍ଟାବାଞ୍ଜିରୁ ପ୍ରାର୍ଥିତ୍ୱ ଜିଲ୍ଲାରେ ବିକାଶରେ ନବୋଦୟର ବାର୍ତ୍ତା ଦେଉଛି।

କଣ୍ଟାବାଞ୍ଜିରୁ ନବୀନ ପ୍ରାର୍ଥୀ ହେବା କେବଳ ବଲାଙ୍ଗିର ନୁହେଁ; ଏହାର ପାର୍ଶ୍ୱବର୍ତ୍ତୀ ଜିଲ୍ଲା କଳାହାଣ୍ଡି, ନୂଆପଡ଼ା, ସୋନପୁର ଏବଂ ବରଗଡ଼ରେ ମଧ୍ୟ ଆଗାମୀ ଦିନରେ ବିକାଶର ନୂଆ ଅଧ୍ୟାୟ ସୃଷ୍ଟି କରିବ। ଏହା ତାଙ୍କର ଏକ ଦୂରଦୃଷ୍ଟି ସମ୍ପନ୍ନ ରଣନୀତି ବୋଲି ରାଜନୈତିକ ମହଲରେ ମତପ୍ରକାଶ ପାଇଛି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ପରେ ଏଠାରେ ବିଜେଡି ସଂଗଠନ ପୂର୍ବାପେକ୍ଷା ଆହୁରି ସୁଦୃଢ଼ ଏବଂ ସଶକ୍ତ ହେବ। ନିର୍ବାଚନରେ ଦଳ ପାଇଁ ସମ୍ଭାବ୍ୟ ଆହ୍ୱାନଗୁଡ଼ିକୁ ଅଧିକ ଫଳପ୍ରଦ ଭାବେ ମୁକାବିଲା କରିହେବ। ଯାହାର ସୁଫଳ ବିଜେଡିକୁ ଚଳିତ ନିର୍ବାଚନରେ ମିଳିବ ବୋଲି ଆକଳନ କରାଯାଉଛି। ଉଭୟ ରାଜନୈତିକ ▶ପୃଷ୍ଠା-୯

- ବଳ ଦେଉଛି ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ
- ୧ ଲକ୍ଷ ଏକର ଜମିକୁ ପହଞ୍ଚିବ ପାଣି
- ଭୀମ ଭୋଇ ମେଡିକାଲ କଲେଜ ପାଇଁ ଖର୍ଚ୍ଚ ହେଉଛି ୩୦୫ କୋଟି
- ୧୨୧୭ କୋଟିରେ ୫ ଅନ୍ତଃନଦୀ ଜଳାଶୟ ପ୍ରକଳ୍ପ ନିର୍ମାଣାଧୀନ
- ନୂଆରୂପ ପାଇଛି ହରିଶଙ୍କର ପୀଠ
- ତୁଷରା ଏୟାରଷ୍ଟ୍ରିପର ଚାଲିଛି ଉନ୍ନତିକରଣ, ପିଇବା ପାଣି ପାଇଁ ଖର୍ଚ୍ଚ ହେଉଛି ୧୩୧୨ କୋଟି
- ଗମନାଗମନକୁ ଗୁରୁତ୍ୱ
- ବଲାଙ୍ଗିର ବାଇପାସ୍, ପାଟଣାଗଡ଼ ବାଇପାସ ନିର୍ମାଣାଧୀନ, ଖର୍ଚ୍ଚ ହେଉଛି ୩୧୬ କୋଟି




■ ହାଇକୋର୍ଟରେ ଡିପ୍‌ଫେକ ଭିଡିଓ ପ୍ରଚାରପ୍ରସାର ମାମଲା

## ଏବେ କୌଣସି ନିର୍ଦ୍ଦେଶ ଦେଇପାରିବୁ ନାହିଁ

ନୂଆଦିଲ୍ଲୀ,୨।୫(ଏଜେନ୍ସି): ଦିଲ୍ଲୀ ହାଇକୋର୍ଟ ଗୁରୁବାର ନେତାଙ୍କ ଡିପ୍‌ଫେକ ଭିଡିଓ ପ୍ରଚାରପ୍ରସାର ମାମଲାର ଶୁଣାଣି କରିଛନ୍ତି। ନିର୍ବାଚନ ସମୟରେ କୋର୍ଟ ଏ ନେଇ କୌଣସି ନିର୍ଦ୍ଦେଶ ଜାରି କରିପାରିବେ ନାହିଁ। ତେଣୁ ଏହି ମାମଲାକୁ କୋର୍ଟ ନିର୍ବାଚନ କମିଶନ (ଇସି) ଙ୍କ ଉପରେ ଛାଡୁଛନ୍ତି। ଏହା ଏକ ସାମ୍ବିଧାନିକ ସଂସ୍ଥା। ଇସିଙ୍କ ଉପରେ କୋର୍ଟଙ୍କ ଭରସା ରହିଛି। ସେ ନିଜେ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି କାର୍ଯ୍ୟନିର୍ବାହୀ ମୁଖ୍ୟ ବିଚାରପତି ମନମୋହନ ସିଂହ କହିଛନ୍ତି। ଓକିଲଙ୍କ ଏକ ସଂଗଠନ ଏହି ଆବେଦନ ଦାଏର କରିଥିଲା। ଏଥିରେ ନିର୍ବାଚନ ସମୟରେ ଡିପ୍‌ଫେକ ଭିଡିଓ ସର୍କୁଲେସନ ଉପରେ କଟକଣା ଲଗାଇବା ପାଇଁ ଇସିଙ୍କୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା। ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଡିପ୍‌ଫେକ ଭିଡିଓ ମାମଲାରେ ଦିଲ୍ଲୀ ପୁଲିସ ଏତଲା ରୁଜୁ କରି ତେଲଙ୍ଗାନା ମୁଖ୍ୟମନ୍ତ୍ରୀଙ୍କୁ ଜେରା ପାଇଁ ସମନ ଜାରି କରିବା ପରେ ଏହି ଆବେଦନ ଦାଏର କରାଯାଇଥିଲା।

■ କୋଲକାତା ହାଇକୋର୍ଟଙ୍କ ମନ୍ତବ୍ୟ

## ସନ୍ଦେଶଖାଲି ମାମଲାର ତଦନ୍ତ ଠିକ୍ ମାର୍ଗରେ ଚାଲିଛି

କୋଲକାତା, ୨।୫ (ଏଜେନ୍ସି): କଲକତା ହାଇକୋର୍ଟ ଗୁରୁବାର ପଶ୍ଚିମବଙ୍ଗ ସନ୍ଦେଶଖାଲି ଜମି ହଡ଼ପ ଏବଂ ଯୌନ ଉତ୍ପୀଡ଼ନ ମାମଲାର ଶୁଣାଣି କରିଛନ୍ତି। ଏହି ମାମଲାରେ ରାଷ୍ଟ୍ରୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆରସି)ଙ୍କୁ ପକ୍ଷଭୂକ୍ତ କରିବା ଲାଗି ଅନୁମତି ଦେଇଛନ୍ତି। ଏହା ସହିତ ସିବିଆଇ ତଦନ୍ତ ଠିକ୍ ମାର୍ଗରେ ଯାଉଛି ବୋଲି କହିଛନ୍ତି। ସିବିଆଇର ରିପୋର୍ଟ ଆଧାରରେ ମୁଖ୍ୟ ବିଚାରପତି ଟିଏସ୍ ଶିବଗଣମ ଏବଂ ଜଷ୍ଟିସ ହିରଣମୟ ଭଟ୍ଟାଚାର୍ଯ୍ୟଙ୍କ ଖଣ୍ଡପୀଠ କହିଛନ୍ତି ଯେ ତଦନ୍ତରେ ରାଜ୍ୟ ସରକାର ସହଯୋଗ କରୁନାହାନ୍ତି। ତଦନ୍ତ ଏବେ ମଧ୍ୟ ଜାରି ରହିଛି। ତେଣୁ ଏପରି ସମୟରେ ଯାଞ୍ଚ ରିପୋର୍ଟ ଜାରି କରିବା ଅନୁଚିତ। ଏହା ସହିତ ରିପୋର୍ଟକୁ ଗୋପନୀୟ ରଖିବା ନେଇ ସିବିଆଇ କରିଥିବା ଆବେଦନକୁ କୋର୍ଟ ସ୍ୱୀକାର କରିଛନ୍ତି। ଜୁନ୍ ୧୩ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। କୋର୍ଟ ମାମଲା ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଛନ୍ତି। ତଦନ୍ତରେ ସିବିଆଇକୁ ସହଯୋଗ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯଦି ସରକାରଙ୍କ ପାଖରେ କର୍ମଚାରୀ ଅଭାବ ପଡୁଛି ତେବେ ଅତିରିକ୍ତ କର୍ମଚାରୀ ମୁତୟନ କରି ସିବିଆଇ ସହ ମିଳିତ ଭାବେ କାମ କରିବାକୁ କହିଛନ୍ତି। ଜୁନ ୧୨ ସୁଦ୍ଧା ପ୍ରାଥମିକ ରିପୋର୍ଟ ଦାଖଲ କରିବାକୁ କୋର୍ଟ ସିବିଆଇକୁ କହିଛନ୍ତି।

## ୟୁଏଇରେ ପୁଣି ପ୍ରବଳ ବର୍ଷା



ଦୁବାଇ,୨।୫(ଏଜେନ୍ସି): କିଛି ଦିନର ବ୍ୟବଧାନରେ ପୁଣି ସଂଯୁକ୍ତ ଆରବ ଏମିରେଟ୍‌ସ୍‌ରେ ପ୍ରବଳ ବର୍ଷା ସାଙ୍ଗକୁ ଘଡ଼ିଘଡ଼ି ହେବା ସାଧାରଣ ଜୀବନଯାତ୍ରା ବ୍ୟାହତ କରିଛି। ଲଗାତର ଭାବେ ଏଠାରେ ପାଣିପାଗକୁ ନେଇ ଦ୍ରୁତ ପରିବର୍ତ୍ତନ ଘଟୁଥିବାରୁ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ନିଆଯିବା ସହିତ ଲୋକମାନଙ୍କୁ ମଧ୍ୟ ସୁରକ୍ଷିତ ରହିବାକୁ କୁହାଯାଇଛି। ବର୍ତ୍ତମାନ ୟୁଏଇର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଥିବାରୁ 'ଅରେଞ୍ଜ' ଆଲର୍ଟ ଜାରି କରାଯିବା ସହିତ ଲୋକମାନଙ୍କୁ ଘରୁ ନ ବାହାରିବାକୁ କୁହାଯାଇଛି। ସେହିପରି ସରକାରୀ ଏବଂ ବେସରକାରୀ ସ୍ତରରେ ଘରୁ ରହି କାର୍ଯ୍ୟ କରିବାକୁ କୁହାଯାଇଥିଲା ବେଳେ ବିଭିନ୍ନ ଶିକ୍ଷାନୁଷ୍ଠାନରେ ଦୂର ନିରନ୍ତର ଶିକ୍ଷା ବ୍ୟବସ୍ଥାରେ ପାଠ ପଢାଇବାକୁ କୁହାଯାଇଛି। ପାର୍କ ଏବଂ ସାମୁଦ୍ରିକ ବେଳାଭୂମିରେ ଲୋକମାନଙ୍କ ସମାଗମ ଉପରେ ପ୍ରତିବନ୍ଧକ ଲଗାଯାଇଥିବା ବେଳେ ବଡ଼ ବଡ଼ ବ୍ୟାବସାୟିକ ସ୍ଥଳରେ ମଧ୍ୟ କଟକଣା ଜାରି କରାଯାଇଛି। ସାଂପ୍ରତିକ ସ୍ଥିତିକୁ ନେଇ ଏଠାରୁ ଉଡ଼ାଣ ଭରିବାକୁ ଏବଂ ଅନ୍ୟ ଦେଶରୁ ଏଠାକୁ ଆସୁଥିବା ବହୁ ବିମାନ ବାତିଲ କରିଦିଆଯାଇଛି। ଦେଶର ବିଭିନ୍ନ ସହରାଞ୍ଚଳ ଆକାଶରେ ଏବେ ବି ଘନ ବାଦଲ ଭରି ହୋଇ ରହିଥିବାରୁ ପୁଣି ପ୍ରବଳ ବର୍ଷା ଆଶଙ୍କାକୁ ଏଡାଇ ଦିଆଯାଇପାରୁ ନାହିଁ।

## ସକ୍ଷମ ଉପତ୍ୟକାରେ ସଡ଼କ ନିର୍ମାଣ କରୁଛି ଚୀନ୍

ନୂଆଦିଲ୍ଲୀ,୨।୫(ଏଜେନ୍ସି): ସିଆଚେନ୍ ଗ୍ଲାସିୟର ନିକଟରୁ ପ୍ରାୟ ୫୦ କିମି ଦୂରରେ ଚୀନ୍ ବେଆଇନ ଭାବେ ସକ୍ଷମ ଭ୍ୟାଲିରେ ସଡ଼କ ଏବଂ ଅନ୍ୟ ଭିତ୍ତିଭୂମି ପ୍ରକଳ୍ପ ପ୍ରତିଷ୍ଠା କରୁଛି। ଏହି ବିଷୟ ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହେବା ପରେ ଭାରତ ପକ୍ଷରୁ ତୀବ୍ର ବିରୋଧ ପ୍ରକାଶ କରାଯାଇଛି। ସକ୍ଷମ ଉପତ୍ୟକାକୁ ଭାରତ ନିଜର ଅଂଶ ଭାବେ ବିବେଚନା କରିଆସିଛି। କିନ୍ତୁ ୧୯୬୩ରେ ସୀମାକୁ ନେଇ ଚୀନ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ଏହି ଉପତ୍ୟକାକୁ ଚୀନ ବେଆଇନ ଭାବେ ନିଜର ବୋଲି ଦାବି କରି ନିଜ ସୀମା ମଧ୍ୟରେ ସାମିଲ କରିବାକୁ ପ୍ରୟାସ ଚଳାଇଛି। ଏହି ଉଦ୍ଦେଶ୍ୟରେ ଚୀନ ଏଠାରେ ସଡ଼କ ଏବଂ ଅନ୍ୟାନ୍ୟ ପ୍ରକଳ୍ପ ପ୍ରତିଷ୍ଠା କରି ଏଠାକାର ମୂଳ ନକ୍ସା ବଦଳାଇବାକୁ ମଧ୍ୟ ମସୁଧା କରିଛି। କିନ୍ତୁ ଚୀନ୍‌ର ଏଭଳି ବେଆଇନ କାର୍ଯ୍ୟକୁ ଭାରତ ବରଦାସ୍ତ କରିବ ନାହିଁ ବୋଲି ଗୁରୁବାର ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯିବା ସହିତ ଚୀନକୁ ଆବଶ୍ୟକ ସୂଚନା ଦିଆଯାଇଛି।

ସାଂସଦଙ୍କ ଯୌନ ଶୋଷଣ ମାମଲାକୁ ନେଇ କର୍ଣ୍ଣାଟକ ରାଜନୀତି ସରଗରମ

# ପ୍ରଜ୍ୱଳଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ୍



ବେଙ୍ଗାଲୁରୁ,୨।୫(ଏଜେନ୍ସି)

ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଜେଡିଏସ୍ ସୁପ୍ରିମୋ ଏଚ ଡି ଦେବେଗୌଡାଙ୍କ ସାଂସଦ ନାତି ପ୍ରଜ୍ୱଳ ରେଭନ୍ନାଙ୍କ ବିରୋଧରେ ଆସିଥିବା ସାଂଘାତିକ ଯୌନ ଶୋଷଣ ଅଭିଯୋଗକୁ ନେଇ କର୍ଣ୍ଣାଟକ ରାଜନୀତିରେ ତାତି ବଢିବାରେ ଲାଗିଛି। ପ୍ରଜ୍ୱଳ ହାସାନ ଲୋକସଭା ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ କଂଗ୍ରେସ ସମେତ ଅନ୍ୟ ବିରୋଧୀ ଦଳ ଏହି ପ୍ରସଙ୍ଗକୁ ନେଇ ବିଜେପିକୁ ନିଶାଣ କରିଛନ୍ତି। ଅନ୍ୟପକ୍ଷରେ ଯୌନ ଶୋଷଣ ମାମଲାରେ ସାଂସଦ ପ୍ରଜ୍ୱଳଙ୍କ ସମସ୍ୟା ମଧ୍ୟ ଦିନକୁ ଦିନ ବଢିବାରେ ଲାଗିଛି। ତାଙ୍କ ବିରୋଧରେ ପ୍ରାୟ ୩ ହଜାର ଫଟୋ ଏବଂ ଭିଡିଓ ଲିକ୍ ହେବା ପରେ ପ୍ରଜ୍ୱଳ ଜର୍ମାନୀ ପଳାଇଛନ୍ତି। କିନ୍ତୁ କର୍ଣ୍ଣାଟକ ପୁଲିସ ପ୍ରଜ୍ୱଳ ଏବଂ ତାଙ୍କ ବାପା ଏଚ ଡି କୁମାରସ୍ୱାମୀଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ ଜାରି କରିଛି। ଏହି ପ୍ରସଙ୍ଗରେ ଯାଞ୍ଚ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସ୍ୱତନ୍ତ୍ର ଯାଞ୍ଚ ଟିମ୍ ଗଠନ କରାଯାଇଥିଲା ବେଳେ ଉଭୟ ପ୍ରଜ୍ୱଳ ଏବଂ କୁମାରସ୍ୱାମୀଙ୍କୁ ଏହି ଟିମ୍ ନିକଟରେ ତୁରନ୍ତ ହାଜର ହେବାକୁ କୁହାଯାଇଛି। ଯଦି ସେମାନେ ହାଜର ନ ହୁଅନ୍ତି ତେବେ ସେମାନଙ୍କୁ ଗିରଫ କରାଯିବ ବୋଲି କର୍ଣ୍ଣାଟକ ଗୃହମନ୍ତ୍ରୀ ଜି ପରମେଶ୍ୱର ଗୁରୁବାର କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, କୁମାରସ୍ୱାମୀଙ୍କ ଘରେ ତାଙ୍କ ପରିବାରର ଜଣେ ସମ୍ପର୍କୀୟ ମହିଳା ରୋଷେଇ କରୁଥିଲେ। କିନ୍ତୁ ସେହି ମହିଳାଙ୍କୁ ମଧ୍ୟ ଯୌନ ଶୋଷଣ କରାଯାଇଥିବା ସେ ପୁଲିସ ନିକଟରେ ପ୍ରଜ୍ୱଳ ଏବଂ କୁମାରସ୍ୱାମୀଙ୍କ ବିରୋଧରେ ଏତଲା ଦାଏର କରିଥିଲେ। ଏହି ଏତଲାକୁ ଭିତ୍ତି କରି ଏସଆଇଟି ଉଭୟଙ୍କ ବିରୋଧରେ ଲୁକ୍‌ଆଉଟ୍ ନୋଟିସ୍ ଜାରି କରିଛି। କିନ୍ତୁ ପ୍ରଜ୍ୱଳ ଏବେ ଜର୍ମାନୀରେ ଥିବାରୁ ସେ ତୁରନ୍ତ ହାଜର ହୋଇପାରିବେ ନାହିଁ ବୋଲି କହିଛନ୍ତି। ସେ ବେଙ୍ଗାଲୁରୁରେ ନ ଥିବାରୁ ବର୍ତ୍ତମାନ ଏସଆଇଟି ନିକଟରେ ହାଜର ହୋଇପାରୁ ନାହାନ୍ତି ଏବଂ ତାଙ୍କ ଓକିଲଙ୍କ ଜରିଆରେ ସିଆଇଡି ବିଭାଗକୁ ଜଣାଇ ଦେଇଛନ୍ତି ବୋଲି ପ୍ରଜ୍ୱଳ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ପ୍ରଜ୍ୱଳ ସାଂସଦ ଭାବେ ତାଙ୍କ କୂଟନୈତିକ ପାସ୍‌ପୋର୍ଟ ଜରିଆରେ ବିଦେଶ ଯାଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା କହିଥିଲା ବେଳେ ଏହାକୁ ତୁରନ୍ତ ଖାରଜ କରାଯିବା ଦରକାର ବୋଲି ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖିଛନ୍ତି। ଅନ୍ୟପକ୍ଷରେ ପ୍ରଜ୍ୱଳଙ୍କ ଡ୍ରାଇଭର ଏବେ ମାଲେସିଆ ପଳାଇଯାଇଥିବା କୁହାଯାଉଥିବାବେଳେ ତାଙ୍କୁ କିଏ ସେଠାକୁ ପଠାଇଛି ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି।

**ଏସଆଇଟି ନିକଟରେ ହାଜର ନ ହେଲେ ଗିରଫ ହେବେ : ଗୃହମନ୍ତ୍ରୀ**

**ଭିଡିଓ ଜାରି କରିଥିବା ପ୍ରଜ୍ୱଳଙ୍କ ଡ୍ରାଇଭର ମାଲେସିଆ ଫେରାର**

ବିଜେପିକୁ ରାହୁଲଙ୍କ ନିଶାଣ

## ଜଣେ ଗଣଦୁଷ୍କର୍ମକାରୀଙ୍କ ସପକ୍ଷରେ ପ୍ରଚାର କରିଥିବାରୁ ମୋଦୀ କ୍ଷମା ମାଗିବା ଉଚିତ



ସାଂସଦ ପ୍ରଜ୍ୱଳ ଜଣେ କି ଦୁଇ ଜଣ ନୁହେଁ; ୪୦୦ ମହିଳାଙ୍କୁ ଯୌନ ଶୋଷଣ କରିଛନ୍ତି। ମହିଳାମାନଙ୍କୁ ଦୁଷ୍କର୍ମ କରି ସେମାନଙ୍କ ଫଟୋ ଓ ଭିଡିଓ ଉତ୍ତୋଳନ କରିଛନ୍ତି। କିନ୍ତୁ ଏଭଳି ଜଣେ ଗଣ ଦୁଷ୍କର୍ମକାରୀଙ୍କ ସପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରଚାର ପ୍ରସାର କରି ତାଙ୍କ ସପକ୍ଷରେ ଲୋକଙ୍କୁ ଭୋଟ ମାଗିଛନ୍ତି। ତେଣୁ ଦେଶର ମହିଳାମାନଙ୍କୁ ମୋଦୀ କ୍ଷମା ମାଗିବା ଉଚିତ ବୋଲି କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଦାବି କରିଛନ୍ତି। ଗୁରୁବାର କର୍ଣ୍ଣାଟକରେ ଏକ ନିର୍ବାଚନୀ ସଭାରେ ରାହୁଲ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ, ପ୍ରଜ୍ୱଳଙ୍କ ମାମଲା କେବଳ ଏକ ସେକ୍ସ ସ୍କାଣ୍ଡାଲ ନୁହେଁ; ବରଂ ଏକ ଗଣ ଦୁଷ୍କର୍ମ ଘଟଣା। କିନ୍ତୁ ଏଭଳି ଜଣେ ଗଣଦୁଷ୍କର୍ମକାରୀଙ୍କୁ ପ୍ରଧାନମନ୍ତ୍ରୀ ନିଜ ମଞ୍ଚରେ ସ୍ଥାନ ଦେଇ ତାଙ୍କ ସପକ୍ଷରେ ଭୋଟ ମାଗିଛନ୍ତି। ବିଜେପି ପ୍ରଜ୍ୱଳଙ୍କ ବିଷୟରେ ସବୁକିଛି ଜାଣି ସୁଦ୍ଧା ତାଙ୍କ ଦଳ ଜେଡିଏସ୍ ସହ କିଭଳି ମେଣ୍ଟ କଲା ବୋଲି ରାହୁଲ ପ୍ରଶ୍ନ କରିଛନ୍ତି।

# ଅତି ସଙ୍ଗୀନ ଅପରାଧ ସହ ଜଡ଼ିତ ନ ଥିଲେ ଏନ୍‌ବିଡବ୍ଲ୍ୟୁ ଜାରି କରିବା ଅନୁଚିତ



ନୂଆଦିଲ୍ଲୀ,୨।୫(ଏଜେନ୍ସି)

କୌଣସି ଅପରାଧରେ ଅଭିଯୁକ୍ତ ଯଦି ଅତି ସଙ୍ଗିନ ଅପରାଧ ସହ ଜଡ଼ିତ ନ ଥିବେ ତେବେ ତାଙ୍କ ବିରୋଧରେ ଜାମିନ ବିହୀନ ଗିରଫ ପରୱାନା ଜାରି କରିବା ଉଚିତ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏକ ମାମଲାରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯିବା ପ୍ରସଙ୍ଗକୁ ନେଇ ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି ଯେ, କୌଣସି ଅଭିଯୁକ୍ତ ଅତି ସଙ୍ଗିନ ଅପରାଧ ସହ ଜଡ଼ିତ ଥାଇ ଯଦି ଆତ୍ମଗୋପନ କରନ୍ତି କିମ୍ବା ପ୍ରମାଣ ନଷ୍ଟ କରିବାକୁ ଉଦ୍ୟମ କରନ୍ତି ତେବେ ସେହି କ୍ଷେତ୍ରରେ ଜାମିନ ବିହୀନ ଗିରଫ ପରୱାନା ଜାରି କରାଯିବା ଆବଶ୍ୟକ। କିନ୍ତୁ ସ୍ୱାଭାବିକ ଢଙ୍ଗରେ ଏହା କରାଯିବା ଉଚିତ ନୁହେଁ। ଜାମିନ ବିହୀନ ଗିରଫ ପରୱାନା ଜାରି କରିବା କ୍ଷେତ୍ରରେ କୌଣସି ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ନଥିବାରୁ ଏଭଳି ସ୍ଥିତି ଉପୁଜୁଛି ବୋଲି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଜଷ୍ଟିସ୍ ଏସଭିଏନ ଭଟ୍ଟିଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ କହିଛନ୍ତି।

ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

## ସିବିଆଇ ସରକାରଙ୍କ ନିୟନ୍ତ୍ରଣରେ ନାହିଁ

ନୂଆଦିଲ୍ଲୀ, ୨।୫ (ଏଜେନ୍ସି): ସେଣ୍ଟ୍ରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ (ସିବିଆଇ) ଏକ ସ୍ୱାଧୀନ ସଂସ୍ଥା। ଏହା କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣରେ ନାହିଁ। ସିବିଆଇର କୌଣସି ମାମଲାର କେନ୍ଦ୍ର ପଞ୍ଜିକରଣ କରେ ନାହିଁ। ପଶ୍ଚିମବଙ୍ଗର କୌଣସି ବି ମାମଲାରେ କେନ୍ଦ୍ର ଦଖଲ ଦେଇ ନାହିଁ। ସିବିଆଇ ହିଁ ସବୁ ମାମଲା ରୁଜୁ କରିଛି। ସିବିଆଇ ତଦନ୍ତ ବିରୋଧରେ ପଶ୍ଚିମବଙ୍ଗ ସରକାର ଦାଏର କରିଥିବା ଆବେଦନର ଶୁଣାଣି ସମୟରେ ଗୁରୁବାର କେନ୍ଦ୍ର ପକ୍ଷରୁ ସୁପ୍ରିମକୋର୍ଟଙ୍କୁ ଏହି ସୂଚନା ଦିଆଯାଇଛି। ପଶ୍ଚିମବଙ୍ଗ ସରକାର ଧାରା ୧୩୧ ଆଧାରରେ ଏହି ଆବେଦନ କରିଥିଲେ। ଯାଞ୍ଚ ମଞ୍ଜୁରି ପ୍ରତ୍ୟାହାର କରିବା ସତ୍ତ୍ୱେ ରାଜ୍ୟ ସରକାରଙ୍କ ବିନା ଅନୁମତିରେ ସିବିଆଇ ଅନେକ ମାମଲାର ତଦନ୍ତ କରୁଥିବା କୁହାଯାଇଥିଲା। ସୂଚନାଯୋଗ୍ୟ ଯେ ଧାରା ୧୩୧ରେ କେନ୍ଦ୍ର ଏବଂ ରାଜ୍ୟର ଅଧିକାର କ୍ଷେତ୍ର ବିଷୟରେ ଉଲ୍ଲେଖ କରାଯାଇଛି। ଏହା ଅନୁଯାୟୀ କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ବିବାଦ ହେଲେ ସୁପ୍ରିମକୋର୍ଟରେ ମାମଲାର ଶୁଣାଣି ହେବା ଉଚିତ।

**ପଶ୍ଚିମବଙ୍ଗର କୌଣସି ମାମଲାରେ କେନ୍ଦ୍ର ଦଖଲ ଦେଇନି**

# ଦିଲ୍ଲୀ ମହିଳା ଆୟୋଗର ୨୨୩ କର୍ମଚାରୀଙ୍କୁ ହଟାଇଲେ ଉପରାଜ୍ୟପାଳ

ନୂଆଦିଲ୍ଲୀ,୨।୫(ଏଜେନ୍ସି)

ଦିଲ୍ଲୀ ମହିଳା ଆୟୋଗ ବିରୋଧରେ ଉପ ରାଜ୍ୟପାଳ ଭି.କେ ସକ୍ସେନା ଗୁରୁବାର ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେ ଆୟୋଗର ୨୨୩ କର୍ମଚାରୀଙ୍କୁ ଚାକିରିରୁ ହଟାଇ ଦେଇଛନ୍ତି। ଆପ୍ ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲ ଦିଲ୍ଲୀ ମହିଳା ଆୟୋଗର ଅଧ୍ୟକ୍ଷା ରହିଥିବା ବେଳେ ସବୁ ନିୟମ କାନୁନ ଉଲ୍ଲଙ୍ଘନ କରି ଏହି କର୍ମଚାରୀମାନଙ୍କୁ ନିଯୁକ୍ତି ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ମହିଳା ଆୟୋଗରେ ୪୦ଟି ପଦ ଖାଲି ଥିବା ବେଳେ ୨୨୩ କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା ବୋଲି ଉପ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି କରାଯାଇଥିବା ବିବୃତିରେ କୁହାଯାଇଛି। ବିନା ଅନୁମତିରେ ୨୨୩ଟି ନୂତନ ପଦବୀ ସୃଷ୍ଟି କରାଯାଇ ଏହିସବୁ ଲୋକଙ୍କୁ ନିଯୁକ୍ତ କରାଯାଇଥିଲା। କିନ୍ତୁ କର୍ମଚାରୀ ନିଯୁକ୍ତି କରିବାର ଅଧିକାର ଆୟୋଗର ନାହିଁ ବୋଲି ଏହି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି। ଏତେ ସଂଖ୍ୟକ ନିଯୁକ୍ତି ପାଇଁ ଅର୍ଥ ବିଭାଗର ଅନୁମୋଦନ ଆବଶ୍ୟକ। କିନ୍ତୁ କୌଣସି ଅନୁମତି ବିନା ଆୟୋଗ ଏଭଳି ନିଯୁକ୍ତି ଦେବା ସମ୍ଭବ ନୁହେଁ। ସେହିଭଳି ଧାର୍ଯ୍ୟ ପ୍ରକ୍ରିୟା ଅନୁଯାୟୀ କର୍ମଚାରୀମାନଙ୍କୁ ନିଯୁକ୍ତ କରାଯାଇ ନଥିବା ବେଳେ କୌଣସି କାରଣ ନଥାଇ କର୍ମଚାରୀଙ୍କ ଦରମା ବୃଦ୍ଧି କରାଯାଇଛି। ଯାହାକି ଧାର୍ଯ୍ୟ ପ୍ରକ୍ରିୟା ଏବଂ ନିର୍ଦ୍ଦେଶାବଳୀକୁ ଉଲ୍ଲଙ୍ଘନ କରିଛି ବୋଲି ଉପ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଅନ୍ୟପକ୍ଷରେ ଉପ ରାଜ୍ୟପାଳଙ୍କ ଏଭଳି ନିର୍ଦ୍ଦେଶନାମାକୁ ନେଇ ସାଂସଦ ସ୍ୱାତୀ ମାଲିୱାଲ ବର୍ଷିଛନ୍ତି।



ସେ କହିଛନ୍ତି ଯେ, ଯଦି ଏହି ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ହଟା ଯାଏ ତେବେ ଦିଲ୍ଲୀ ଆୟୋଗ ଆଉ କାର୍ଯ୍ୟ କରିବା ସମ୍ଭବ ହେବ ନାହିଁ। ଏହି କର୍ମଚାରୀମାନଙ୍କୁ ହଟାଇଲେ ଏବେ ଆୟୋଗରେ ମାତ୍ର ୯୦ କର୍ମଚାରୀ ରହିବେ। ସେଥିମଧ୍ୟରୁ ୮ ଜଣ ସରକାରୀ କର୍ମଚାରୀ ହୋଇଥିବା ବେଳେ ବାକି କର୍ମଚାରୀ ତିନି ମାସିକିଆ ଚୁକ୍ତି ଆଧାରରେ ରହିବେ ବୋଲି ସ୍ୱାତୀ କହିଛନ୍ତି।

ନୂଆ ଅଧ୍ୟୟନରେ ଇସ୍ରୋର ଦାବି

# ଚନ୍ଦ୍ର ଗର୍ତ୍ତରେ ଥିବା ବରଫ ଜଳରୁ ସୃଷ୍ଟି

ବେଙ୍ଗାଲୁରୁ, ୨।୫ (ଏଜେନ୍ସି)

ଚନ୍ଦ୍ରପୃଷ୍ଠରେ ଥିବା ଗର୍ତ୍ତରେ ବରଫ ରହିଛି। ଏହା ଜଳରୁ ଜମି ସୃଷ୍ଟି ହୋଇଛି ବୋଲି ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ (ଇସ୍ରୋ) ପକ୍ଷରୁ ଦାବି କରାଯାଇଛି। ସ୍ପେସ ଆପ୍ଲିକେସନ ସେଣ୍ଟର (ଏସଏସି)/ଇସ୍ରୋର ବୈଜ୍ଞାନିକଙ୍କ ଦ୍ୱାରା ଆଇଆଇଟି କାନପୁର, ଦକ୍ଷିଣ କାଲିଫର୍ଣ୍ଣିୟା ୟୁନିଭର୍ସିଟି, ଜେଟ୍ ପ୍ରପଲସନ ଲ୍ୟାବ ଏବଂ ଆଇଆଇଟି ଧାନବାଦର ଗବେଷକଙ୍କ ସହାୟତାରେ ଏହି ଅଧ୍ୟୟନ କରାଯାଇଛି। ଏହି ଅଧ୍ୟୟନରେ ୭ଟି ଉପକରଣକୁ ବ୍ୟବହାର କରାଯାଇଥିଲା। ଏଥିରେ ଚନ୍ଦ୍ରର ଅର୍ବିଟରର ରାଡାର, ଲେଜର, ଅପ୍ଟିକାଲ, ନ୍ୟୁଟ୍ରନ, ସ୍ପେକ୍ଟ୍ରୋମିଟର, ଅଲଟ୍ରା ଭାଓଲେଟ ସ୍ପେକ୍ଟ୍ରୋମିଟର ଏବଂ ଥର୍ମାଲ ରେଡିଓମିଟର ସାମିଲ ଥିଲା।

ଇସ୍ରୋ ପକ୍ଷରୁ କୁହାଯାଇଛି ଯେ ଆଇଏସପିଆରଏସ ଜର୍ଣ୍ଣାଲ ଅଫ୍ ଫଟୋଗ୍ରାମେଟ୍ରି ଆଣ୍ଡ ରିମୋଟ ସେନ୍‌ସିଂରେ ପ୍ରକାଶିତ ଅଧ୍ୟୟନରୁ ଜଣାପଡିଛି ଯେ ଚନ୍ଦ୍ରପୃଷ୍ଠରୁ କିଛି ମିଟର ତଳେ ଯେଉଁ ବରଫ ରହିଛି ତାହାର ମାତ୍ରା ପୃଷ୍ଠ ତୁଳନାରେ ୫ରୁ ୮ ଗୁଣ ଅଧିକ। ଏହି ତଥ୍ୟ ଭବିଷ୍ୟତର ଚନ୍ଦ୍ର ଅଭିଯାନରେ ସହାୟକ ହେବ। ଏହା ଚନ୍ଦ୍ରପୃଷ୍ଠରୁ ବରଫ ନମୁନା ସଂଗ୍ରହ କିମ୍ବା ଦୀର୍ଘ ଦିନ ପର୍ଯ୍ୟନ୍ତ ମନୁଷ୍ୟର ଉପସ୍ଥିତି ପାଇଁ ଡ୍ରିଲିଂ କରିବାରେ ସହାୟତା ମିଳିବ। ବରଫର ଗଭୀରତା ଆଧାରରେ ଭବିଷ୍ୟତର ଚନ୍ଦ୍ରାଭିଯାନ ପାଇଁ ଅବତରଣର ପ୍ରକୃଷ୍ଟ ସ୍ଥାନ ଏବଂ ସଠିକ ନମୁନା ସଂଗ୍ରହ ପଏଣ୍ଟ ଚୟନ କରିବାରେ ସହାୟକ ହେବ।

ଅଧ୍ୟୟନ ଆଧାରରେ ଇସ୍ରୋ ପକ୍ଷରୁ ଦାବି କରାଯାଇଛି ଯେ ଦକ୍ଷିଣ ମେରୁ ଅପେକ୍ଷା ଚନ୍ଦ୍ରର ଉତ୍ତର ମେରୁରେ ଜଳରୁ ଜମିଥିବା ବରଫ ମାତ୍ରା ଦୁଇ ଗୁଣ ରହିଛି। ୨୦୦୮ ରେ ପଠା ଯାଇଥିବା ଚନ୍ଦ୍ର ଅଭିଯାନ ସମୟରେ ଚନ୍ଦ୍ର ଉପର ପୃଷ୍ଠରେ ଜଳରୁ ଜମି ଥିବା ବରଫ ନେଇ ଭବିଷ୍ୟବାଣୀ କରାଯାଇଥିଲା। ଚନ୍ଦ୍ରଯାନ-୨ରେ ମଧ୍ୟ ଏଭଳି ଦାବି କରାଯାଇଥିଲା। ଅଧ୍ୟୟନରୁ ଜଣାପଡ଼ିଛି ଯେ ୩.୮ ୫ ବିଲିୟନ ବର୍ଷ ତଳେ ଇମ୍ବ୍ରିୟନ କାଳରେ ହୋଇଥିବା ଆଗ୍ନେୟଗିରି ଉଦଗୀରଣରୁ ଚନ୍ଦ୍ରରେ ଥିବା ଗର୍ତ୍ତରେ ପାଣି ଜମା ହୋଇଥିଲା।

**ଜୀବନ ସମ୍ଭାବନା ଖୋଜିବାରେ ସହାୟକ ହେବ**



ଉଚ୍ଚମାନର ଫଟୋ ଜାରି କଲା ଇସ୍ରୋ

## ଲ୍ୟାଣ୍ଡର, ରୋଭରର ଉଚ୍ଚମାନର ଫଟୋ ଜାରି

ଚନ୍ଦ୍ରଯାନ-୩ର ସଫଳତା ପରେ ଇସ୍ରୋ ଚନ୍ଦ୍ରପୃଷ୍ଠରେ ଥିବା ଲ୍ୟାଣ୍ଡର ବିକ୍ରମ ଏବଂ ରୋଭର ପ୍ରଜ୍ଞାନର ଉଚ୍ଚ ମାନର ଫଟୋ ଜାରି କରିଛି। ଚଳିତ ବର୍ଷ ମାର୍ଚ୍ଚ ୧୫ରେ ଏହି ଫଟୋ ଉଠା ଯାଇଥିଲା। ସ୍ୱାଧୀନ ଗବେଷକ ଚନ୍ଦ୍ରା ତୁଙ୍ଗଥୁରଥି ଏହି ଫଟୋ ଜାରି କରିଛନ୍ତି। ଚନ୍ଦ୍ରପୃଷ୍ଠରୁ ୬୫ କିମି ଉଚ୍ଚରୁ ୧୭ ସେମି ପିକ୍ସେଲରେ ଏହି ଫଟୋ ନିଆଯାଇଛି। ତେବେ ଇସ୍ରୋର ପୁରୁଣା ଫଟୋ ୧୦୦ କିମି ଉଚ୍ଚରୁ ୨୬ ସେମି ପିକ୍ସେଲରେ ନିଆ ଯାଇଥିଲା।



ଟି-୨୦ ବିଶ୍ୱକପ୍: ମାର୍ଶଙ୍କୁ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ

▸କ୍ରୀଡ଼ା ପୃଷ୍ଠାରେ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 41 ♦ISSUE-306 ♦BHUBANESWAR ♦FRIDAY ♦3 MAY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୦୬ ♦ଭୁବନେଶ୍ୱର ♦ଶୁକ୍ରବାର ♦୩ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦

**ଚୀନ୍‌ରେ ବର୍ଷା ବିପ୍ଳବ**

## ଧସିଲା ରାସ୍ତା; ୪୮ ମୃତ; ୧୬ ଆହତ

■ **ବେଜିଂ, ୨।୫ (ଏଜେନ୍ସି):** ଦକ୍ଷିଣ ଚୀନ୍‌ର ଗୁଆଙ୍ଗଡୋଙ୍ଗ ପ୍ରଦେଶରେ ବୁଧବାର ବିଳମ୍ବିତ ରାତି ପ୍ରାୟ ୨ଟାରେ ବଡ଼ ଅଘଟଣ ଘଟିଛି। ପ୍ରବଳ ବର୍ଷା ଯୋଗୁଁ ଜାତୀୟ ରାଜପଥ ଏସ୍-୧୨ର ଏକ ଅଂଶ ଧସିଯାଇଛି। ଏହି ଦୁର୍ଘଟଣାରେ ୪୮ ଜଣଙ୍କ ମୃତ୍ୟୁ ହୋଇଛି। ୧୬ରୁ ଅଧିକ ଲୋକ ମଧ୍ୟ ଆହତ ହୋଇଛନ୍ତି। ରିପୋର୍ଟ ଅନୁଯାୟୀ ଏହି ଦୁର୍ଘଟଣାରେ ରାସ୍ତା ୧୮ ମିଟର ପର୍ଯ୍ୟନ୍ତ ଧସିଯାଇଛି। ଏଥିଯୋଗୁଁ ୨୦ ଗାଡ଼ି ତଳକୁ ଖସି ଯାଇଥିଲା। ଏହି ସବୁ ଗାଡ଼ିରେ ୫୪ରୁ ଅଧିକ ଲୋକ ଯାତ୍ରା କରୁଥିଲେ। ଏହାର ସୂଚନା ମିଳିବା ପରେ ଉଦ୍ଧାରକାରୀ ଦଳ ପହଞ୍ଚି ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଏବେ ସରକାର ମାମଲାର ତଦନ୍ତ ନିର୍ଦ୍ଦେଶ ▸ପୃଷ୍ଠା-୯



**ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

## ରୀତିନୀତି ବିନା ହିନ୍ଦୁ ବିବାହ ଅବୈଧ

■ **ନୂଆଦିଲ୍ଲୀ, ୨।୫ (ଏଜେନ୍ସି):** ହିନ୍ଦୁ ବିବାହ ଏକ ସଂସ୍କାର। ଏହା ଏକ ଧାର୍ମିକ ଉତ୍ସବ ମଧ୍ୟ। ଏହା ନାଚିବା-ଗାଇବା କିମ୍ବା ଖାଇବା-ପିଇବାର କାର୍ଯ୍ୟକ୍ରମ ନୁହେଁ। ଏହା କୌଣସି ବ୍ୟାବସାୟିକ କାରବାର ମଧ୍ୟ ନୁହେଁ। ବିବାହ ହିନ୍ଦୁ ଆଇନ ଅନୁଯାୟୀ ହେବା ଉଚିତ। ଏଥିରେ ଥିବା ନିୟମ ରୀତିନୀତିକୁ କଡ଼ାକଡ଼ି ଭାବେ ପାଳନ କରାଯିବା ଉଚିତ। ରୀତିନୀତି ଏବଂ ପରମ୍ପରା ପାଳନ ନ କଲେ ପଞ୍ଜିକରଣ ହୋଇଥିଲେ ବି ବିବାହକୁ ବୈଧ କୁହାଯାଇପାରିବ ନାହିଁ



ବୋଲି ସୁପ୍ରିମକୋର୍ଟ କହିଛନ୍ତି। ୨ ଜଣ ବ୍ୟାବସାୟିକ ପାଇଲଟ୍‌ଙ୍କ ଛାଡ଼ପତ୍ର ମାମଲାର ଶୁଣାଣି କରି ଜଷ୍ଟିସ ବିଭି ନାଗରତ୍ନା ଏବଂ ଅଗଷ୍ଟିନ ଜର୍ଜ ମସିହଙ୍କ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଉଭୟ ପାଇଲଟଙ୍କ ବିବାହ ହିନ୍ଦୁ ରୀତିନୀତି ଅନୁଯାୟୀ ହୋଇ ନ ଥିଲା। ଭାରତୀୟ ସମାଜରେ ରୀତିନୀତି ଏବଂ ପରମ୍ପରା ଅନୁଯାୟୀ ବିବାହକୁ ଗୁରୁତ୍ୱପୂର୍ଣ୍ଣ ମାନ୍ୟତା ଦିଆଯିବା ଉଚିତ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଖଣ୍ଡପୀଠ ସମ୍ବିଧାନର ଧାରା ୧୪୨ ▸ପୃଷ୍ଠା-୯

### କନ୍ଧମାଳ ଲୋକସଭା କ୍ଷେତ୍ରରେ ପାଣ୍ଡିଆନଙ୍କ ଧୂଆଁଧାର ପ୍ରଚାର

# 'ନବୀନ ଇଞ୍ଜିନ' ଗ୍ୟାରେଣ୍ଟି ଦିଆ ଇଞ୍ଜିନ

■ **ଫୁଲବାଣୀ/ବାଲିଗୁଡ଼ା/ଜି.ଉଦୟଗିରି, ୨।୫ (ସମିସ):** ବିଜେଡିର ଜନସମାବେଶ ଦେଖି ବିରୋଧୀ ଦଳ ଆତ୍ମବିଶ୍ୱାସ ହରାଉଛି। ବର୍ଷକ ତଳେ ପଞ୍ଚାୟତ ନିର୍ବାଚନରେ ସବୁ ଜିଲ୍ଲାରେ ହାରିଥିଲେ, ତେଣୁ ତାଙ୍କ ମନୋବଳ ପୁରା ଭାଙ୍ଗି ଯାଇଛି। କିଛି କହିବାକୁ ନ ପାଇ ଏବେ କଞ୍ଚା ମିଛ କହୁଛନ୍ତି ବିରୋଧୀ। ନିଜ ଦଳ କର୍ମୀଙ୍କ ମନୋବଳ ବୃଦ୍ଧି ପାଇଁ ଅପପ୍ରଚାର କରୁଛନ୍ତି। ବିଧାନସଭାରେ ୧୨୦ ଓ ଲୋକସଭାରେ ୧୬ ଆସନରେ ଜିତିବେ ବୋଲି ଦମ୍ଭୋକ୍ତି ମାରୁଛନ୍ତି। କିନ୍ତୁ ସତ ହେଉଛି ପ୍ରାର୍ଥୀ ଦେବାପାଇଁ ବିଜେପି ପାଖରେ ଲୋକ ନାହାନ୍ତି ; ବିଜେଡି ଲିଷ୍ଟକୁ ଚାହିଁଛନ୍ତି ବସିଛନ୍ତି। ବିଜେଡି ତାଲିକା ପ୍ରକାଶ ପରେ ନିଜର ତାଲିକା ବାହାର କରୁଛନ୍ତି। ଓଡିଶାରେ ଡବଲ ଇଞ୍ଜିନ, ସିଙ୍ଗଲ ଇଞ୍ଜିନର କିଛି ମୂଲ୍ୟ ନାହିଁ। ଓଡିଶାରେ ଗୋଟିଏ ଇଞ୍ଜିନ - ସେ ହେଉଛି ନବୀନ ଇଞ୍ଜିନ। ନବୀନ ଇଞ୍ଜନର ଶକ୍ତି ବହୁତ ଅଧିକ, କେବେ ବି ଖରାପ ହେବ ନାହିଁ । 'ନବୀନ ଇଞ୍ଜିନ' ଗ୍ୟାରେଣ୍ଟି ଦିଆ ଇଞ୍ଜିନ । ଆମେ ଆସିବୁ, ପୁଣି ଆପଣମାନଙ୍କୁ କାମର ହିସାବ ଦେବୁ । କନ୍ଧମାଳ ଲୋକସଭା କ୍ଷେତ୍ରର ବାଲିଗୁଡ଼ା, ଜି.ଉଦୟଗରି ଓ ଦଶପଲ୍ଲାରେ

**ଆମେ ଆସିବୁ; କାମର ହିସାବ ଦେବୁ: ଏହା ହିଁ ନବୀନ ଗ୍ୟାରେଣ୍ଟି**

- ବିଜେଡିର ଜନ ସମାବେଶ ଉଡାଇଛି ବିରୋଧୀଙ୍କ ହୋସ୍
- ବର୍ଷକ ପୂର୍ବେ ପଞ୍ଚାୟତ ନିର୍ବାଚନରେ ସବୁ ଜିଲ୍ଲାରେ ହାରିଥିଲେ
- କହିବା ପାଇଁ ପ୍ରସଙ୍ଗ ପାଉନାହାନ୍ତି, ସେଥିପାଇଁ ମିଛ କହୁଛନ୍ତି ବିରୋଧୀ
- କମିଲା ନାହିଁ ପେଟ୍ରୋଲ, ଡିଜେଲ, ଗ୍ୟାସର ଦର
- କୁଆଡ଼େ ଗଲା ବର୍ଷକୁ ଦୁଇ କୋଟି ଚାକିରି ପ୍ରତିଶ୍ରୁତି
- ଜି ଉଦୟଗିରିରେ ୯୭ କୋଟି, ବାଲିଗୁଡାରେ ୩୩୫ କୋଟିର କାମ
- ଦଶପଲ୍ଲାରେ ଚାଲିଛି ୧୭୦୦ କୋଟି ଟଙ୍କାର ଉନ୍ନୟନ କାର୍ଯ୍ୟ



ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ଅବସରରେ ଏହା କହିଛନ୍ତି ବିଜେଡିର ତାରକା ପ୍ରଚାରକ ତଥା '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ । ଏହି ଅବସରରେ ସେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରି ବିରୋଧୀଙ୍କ ଉପରେ ପ୍ରବଳ ବର୍ଷିଛନ୍ତି। କନ୍ଧମାଳ ସାଂସଦ ପ୍ରାର୍ଥୀ ଡକ୍ଟର ଅଚ୍ୟୁତ ସାମନ୍ତ, ବାଲିଗୁଡା ବିଧାନସଭା ପ୍ରାର୍ଥୀ ଚକ୍ରମଣି କହଁର, ଜି.ଉଦୟଗିରି ପ୍ରାର୍ଥୀ ସାଲୁଗା ପ୍ରଧାନ ଓ ଦଶପଲ୍ଲା ବିଧାନସଭା ପ୍ରାର୍ଥୀ ରମେଶ ବେହେରାଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଛନ୍ତି । ▸ପୃଷ୍ଠା-୯

**ପଶ୍ଚିମରେ ତାତି, ଉପକୂଳରେ ଗୁଳୁଗୁଳି**

## ୪୫ ଡିଗ୍ରୀ ସହ ବଲାଙ୍ଗିର ରାଜ୍ୟର ସବୁଠୁ ଉତ୍ତପ୍ତ ସହର

■ **ଭୁବନେଶ୍ୱର, ୨।୫ (ସମିସ):** ଉପକୂଳ ଓଡ଼ିଶାରେ ତାତିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି; ହେଲେ ପଶ୍ଚିମରେ ତାତି ଜାରି ରହିଛି। ଏବେବି ପଶ୍ଚିମ ଓଡ଼ିଶାରେ ଅଧିକାଂଶ ସହରରେ ତାପମାତ୍ରା ୪୨ ଡିଗ୍ରୀ ଉପରେ ରହିଥିବା ଯୋଗୁଁ ଲୋକେ ନାହିଁ ନ ଥିବା କଷ୍ଟ ଭୋଗୁଛନ୍ତି। ଅନ୍ୟପଟେ ଉପକୂଳରେ ଯଦିଓ କାଳବୈଶାଖୀ ବର୍ଷା ତାତିରେ ସାମାନ୍ୟ ହ୍ରାସ ଘଟାଇଛି, ହେଲେ ବାୟୁମଣ୍ଡଳରେ ଆର୍ଦ୍ରତା ଯୋଗୁଁ ଆଜି ମାତ୍ରାଧିକ ଭାବେ ଗୁଳୁଗୁଳି ଅନୁଭୂତ ହୋଇଛି। ଯାହାକି ତାତି ତୁଳନାରେ କଷ୍ଟକୁ ଆହୁରି ବଢ଼ାଇ ଦେଇଛି।



**ଆଉ ୨ ଦିନ ପରେ କମିବ ଗ୍ରୀଷ୍ମ ପ୍ରବାହ**

ଗୁରୁବାର ବଲାଙ୍ଗିର ରାଜ୍ୟର ସବୁଠୁ ଉତ୍ତପ୍ତ ସହର ପାଲଟିଛି। ଆଜି ଏଠାରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ କରାଯାଇଛି। ଅନ୍ୟପଟେ ଲଗାତାର ଭାବେ କଟକ-ଭୁବନେଶ୍ୱରରେ ତାପମାତ୍ରା ଉପରେ ରହୁଥିବା ବେଳେ ଆଜି ଏହି ଦୁଇ ସହରରେ ତାପମାତ୍ରା ୪୦ ଡିଗ୍ରୀ ତଳକୁ ଖସିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ରାଜ୍ୟର ୨୯ ସହରରେ ତାପମାତ୍ରା ୪୦ ଡିଗ୍ରୀ କିମ୍ବା ଏହାଠାରୁ ଅଧିକ ରେକର୍ଡ କରାଯାଇଛି। ଏହି ସହର ମଧ୍ୟରେ ଅନୁଗୋଳରେ ୪୪.୭ ଡିଗ୍ରୀ, ନୂଆପଡ଼ାରେ ୪୪.୬ ଡିଗ୍ରୀ, ତାଳଚେରରେ ୪୪.୫ ଡିଗ୍ରୀ, ଟିଟିଲାଗଡ଼ରେ ୪୪.୫ ଡିଗ୍ରୀ, ବୌଦ୍ଧରେ ୪୪.୩ ଡିଗ୍ରୀ, ବାରିପଦାରେ ୪୩.୪ ଡିଗ୍ରୀ, ଭବାନୀପାଟଣାରେ ୪୩ ଡିଗ୍ରୀ, ସମ୍ବଲପୁରରେ ୪୨.୮ ଡିଗ୍ରୀ, ଢେଙ୍କାନାଳରେ ୪୨.୮ ଡିଗ୍ରୀ, ଝାରସୁଗୁଡ଼ାରେ ୪୨.୬ ଡିଗ୍ରୀ, ମାଲକାନଗିରିରେ ୪୨.୬ ଡିଗ୍ରୀ, ନୟାଗଡ଼ରେ ୪୨.୫ ଡିଗ୍ରୀ, ସୁନ୍ଦରଗଡ଼ରେ ୪୨.୨ ଡିଗ୍ରୀ, ହୀରାକୁଦରେ ୪୨.୧ ଡିଗ୍ରୀ, କେନ୍ଦୁଝରରେ ୪୨.୧ ଡିଗ୍ରୀ ରେକର୍ଡ କରାଯାଇଛି।

ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ରାଜ୍ୟରେ ମେ' ୬ରୁ ୧୦ ମଧ୍ୟରେ ବିସ୍ତୃତ ବର୍ଷା ସହିତ ତାପମାତ୍ରା ସ୍ୱାଭାବିକ ଅବସ୍ଥାକୁ ଆସିବ। ଏହି ସମୟରେ କେତେକ ସ୍ଥାନରେ ଭାରି ବର୍ଷା ହେବାର ମଧ୍ୟ ସମ୍ଭାବନା ରହିଛି। ପ୍ରଫେସର ପଶୁପାଳକଙ୍କ ଆକଳନ ଅନୁଯାୟୀ ୪ରେ ଅଳ୍ପ କେତେକ ▸ପୃଷ୍ଠା-୯

# ପ୍ରାର୍ଥୀ ଘୋଷଣାରେ ମୁଣ୍ଡି ମାରିଲେ ନବୀନ

**କୋରେଇରୁ ସନ୍ଧ୍ୟାରାଣୀ, ନୀଳଗିରିରୁ ସୁକାନ୍ତ, ଖଣ୍ଡପଡ଼ାରୁ ସାବିତ୍ରୀ**

■ **ଭୁବନେଶ୍ୱର, ୨।୫ (ସମିସ):** ବିଧାନସଭା ନିର୍ବାଚନ ପାଇଁ ବିଜେଡି ପ୍ରକାଶ କରିଛି ଅନ୍ତିମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ପର୍ଯ୍ୟାୟରେ ବଳକା ଥିବା ୩ ଆସନ ନିମନ୍ତେ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। କୋରେଇରୁ ସନ୍ଧ୍ୟାରାଣୀ ଦାସଙ୍କୁ ପ୍ରାର୍ଥୀ କରାଯାଇଥିବାବେଳେ ଖଣ୍ଡପଡ଼ାରୁ ସାବିତ୍ରୀ ପ୍ରଧାନ ଓ ନୀଳଗିରିର ସୁକାନ୍ତ ନାୟକ ପ୍ରତିଦ୍ୱନ୍ଦ୍ୱିତା କରିବେ। ଅପରପକ୍ଷେ ଦେବଗଡ ବିଧାନସଭା ଆସନରେ ଦଳ ପ୍ରାର୍ଥୀ ପରିବର୍ତ୍ତନ କରିଛି। ରାଣୀ ଅରୁନ୍ଧତୀ ଦେବୀଙ୍କ ପରିବର୍ତ୍ତେ ସେଠାରେ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ପ୍ରତିଦ୍ୱନ୍ଦ୍ୱିତା କରିବେ ବୋଲି ଦଳର ସଭାପତି ଘୋଷଣା କରିଛନ୍ତି। ଆଜି ୩ ପ୍ରାର୍ଥୀଙ୍କୁ ମିଶାଇ



**ଦେବଗଡ଼ରେ ବଦଳିଲେ ଦଳୀୟ ପ୍ରାର୍ଥୀ**

**ଅରୁନ୍ଧତୀଙ୍କ ପରିବର୍ତ୍ତେ ରୋମାଞ୍ଚ ରଞ୍ଜନ**

**୧୪୭ ଆସନରେ ୩୫ ଜଣ ମହିଳା ପ୍ରାର୍ଥୀ**

ବିଜେଡି ସମସ୍ତ ୧୪୭ ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିସାରିଛି। ତନ୍ମଧ୍ୟରୁ ୩୫ ଜଣ ମହିଳାଙ୍କୁ ଦଳ ମଇଦାନକୁ ଓହ୍ଲାଇଛି।

## ଲୋକସଭାରେ ଏକ ତୃତୀୟାଂଶ ବିଧାନସଭାରେ ଏକ ଚତୁର୍ଥାଂଶ ମହିଳା

■ **ଭୁବନେଶ୍ୱର,୨।୫(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ନବମ ତଥା ଶେଷ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଛନ୍ତି। ଏହି ପର୍ଯ୍ୟାୟରେ ୩ ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରିଥିବା ବେଳେ ଏଥିରେ ୨ ଜଣ ମହିଳାଙ୍କୁ ସ୍ଥାନ ମିଳିଛି। ଅର୍ଥାତ୍ ମୋଟ ୧୪୭ ଆସନରୁ ମୁଖ୍ୟମନ୍ତ୍ରୀ ୩୫ ଜଣ ମହିଳାଙ୍କୁ ଟିକଟ ପ୍ରଦାନ କରିଛନ୍ତି। ଅର୍ଥାତ୍ ବିଧାନସଭା ଆସନରେ ପାଖାପାଖି ଏକ ଚତୁର୍ଥାଂଶ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଟିକଟ ପ୍ରଦାନ କରିଛନ୍ତି। ମହିଳା ସଶକ୍ତିକରଣ ଯେ କଥାରେ ନୁହେଁ, ବରଂ କାମରେ; ଏହାକୁ ମୁଖ୍ୟମନ୍ତ୍ରୀ ଆଉଥରେ ପ୍ରମାଣିତ କରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୨୦୧୯ ଲୋକସଭା ନିର୍ବାଚନରେ ମୁଖ୍ୟମନ୍ତ୍ରୀ ୩୩ ପ୍ରତିଶତ ମହିଳାଙ୍କୁ ଟିକଟ ଦେଇ ଉଦାହରଣ ସୃଷ୍ଟି କରିଥିଲେ। ଚଳିତଥର ମଧ୍ୟ ଲୋକସଭାରେ ▸ପୃଷ୍ଠା-୯

**'୫-ଟି' ଅଧ୍ୟକ୍ଷଙ୍କ ସୁରକ୍ଷା ସମ୍ପର୍କିତ ମିଥ୍ୟା ସୂଚନାଧିକାର ତଥ୍ୟ**

## ପ୍ରଦୀପ-ପ୍ରକାଶ-ଶ୍ରୀକାନ୍ତଙ୍କ ଆଗୁଆ ଜାମିନ ଖାରଜ

■ **କଟକ, ୨।୫ (ସମିସ):** '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ୭୪ଜଣ ପୁଲିସ କର୍ମଚାରୀ ସୁରକ୍ଷା ଯୋଗାଉଥିବା ସଂକ୍ରାନ୍ତୀୟ ଏକ ମିଥ୍ୟା ସୂଚନାଧିକାର ତଥ୍ୟ ଉପସ୍ଥାପନ କରିବା ସହ ବିଭ୍ରାନ୍ତିକର ଖବର ପରିବେଷଣ କରିବା ୩ ସୂଚନାଧିକାର କର୍ମୀଙ୍କୁ ମହଙ୍ଗା ପଡ଼ିଛି। ସହିଦନଗର ଥାନାରେ ରୁଜୁ ଏହି ମାମଲାରେ ଆଗୁଆ ଜାମିନ ଲୋଡ଼ିଥିବା ସୂଚନାଧିକାର କର୍ମୀ ପ୍ରଦୀପ ପ୍ରଧାନ, ପ୍ରକାଶ ଦାସ ଓ ଶ୍ରୀକାନ୍ତ ପାକଳ ହାଇକୋର୍ଟରୁ ନିରାଶ ହୋଇଛନ୍ତି। ଉପରୋକ୍ତ ୩ଜଣଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ବିଚାରପତି ଜଷ୍ଟିସ ଚିତ୍ତ ରଂଜନ ଦାଶ ଖାରଜ



କରିଦେବା ପରେ ଏବେ ସେମାନଙ୍କ ଅଡୁଆ ବଢ଼ିଛି। ଅଭିଯୁକ୍ତମାନଙ୍କୁ ଆଗୁଆ ଜାମିନ ପ୍ରଦାନ ନ୍ୟାୟିକ ସ୍ୱାର୍ଥସମ୍ବଳିତ ନୁହେଁ ଓ ଉପରୋକ୍ତ ଅଭିଯୋଗ ନେଇ ଉପସ୍ଥାପନ ହୋଇଥିବା ଦସ୍ତାବିଜ୍ ସେମାନଙ୍କ ସମ୍ପୃକ୍ତିକୁ ସୂଚିତ କରୁଛି ବୋଲି ହାଇକୋର୍ଟ କହିଛନ୍ତି। ଆରଟିଆଇ ଆକ୍ଟରେ ମିଳୁଥିବା ତଥ୍ୟର ଜାଲିଆତି ଓ ଭୁଲ ତଥ୍ୟ ଉପସ୍ଥାପନ ଯେ କେବଳ ସୂଚନାଧିକାର ଆଇନର ପବିତ୍ରତାକୁ ଉଲ୍ଲଙ୍ଘନ କରୁନାହିଁ, ବରଂ ଜନସାଧାରଣଙ୍କ ବିଶ୍ୱାସ ଓ ନିର୍ଭରଶୀଳତାକୁ ମଧ୍ୟ କ୍ଷୁଣ୍ଣ କରୁଛି ବୋଲି ହାଇକୋର୍ଟ କହିଛନ୍ତି। ଏପରିକି ଏହି ମାମଲାରେ ସରକାରୀ ଓକିଲଙ୍କ ପକ୍ଷରୁ ଅଫିସ ରେଜିଷ୍ଟର୍ ଉପସ୍ଥାପନ କରାଯାଇଥିଲା। ସୂଚନାଧିକାର ଆଇନରେ ସମ୍ପୃକ୍ତ ▸ପୃଷ୍ଠା-୯

## ଲୋକକଥା



ନାମାଙ୍କନପତ୍ର ଦାଖଲ ହେଲାଣି
ଜମିଲା ଭୋଅଟ ସମର,
ଚେଲା-ଚାମଚା ଧରି ମାତିଲେଣି ନେତା
ସୁରୁ କରିଲେଣି ପ୍ରଚାର !
ଆହା, ଦେଖ କର୍ମୀଙ୍କ ତତ୍ପର,
ଜିତିବେ ଜିତିବେ ସମସ୍ତେ କହନ୍ତି
ଭୋଟରଙ୍କ ହାତେ ବିଚାର !!

# ନିଜ ଫାଶରେ ଫସିଲେ ମନମୋହନ

■ **ଭୁବନେଶ୍ୱର, ୨।୫ (ସମିସ):** କହି ଦେଉଥାଇ ପରକୁ, ବୁଦ୍ଧି ନ ଦିଶଇ ନିଜକୁ। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କ୍ଷେତ୍ରରେ ଏବେ ଏହା ହିଁ ଘଟିଛି। କୃଷି ଓ କୃଷକ ପ୍ରସଙ୍ଗରେ ସାମ୍ବାଦିକ ସମ୍ମିଳନୀ କରୁଥିବା ଶ୍ରୀ ସାମଲ



ଆଜି ସାମ୍ବାଦିକଙ୍କ ପ୍ରଶ୍ନରେ ହଡ଼ବଡ଼େଇ ଯାଇଥିଲେ। ଗୋଟିଏ ପଟେ କେନ୍ଦ୍ର ସରକାର କୃଷି କର୍ମଣ ପୁରସ୍କାର ଦେଇ ରାଜ୍ୟ ସରକାରଙ୍କ ପିଠି ଥାପୁଡ଼େଉଛନ୍ତି। କେନ୍ଦ୍ରମନ୍ତ୍ରୀଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ ଯାଏଁ ଓଡ଼ିଶାକୁ ପ୍ରଶଂସା କରୁଥିବା ବେଳେ ରାଜ୍ୟ ବିଜେପି ଓଡ଼ିଶା ସରକାରଙ୍କୁ ସମାଲୋଚନା କରୁଛି। ସାମ୍ବାଦିକ ସମ୍ମିଳନୀରେ ମନମୋହନଙ୍କ ଅଭିଯୋଗ ସତ ନା ମିଛ ବୋଲି ସାମ୍ବାଦିକ ପ୍ରଶ୍ନ କରିଥିଲେ। ଏହାର ଉତ୍ତର ଦେବାରେ ଶ୍ରୀ ସାମଲ ଅସମର୍ଥ ହୋଇଥିବା ▸ପୃଷ୍ଠା-୯

## ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା: ବିଜେଡି

- ବିଧାନସଭାରେ ଧାନର ଏମଏସପି ବୃଦ୍ଧି ପାଇଁ ପାରିତ ହୋଇଥିଲା ସଙ୍କଳ୍ପ
- ବିଜେପି ବିଧାୟକମାନେ ସଙ୍କଳ୍ପକୁ କରିଥିଲେ ସମର୍ଥନ
- ସାତବର୍ଷ ମଧ୍ୟରେ କେବେହେଲେ ପାଟି ଖୋଲିନାହାନ୍ତି ମନମୋହନ
- ଏବେ ନିଜ ଦଳର ବିଧାୟକଙ୍କ ଅପାରଗତାକୁ ପଦାରେ ପକାଇଦେଲେ
- ଚଳିତ ନିର୍ବାଚନରେ ୧୭ଟି ଲୋକସଭା ଆସନରେ ଜିତିବ ବିଜେଡି

■ **ଭୁବନେଶ୍ୱର,୨।୫(ସମିସ):** ବର୍ଷ ବର୍ଷ ଧରି ଚାଷୀଙ୍କ କଥା ମନେ ପଡେନି, ସେମାନଙ୍କ ଦୁଃଖ ଦେଖାଯାଏନି। କିନ୍ତୁ ନିର୍ବାଚନ ଆସିଲେ ଓଡିଶା ବିଜେପିର ଚାଷୀଙ୍କ କଥା ମନେ ପଡେ। ଏବେ ମୁଣ୍ଡ ଉପରେ ଭୋଟ ଥିବାରୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଚାଷୀଙ୍କ ପ୍ରସଙ୍ଗ ଉଠାଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି ବିଜେଡି କହିଛି। ବିଜେଡିର ରାଷ୍ଟ୍ରୀୟ ମୁଖପାତ୍ର ତଥା ସାଂସଦ ଡକ୍ଟର ସସ୍ମିତ ପାତ୍ର କହିଛନ୍ତି ଯେ ୨୦୧୭ ମସିହାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୯୩୦ଟଙ୍କା କରିବା ପାଇଁ ଓଡିଶା ବିଧାନସଭାରେ ସର୍ବସମ୍ମତ ସଙ୍କଳ୍ପ ପାରିତ ହୋଇଥିଲା। ବିଜେପି ବିଧାୟକମାନେ ▸ପୃଷ୍ଠା-୯

## ରାଜ୍ୟ ବିଜେପିରେ ମହିଳା ନେତ୍ରୀ 'ଶ୍ୱାସରୁଦ୍ଧ'

■ **ଭୁବନେଶ୍ୱର, ୨।୫ (ସମିସ):** ଯାଜପୁରର ସୀମାନ୍ତିନୀ ଜେନା। ୨୭ ବର୍ଷ ଧରି ବିଜେପି ସହ ଭାବାତ୍ମକ ଭାବେ ଯୋଡ଼ି ହୋଇଥିବା ଜଣେ କାର୍ଯ୍ୟକର୍ତ୍ତା। ୧୯୯୬ ମସିହାରୁ ରାଜ୍ୟ ବିଜେପି ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଭାବେ ରାଜନୈତିକ ଜୀବନ ଆରମ୍ଭ କରିଥିବା ସୀମାନ୍ତିନୀ ଆଜି ବିଜେପିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ୨୭ ବର୍ଷ ଧରି ଦଳ ସହ ଜଡ଼ିତ ଜଣେ ଅଭିଜ୍ଞ ନାରୀନେତ୍ରୀ ଦଳର ବାତାବରଣକୁ 'ଶ୍ୱାସରୁଦ୍ଧ' ବୋଲି ବର୍ଣ୍ଣନା କରି ଦଳ ଛାଡ଼ିଛନ୍ତି। କେବଳ ସୀମନ୍ତିନୀ ନୁହନ୍ତି; ଗତ କିଛି ଦିନ ହେବ ନୟାଗଡ଼ରୁ ଇରାନୀ ରାୟଙ୍କଠାରୁ ଆରମ୍ଭ ହୋଇଥିବା ଇସ୍ତଫା ଝଡ଼ ଏଯାଏଁ ଜାରି ରହିଛି। ରାଜ୍ୟ ବିଜେପି ମହିଳା ବିରୋଧୀ। ଏଠାରେ ମହିଳାଙ୍କୁ ସମ୍ମାନ ମିଳେନି କି କାମ କରିବାକୁ ସୁଯୋଗ ମିଳେନାହିଁ। ଏହି ଗୋଟିଏ ପ୍ରକାରର ଅଭିଯୋଗ ଆଣି ଦଳର ବହୁ ତୁଙ୍ଗ ନେତ୍ରୀ ଏବଂ ସଂଗଠନ ସହ ଯୋଡ଼ିହୋଇଥିବା ମହିଳା ଦଳକୁ

**ମହିଳା ମୋର୍ଚ୍ଚାର ବରିଷ୍ଠ ନେତ୍ରୀ ସୀମନ୍ତିନୀଙ୍କ ଇସ୍ତଫା**

**ସଭିଁଙ୍କର ଅଭିଯୋଗ, ରାଜ୍ୟ ବିଜେପି ମହିଳା ବିରୋଧୀ**

ବାୟ ବାୟ କରୁଛନ୍ତି। ରାଜ୍ୟ ବିଜେପିରେ ଏପରି ଲକ୍ଷ୍ମୀଛଡ଼ା ଦୋଷ ନେଇ ମତ ରଖିଛନ୍ତି ବୁଦ୍ଧିଜୀବି ମହଲ। ସଭିଙ୍କର ଅଭିଯୋଗ ନିରାଧାର ହୋଇ ନ ପାରେ। ଦଳର ନେତୃତ୍ୱକୁ ଏବେ ଆତ୍ମସମୀକ୍ଷା କରିବାର ବେଳ ଆସିଛି ବୋଲି ବୁଦ୍ଧିଜୀବୀ ମହଲ ମତପ୍ରକାଶ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ▸ପୃଷ୍ଠା-୯






## ୬ ବିଧାନସଭା ଆସନ ପାଇଁ ବିଜେପିର ପ୍ରାର୍ଥୀ ତାଲିକା

| | |
|---|---|
| ଘଷିପୁରା | ଡ. ଶମ୍ଭୁନାଥ ରାଉତ |
| ଭୋଗରାଇ | ଆଶିଷ ପାତ୍ର |
| ଭଣ୍ଡାରୀପୋଖରୀ | ସୁଧାଂଶୁ ନାୟକ |
| ବରୀ | ଉମେଶ ଚନ୍ଦ୍ର ଜେନା |
| ବାରବାଟୀ-କଟକ | ଡ. ପୂର୍ଣ୍ଣଚନ୍ଦ୍ର ମହାପାତ୍ର |
| ବେଗୁନିଆ | ପ୍ରକାଶ ଚନ୍ଦ୍ର ରଣବିଜୁଳି |

### କନ୍ଧମାଳ ଲୋକସଭା ଆସନ

# ଗଠନ ହେବାଠାରୁ ବିଜେଡି କବ୍‌ଜାରେ

**ବୌଦ୍ଧ, ୨।୫ (ସମିସ):** ନିର୍ବାଚନମଣ୍ଡଳୀ ପୁନର୍ଗଠନ ପରେ ୨୦୦୯ରୁ କନ୍ଧମାଳ ଲୋକସଭା ଆସନଟି ବିଜେଡି କବ୍‌ଜାରେ ରହି ଆସିଛି। ଏହି ଲୋକସଭା କ୍ଷେତ୍ରର ନିର୍ବାଚନୀ ଇତିହାସକୁ ଦେଖିଲେ, ୨୦୦୯ରୁ ଏପର୍ଯ୍ୟନ୍ତ ଏହା ବିଜେଡିର ଅପରାଜେୟ ଗଡ଼ ଭାବେ ବିବେଚିତ ହୋଇଆସିଛି। ୨୦୦୯ରେ ବିଜେଡିର ରୁଦ୍ରମାଧବ ରାୟ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀ ସୁଜିତ ପାଢ଼ୀଙ୍କୁ ପ୍ରାୟ ୧ଲକ୍ଷ ୫୧ ହଜାର ଭୋଟ ବ୍ୟବଧାନରେ ପରାସ୍ତ କରି ଏଠାରୁ ନିର୍ବାଚିତ ହୋଇଥିଲେ। ୨୦୧୪ ନିର୍ବାଚନରେ ବିଜେଡିର ହେମେନ୍ଦ୍ର ସିଂ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସର ହରିହର କରଣଙ୍କୁ ପ୍ରାୟ ୧ ଲକ୍ଷ ୮୧ ହଜାର ଭୋଟ ବ୍ୟବଧାନରେ ପରାସ୍ତ କରି ଏହି ଆସନ ଦଖଲ କରିଥିଲେ। ସାଂସଦ ହେମେନ୍ଦ୍ର ସିଂଙ୍କ ଅକାଳ ବିୟୋଗ ଯୋଗୁଁ ୨୦୧୪ ଅକ୍ଟୋବରରେ ଅନୁଷ୍ଠିତ ଉପନିର୍ବାଚନରେ ତାଙ୍କ ପତ୍ନୀ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ ବିଜେଡି ପ୍ରାର୍ଥୀ ହୋଇ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡିରୁ ଯାଇ ବିଜେପିରେ ମିଶିଥିବା ରୁଦ୍ରମାଧବ ରାୟଙ୍କୁ ପ୍ରାୟ ୨ ଲକ୍ଷ ୯୮ ହଜାର ଭୋଟ ବ୍ୟବଧାନରେ ପରାଜିତ କରିଥିଲେ। ସେହିପରି ୨୦୧୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ଡ. ଅଚ୍ୟୁତ ସାମନ୍ତ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବିଜେପି ପ୍ରାର୍ଥୀ ମହାମେଘବାହନ ଐର ଖାରବେଳ ସ୍ୱାଇଁଙ୍କୁ ପ୍ରାୟ ୧ ଲକ୍ଷ ୪୯ ହଜାର ଭୋଟ ବ୍ୟବଧାନରେ ପରାଜିତ କରିଥିଲେ।

ସୀମା ପୁନଃ ନିର୍ଦ୍ଧାରଣ ପୂର୍ବ ସ୍ଥିତିକୁ ମଧ୍ୟ ଅନୁଧ୍ୟାନ କଲେ ଜଣାଯାଏ ଯେ ଫୁଲବାଣୀ ଲୋକସଭା କ୍ଷେତ୍ରରୁ ୧୯୯୮ ଓ ୧୯୯୯ ସାଧାରଣ ନିର୍ବାଚନରେ ବିଜେଡିର ପଦ୍ମନାଭ ବେହେରା ଏବଂ ୨୦୦୪ରେ ମଧ୍ୟ ବିଜେଡିର ସୁଗ୍ରୀବ ସିଂ ସାଂସଦ ହୋଇଥିଲେ। ତେଣୁ ପ୍ରକାରାନ୍ତରେ କୁହାଯାଇପାରେ ଯେ ବିଜେଡି ଗଠନ ହେବାଠାରୁ ଏହି ସଂସଦୀୟ କ୍ଷେତ୍ର ବିଜେଡି କବଜାରେ ହିଁ ରହିଛି।

ଚଳିତ ସାଧାରଣ ନିର୍ବାଚନରେ କନ୍ଧମାଳ ଲୋକସଭା କ୍ଷେତ୍ରରୁ ବିଜେଡି ପକ୍ଷରୁ ଡ. ଅଚ୍ୟୁତ ସାମନ୍ତ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ବେଳେ ବିଜେପି ୨୦୧୪ ମସିହାର ପ୍ରାର୍ଥୀ ସୁକାନ୍ତ ପାଣିଗ୍ରାହୀଙ୍କୁ ମଇଦାନକୁ ଓହ୍ଲାଇଛି। କଂଗ୍ରେସ ଏହି ଆସନରୁ ଜଣେ ନୂଆ ମୁହଁ ଅମୀର ଚାନ୍ଦ ନାୟକଙ୍କୁ ପ୍ରାର୍ଥୀ କରିଥିବାରୁ ଏଠାରେ ମୁଖ୍ୟତଃ ବିଜେଡି ଓ ବିଜେପି ମଧ୍ୟରେ ଲଢ଼େଇ ହେବ ବୋଲି ରାଜନୈତିକମହଲ ଆକଳନ କରୁଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ବିଜେଡି ସରକାରର ଗତ ୫ ବର୍ଷର ଉନ୍ନତିମୂଳକ କାର୍ଯ୍ୟ ଏବଂ ଅଞ୍ଚଳର ବିକାଶକୁ ନେଇ ବିଜେଡି ପ୍ରାର୍ଥୀ ଡ. ସାମନ୍ତ ଭୋଟର୍‌ଙ୍କ ପାଖକୁ ଯାଉଥିବା ବେଳେ ସୁକାନ୍ତ ମୋଦି ଲହରରେ ନିର୍ବାଚନ ବୈତରଣୀ ପାର୍ ହେବାକୁ ଲକ୍ଷ୍ୟ ରଖିଛନ୍ତି।

### ନାମାଙ୍କନ ଦାଖଲ କଲେ ଅରୂପ ପଟ୍ଟନାୟକ

# ବଡ଼ଦାଣ୍ଡରେ ସମର୍ଥକଙ୍କ ବଡ଼ ଶୋଭାଯାତ୍ରା





**ପୁରୀ,୨।୫(ସମିସ):** ପୁରୀ ଲୋକସଭା ଏବଂ ଏହା ଅଧୀନ ବିଧାନସଭା ନିର୍ବାଚନମଣ୍ଡଳୀ ଲାଗି ଗତ ସୋମବାରଠାରୁ ଆରମ୍ଭ ହୋଇଛି ନାମାଙ୍କନ ଦାଖଲ। ଗୁରୁବାର ଚତୁର୍ଥ ଦିନରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ବିଜୁ ଜନତା ଦଳର ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ମୋହନ ପଟ୍ଟନାୟକ। ହଜାର ହଜାର ସମର୍ଥକଙ୍କ ଗହଣରେ ବିଭିନ୍ନ ପ୍ରକାର ପାରମ୍ପରିକ ନୃତ୍ୟ, ଢୋଲବାଜା, ସାହିଯାତ, ଗୋଟିପୁଅ ସାଙ୍ଗକୁ ବିରାଟ ଶୋଭାଯାତ୍ରାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି ଅରୂପ। ଏହି ସମୟରେ ତାଙ୍କ ସହ ପୁରୀ ଜିଲ୍ଲା ପର୍ଯ୍ୟବେକ୍ଷକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ସତ୍ୟବାଦୀ ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସବର୍ମା, ପୁରୀ ବିଧାୟକ ପ୍ରାର୍ଥୀ ସୁନୀଲ ମହାନ୍ତି, ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ, ଦଳୀୟ ନେତା ରାମକୃଷ୍ଣ ଦାସ ମହାପାତ୍ରଙ୍କ ସମେତ ଲୋକସଭା କ୍ଷେତ୍ରର ବରିଷ୍ଠ ନେତା ଉପସ୍ଥିତ ଥିଲେ।

ସକାଳେ ପ୍ରଥମେ ପିପିଲି ବାଟ ମହାବୀର ମନ୍ଦିରରେ ପୂଜାର୍ଚ୍ଚନା କରି ଆଶିଷ ଗ୍ରହଣ କରିଥିଲେ ଅରୂପ। ଏହାପରେ ସେ ସମର୍ଥକଙ୍କ ସହ ପୁରୀ ଆସିଥିଲେ। ବଗଲା ଧର୍ମଶାଳାରୁ ବାହାରିଥିଲା ଅରୂପଙ୍କର ନାମାଙ୍କନ ଦାଖଲ ଶୋଭାଯାତ୍ରା। ବଡ଼ଦାଣ୍ଡରେ ସମର୍ଥକଙ୍କୁ ନେଇ ବାହାରିଥିଲା ବଡ଼ ଶୋଭାଯାତ୍ରା। ହଜାର ହଜାର ମହିଳା, ପୁରୁଷ, ଯୁବ, ଛାତ୍ର ହାତରେ ପ୍ଲା'କାର୍ଡ ଧରି ରାଲିରେ ସାମିଲ ହୋଇଥିଲେ। ନବୀନ ପଟ୍ଟନାୟକ ଜିନ୍ଦାବାଦ, ଅରୂପ ପଟ୍ଟନାୟକ ଜିନ୍ଦାବାଦ, ବିଜେଡି ଜିନ୍ଦାବାଦ ଏବଂ ଶଙ୍ଖଚିହ୍ନ ଜିନ୍ଦାବାଦ ନାରାରେ କମ୍ପିଥିଲା ବଡ଼ଦାଣ୍ଡ। ଏହି ଶୋଭାଯାତ୍ରାରେ ପାରମ୍ପରିକ ନୃତ୍ୟ ଯେପରି କି ଚଇତିଘୋଡ଼ା, ସାହିଯାତ, ମେଢ଼ନୃତ୍ୟ ଆଦି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ ସାଜିଥିଲା। ଖୋଲା ଜିପ୍‌ରେ ନିଜ ସମର୍ଥନରେ ହାତଯୋଡ଼ି ଭୋଟ ଭିକ୍ଷା କରିଥିଲେ ଅରୂପ। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଥିଲେ ସାଂସଦ ପ୍ରାର୍ଥୀ ଅରୂପ ପଟ୍ଟନାୟକ।

## 'ମୁଁ ଡେଲାଙ୍ଗ ମାଟିର ପୁଅ, ସେବା ମୋର ଲକ୍ଷ୍ୟ'

ନାମାଙ୍କନପତ୍ର ଦାଖଲ ପରେ ଅରୂପ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି କହିଥିଲେ ଯେ ଆଜି ଭଲ ଦିନ ଥିଲା। ବିଜେଡି ପ୍ରତି ଲୋକଙ୍କ ଆସ୍ଥା ଓ ଭଲ ପାଇବା ରହିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶ ଆଭିମୁଖ୍ୟ ସମସ୍ତଙ୍କୁ ଅନୁପ୍ରାଣିତ କରିଛି। ସବୁ ସେହି ମହାପ୍ରଭୁଙ୍କ ଇଚ୍ଛା। ମୁଁ ଲୋକଙ୍କ ସହିତ ଆହୁରି ମିଶିବି। ଶ୍ରଦ୍ଧାଭାଜନ ଓ କୃପା ଭାଜନ ହେବି। ମୁଖ୍ୟମନ୍ତ୍ରୀ ବହୁତ କାମ କରିଛନ୍ତି। ଆଉ ଯାହା ବି ରହିଛି ତାହା ନିଶ୍ଚିତ ହେବ। ପୁରୀ ଲୋକସଭା କ୍ଷେତ୍ରବାସୀ ସବୁବେଳେ ବିଜେଡିକୁ ସମର୍ଥନ ଦେଇଆସିଛନ୍ତି। ଏଥର ବି ବିଜେଡିକୁ ଆଶୀର୍ବାଦ କରିବେ ବୋଲି ଆଶାବାଦୀ ଅଛି। ମୁଁ ଡେଲାଙ୍ଗ ମାଟିର ପୁଅ। ସଦାବେଳେ ଏଇଠି ରହିବି। ପୁରୀବାସୀଙ୍କ ଶ୍ରଦ୍ଧା ଓ ଭଲ ପାଇବା ରହିବ। ସବୁବେଳେ ତାଙ୍କ ସୁଃଖ ଦୁଃଖରେ ଛିଡ଼ା ହେବି। ଆମେ ମଧ୍ୟବର୍ତ୍ତୀ ଶ୍ରେଣୀର ଲୋକ। ଚାକିରି ପାଇଁ ବମ୍ବେ ଯାଇଥିଲି। ଅବସର ପରେ ଗାଁ ମାଟିକୁ ଫେରିଛି। ଲୋକମାନଙ୍କର ସେବା କରିବା ଏକମାତ୍ର ଲକ୍ଷ୍ୟ। ଆଉ ଜୀବନରେ ସେମିତି କିଛି ବଡ଼ ଆଶା ନାହିଁ ବୋଲି କହିଛନ୍ତି ଅରୂପ।

# ପାଣ୍ଡିଆନଙ୍କ ରୋଡ୍-ଶୋ'ରେ ଜନସମୁଦ୍ର

**ଜୟପୁର, ୨।୫(ସମିସ):** କୋରାପୁଟ ଜିଲ୍ଲା ଜୟପୁର ସହରରେ ବୁଧବାର ସନ୍ଧ୍ୟାରେ ବିଜେଡିର ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ୍ ରୋଡ୍-ଶୋ' କରି କୋରାପୁଟ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକା ଓ ଜୟପୁର ବିଧାୟକ ପ୍ରାର୍ଥୀ ଡ. ଇନ୍ଦିରା ନନ୍ଦଙ୍କ ପାଇଁ ପ୍ରଚାର କରିଛନ୍ତି। ଶ୍ରୀ ପାଣ୍ଡିଆନ୍‌ଙ୍କ ରୋଡ୍ ଶୋ' ସମୟରେ ଜୟପୁର ମୁଖ୍ୟରାସ୍ତା ଜନସମୁଦ୍ର ପାଲଟିଥିଲା। ଏହି ସମୟରେ ସହରବାସୀ ଶ୍ରୀ ପାଣ୍ଡିଆନ୍‌ଙ୍କ ଶୋଭାଯାତ୍ରା ଉପରେ ଫୁଲବର୍ଷା କରି ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।



ସଂଧ୍ୟା ପ୍ରାୟ ସାଢ଼େ ୫ଟାରେ ଜୟପୁରଠାରେ ଶ୍ରୀ ପାଣ୍ଡିଆନ୍ ବିମାନ ଯୋଗେ ଜୟପୁର ବିମାନବନ୍ଦରରେ ପହଞ୍ଚିବା ପରେ ସେଠାରୁ କାର୍‌ରେ ଦଶହରା ବୈଠକ ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଜନସାଧାରଣଙ୍କୁ ସମ୍ବୋଧିତ କରିବା ପରେ ଦଶହରା ପଡ଼ିଆରୁ ସେ ରୋଡ-ଶୋ'ରେ ବାହାରିଥିଲେ। ସ୍ଥାନୀୟ ପାରାବେଡ଼ା ଛକଠାରୁ ଆରମ୍ଭ ହୋଇଥିବା ଏହି ରୋଡ-ଶୋ'ରେ ଶ୍ରୀ ପାଣ୍ଡିଆନ ମିନିବସ୍‌ରେ ବସି ସାମିଲ ହୋଇଥିଲେ। ବିଭିନ୍ନ ଛକଠାରେ ସ୍ଥାନୀୟ ଲୋକ ତଥା ଦଳୀୟ କର୍ମୀମାନେ ତାଙ୍କ ଉଚ୍ଛ୍ୱସିତ ସ୍ୱାଗତ କରିଥିଲେ। ଏହି ଅବସରରେ ଶ୍ରୀ ପାଣ୍ଡିଆନ୍ ମିନି ବସ୍ ଉପରେ ଠିଆ ହୋଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଜେଡି ସରକାରର ବିକାଶ ଓ ଉନ୍ନତିମୂଳକ କାର୍ଯ୍ୟ ସଂପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଆଗାମୀ ଦିନରେ ଏହି ବିକାଶ ଧାରା ଜାରି ରହିବ ବୋଲି ସେ ଲୋକଙ୍କୁ ଭରସା ଦେଇଥିଲେ। ଏହି ଅବସରରେ ସେ ଜୟପୁର ବିଧାୟକ ପ୍ରାର୍ଥିନୀ ଡ. ଇନ୍ଦିରା ନନ୍ଦ ଏବଂ କୋରାପୁଟ ସାଂସଦ ପ୍ରାର୍ଥିନୀ କୌଶଲ୍ୟା ହିକକାଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ।

କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲା ପର୍ଯ୍ୟବେକ୍ଷିକା ମୀରା ପରିଡ଼ା, ଦଳୀୟ ସାଂସଦ ପ୍ରାର୍ଥୀ କୌଶଲ୍ୟା ହିକକା, ବିଧାୟିକ ପ୍ରାର୍ଥିନୀ ଡ. ଇନ୍ଦିରା ନନ୍ଦ ଏବଂ ଅନ୍ୟାନ୍ୟ ମହିଳା, ଯୁବ, ଛାତ୍ର ବିଜେଡିର କର୍ମକର୍ତ୍ତାଙ୍କ ସହ ପୌରାଞ୍ଚଳ ଦଳୀୟ କାଉନସିଲରମାନେ ଉପସ୍ଥିତ ରହିଥିଲେ। ଜୟପୁର ଏସଡିପିଓ ଅଙ୍କିତ କୁମାର ବର୍ମା ଓ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଜୟପୁର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୁରକ୍ଷା ବ୍ୟବସ୍ଥାକୁ ତଦାରଖ କରିବା ସହ ପରିଚାଳନା କରିଥିଲେ।

# କୋର୍ଟଙ୍କ ଆଦେଶ ଅବମାନନା କରୁଛନ୍ତି ପ୍ରଦୀପ ପାଣିଗ୍ରାହୀ: ବିଜେଡି

**ବ୍ରହ୍ମପୁର,୨।୫(ସମିସ):** ଜାଲିଆତି ଓ ଠକେଇ ମାମଲାର ଅଭିଯୁକ୍ତ ତଥା ବିଜେପିର ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ ଜେଲ୍ ଯାଇଥିଲେ। ଦୀର୍ଘ ଦିନ ଜେଲରେ ରହଣି ପରେ କୋର୍ଟରୁ ସର୍ତ୍ତମୂଳକ ଜାମିନରେ ମୁକୁଳିଥିଲେ। କିନ୍ତୁ ଜାମିନ୍‌ରେ ଥିବା ସର୍ତ୍ତକୁ ବାରମ୍ବାର ଖିଲାପ କରି ସେ କୋର୍ଟଙ୍କ ଅବମାନନା କରୁଛନ୍ତି ବୋଲି ଆଜି ବିଜେଡି ଅଭିଯୋଗ କରିଛି। ଅପରପକ୍ଷେ, କୋର୍ଟଙ୍କ ଆଦେଶକୁ ସିଧାସଳଖ ଅବମାନନା କରୁଥିବାରୁ ଯେକୌଣସି ମୁହୂର୍ତ୍ତରେ କୋର୍ଟ ତାଙ୍କ ଜାମିନକୁ ଖାରଜ କରି ଦେଇପାରନ୍ତି ଏବଂ ପୁଣିଥରେ ପ୍ରଦୀପ ଜେଲ ଯାଇପାରନ୍ତି ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଟାଟା ମୋଟର୍ସରେ ଚାକିରି କରାଇଦେବାକୁ କହି ରାଜ୍ୟବାସୀ ତଥା ବିଶେଷକରି ଗଂଜାମ ଜିଲ୍ଲାର ବ୍ରହ୍ମପୁର ଲୋକସଭା କ୍ଷେତ୍ରରୁ ବହୁ ନିରୀହ ଯୁବକଙ୍କଠାରୁ ପ୍ରଦୀପ ୨୦୨୦ ମସିହାରେ ଲକ୍ଷଲକ୍ଷ ଟଙ୍କା ଲୁଟି ନେଇଥିଲେ। ଟାଟା ମୋଟର୍ସ କମ୍ପାନୀ ପକ୍ଷରୁ ଦିଆଯାଇଥିବା ଏତଲାକ୍ରମେ କମ୍ପାନୀର ଇ-ମେଲ ଆଇଡିକୁ ଜାଲିଆତି କରି କମ୍ପାନୀର ଏମ୍‌ଡି ଭାବେ ଦର୍ଶାଇ ପ୍ରଦୀପ ପାଣିଗ୍ରାହୀ ଓ ତାଙ୍କ ସହଯୋଗୀ ଆକାଶ ପାଠକ ଲୋକଙ୍କୁ ଠକିବାରେ ସଫଳ ହୋଇଥିଲେ। ଏହି ମାମଲା ବର୍ତ୍ତମାନ ସୁଦ୍ଧା ଅଦାଲତରେ ବିଚାରାଧୀନ ରହିଛି। ମାମଲାରେ ପ୍ରଦୀପ ପାଣିଗ୍ରାହୀ ଜେଲ ଯାଇ ଜରିମାନା ଅର୍ଥ ପୈଠ କରି କୋର୍ଟଙ୍କଠାରୁ ସର୍ତ୍ତମୂଳକ ଜାମିନ ପାଇ ଜେଲରୁ ମୁକୁଳିଛନ୍ତି। ନିର୍ଦ୍ଧାରିତ ଦିନରେ କୋର୍ଟରେ ବ୍ୟକ୍ତିଗତ ହାଜର ହେବା ସହ ମାମଲା ସଂକ୍ରାନ୍ତୀୟ କୌଣସି ବିବୃତି ଗଣମାଧ୍ୟମରେ ନରଖିବାକୁ କୋର୍ଟ ଜାମିନରେ ସର୍ତ୍ତ ରଖିଥିଲେ। କିନ୍ତୁ ପ୍ରଦୀପ କୋର୍ଟଙ୍କ ଏହି ସର୍ତ୍ତକୁ ବାରମ୍ବାର ଅବମାନନା କରୁଥିବା ଦେଖାଯାଉଛି। ବିଭିନ୍ନ ଗଣମାଧ୍ୟମରେ ବିବୃତି ଦେବା ସହ ବର୍ତ୍ତମାନ ସୁଦ୍ଧା ୪ରୁ ୫ଟି ନିର୍ଦ୍ଧାରିତ ତାରିଖରେ ସେ କୋର୍ଟରେ ବ୍ୟକ୍ତିଗତ ହାଜର ମଧ୍ୟ ହୋଇନାହାନ୍ତି। ପ୍ରଦୀପ ପାଣିଗ୍ରାହୀ କୋର୍ଟଙ୍କୁ ତଥା ବିଚାର ବିଭାଗୀୟ ବ୍ୟବସ୍ଥାକୁ ସମ୍ମାନ ଦେଉ ନଥିବା ଏଥିରୁ ସ୍ପଷ୍ଟ ହେଉଛି। ଠକେଇ, ଜାଲିଆତି ଓ ଜାଲ ଦସ୍ତାବିଜ ପ୍ରସ୍ତୁତି କରିବା ଓ ସେଗୁଡ଼ିକର ଉପଯୋଗ କରିବା ଭଳି ସଙ୍ଗୀନ ମାମଲା ପ୍ରଦୀପଙ୍କ ବିରୋଧରେ ରହିଛି। ତେବେ ବର୍ତ୍ତମାନ ସେ କୋର୍ଟଙ୍କ ସର୍ତ୍ତକୁ ଅବମାନନା କରୁଥିବା ଜଣେ ଆସାମୀ ବୋଲି ବିଜେଡି ବିବେଚନା କରୁଛି। ବ୍ରହ୍ମପୁରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା ଏହା କହିଛନ୍ତି।

- **ନୋଟିସ୍ ସତ୍ତ୍ୱେ ଏକାଧିକଥର ଅଦାଲତରେ ବ୍ୟକ୍ତିଗତ ହାଜର ହୋଇନାହାନ୍ତି**
- **ଯେକୌଣସି ମୁହୂର୍ତ୍ତରେ ଜାମିନ ଖାରଜ ହୋଇ ପୁଣି ଜେଲ୍ ଯିବା ଆଶଙ୍କା**



■ କଂଗ୍ରେସକୁ ଝଟକା

# ହାତ ଛାଡ଼ିଲେ ଜିଲ୍ଲା ସଭାପତି ବିନୋଦ ପାତ୍ର

**ସୋନପୁର,୨।୫(ସମିସ):** ଟିକଟ ବଣ୍ଟନ ପରେ କଂଗ୍ରେସରେ କୁହୁଳୁଥିବା ନିଆଁ ବିସ୍ଫୋରଣର ରୂପ ନେଇଛି। ନିର୍ବାଚନ ପୂର୍ବରୁ କଂଗ୍ରେସକୁ ବଡ଼ ଝଟ୍‌କା ଲାଗିଛି। ସୁବର୍ଣ୍ଣପୁର ଜିଲ୍ଲା କଂଗ୍ରେସ ସଭାପତି ତଥା ପୂର୍ବତନ ବିଧାୟକ ବିନୋଦ ପାତ୍ର ବୁଧବାର କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ବିନୋଦ ବୀରମହାରାଜପୁରରୁ ବିଧାୟକ ପ୍ରାର୍ଥୀ ପାଇଁ କଂଗ୍ରେସ ଟିକଟ ଆଶାୟୀ ଥିଲେ। କିନ୍ତୁ ଦଳ ତାଙ୍କ ପ୍ରତି ଅଣଦେଖା ଓ ଅନ୍ୟାୟ କରିଥିବାରୁ ସେ କଂଗ୍ରେସ ଛାଡ଼ିଥିବା କହିଛନ୍ତି। ସେ ତାଙ୍କ ଇସ୍ତଫାପତ୍ର ପିସିସି ସଭାପତିଙ୍କ ପାଖକୁ ପଠାଇଥିବା ନେଇ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦଳର ବରିଷ୍ଠ ନେତା ନରସିଂହ ମିଶ୍ର ଏବଂ ରାଜ୍ୟ ସଭାପତି ଶରତ ପଟ୍ଟନାୟକ ତାଙ୍କ ବ୍ୟକ୍ତିଗତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତାଙ୍କୁ ଟିକଟ ଦେଇ ନଥିବା ବିନୋଦ ଅଭିଯୋଗ କରିଛନ୍ତି। ତାଙ୍କୁ ଟିକଟ ଦିଆଯିବ ବୋଲି କୁହାଯାଇଥିଲା। କିନ୍ତୁ ଶେଷରେ ତାଙ୍କ ବଦଳରେ ନୂଆ ଲୋକଙ୍କୁ ଟିକଟ ମିଳିଲା ବୋଲି ସେ କହିଛନ୍ତି। ତେବେ ଆଗକୁ କେଉଁ ଦଳକୁ ଯିବେ, ଏଯାଏ ନିଷ୍ପତ୍ତି ନେଇନାହାନ୍ତି ବୋଲି ବିନୋଦ କହିଛନ୍ତି। ଅନ୍ୟପକ୍ଷେ ତାଙ୍କ ସହ ବିଭିନ୍ନ ପଦ ପଦବୀରେ ଥିବା ବହୁ ନେତା କଂଗ୍ରେସ ତ୍ୟାଗ କରିଛନ୍ତି। ସୂଚନାଯୋଗ୍ୟ, ବିନୋଦ ବିଭିନ୍ନ ସମୟରେ ସେ କଂଗ୍ରେସର ବିଭିନ୍ନ ପଦ ପଦବୀରେ ରହିଥିଲେ। ସୋନପୁରର ଜନପ୍ରିୟ ନେତା କୁହୁରୁ କୁଶଳଙ୍କୁ ହରାଇ ବିନୋଦ ୨୦୦୪ରୁ ୨୦୦୯ ପର୍ଯ୍ୟନ୍ତ ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଧାୟକ ଥିଲେ।



# ପ୍ରାର୍ଥିପତ୍ର ଦାଖଲ କଲେ ଅଚ୍ୟୁତ ସାମନ୍ତ



**ଫୁଲବାଣୀ, ୨।୫(ସମିସ):** ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ସରିବାକୁ ଆଉ ଦିନଟିଏ ବାକି ଅଛି। ଗୁରୁବାର ସପ୍ତମ ଦିବସରେ କନ୍ଧମାଳ ଲୋକସଭା ଆସନ ପାଇଁ ବିଜେଡିରୁ ଡ. ଅଚ୍ୟୁତ ସାମନ୍ତ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଫୁଲବାଣୀ ବିଧାନସଭା କ୍ଷେତ୍ର ପାଇଁ ଦଳୀୟ ପ୍ରାର୍ଥୀ ଜୟଶ୍ରୀ କହଁର ମଧ୍ୟ ଆଜି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଉଭୟ ପ୍ରାର୍ଥୀ ସ୍ଥାନୀୟ ମାଦିକୁଦା ଛକରୁ ହଜାର ହଜାର ଦଳୀୟ କର୍ମୀ ଓ ସମର୍ଥକଙ୍କ ଗହଣରେ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରିଥିଲେ। ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନପତ୍ର ଦେଇଥିବା ବେଳେ ବିଧାୟକ ପ୍ରାର୍ଥୀ ଜୟଶ୍ରୀ ଫୁଲବାଣୀ ଉପଜିଲ୍ଲାପାଳଙ୍କୁ ନିଜ ପ୍ରାର୍ଥିପତ୍ର ପ୍ରଦାନ କରିଥିଲେ। ଦୁଇ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ କାର୍ଯ୍ୟକ୍ରମ ଯୋଗୁଁ ଆଜି ସମଗ୍ର ସହର ବିଜେଡିମୟ ହୋଇ ଯାଇଥିଲା। କନ୍ଧମାଳ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ସାତଟି ବିଧାନସଭା ଅଞ୍ଚଳର ନେତା ଓ କର୍ମୀ ଆଜିର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଅଙ୍ଗଦ କହଁର, ଦୁଗୁନୀ କହଁର, ଜିଲ୍ଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, କିଶୋର ଛୋଟରାୟ, ଦଶପଲ୍ଲା ବିଧାୟକ ପ୍ରାର୍ଥୀ ରମେଶ ବେହେରା, ପୂର୍ବତନ ଜିଲ୍ଲା ସଭାପତି ସରୋଜ କର୍ଣ୍ଣଙ୍କ ସମେତ ଦଳୀୟ ପଦାଧିକାରୀ, ନେତା ଓ କର୍ମୀ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଆସିକା ବିଜେଡି ସାଂସଦ ପ୍ରାର୍ଥିନୀଙ୍କ ନାମାଙ୍କନ ଦାଖଲ

**ଛତ୍ରପୁର, ୨।୫(ସମିସ):** ଗଞ୍ଜାମ ଜିଲ୍ଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ନାମାଙ୍କନପତ୍ର ଦାଖଲର ୫ମ ଦିନରେ ଆସିକା ଲୋକସଭା ଆସନ ନିମନ୍ତେ ବିଜେଡି ସାଂସଦ ପ୍ରାର୍ଥିନୀ ରଞ୍ଜିତା ସାହୁ ଗୁରୁବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ହଜାର ହଜାର ସମର୍ଥକଙ୍କ ସହ ବିରାଟ ଶୋଭାଯାତ୍ରାରେ ଗଞ୍ଜାମ ଜିଲ୍ଲାପାଳଙ୍କ ଅଫିସ ନିକଟରେ ପହଞ୍ଚିଥିଲେ। ପରେ ନିର୍ବାଚନ ଅଧିକାରୀ ତଥା ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ନିକଟରେ ସେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏହି ଅବସରରେ ନବୀନ ପଟ୍ଟନାୟକ ଜିନ୍ଦାବାଦ, ବିଜେଡି ଜିନ୍ଦାବାଦ ନାରାବାଜିରେ କମ୍ପି ଉଠିଥିଲା ସଦର ମହକୁମା।



# ନାମାଙ୍କନ ଦାଖଲ ଲାଗି ଶଗଡ଼ରେ ଗଲେ ସ୍ୱାଧୀନ ପ୍ରାର୍ଥୀ



**ସୋନପୁର, ୨।୫ (ସମିସ):** ସୋନପୁର ବିଧାନସଭା ଆସନ ଲାଗି ସ୍ୱାଧୀନ ପ୍ରାର୍ଥୀ ଭାବେ ମଇଦାନକୁ ଓହ୍ଲାଇଥିବା ସୋନାଲି ବିଶି ନିଜର ନିଆରା ଶୈଳୀ ପାଇଁ ପୁଣିଥରେ ଚର୍ଚ୍ଚାକୁ ଆସିଛନ୍ତି। ପୂର୍ବରୁ ସେ ଟ୍ରାକ୍ଟର୍ ଚଲାଇ ନିଜର ପ୍ରଚାର କରିଥିଲେ। ନିର୍ବାଚନ ଲଢ଼ିବାକୁ ତାଙ୍କ ପାଖେ ସେତେ ସମ୍ବଳ ନାହିଁ କହିବା ସହ ଲୋକଙ୍କୁ କାନି ପତାଇ ସାହାଯ୍ୟ ଭିକ୍ଷା କରିଥିଲେ। ଏବେ ଶଗଡ଼ରେ ନାମାଙ୍କନପତ୍ର ଦାଖଲ କରିବାକୁ ଯାଇ ସୋନାଲି ପୁଣି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସ୍ଥାନୀୟ ରୟାଲ ପଡ଼ିଆଠାରୁ ଗୁରୁବାର ସେ ୧୩ଟି ଶଗଡ଼ ସହ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ସୋନପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଏହି ଶୋଭାଯାତ୍ରାରେ ବିଭିନ୍ନ ଅଞ୍ଚଳର ହଜାରହଜାର ଚାଷୀ ସାମିଲ ହୋଇଥିଲେ। ବ୍ଲକ୍ ଛକ, ଆମ୍ବେଦକର ଛକ ଆଦି ଅତିକ୍ରମ କରି ଗଲା ବେଳେ ଲୋକେ ଏହି ଶଗଡ଼ ଶୋଭାଯାତ୍ରା ଦେଖୁଥିଲେ। ସେ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନପତ୍ର ଦାଖଲ କରିଥିଲେ।

## କମେଣ୍ଟ ମରାକୁ ନେଇ ଗଣ୍ଡଗୋଳ, ଜଣେ ଆହତ

**ରାଜକନିକା,୨।୫(ସମିସ):** ରାଜକନିକା ଥାନା ଭରିଗଦା ପଞ୍ଚାୟତର ମଙ୍ଗଳପୁର ଗାଁର ରଞ୍ଜନ ମଲ୍ଲିକଙ୍କ ପୁଅ ଦେବଦୃତ୍ତ ମଲ୍ଲିକ ଓ ତାଙ୍କ ଭାଇ ଭଉଣୀ ଘର ବାରଣ୍ଡାରେ ବସି ମୋବାଇଲରେ ଫଟୋ ଉଠାଉ ଥିବାବେଳେ ଅଚ୍ୟୁତପୁର ଗାଁର କିଛି ଯୁବକ ତାଙ୍କ ଭଉଣୀଙ୍କୁ କମେଣ୍ଟ ମାରିଥିଲେ ।ଏହି ଘଟଣାକୁ ଦେବଦୃତ୍ତ ବିରୋଧ କରିବାରୁ ଉକ୍ତ ଯୁବକମାନେ ତାଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିବା ଜଣାପଡିଛି । ଏହି ଆକ୍ରମଣରେ ଦେବଦୃତ୍ତଙ୍କର ବାମହାତ ଭାଙ୍ଗିଯାଇଥିବା ସେ ତାଙ୍କ ପରିବାର ସହିତ ଆସି ରାଜକନିକା ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଆଧାରକରି ପୁଲିସ ତଦନ୍ତ କରୁଥିବା ଜଣାପଡିଛି ।

## ଡେରାବିଶରେ ଅରବିନ୍ଦଙ୍କ ଜୋରଦାର ପ୍ରଚାର



**ଡେରାବିଶ, ୨।୫ (ସମିସ):**ପାଟକୁରା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଡେରାବିଶ ବ୍ଲକରେ ପାଟକୁରାରର ବିଜେଡ଼ି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ତାଙ୍କର ପ୍ରଚାରକୁ ଜୋରଦାର କରିଛନ୍ତି । ଆଜି ଅପରାହ୍ନରେ ଶ୍ରୀ ମହାପାତ୍ର ଡେରାବିଶ ବ୍ଲକ ଅନ୍ତର୍ଗତ ବାରିମୂଳ ପଞ୍ଚାୟତରେ ତାଙ୍କ ସମର୍ଥକମାନଙ୍କ ସହ ପହଞ୍ଚି ଘରକୁ ଘର ବୁଲି ବିଜେଡ଼ିର ଜନକଲ୍ୟାଣକାରୀ ଯୋଜନା ବିଷୟରେ କହିବା ସହିତ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଆହ୍ୱାନ ଦେଇଥିଲେ । ଆଜି ଅପରାହ୍ନରେ ଶ୍ରୀ ମହାପାତ୍ର ପଞ୍ଚାୟତ ଅଧିନସ୍ଥ ନାଗେଶ୍ୱରପୁର, ଗ୍ରାମରୁ ତାଙ୍କର ପ୍ରଚାର କାର୍ଯ୍ୟ ଆରମ୍ଭ କରି ଗଣିଆମୁହଁ, ବଙ୍ଗାଳିସାହି, ବାରିମୂଳ, ତିଳୋତମା ଦେଇପୁର, ଖଣ୍ଡସାହି, ରାୟପୁର ଇତ୍ୟାଦି ଗ୍ରାମବୁଲି ଭୋଟ ଭିକ୍ଷା କରିଥିଲେ । ଶ୍ରୀ ମହାପାତ୍ରଙ୍କ ସହିତ ସରପଞ୍ଚ କଳ୍ପନା ବେହେରା, ସରୋଜ ନାୟକ, ଅରବିନ୍ଦ ମଲିକ, ଦିଲ୍ଲିପ ଦାସ, ପ୍ରଶାନ୍ତ କୁମାର ମହାନ୍ତି, ସୁଧାଦେବ ବେହେରା, ନୃସିଂହ ଚରଣ ଦାସ, ପତିତପାବନ ବାରିକ, ସନ୍ଦିପ ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ ।

## ଶ୍ରମିକ ସଂଗଠନ ପକ୍ଷରୁ ବିଶ୍ୱ ଶ୍ରମିକ ଦିବସ ପାଳିତ

**ମହାକାଳପଡ଼ା,୨।୫(ସମିସ):**ମହାକାଳପଡ଼ା ବ୍ଲକର ଅଗ୍ରଣୀ ଶ୍ରମିକ ସଂଗଠନ ମା ରାମଚଣ୍ଡୀ ଉପକୂଳ ବିକାଶ ପରିଷଦ ପକ୍ଷରୁ ବୁଧବାର ବିଶ୍ୱ ଶ୍ରମିକ ଦିବସ ପାଳିତ ହୋଇଯାଇଛି । ସଂଘର ସଭାପତି ଫକୀର ଚରଣ ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଶ୍ରୀ ଅଲେଖ ନାୟକ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡ଼କ୍ଟର ନନ୍ଦ କିଶୋର ଅଗ୍ରୱାଲ, ସମ୍ମାନିତ ଅତିଥିଭାବେ ଅକ୍ଷୟ କୁମର ରାଉତ, ବିଚିତ୍ରାନନ୍ଦ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ । ଶ୍ରମିକ ସଂଗଠନର ସଦସ୍ୟା ଝରାଶ୍ରୀ ଦାଶ, ଅଞ୍ଜଳି ମଣ୍ଡଳ, ଅଲେଖା ଗାୟନୀ, କମଳା ମଣ୍ଡଳ, ରୋଜାଲିନି ବେହେରା ଙ୍କୁ ଉପଢୌକନ ଓ ଫୁଲତୋଡ଼ା ଦେଇ ସମ୍ମା ।ନିତ କରା ଯାଇଥିଲା, । ସଂଘର ଉପ ସଭାପତି ଚକ୍ରଧର ଗୁଡ଼ିଆ, ପ୍ରଶାନ୍ତ ଭୂୟାଁ,ପ୍ରଦ୍ୟୁମ୍ନ ସ୍ୱାଇଁ, ଗଜେନ୍ଦ୍ର ବେହେରା, ସତ୍ୟବନ୍ତ ବଳବନ୍ତ ରାୟ, ପ୍ରାଣକୃଷ୍ଣ ଦାସ, ମହେନ୍ଦ୍ର ଦାସ, ପୂର୍ଣ୍ଣ ଚନ୍ଦ୍ର ବେହେରା, ସନ୍ତୋଷ ରାଉତ, ନିରଞ୍ଜନ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## କୋଟି କୋଟି ଟଙ୍କାର ଚାରା ଗଛକୁ ମେଘ ଭରସା

**ପଞ୍ଚୁପାଣ୍ଡବ, ୨।୫ (ସମିସ);** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ଥିବା ବନ ବିଭାଗ ପକ୍ଷରୁ ଲାଗିଥିବା ହଜାର ହଜାର ଗଛ ନଷ୍ଟ ହେବାକୁ ଲାଗିଲାଣି । ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗୀୟ ଅଧିକାରୀଙ୍କ ମନମାନୀ ଓ ଅବହେଳା ପାଇଁ କୋଟି କୋଟି ଟଙ୍କାର ରାଜସ୍ୱ ହାନୀ ହେଉଛି । ରଘୁଦେଇପୁର ପଞ୍ଚାୟତରେ ଥିବା ନର୍ସରୀ ରାଜନଗର (୧) ଛଅ ହେକ୍ଟରରେ ୯୬୦୦ ଚାରା ଗଛ ଲାଗିଛି ଏବଂ ରାଜନଗର (୨) ଦୁଇ ହେକ୍ଟରରେ ୩୨୦୦ ଚାରା ଗଛ ଲାଗିଛି । ସବୁଜ ମହାନଦୀ ମିଶନ ବନୀକରଣ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ତାର ରକ୍ଷଣାବେକ୍ଷଣ ଅଭାବରୁ କିଛି ଗଛ ମରି ଯାଉଛି । ଗଛରେ ପାଣି ନଦେବା, ମୂଳରେ ମାଟି ନଦେବା ଓ ଅନାବନା ଗଛକୁ ସଫା ନ କରିବାରୁ ଗଛଟି ବଢ଼ିବା ବଦଳରେ ମରିବାକୁ ଲାଗିଲାଣି । ଏ ବାବଦରେ ନର୍ସରୀର ଅଧିକାରୀ ସୁକାନ୍ତ ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି ଯେଉଁଠି ଗଛ ମରିଛି ବର୍ଷା ହେଲେ ପୁଣି ଗଛ ଲଗାଯିବ ।

### ନିର୍ବାଚନ କର୍ତ୍ତବ୍ୟ ଖିଲାପକାରୀଙ୍କୁ ଚରମ ଚେତାବନୀ

# କାରଣଦର୍ଶାଅ ନୋଟିସ୍ ଜାରି, ହୋଇପାରେ କାର୍ଯ୍ୟାନୁଷ୍ଠାନ!

**କେନ୍ଦ୍ରାପଡ଼ା/ଡେରାବିଶ,୨।୫(ସମିସ):** ମହଙ୍ଗା ପଡ଼ିପାରେ ନିର୍ବାଚନ କର୍ତ୍ତବ୍ୟରେ ଅବହେଳା । ଅନୁମତି ନନେଇ ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିରରେ ଅନୁପସ୍ଥିତ ଥିବା ସରକାରୀ କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ । କହିଛନ୍ତି କାହିଁକି ନିର୍ବାଚନ କର୍ତ୍ତବ୍ୟ ଖିଲାପକାରୀ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ । ତେଣୁ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣରେ ଅନୁପସ୍ଥିତ ଥିବା କର୍ମଚାରୀ ଯଦି ମେ ୪ ତାରିଖ ସୁଦ୍ଧା ଓ ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣରେ ଅନୁପସ୍ଥିତ ଥିବା କର୍ମଚାରୀ ମେ ୫ ତାରିଖ ସୁଦ୍ଧା ସନ୍ତୋଷଜନକ କାରଣ ପ୍ରଦର୍ଶନ କରିନପାରନ୍ତି ତେବେ ଜନପ୍ରତିନିଧି ଆଇନ-୧୯୫୧ ଅନୁଯାୟୀ ଓ ସେଣ୍ଟ୍ରାଲ୍ ସିଭିଲ୍ ସର୍ଭିସ୍ -୧୯୬୫ ଅନୁଯାୟୀ ନିର୍ବାଚନ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରି ଅନୁପସ୍ଥିତ ଥିବା ହେତୁ ଦୃଢ କାର୍ଯ୍ୟାନୁଷ୍ଠାନ ହୋଇପାରେ ବୋଲି ଚରମ ଚେତାବନୀ ଶୁଣାଇଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ । ସୂଚନାଯୋଗ୍ୟ ମାର୍ଚ୍ଚ ୧୪ରୁ ୨୨ ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିଲା । ସେହି ପ୍ରଶିକ୍ଷଣ ଶିବିରରେ ମୋଟ୍ ୧୯୮ ଜଣ କର୍ମଚାରୀ ଅନୁପସ୍ଥିତ ରହିଥିଲେ । ଏହି ପ୍ରଥମ ରାଉଣ୍ଡ ତାଲିମ କାର୍ଯ୍ୟକ୍ରମରେ ଡେରାବିଶ ବ୍ଲକ ଅଞ୍ଚଳର ୧୫ ଜଣ ବ୍ୟକ୍ତି ଅନୁପସ୍ଥିତ ରହିଥିଲେ । ନିର୍ବାଚନ ତାଲିମ କାର୍ଯ୍ୟକ୍ରମରେ ଅନୁପସ୍ଥିତ ରହିଥିବା କାରଣରୁ ଜିଲ୍ଲା ନିର୍ବାଚନ କମିଶନରଙ୍କ ପକ୍ଷରୁ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଅସନ୍ତା ୪ ତାରିଖ ସୁଦ୍ଧା ସମ୍ପୃକ୍ତ କର୍ମଚାରୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସେମାନଙ୍କର ତାଲିମ କାର୍ଯ୍ୟକ୍ରମରେ ଅନୁପସ୍ଥିତର କାରଣ ସମ୍ପର୍କରେ ସଠିକ ତଥ୍ୟ ଉପସ୍ଥାପନ କରିବାକୁ ଚିଠିରେ ନିର୍ଦ୍ଦେଶ ରହିଛି । ସେହିପରି ଦ୍ୱିତୀୟ ପର୍ଯ୍ୟାୟ ପ୍ରଶିକ୍ଷଣ ଶିବିର ଅପ୍ରେଲ୍ ମାସ ୩୦ ତାରିଖରେ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଥିବା ବେଳେ ସେଥିରେ ୪୧ଜଣ କର୍ମଚାରୀ ଅନୁପସ୍ଥିତ ଥିଲେ । କେଉଁ କାରଣରୁ ବିନା ଅନୁମତିରେ ସେମାନେ ଅନୁପସ୍ଥିତ ଥିଲେ ଏବଂ କାହିଁକି ତାଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ନାହିଁ ତାହାର କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ । ଏହା ସହ ନିର୍ବାଚନ କର୍ତ୍ତବ୍ୟରେ ଅବହେଳା ପ୍ରଦର୍ଶନ କରୁଥିବା କର୍ମଚାରୀଙ୍କୁ ଚରମ ଚେତାବନୀ ଶୁଣାଇଛନ୍ତି ।

## ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା

**ରାଜନଗର, ୨।୫(ସମିସ):** ଗତମାସ ୨୯ ତାରିଖରେ ରାଜନଗର ବ୍ଲକ କଣ୍ଡିରା ପଞ୍ଚାୟତ ଗୁଳା ଗାଁରେ ଅକସ୍ମାତ ଅଗ୍ନିକାଣ୍ଡ ଘଟି ଦାମୋଦର ଦାସ ଓ ପ୍ରଫୁଲ୍ଲ ଦାସଙ୍କର ୪ ବଖରା ଘର ସମ୍ପୂର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା । ଘରେଥିବା ସମସ୍ତ ଆସବାସପତ୍ର ସମେତ ଝିଅ ବାହାଘର ପାଇଁ ସୁନାଗହଣା ଏବଂ ଦ୍ରବ୍ୟ ପୋଡି ପାଉଁଶ ହୋଇଯାଇଥିଲା । ଏହି ଦୁଃଖଦ ଖବର ପାଇ କେନ୍ଦ୍ରାପଡା ଜିଲ୍ଲା ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓଡିଶା ସାଇନ ଫାଉଣ୍ଡେସନ ପକ୍ଷରୁ ବିପନ୍ନ ପରିବାରଙ୍କ ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ପଲିଥିନ, ଚାଉଳ ସମେତ ୧ ମାସର ରାସନ ସାମଗ୍ରୀ ଯୋଗାଇ ଦେଇଛନ୍ତି । ଅନୁଷ୍ଠାନର ନିହାର ରଞ୍ଜନ ବିଶ୍ୱାଳ, ତପନ ମହାନ୍ତି, ଅମିତାଭ ପରିଡା, ଶରତ ରାଉତ, ପ୍ରତାପ ନାୟକ, ସମୀର ପ୍ରଧାନ, ସୌମ୍ୟ ରଞ୍ଜନ ବଳ, ବିଷ୍ଣୁ ଚରଣ ଦାସ ପ୍ରମୁଖ ଅଗ୍ନି ବିପନ୍ନ ପରିବାରଙ୍କୁ ଭେଟି ଏହି ସହାୟତା ପ୍ରଦାନ କରିଛନ୍ତି ।

## ୩ ମାସ ପାଇଁ ବନ୍ଦ ରହିବ ଭିତରକନିକା




**ରାଜନଗର, ୨।୫(ସମିସ):** ବିଶ୍ୱ ପ୍ରସିଦ୍ଧ ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀର ମାନଙ୍କର ପାଖେଇ ଆସୁଛି ପ୍ରଜନନ ଋତୁ । ଏହାକୁ ଆଖି ଆଗରେ ରଖି ରାଜନଗର ବନବିଭାଗ ପକ୍ଷରୁ ଚଳିତମାସ ୧ ତାରିଖ ଠାରୁ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଦୀର୍ଘ ୩ମାସ ଧରି ଭିତରକନିକା ଜାତୀୟ ଉଦ୍ୟାନ ବନ୍ଦ ରହିବ । ଏହି ସମୟ ଭିତରେ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଭିତରକନିକା ପରିଭ୍ରମଣ ଓ ପ୍ରବେଶକୁ ବନ୍ଦ ରଖାଯିବ । ଭିତରକନିକା ଜାତୀୟ ଉଦ୍ୟାନରେ ବଉଳା କୁମ୍ଭୀର ମାନଙ୍କ ପ୍ରଜନନ ଋତୁ ଆରମ୍ଭ ହେବାକୁ ଯାଉଛି । ଏହି ପ୍ରଜନନ ଋତୁ ସମୟରେ ଉଭୟ ପୁରୁଷ ଓ ମା' କୁମ୍ଭୀର ମିଳନ ପର୍ବରେ ନିମଗ୍ନ ରହିଥାନ୍ତି । ଏହି ସମୟ ଭିତରେ ମାଆ କୁମ୍ଭୀର ଅଣ୍ଡା ଦାନ ପକ୍ରିୟା ଶେଷ କରିଥାନ୍ତି । ଉଭୟ ମାଆ ଏବଂ ପୁରୁଷ କୁମ୍ଭୀର ହେନ୍ତାଳ ଓ ଖରଖରି ପତ୍ରରେ ଅଢେଇରୁ ୩ ଫୁଟ ଉଚ୍ଚର ବସା ବାନ୍ଧିଥାନ୍ତି । ସେମାନେ ନଦୀକୂଳ ଠାରୁ ଜୁଆର ଛୁଇଁ ପାରୁନଥିବା ନିରାପଦ ସ୍ଥାନରେ ବସା ବାନ୍ଧିଥାନ୍ତି । ଏହି ବସାରେ ମା'କୁମ୍ଭୀର ଅଣ୍ଡାଦାନ କରିଥାନ୍ତି । ଏହି ସମୟରେ ସେମାନଙ୍କର ପ୍ରଜନନ ପକ୍ରିୟାଠୁଁ ଆରମ୍ଭ କରି ଅଣ୍ଡାଦାନ ପର୍ଯ୍ୟନ୍ତ କୁମ୍ଭୀର ହିଂସ୍ର ହୋଇଥାନ୍ତି । ସେମାନଙ୍କ ପକ୍ରିୟାରେ ବାଧା ଦେଖାଦେଲେ ସେମାନେ ଆକ୍ରମଣ କରିବାକୁ ପଛାଇ ନଥାନ୍ତି । ଏହାକୁ ଦୃଷ୍ଟିରେ ରଖି ୩ମାସ ପର୍ଯ୍ୟନ୍ତ ଜାତୀୟ ଉଦ୍ୟାନରେ ପ୍ରବେଶ ଓ ପରିଭ୍ରମଣ ପାଇଁ ପର୍ଯ୍ୟଟକଙ୍କୁ ବନ୍ଦ ରଖାଯିବ ବୋଲି ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ ସୂଚନା ଦେଇଛନ୍ତି ।

## ବିଜେଡିରେ ମିଶିଲେ ଯୁବ ନେତା ବିଶ୍ୱରଞ୍ଜନ




**ଭୁବନେଶ୍ୱର, ୨।୫(ସମିସ):** କଟକ ଜିଲ୍ଲା ଅନ୍ତର୍ଗତ ସାଲେପୁର ନିର୍ବାଚନମଣ୍ଡଳୀର କଂଗ୍ରେସ ଯୁବନେତା ବିଶ୍ୱରଞ୍ଜନ ଖଟାଇଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖଭବନଠାରେ ସ୍ଥାନୀୟ ବିଧାୟକ ପ୍ରଶାନ୍ତ ବେହେରା ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ସାଲେପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ସୁଦୃଢ଼ ହେବ ବୋଲି ଶ୍ରୀ ବେହେରା ଓ ଡକ୍ଟର ପାତ୍ର କହିଥିଲେ । ଏହି ଅବସରରେ ବିଜେଡିରେ ସାମିଲ ହୋଇଥିବା ଯୁବ କଂଗ୍ରେସ ନେତା ଶ୍ରୀ ଖଟାଇ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ରାଜ୍ୟ କଂଗ୍ରେସ ସାଧାରଣ ସମ୍ପାଦକ ପ୍ରିୟମ୍ବଦା ସ୍ୱାଇଁ, ଟାଙ୍ଗୀ-ଚୌଦ୍ୱାର ସମବାୟ ସମିତିର ସଭାପତି ବିଜୟ କୁମାର ମହାପାତ୍ର, ବୈଜୟନ୍ତୀ ମହାପାତ୍ର, ନନ୍ଦକିଶୋର ସ୍ୱାଇଁ, ଅନ୍ନପୂର୍ଣ୍ଣା ଖୁଣ୍ଟିଆ, ସୁଶାନ୍ତ ଖୁଣ୍ଟିଆ, ଦୀପକ ଲେଙ୍କା, ବିଜୟବେହେରା, ସୁଜିତ ବିଶ୍ୱାଳ, ଅନିରୁଦ୍ଧ ବିଶ୍ୱାଳ, ନୟନକାନ୍ତ ଦାସ, ସଞ୍ଜୟ ସାହୁ, ଏସ.କେ ଅବଦୁଲ କସିମ୍, ପବିତ୍ର କୁମାର ସାମଲ, ବସନ୍ତ କୁମାର ଜେନା, ମଞ୍ଜୁଲତା ସାମଲ, ପବିତ୍ର ଜେନା, କ୍ଷେତ୍ରବାସୀ ବେହେରା, ଇମାମ ସବିରଉଲ୍ଲା, ଅଞ୍ଜୁମ ବେଗମ, ମମତା କାଣ୍ଡି, ଉପେନ୍ଦ୍ର ଶତପଥୀ, ଅଶୋକ କୁମାର ଜେନା, ହିଫାଜୁଲ୍ ବରୀ ଖାନ, ଏସ୍.କେ ଜାକିର, ମିର୍ଜା ଆକ୍ରମ ବେଗ, ଅଭିଷେକ ମହାନ୍ତି, ମହେଶ ସେଠୀ, ବିଭୂତି ଭୂଷଣ ତରାଇ, ଶୁଭେନ୍ଦୁ ପଟ୍ଟନାୟକ, ଆୟେଶା ପଣ୍ଡାଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ । ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ ।

## ବିଜୁ ଶ୍ରମିକ ସାମ୍ମୁଖ୍ୟ ପକ୍ଷରୁ ଶ୍ରମିକ ସମାବେଶ




**କେନ୍ଦ୍ରାପଡା,୨।୫(ସମିସ):** କେନ୍ଦ୍ରାପଡା ଦି-ଡେଷ୍ଟିନେସନ ମଣ୍ଡପରେ ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଏକ ଶ୍ରମିକ ସମାବେଶ ଅନୁଷ୍ଠିତ ହୋଇଯାଇଛି । ବିଜୁ ଶ୍ରମିକ ସାମୁଖ୍ୟ ନେତୃତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ନିର୍ମାଣ ଶ୍ରମିକ, ପରିବହନ କର୍ମଚାରୀ, ବିଦ୍ୟୁତ୍ କର୍ମଚାରୀ ସମେତ ପାଖାପାଖି ୨ହଜାର ଶ୍ରମିକ ସାମିଲ ହୋଇଥିଲେ । ବିଜୁ ଶ୍ରମିକ ସାମୁଖ୍ୟର ମହାସଚିବ ଓ କଟକ ମେୟର ସୁବାସ ସିଂ, ରାଜ୍ୟ ଉପଦେଷ୍ଟା ଓ ବିଦ୍ୟୁତ କର୍ମଚାରୀ ମହାସଂଘର କାର୍ଯ୍ୟକାରୀ ସଭାପତି ରାଜୀବ ମହାନ୍ତି ଉପସ୍ଥିତ ରହି ନିଜ ବକ୍ତବ୍ୟରେମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶ୍ରମିକ କଲ୍ୟାଣ ଯୋଜନାରେ ଓଡିଶା ବର୍ତ୍ତମାନ ସାରା ଦେଶରେ ଏକ ନମ୍ବର । ଦୈନିକ ମଜୁରୀ ଏକାଥରେ ୧୦୦ଟଙ୍କା ବୃଦ୍ଧି ଫଳରେ ଏକକୋଟି ଶ୍ରମିକ ଉପକୃତ ଲାଭ କରିପାରିଥିଲେ । ବିଦ୍ୟୁତ ବଣ୍ଟନ କ୍ଷେତ୍ରରେ କାର୍ଯ୍ୟ ସମ୍ପାଦନ କରୁଥିବା ଶ୍ରମିକ କର୍ମଚାରୀଙ୍କ ପରିବାରର ସାମାଜିକ ସୁରକ୍ଷା ପ୍ରଦାନ ପାଇଁ ଦୁର୍ଘଟଣାଜନିତ ସହାୟତା, ନିର୍ମାଣ ଶ୍ରମିକ, ଅସଂଗଠିତ ଶ୍ରମିକ ତଥା ସବୁସ୍ତରର ଗାଡି ଚାଳକଙ୍କୁ ସହାୟତା ଦିଆଯିବାର ବ୍ୟବସ୍ଥା ହୋଇପାରିଛି । ଏହି ସମାବେଶରେ ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନ ବିଜୁ ଜନତା ଦଳର କେନ୍ଦ୍ରାପଡା ବିଧାୟକ ପ୍ରାର୍ଥୀ ଗଣେଶ୍ୱର ବେହେରା ଓ ଲୋକସଭା ପ୍ରାର୍ଥୀ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ବକ୍ତବ୍ୟ ଦେଇ କହିଲେ ଓଡିଶାର ଚାରିକୋଟି ଲୋକ ଚାହୁଁଛନ୍ତି ନବୀନ ପଟ୍ଟନାୟକ ଷଷ୍ଠଥର ମୁଖ୍ୟମନ୍ତ୍ରୀ ହେବାପାଇଁ । ଓଡିଶାର ସବୁସ୍ତରର ଲୋକଙ୍କୁ ସୁରକ୍ଷା ଦେଇ ବିକାଶର ନୂଆରୂପ ଓଡିଶାକୁ ପ୍ରଦାନ କରିବା ସହ ଶ୍ରମିକମାନଙ୍କ କଲ୍ୟାଣକାରୀ ଯୋଜନାରେ ବିଶେଷ ଭାବେ କେନ୍ଦ୍ରାପଡା ଜିଲ୍ଲାରେ ଯେଉଁ ଶ୍ରମିକମାନେ ପାଣି ପାଇପରେ କାର୍ଯ୍ୟରତ ସେମାନଙ୍କୁ ଦକ୍ଷତା ବିକାଶରେ ସାମିଲ କରି ଦକ୍ଷତା ବୃଦ୍ଧି କରିବା ସହ ଆବଶ୍ୟକୀୟ ସାର୍ଟିଫିକେଟ ପ୍ରଦାନ କରି ପାରିଶ୍ରମିକ ବୃଦ୍ଧିର ମାର୍ଗକୁ ପ୍ରଶସ୍ତ କରିବା କାର୍ଯ୍ୟ ସହ ଅନ୍ୟ ରାଜ୍ୟରେ ୬ଗୋଟି ଶ୍ରମିକ ସହାୟତା କେନ୍ଦ୍ର କରାଯାଇ ଓଡିଆ ଶ୍ରମିକଙ୍କୁ ସାହାଯ୍ୟ ପ୍ରଦାନ କରାଯିବାର ସମସ୍ତ ପ୍ରୟାସ ଦ୍ରୁତଗତିରେ ଆଗେଇ ଚାଲିଛି । ଏହି ସମାବେଶରେ ବିଶିଷ୍ଟ ଶ୍ରମିକ ନେତା ଆଡଭୋକେଟ ନଳିନୀ ତ୍ରିପାଠୀ, ବିଜୁ ଜନତା ଦଳ ଜିଲ୍ଲା ସଭାପତି ଧିରେନ କୁମାର ସାହୁ ବକ୍ତବ୍ୟ ଦେଇ କେନ୍ଦ୍ରାପଡା ଜିଲ୍ଲାର ଶ୍ରମିକମାନଙ୍କ କଲ୍ୟାଣ ପାଇଁ ରାଜ୍ୟ ସରକାର ବହୁ ବିଧି ଯୋଜନାମାନ କରିଛନ୍ତି । ଉତ୍କଳ କୋଠାବାଡି ଶ୍ରମିକ ସଂଗଠନ ସମ୍ପାଦକ ଶତ୍ରୁଘ୍ନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ଏବଂ ଆଜିର ସଭାର ସମସ୍ତ ସଭ୍ୟ କାର୍ଯ୍ୟ ବିଶିଷ୍ଟ ଶ୍ରମିକ ନେତା ଭୀମସେନ ପରିଡାଙ୍କ ସଭାପତିତ୍ୱରେ ହୋଇଥିଲା ।

## କେନ୍ଦ୍ରାପଡ଼ା ଜିଲ୍ଲା ମିଳିତ ଟ୍ରେଡ୍ ୟୁନିୟନ ପକ୍ଷରୁ ଶ୍ରମ ଦିବସ ପାଳିତ

**କେନ୍ଦ୍ରାପଡ଼ା,୨।୫(ସମିସ):** କେନ୍ଦ୍ରାପଡା ଜିଲ୍ଲା ମିଳିତ ଟ୍ରେଡ ୟୁନିୟନ ପକ୍ଷରୁ ସଭାପତି ଜଗତଜୀବନ ଦାଶଙ୍କ ସଭାପତିତ୍ୱରେ କେନ୍ଦ୍ରାପଡା ସହରର ଖଡିଅଙ୍ଗସ୍ଥିତ ସିଟୁ କାର୍ଯ୍ୟାଳୟ ପରିସରରେ ଆନ୍ତର୍ଜାତିକ ଶ୍ରମଦିବସ ଉପଲକ୍ଷେ ଏକ ବିରାଟ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ମିଳିତ ଟ୍ରେଡ ୟୁନିୟନର ସାଧାରଣ ସମ୍ପାଦକ ସୌମ୍ୟରଞ୍ଜନ ଧଳ, ଏଆଇଟିୟୁସିର ବରିଷ୍ଠ ଶ୍ରମିକ ନେତା ବାବାଜୀ ଧଳ, ଆଇଏନଟିୟୁସିର ବରିଷ୍ଠ ଶ୍ରମିକ ନେତା ମୁକ୍ତାର ଖାଁ, ଗ୍ରାମୀଣ ଚାଷୀ ମୂଳିଆ ସଂଘ ସଭାପତି ବସନ୍ତ ସେଠୀ, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୁଲିଆ ସଂଘ ରାଜ୍ୟ ସାଧାରଣ ସମ୍ପାଦକ ଫକୀର ଚରଣ ଖଟୁଆ, କଳିଙ୍ଗ ଭାରତ ଶ୍ରମିକ ସଂଘର ରାଜ୍ୟ ସମ୍ପାଦକ ପ୍ରକାଶ ମହାନ୍ତି, ଓସିଡବ୍ଲ୍ୟୁୟୁର ସାଧାରଣ ସମ୍ପାଦକ ମାଧବ ଦାସ, ପିଓଏନ୍ଏସ୍ଏସ୍‌ର ରାଜ୍ୟ ସଭାପତି ଚିତ୍ତ ରଞ୍ଜନ ତରାଇ, ନାରୀ ନେତ୍ରୀ ସୁହାନା ବେଗମ, କେନ୍ଦ୍ରାପଡା ଜିଲ୍ଲା ବିଶିଷ୍ଟ ଶ୍ରମିକ ନେତା କୃଷ୍ଣ ଚନ୍ଦ୍ର ରାଉତ, ବାମପନ୍ଥୀ ନେତା ମାୟାଧର ଧଳ ପ୍ରମୁଖ ୬୪ଟି ଟ୍ରେଡ ୟୁନିୟନର ଶ୍ରମିକ ନେତାମାନେ ଯୋଗଦେଇ ଆନ୍ତର୍ଜାତିକ ଶ୍ରମଦିବସରେ ଶ୍ରମିକମାନଙ୍କୁ ଉଦ୍‌ବୋଧନ ଦେଇ ସେମାନଙ୍କ ଅଧିକାର ଉପରେ ଆଲୋକପାତ କରିଥିଲେ ।

## ମେ ୧୧ରେ ରାଷ୍ଟ୍ରୀୟ ଲୋକ ଅଦାଲତ

**କେନ୍ଦ୍ରାପଡ଼ା,୨।୫(ସମିସ):** ଦରିଦ୍ର ଜନସାଧାରଣଙ୍କୁ ବିନା ମୂଲ୍ୟରେ ଆଇନସେବା ଯୋଗାଇଦେବା ଲକ୍ଷ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଛି । ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଚଳିତ ମେ ମାସ ୧୧ ତାରିଖ ଶନିବାର ଦିନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ । କେନ୍ଦ୍ରାପଡ଼ା କୋର୍ଟ ସମେତ ଆଳି, ରାଜନଗର ଓ ପଟ୍ଟାମୁଣ୍ଡାଇ କୋର୍ଟ ପରିସରରେ ହେବାକୁ ଥିବା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିନାମୂଲ୍ୟରେ ଲୋକଙ୍କୁ ଆଇନସେବା ଯୋଗାଇ ଦିଆଯିବ । ଦିନ ୧୦ ଘଟିକାରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଆରମ୍ଭ ହେବ । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସାଲିସଯୋଗ୍ୟ ଫୌଜଦାରୀ ମାମଲା, ଚେକ୍ ବାଉନ୍ସ ସମ୍ବନ୍ଧୀୟ ମାମଲା, ଟଙ୍କା ପୁନରୁଦ୍ଧାର ମାମଲା, ମୋଟରଯାନ ଦୁର୍ଘଟଣା, ଶ୍ରମବିବାଦ ଜନିତ ମାମଲା, ବିଦ୍ୟୁତ୍, ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ), ଜମି ଅଧିଗ୍ରହଣ ମାମଲା, ଚାକିରୀ ସମ୍ବନ୍ଧୀୟ ଅବସରକାଳୀନ ପ୍ରାପ୍ୟ ମାମଲା, ଉଚ୍ଚ ନ୍ୟାୟାଳୟ ଓ ଦେୱାନୀ ଅଦାଲତରେ ଥିବା ରାଜସ୍ୱ ମାମଲା, ରାଜ୍ୟ/ଜିଲ୍ଲା/ତାଲୁକ ଅଧିକାରୀଙ୍କ ନିକଟରେ ଥିବା ରାଜସ୍ୱ ଓ ଅନ୍ୟାନ୍ୟ ମାମଲା, ଖାଉଟି ବିବାଦ, ଅନ୍ୟାନ୍ୟ ଦେୱାନୀ ମାଲା ଓ ଫୌଜଦାରୀ ମାମଲାଗୁଡ଼ିକର ଫଇସଲା ହେବ । ଜିଲ୍ଲା ଦୌରାଜଜ୍ ବିଶ୍ୱଜିତ୍ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ସୂଚନା ଦେଇଛନ୍ତି । ଅଧିକରୁ ଅଧିକ ଲୋକ ସେମାନଙ୍କର ମୋକଦ୍ଦମାକୁ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପଞ୍ଜୀକରଣ କରାଇ ଏହାର ସୁବିଧା ନେବାକୁ ଅନୁରୋଧ କରିଛନ୍ତି ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ ।

### ବିଦ୍ୟୁତ୍ ଦେୟ ଆଦାୟ ଆଳରେ ବଢୁଛି କର୍ମଚାରୀଙ୍କ ଜୁଲମ

# ଡହଡହ ଖରାରେ ଲାଇନ୍ କାଟିଦେଲେ, ଘର ଛାଡ଼ିଲେ ଦମ୍ପତି

**ରାଜକନିକା,୨।୫(ସମିସ):** ରାଜକନିକା ବିଦ୍ୟୁତ ଉପଖଣ୍ଡ ଓଳାଭର ଫିଡର୍ ଅନ୍ତର୍ଗତ ଓଳାଭର"ପଞ୍ଚାୟତ ଦେଉଳ ସାହି ଗାଁର ସନାତନ ବେହେରାଙ୍କ ବିଦ୍ୟୁତ ଦେୟ ମାର୍ଚ୍ଚ ମାସର ପରିଶୋଧ କରି ନ ପାରିବାରୁ ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରିଦେଲେ ବିଭାଗୀୟ କର୍ମଚାରୀ ।ଶେଷରେ ଖରା ଗରମରୁ ରକ୍ଷା ପାଇବା ନିମନ୍ତେ ଦମ୍ପତି ମାସେ ହେବ ଘର ଛାଡି ପରଘରେ ମୁଣ୍ଡ ଗୁଞ୍ଜିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ।ସନାତନ ଏବଂ ତାଙ୍କ ପତ୍ନୀଙ୍କ କହିବାନୁଯାୟୀ ମାର୍ଚ୍ଚ ମାସ ବିଦ୍ୟୁତ ଦେୟ ଆଦାୟ କରିବାକୁ ଲାଇନ୍ ମ୍ୟାନ୍ ଅଜୟ କୁମାର ଦାସଙ୍କ ସହିତ ଅନ୍ୟ କର୍ମଚାରୀ ଆସିଥିଲେ ।ଯେହେତୁ ତାଙ୍କର ବକେୟା ବିଲ୍ ୬୪୮୭ ଟଙ୍କା ଥିବା ବେଳେ ସେମାନେ ସମସ୍ତ ଟଙ୍କା ପୈଠ ପାଇଁ ଦାବି କରି ବସିଥିଲେ । ସନାତନ ପାଖରେ ଥିବା ୧୫୦୦ ଟଙ୍କା ଦେଇ ବାକି ଟଙ୍କା ଦୁଇ ଦିନ ଭିତରେ ଦେଇ ଦେବାକୁ ପ୍ରତିଶ୍ରୁତି ଦେବା ପରେ ବି ବିଭାଗୀୟ ଅଧିକାରୀ ସେତକ ଟଙ୍କା ନ ନେଇ ସବୁତକ ଟଙ୍କା ଦେବାକୁ ଅଡ଼ି ବସିଥିଲେ ।ସନାତନ ଜଣେ ଦିନ ମଜୁରୀଆ ଭାବେ କାମ କରନ୍ତି ।ଖରାରେ କାମଦାମ ମିଳୁ ନ ଥିବାରୁ ତାଙ୍କ ପାଖେ ଥିବା ଏତିକି ଟଙ୍କା ନେବାକୁ ନେହୁରା ହୋଇଥିଲେ ।ଏମିତିକି ଗାଁର ଦୁଇଜଣ ଭଦ୍ର ବ୍ୟକ୍ତି ମଧ୍ୟ ଦୁଇ ଦିନ ପରେ ସନାତନ ଟଙ୍କା ନ ଦେଲେ ସେମାନେ ଦେବେ ବୋଲି କହିଥିଲେ ।ହେଲେ ଏତେ ଗୁହାରୀ ହେଲା ପରେ ବି ଲାଇନ୍ ମ୍ୟାନ ଜଣକ ଖୁଣ୍ଟକୁ ଚଢି ଯାଇ ଲାଇନ୍ କାଟି ଦେଇ ଚାଲି ଯାଇଥିଲେ ।ଫଳରେ ମାସେ ହେବ ଦମ୍ପତି ଏବେ ଘର ଛାଡି ପର ଘରେ ଅତି ଦୟନୀୟ ଭାବେ ଆଶ୍ରୟ ନେଉଛନ୍ତି ବୋଲି କହିଥିଲେ ଜେମାମଣୀ । ପ୍ରଚଣ୍ଡ ରୌଦ୍ରତାପ ଏବେ ୪୨ ଡିଗ୍ରୀ ଉପରେ ରହି ଜୀବଜଗତକୁ ସନ୍ତୁଳି ଦେବା ବେଳେ କିନ୍ତୁ ଅମାନବୀୟ ଭାବେ ଗରୀବ ଦମ୍ପତିଙ୍କ ଲାଇନ୍ କାଟି ମରଣ ମୁହଁକୁ ଠେଲି ଦେବାକୁ ସାଧାରଣରେ ନିନ୍ଦା କରାଯାଇଛି ।ଏମିତିକି ଜିଲ୍ଲାର ଆନ୍ତର୍ଜାତିକ ମାନବାଧିକାର କମିଶନ ସଦସ୍ୟ ନଳିନୀକାନ୍ତ ପୃଷ୍ଟି ମଧ୍ୟ ଏହାକୁ ନେଇ ଚିନ୍ତା ପ୍ରକଟ କରି

### ଗୁହାରି କଲେ ବି ଶୁଣିଲେନି, ଧରେଇଲେ ଡିସ୍‌କନେକ୍ଟ ନୋଟିସ୍

ତୁରନ୍ତ ଏହାର ବିହିତ ସମାଧାନ ପାଇଁ ଦାବି କରିଛନ୍ତି । ସୁତରାଂ ବିଦ୍ୟୁତ ଦେୟ ଲକ୍ଷ ଲକ୍ଷ ଟଙ୍କା ଅନାଦେୟ ହୋଇ ବିଭିନ୍ନ ହିତାଧିକାରୀଙ୍କ ଉପରେ ପଡିଥିବା ବେଳେ କାହାର ଏମିତି ଲାଇନ୍ କଟା ଯାଇଛି ବୋଲି କ୍ଷୋଭର ସହ ଅଭିଯୋଗ କରିଥିଲେ ଜେମାମଣୀ । ଜଣେ ଗରିବ ଦିନ ମଜୁରୀଆ ହିତାଧିକାରୀଙ୍କ ପ୍ରତି ଏଭଳି ଜୁଲମ ସ୍ଥାନୀୟଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି ।ଯଦି ଖରା ଗରମରେ ଦମ୍ପତିଙ୍କ ଅଂଶୁଘାତଜନିତ ଅଘଟଣ ଘଟେ ତେବେ ବିଭାଗୀୟ ଅଧିକାରୀ ଉତ୍ତରଦାୟୀ ରହିବେ ବୋଲି ମଧ୍ୟ ଆଲୋଚନା ହେଉଛି ।ତେବେ ମାସେ ହେବ ଖରା ଗରମରେ ଯମ ଯନ୍ତ୍ରଣା ଭୋଗଥିବା ଏହି ଦମ୍ପତି ଜିଲ୍ଲାପାଳଙ୍କୁ ଭେଟି ଗୁହାରୀ ଜଣାଇବେ ବୋଲି ମଧ୍ୟ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ସୁତରାଂ ମାନବିକତା ଦୃଷ୍ଟିରୁ ବିଭାଗୀୟ ଅଧିକାରୀ ଏଭଳି ଜୁଲମ ଗ୍ରହଣୀୟ ନୁହେଁ ବୋଲି ମଧ୍ୟ ଆଲୋଚନାର ବିଷୟ ପାଲଟିଛି ।ତୁରନ୍ତ ଦମ୍ପତିଙ୍କ ଲାଇନ୍ ସଂଯୋଗ କରିବାକୁ ସାଧାରଣରେ ଦାବି ହେଉଛି ।



ସକାଳ THE SAKALA



## ୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ହିରୋଇନ ଜବତ



**କାମାକ୍ଷାନଗର, ୨।୫ (ସମିସ) :** କାମାକ୍ଷାନଗର ଅବକାରୀ ବିଭାଗ ୨୬ ଗ୍ରାମ ହିରୋଇନ ସହିତ ଜଣେ ବ୍ୟବସାୟୀଙ୍କୁ ଗିରଫ କରିଛି। ଢେଙ୍କାନାଳ ଜିଲ୍ଲା ଅବକାରୀ ବିଭାଗର ଏକ ସ୍ପେଶାଲ ଟିମ କାମାକ୍ଷାନଗର ସହରରେ ହିରୋଇନ କାରବାର ହେଉଥିବା ଖବର ପାଇଥିଲେ। ସ୍ଥାନୀୟ ଲକ୍ଷ୍ମୀବଜାରର ଆଶିଷ କୁମାର ନାଏକଙ୍କ ବାସଘରେ ଏହି ଟିମ ଚଢ଼ଉ କରି ୨୬ ଗ୍ରାମ ହିରୋଇନ ସହିତ ଆଶିଷଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏହି ଜବତ ହିରୋଇନର ଆନୁମାନିକ ମୂଲ୍ୟ ୨ ଲକ୍ଷ ୬୦ ହଜାର ଟଙ୍କା ହୋଇଥିବା ବେଳେ ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ଅବକାରୀ ବିଭାଗ ତରଫରୁ ଜୋରଦାର ଚଢ଼ଉ ଜାରି ରହିଛି। ଢେଙ୍କାନାଳ ଅବକାରୀ ଇନ୍ସପେକ୍ଟର ସତିକା ବେସନାଙ୍କ ନେତୃତ୍ୱରେ ଏସଆଇ ପୁରୁଷୋତ୍ତମ ମିଶ୍ର ଓ ଅନ୍ୟ କର୍ମଚାରୀମାନେ ଏହି ଚଢ଼ଉରେ ସାମିଲ ଥିଲେ।

କାମାକ୍ଷାନଗର ବିଧାନସଭା ଆସନ

## ନାମାଙ୍କନ ଭରିଲେ କଂଗ୍ରେସ ପ୍ରାର୍ଥୀ

**କାମାକ୍ଷାନଗର, ୨।୫ (ସମିସ) :** କାମାକ୍ଷାନଗର ବିଧାନସଭା ଆସନ ପାଇଁ କଂଗ୍ରେସ ପ୍ରାର୍ଥୀ ବିପ୍ରବର ସାହୁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେ ଏକ ଶୋଭାଯାତ୍ରାରେ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ପହଞ୍ଚି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କାମାକ୍ଷାନଗର ନିର୍ବାଚନ ମଣ୍ଡଳୀରେ ବିଜେଡି ଓ ବିଜେପି ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳୁଥିବା ବେଳେ କଂଗ୍ରେସ ନିଜର ସ୍ଥିତି ଦୃଢ଼କରିବାକୁ ପ୍ରସ୍ତୁତ ହେଉଛି।

## ଗାଡ଼ି ସହିତ ଲକ୍ଷାଧିକ ଟଙ୍କାର କାଠ ଜବତ

**କାମାକ୍ଷାନଗର, ୨।୫ (ସମିସ) :** ପରଜଙ୍ଗ ଥାନା ଅନ୍ତର୍ଗତ ଚାନ୍ଦପୁର ଗାଁରେ ଏକ କାଠବୋଝେଇ ପିକ୍‌ଅପ ଗାଡ଼ିକୁ ପୁଲିସ ଜବତ କରିଛି। ଏହି ଗାଡ଼ିଟି କୌଶଳ କ୍ରମେ ପଳେଇଯାଉଥିବା ବେଳେ ଗ୍ରାମର ଏକ ସାହି ଭିତରକୁ ପଶିଯାଇଥିଲା। ମାତ୍ର ଗାଡ଼ିଟିକୁ ପରଜଙ୍ଗ ପୁଲିସ ଧରିବାରେ ସଫଳ ହୋଇଥିଲା। ଘଟଣାସ୍ଥଳରେ ଡିହଡୋଳ ଫରେଷ୍ଟ ଟିମ ପହଞ୍ଚି ଗାଡ଼ିରୁ ଲକ୍ଷାଧିକ ଟଙ୍କାର ଶାଳକାଠ ସହିତ ପିକଅପ ଗାଡ଼ିକୁ ଜବତ କରିଛି। ଏହି ଜବତ ଗାଡ଼ିକୁ ଛାଡି ଡ୍ରାଇଭର ଫେରାର ହୋଇଯାଇଛି।

## ଶ୍ରୀରାମଚନ୍ଦ୍ରପୁରରେ ବାଦିପାଲା

**ଗଁଦିଆ, ୨।୫ (ସମିସ) :** ଗଁଦିଆ ବ୍ଲକ ଶ୍ରୀରାମଚନ୍ଦ୍ରପୁର ଆଞ୍ଚଳିକ ଶ୍ରୀ ଶ୍ରୀ ସତ୍ୟନାରାୟଣ ପୂଜା କମିଟି ପକ୍ଷରୁ ୨ ତାରିଖରୁ ୫ ଦିନିଆ ୩୪ତମ ପାଲା ମହୋତ୍ସବ ଆରମ୍ଭ ହୋଇଛି। ଏଥିରେ ରାଜ୍ୟର ଦୁଇ ବିଶିଷ୍ଟ ପାଲା ଗାୟକ କଲ୍ଲୋକ ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ ଏବଂ ପ୍ରସନ୍ନ କୁମାର ପଟ୍ଟନାୟକଙ୍କ ଦଳ ଯୋଗଦେଇଛନ୍ତି। ପ୍ରତ୍ୟହ ରାତି ୮ ଟାରେ ଏହି ମହୋତ୍ସବରେ ପାଲାପ୍ରେମୀ ବହୁ ସଂଖ୍ୟାରେ ଯୋଗ ଦେଉଥିବା କମିଟି ପକ୍ଷରୁ କୁହାଯାଇଛି।

## ଅସୁରବନ୍ଧ ଓ ଟାଙ୍ଗରପଡ଼ା କ୍ରୋମାଇଟ୍ ଖଣି ଚାଲୁ କରିବାକୁ ଦାବି

**ଭୁବନ, ୨।୫ (ସମିସ) :** ଭୁବନ ପାଲା ମଣ୍ଡପ ଠାରେ ଶ୍ରମିକମାନେ ଶ୍ରମ ଦିବସ ପାଳନ କରିଛନ୍ତି। ପ୍ରଗତିଶୀଳ ନିର୍ମାଣ ଶ୍ରମିକ ସଂଘ ଉପଖଣ୍ଡ ସଭାପତି ଶିବରାମ ସାହୁଙ୍କ ନେତୃତ୍ୱରେ ଭୁବନରେ ଉତ୍ସବ ପାଳନ ହୋଇଥିଲା। ଅସୁରବନ୍ଧ ଓ ଟାଙ୍ଗରପଡ଼ା ଠାରେ କ୍ରୋମାଇଟ ପରି ଖଣିଜ ସମ୍ପଦ ଗଚ୍ଛିତ ଥିବା ଓ ଶିଳ୍ପ ଖୋଲିବାରେ ବହୁ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଫଳରେ ଶ୍ରମିକମାନେ ବର୍ଷସାରା କାମ ନପାଇବା ଓ ସରକାରୀ ସହାୟତା ସମୁଦ୍ରକୁ ସଂଙ୍ଖେ ବୋଲି ପ୍ରକାଶ କରିଛନ୍ତି ପ୍ରଗତିଶୀଳ ନିର୍ମାଣ ଶ୍ରମିକ ସଂଘ କାମାକ୍ଷାନଗର ଉପଖଣ୍ଡ ର ସମ୍ପାଦକ ମହେଶ୍ୱର ଖିଲାର।

## ବିଶ୍ୱ ଶ୍ରମିକ ଦିବସ ପାଳିତ

**ଢେଙ୍କାନାଳ, ୨।୫ (ସମିସ) :** ଢେଙ୍କାନାଳ ଜିଲ୍ଲାର ଓଡ଼ାପଡ଼ା ବ୍ଲକ ସିମିନଇ ମୌଜାର ଯାତ୍ରା ପଡ଼ିଆ ନିକଟରେ ଓଆଇସିଡବ୍ଲ୍ୟୁୟୁର ରାଜ୍ୟ ସଭାପତି କମଳ କୁମାର ମିଶ୍ରଙ୍କ ଦ୍ୱାରା ବିଶ୍ୱ ଶ୍ରମିକ ଦିବସ ପାଳନ କରାଯାଇଛି। ରାଜ୍ୟ କୋଷାଧ୍ୟକ୍ଷ ସର୍ବେଶ୍ୱର ସେନାପତି ଶ୍ରମିକ ମାନଙ୍କର ଏକତା ଅତ୍ୟନ୍ତ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ରୋହିତ ଦଳେଇ, କାଳନ୍ଦୀ ସେନାପତି, ଅଶୋକ ଦଳେଇ, କାମାକ୍ଷା ପ୍ରସାଦ ପରିଡ଼ା, ରୋହିତ ରାଉତ ଇତ୍ୟାଦି ବହୁ ଶ୍ରମିକ ଯୋଗଦାନ କରିଥିଲେ। ପରିଶେଷରେ ଧନ୍ୟବାଦ୍ ଅର୍ପଣ କରି ସଭା ସାଙ୍ଗ କରିଥିଲେ।

## ଦୋକାନରେ ଅଗ୍ନିକାଣ୍ଡ

**ଢେଙ୍କାନାଳ, ୨।୫ (ସମିସ) :** ଢେଙ୍କାନାଳ ଜିଲ୍ଲାର ଓଡାପଡ଼ା ବ୍ଲକ ଅନ୍ତର୍ଗତ ବଳରାମପୁର ଗ୍ରାମରେ ଥିବା ଏକ ଦୋକାନରେ ଅଗ୍ନିକାଣ୍ଡ ଘଟି ବିଭିନ୍ନ ସାମଗ୍ରୀ ପୋଡ଼ି ନଷ୍ଟ ହୋଇଯାଇଛି। ଅପରାହ୍ନ ପ୍ରାୟ ୪ଟା ସମୟରେ ହଠାତ ଗ୍ରାମର ଅମୂଲ୍ୟ ଜେନାଙ୍କ ଦୋକାନରେ ନିଆଁ ଲାଗିଯାଇଥିଲା। ଖବରପାଇ ଢେଙ୍କାନାଳ ଅଗ୍ନିଶମ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ବିଭିନ୍ନ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲା। ସିଗାରେଟରୁ ନିଆଁ ଉଡ଼ି ଏହି ଅଗ୍ନିକାଣ୍ଡ ଘଟିଥିବା ଜଣାପଡ଼ିଛି।

## ବିଜେପି ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ଢେଙ୍କାନାଳ, ୨।୫ (ସମିସ) :** ଢେଙ୍କାନାଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ବିଜେପି ପ୍ରାର୍ଥୀ କୃଷ୍ଣଚନ୍ଦ୍ର ପାତ୍ର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ନାମାଙ୍କନ ପତ୍ର ଦାଖଲ ସମୟରେ ବହୁ ବିଜେପି କର୍ମକର୍ତ୍ତା ଉପସ୍ଥିତ ରହିଥିଲେ। ଢେଙ୍କାନାଳ ବିଧାନସଭା ନିର୍ବାଚନ ମଣ୍ଡଳୀରେ ରହିଥିବା ମୋଟ ୨ଲକ୍ଷ ୪୯ହଜାର ୫୬୮ ଭୋଟରଙ୍କ ମଧ୍ୟରୁ ୧ ଲକ୍ଷ ୨୯ ହଜାର ୫୭୪ଜଣ ପୁରୁଷ ଏବଂ ୧ଲକ୍ଷ ୧୯ ହଜାର ୯୯୪ଜଣ ମହିଳା ଭୋଟର ରହିଛନ୍ତି। ଚଳିତ ନିର୍ବାଚନରେ ପୁଣି ଥରେ ବିଜେପି ଏବଂ ବିଜେଡି ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ଆଶା କରାଯାଉଛି।

## କଂଗ୍ରେସ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ

**ଢେଙ୍କାନାଳ, ୨।୫ (ସମିସ) :** ଢେଙ୍କାନାଳ ଲୋକସଭା କ୍ଷେତ୍ରର ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଜାତୀୟ କଂଗ୍ରେସ ପ୍ରାର୍ଥୀ ରଞ୍ଜିତ ସାହୁ କାମାକ୍ଷାନଗର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପରଜଙ୍ଗ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଜିଲ୍ଲାପାଳ ଅନିତା ପାତ୍ରଙ୍କ ନିକଟରେ ତାଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି। ତାଙ୍କ ସହିତ ଲୋକସଭା ପାର୍ଥିନୀ ସସ୍ମିତା ବେହେରା, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ଅଧ୍ୟକ୍ଷ ବାଙ୍କନିଧି ବେହେରା, କଂଗ୍ରେସର ଜିଲ୍ଲା ସଭାପତି ସୁନୀଲ ଦାସ, ଉପ ସଭାପତି ବେଣୁଧର ସାହୁ, କଂଗ୍ରେସ ଜିଲ୍ଲା ମହିଳା ସଭାନେତ୍ରୀ ଶିଳ୍ପୀଶ୍ରୀ ହରିଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଆରକ୍ଷୀ ଅଧିକାରୀ ସ୍ନେହାଶିଷ ସାହୁ, ଥାନା ଅଧିକାରୀ ଧୀରେନ କୁମାର ବେହେରା ଉପସ୍ଥିତ ରହି ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ।

# ୨୦୦ ରୁ ଉର୍ଦ୍ଧ୍ୱ ଯୁବ ଛାତ୍ର ବିଜେଡିରେ ସାମିଲ




**ଭୁବନ, ୨।୫ (ସମିସ) :** ଭୁବନ ଏନ୍‌ଏସି ଅନ୍ତର୍ଗତ ସିଦ୍ଧ ରାମଚଣ୍ଡୀ ପୀଠ ପରିସରରେ ବିଜୁ ଯୁବ ଛାତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଯୁବ ନେତା ନାରାୟଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଜେପି ଛାତ୍ର ସଂଗଠନର ସକ୍ରିୟ କର୍ମକର୍ତ୍ତା ଲିଙ୍ଗରାଜ ସାହୁ, ସୌରଭ ରାଉତ, ଜଗବନ୍ଧୁ ସାହୁ, ସିଲୁ ନାୟକ, ସିକୁନ ମହାରଣା, ଜ୍ଞାନରଞ୍ଜନ ସାହୁ, ସଚିନ ପୃଷ୍ଟି, ଜଗନ୍ ନାୟକ, ରିଙ୍କୁ ସାହୁ, ଧପା ରାଉତ, ଗେମଣ ଜେନା, ବଳରାମ ସାହୁ, ସୌଭାଗ୍ୟ ବାରିକ, ସିପୁ ଦାସ, ରାକେଶ, ଲକି, ପିନୁଆ, ଚିକୁନ ଏବଂ ନୂତନ ଭାବେ ଭୋଟର ହୋଇଥିବା ୪୦ ଜଣ ଯୁବକଙ୍କ ସମେତ ସମୁଦାୟ ୨୦୦ ରୁ ଉର୍ଦ୍ଧ୍ୱ ଯୁବ ଛାତ୍ର ବିଜେଡିରେ ସାମିଲ ହୋଇଥିଲେ। କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଏବଂ ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡ଼ଃ ଅବିନାଶ ସାମଲ ପୁଷ୍ପଗୁଚ୍ଛ, ଉତ୍ତରୀୟ ପ୍ରଦାନ କରି ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଆଗାମୀ ୧୦ ବର୍ଷ ଯୁବକମାନଙ୍କ ପାଇଁ ସୁବର୍ଣ୍ଣ ଯୁଗ ବୋଲି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମତବ୍ୟକ୍ତ କରିଥିଲେ। ସାଂସଦ ପ୍ରାର୍ଥୀ ଡ଼ଃ ଅବିନାଶ ସାମଲ ଯୁବକମାନେ ହିଁ ଦେଶର ଅସଲ ପୁଞ୍ଜି, ଯୁବଶକ୍ତି ହିଁ ରାଷ୍ଟ୍ରଶକ୍ତି ବୋଲି କହିଥିଲେ। ଯୁବକମାନଙ୍କ ଦ୍ୱାରା ଭୁବନର ବିକାଶ ତ୍ୱରାନ୍ୱିତ ହେବ ବୋଲି ନଗରପାଳ ଶୁଭେନ୍ଦୁ କୁମାର ସାହୁ ମତବ୍ୟକ୍ତ କରିଥିଲେ। ଏନ୍‌ଏସି ବିଜେଡି ସଭାପତି ନରେନ୍ଦ୍ର କୁମାର ସାହୁ, ବ୍ଲକ ବିଜେଡି ସଭାପତି ରମେଶ ଚନ୍ଦ୍ର ସାହୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଧର୍ମାନନ୍ଦ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

## ୩ ଦୁର୍ଦ୍ଧାନ୍ତ ଅପରାଧୀ ଗିରଫ

**କାମାକ୍ଷାନଗର, ୨।୫ (ସମିସ) :** ଢେଙ୍କାନାଳ ଜିଲ୍ଲାର କାମାକ୍ଷାନଗର ପୁଲିସ ଦୁର୍ଦ୍ଧାନ୍ତ ଅପରାଧୀ ସୁବାସ ଖୁଣ୍ଟିଆର ୨ ସହଯୋଗୀ ସହିତ କିଙ୍ଗ ଅଫ ଫରେଷ୍ଟ ଗ୍ୟାଙ୍ଗର ୧ ଦୁର୍ଦ୍ଧାନ୍ତ ଅଭିଯୁକ୍ତକୁ ଗିରଫ କରିବାରେ ସକ୍ଷମ ହୋଇଛି। କିଙ୍ଗ ଅଫ ଫରେଷ୍ଟ ନାମରେ ଆତଙ୍କ ସୃଷ୍ଟି କରିଥିବା ଦୁର୍ଦ୍ଧାନ୍ତ ଅପରାଧୀ ବୁବୁନା ଓରଫ ସୁବାସ ଖୁଣ୍ଟିଆକୁ ଏନାକଉଣ୍ଟର କରିବାରେ ସଫଳ ହୋଇଥିଲା। ସେହି ଘଟଣାରେ ସୁବାସର ୨ ପ୍ରମୁଖ ସହଯୋଗୀ କାମାକ୍ଷାନଗର ଥାନା ନୂଆଆଳତୁମାର ସୁଶିଲ ଓରଫ ଓମ ପ୍ରକାଶ ଖୁଣ୍ଟିଆ(୧୯) ଓ ନୂଆଆଳତୁମା ପାଣି ଟାଙ୍କି ସାହିର ଗୁଡୁ ଓରଫ ଆଶୁତୋଷ ନାଥ(୨୩)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଏହି ୨ ଅପରାଧୀ ସୁବାସକୁ ଖାଦ୍ୟ ସାମଗ୍ରୀ ଓ ଅନ୍ୟାନ୍ୟ ମରଣାସ୍ତ୍ର ଯୋଗାଇବା ସହ ପୁଲିସର ଗତିବିଧି ସମ୍ପର୍କରେ ସୁବାସକୁ ଖବର ପହଞ୍ଚାଉଥିଲେ। ସେହିଭଳି ଜେଲରେ ଥିବା କିଙ୍ଗଅଫ ଫରେଷ୍ଟ ଗ୍ରୁପର ମୁଖ୍ୟ ରାକେଶ ନାଥଙ୍କ ସହଯୋଗୀ ଆଳତୁମା ହାଟୁଆ ସାହିର ଟୁନା ଓରଫ ତଥାଗତ ସାହୁ (୨୯)ଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିବାରେ ସକ୍ଷମ ହୋଇଛନ୍ତି। କାମାକ୍ଷାନଗର ଥାନା ଅଧିକାରୀ ଧୀରେନ କୁମାର ବେହେରାଙ୍କ ନେତୃତ୍ୱରେ ଏସଆଇ ସୋମ୍ୟରଞ୍ଜନ ମହାନ୍ତି ସଦଳବଳେ ଏହି ଚଢ଼ଉ କରିଥିଲେ।



■ ହିନ୍ଦୋଳ ନିର୍ବାଚନ ମଣ୍ଡଳୀ

## ପ୍ରାର୍ଥିପତ୍ର ଦାଖଲ କଲେ ମହେଶ



**ହିନ୍ଦୋଳ, ୨।୫ (ସମିସ) :** ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଚଳିତ ମାସ ୨୫ ତାରିଖରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ବିଜେଡି ପକ୍ଷରୁ ଗୁରୁବାର ମହେଶ ସାହୁ ନିଜ ସମର୍ଥକଙ୍କ ଗହଣରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ହିନ୍ଦୋଳ କନ୍ଦାରଶୁଣି ଠାରୁ ଏକ ବିଶାଳ ଶୋଭାଯାତ୍ରା ମାଧ୍ୟମରେ ହିନ୍ଦୋଳ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ନିକଟକୁ ଯାଇଥିଲେ। କାର୍ଯ୍ୟାଳୟ ପରିସରରେ ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁଙ୍କୁ ନିଜର ଚାରି ସେଟ୍ ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନପତ୍ର ଶୋଭାଯାତ୍ରାରେ ବିଜେଡି କୋଅର୍ଡିନେଟର ଅଶୋକ ନାୟକ, ହିନ୍ଦୋଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରିୟରଞ୍ଜନ ମାହୁନ୍ତ , ଦଳର ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ, ଓ ବହୁ ବିଜେଡି କର୍ମୀ ଯୋଗଦେଇଥିବା ଦେଖିବାକୁ ମିଳିଥିଲା।

# ଧରାପଡ଼ିଲେ ୨ ଲୁଟେରା



**ଗଁଦିଆ, ୨।୫ (ସମିସ) :** ଦିନ ଦ୍ୱିପ୍ରହରେ ରାସ୍ତା ଉପରେ ଜନୈକା ମହିଳାଙ୍କଠାରୁ ରାହାଜାନି କରି ଟଙ୍କା, ମୋବଇଲ ଲୁଟ୍ କରିଥିବା ଅଭିଯୋଗରେ ଗଁଦିଆ ପୁଲିସ ୨ ଲୁଟେରାଙ୍କୁ ଗିରଫ କରିଛି। ଯୋରନ୍ଦା ଗ୍ରାମର ପ୍ରକାଶ ବିଶ୍ୱାଳ ଓ ମାଣିତ୍ରି ଗ୍ରାମର ଜୀବନଜ୍ୟୋତି ନାଥ ଶର୍ମାଙ୍କୁ ଗଁଦିଆ ସବ୍ ଇନ୍ସପେକ୍ଟର ସୁବ୍ରତ କୁମାର ସାହୁଙ୍କ ନେତୃତ୍ୱରେ ଏକ ଟିମ ଗତକାଲି କାଲୁରିଆଗ୍ରାମ ନିକଟସ୍ଥ ଜଙ୍ଗଲ ମଧ୍ୟରୁ ଗିରଫ କରିଛି। ମଠତେନ୍ତୁଳିଆ ପଞ୍ଚାୟତ ଅଧୀନ ଧନିଆନାଳି (ଜମ୍ବୁ )ଗ୍ରାମର ସୋନାଲି ହାଁସଦା କାଶୀପୁର ଡାକଘରେ ପୋଷ୍ଟ ମାଷ୍ଟର ଭାବରେ କାର୍ଯ୍ୟ କରୁଛନ୍ତି। ସେ ନିଜର ସରକାରୀ କାମ ସାରି ନିଜର ସ୍କୁଟିରେ ଘରକୁ ଫେରୁଥିବା ବେଳେ ତାଙ୍କୁ ପଛରେ ଗୋଟିଏ କଳା ପଲସର ବାଇକ ପିଛାକରି ଷଡ଼ଙ୍ଗୀ ଛକ ନିକଟରେ ତାଙ୍କୁ ଅଟକାଇ ମାରଣା ଅସ୍ତ୍ର ଦେଖାଇ ତାଙ୍କଠାରୁ ଅଫିସ ଟଙ୍କା ୧୦ ହଜାର, ନିଜର ୬ହଜାର ଟଙ୍କା ସହିତ ନିଜର ଓ ଅଫିସର ୨ଟି ମୋବାଇଲ ସହିତ ଏକ ମନିପର୍ସ ନେଇ ପଳାଇଥିଲେ। ଏହି ଲୁଟ ଘଟଣା ସମ୍ପର୍କରେ ଲିଖିତ ଅଭିଯୋଗ ପରେ ଗଁଦିଆ ପୁଲିସ କେସ ନଂ ୧୬୮/୨୪ ରେ ଏକ ଚୋରି ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିଲା। ଗଁଦିଆ ଥାନ ଅଧିକାରୀ ସଲିଳ କୁମାର ପ୍ରଧାନ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ ଓ ତାଙ୍କର ନିର୍ଦ୍ଦେଶ କ୍ରମେ ଉକ୍ତ ଲୁଟେରାଙ୍କୁ ଧରିବା ପାଇଁ ପୁଲିସ ଜାଲ ବିଛାଇଥିଲା। ଏହି ଲୁଟେରାଙ୍କୁ ଗିରଫ କରି ପଚରାଉଚରା କରିବା ପରେ ଉକ୍ତ ରାହାଜାନିରେ ସମ୍ପୃକ୍ତ ଥିବା ମାନିଥିଲେ। ପୁଲିସ ତାଙ୍କଠାରୁ ଚୋରି ମୋବାଇଲ, ୨ଟି ମନିପର୍ସ, ନଗଦ ୧୨ହଜାର ଟଙ୍କା ଓ ଏକ ଛୋଟ ପିସ୍ତଲ ଜବତ କରି ପଲସର ବାଇକକୁ ଜବତ କରିଛି। ଏ ସଂକ୍ରାନ୍ତରେ ପୁଲିସ ଦଫା ୩୯୨, ୩୪ ଆଇପିସି ସେକସନରେ ୨୫/୨୭ଆର୍ମ ଆକ୍ଟରେ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି। ଏହି ଅଭିଯୁକ୍ତଙ୍କୁ ଦରକାର ପଡ଼ିଲେ ଅଧିକ ପଚରା ଉଚରା ପାଇଁ ସେହି ରିମାଣ୍ଡରେ ଅଣାଯାଇପାରେ ବୋଲି ଥାନ ଅଧିକାରୀ ପ୍ରକାଶ କରିଛନ୍ତି।

## ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ୱେବିନାର

**ଢେଙ୍କାନାଳ, ୨।୫ (ସମିସ) :** ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପ୍ରାଣୀବିଜ୍ଞାନ ବିଭାଗ ପକ୍ଷରୁ ଜାତୀୟ ସ୍ତରୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ପ୍ରାଣୀ ବିଜ୍ଞାନ ବିଭାଗ ପ୍ରମୁଖ ଡଃ. ନିର୍ଲିପ୍ତା ସ୍ୱାଇଁଙ୍କ ସଂଯୋଜନା ଏବଂ ଅନୁଷ୍ଠାନ ଅଧ୍ୟକ୍ଷ ଡଃ.ଚିତ୍ତରଞ୍ଜନ ସାହୁଙ୍କ ପୃଷ୍ଠପୋଷକତାରେ ଉକ୍ତ ୱେବିନାଇଟ ବ୍ରେନ ଓ ବିହେଭିୟର ବିଷୟବସ୍ତୁ ଉପରେ ଆଧାରିତ ହୋଇଥିଲା। ଆଲୋଚନାଚକ୍ରରେ କିଟ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ବାୟୋଲୋଜିକାଲ ସାଇନସ ବିଭାଗର ସହକାରୀ ପ୍ରାଧ୍ୟାପକ ଡଃ ସିଏଚ ବିନୋଦ ବିଶେଷଜ୍ଞ ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ଦୋଷାଧ୍ୟକ୍ଷ ଡ.ଦେବରାଜ ପରିଡ଼ା, ପ୍ରଶାସନିକ ଅଧିକାରୀ ଡ.ଦେବାଶିଷ ମହାନ୍ତି ଯୋଗଦାନ କରିଥିଲେ। ସହକାରୀ ପ୍ରାଧ୍ୟାପିକା ମିନୁରାଣୀ ଦଳାଇ, ସହକାରୀ ପ୍ରାଧ୍ୟାପିକା ଭାଗ୍ୟଶ୍ରୀ ପଣ୍ଡା, କନକଲତା ସୋରେନ, ୱେବିନାର ପ୍ରାବନ୍ଧିକ ଚିତ୍ରାଞ୍ଜଳି ଜେନା ପରିଚାଳନା କରିଥିଲେ। ବିଭିନ୍ନ ସରକାରୀ ଏବଂ ବେସରକାରୀ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ସ୍ନାତକ ଏବଂ ସ୍ନାତୋକତ୍ତୋର ବିଭାଗର ଛାତ୍ରଛାତ୍ରୀମାନେ ଆଲେଚନାରେ ଅଂଶଗ୍ରହଣ କରିଥିଲେ।



## ଗଡ଼ପଳାଶୁଣୀରେ ବଢ଼ୁଛି ବିଜେଡି ଶକ୍ତି



**କାମାକ୍ଷାନଗର, ୨।୫ (ସମିସ) :** ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ପରଜଙ୍ଗ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣୀ ପଞ୍ଚାୟତରେ ବିଜେଡିରେ ଯୋଗଦେଲେ ବହୁ ଯୁବନେତା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ ନେତୃତ୍ୱରେ ନୂଆ ଓଡ଼ିଶା ଗଠନରେ ଭାଗିଦାର ହେବା ଏବଂ ଡ଼ା ନୃସିଂହ ଚରଣ ସାହୁଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଡିହଡୋଳ ସ୍ଥିତ ବାସଭବନ ଠାରେ ଗଡ଼ପଳାଶୁଣୀ ପଞ୍ଚାୟତ ଗଡ଼ପଳାଶୁଣୀ ଗାଁର ୫୦ ରୁ ଉର୍ଦ୍ଧ୍ୱ କର୍ମୀଙ୍କ ସମେତ ଓ ଜରଡ଼ା ଗ୍ରାମର ଅନ୍ୟ ଦଳର କର୍ମୀ ଚିକୁନୁ ବିଶ୍ୱାଳ, ପ୍ରଶାନ୍ତ ଜେନା, ପିଣ୍ଟୁ ସାହୁ, ଦୁଷ୍ମନ୍ତ ସାହୁ, ସହଦେବ ସାହୁ, ସିଦ୍ଧାନ୍ତ ବେହେରା, କୀର୍ତ୍ତନ ସାହୁ ଆନୁଷ୍ଠାନିକ ଭାବେ ବିଜୁ ଜନତା ଦଳରେ ସାମିଲ ହୋଇଛନ୍ତି। ଏହି ପରିପେକ୍ଷୀରେ ଢେଙ୍କାନାଳ ଲୋକସଭା ପ୍ରାର୍ଥୀ ଡାକ୍ତର ଅବିନାଶ ସାମଲ ଏବଂ ଡାକ୍ତର ନୃସିଂହ ଚରଣ ସାହୁଙ୍କୁ ବିଧାୟକ କରିବା ଲାଗି ପ୍ରତିଶୃତି ଦେବା ସହ ତୃଣମୂଳ ସ୍ତରରେ ସଂଗଠନକୁ ସୁଦୃଢ଼ କରିବା ପାଇଁ ଶପଥ ନେଇଛନ୍ତି।

## 'ଅସହାୟର ସାଥୀ' ତରଫରୁ ଜଳ ସେବା



**ଢେଙ୍କାନାଳ, ୨।୫ (ସମିସ) :** ଢେଙ୍କାନାଳର ନବନିର୍ମିତ ବସ୍ଷ୍ଟାଣ୍ଡ ପରିସରରେ ଅସହାୟର ସାଥୀ ଅନୁଷ୍ଠାନ ପକ୍ଷରୁ ଏକ ଜଳଛତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୧୦ ଘଟିକା ସମୟରେ ଏହି ଜଳଛତ୍ର ଆରମ୍ଭ ହୋଇ ଅପରାହ୍ନ ୨ ଘଟିକା ସମୟରେ ଏହା ବନ୍ଦ ହୋଇଥିଲା। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ବସ୍ ଷ୍ଟାଣ୍ଡ ଆସୁଥିବା ଯାତ୍ରୀମାନଙ୍କୁ ଅନୁଷ୍ଠାନ ତରଫରୁ ସୁସ୍ୱାଦୁ ଥଣ୍ଡା ଦହି ସରବତ ବିତରଣ କରାଯାଇଥିଲା। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟାପକ ଶାନ୍ତନୁ କୁମାର ନାୟକଙ୍କ ନେତୃତ୍ୱରେ କିଛି ଉତ୍ସାହୀ ଛାତ୍ର ଛାତ୍ରୀଙ୍କ ଦ୍ୱାରା ଗଠିତ ଅସହାୟର ସାଥୀ ଅନୁଷ୍ଠାନର ଏତାଦୃଶ ସେବା କାର୍ଯ୍ୟକୁ ଥଣ୍ଡା ସରବତ ପିଉଥିବା ଲୋକମାନେ ଭୂୟସୀ ପ୍ରଶଂସା କରିଥିଲେ। ଏହି ଜଳସେବା କାର୍ଯ୍ୟକ୍ରମକୁ ବସଷ୍ଟାଣ୍ଡ ର ଡିଏମ୍ ରଶ୍ମିତା ପ୍ରିୟଦର୍ଶିନୀ ଅନୁମତି ପ୍ରଦାନ କରିଥିବା ବେଳେ ଏକାଉଣ୍ଟ ଅଫିସର୍ ଅନୀଲ କୁମାର ପଣ୍ଡା, ଦେବାଶିଷ, ବିକାଶ, ଚନ୍ଦନ, ରୁଦ୍ର, ଉତ୍ତମ, ଜ୍ୟୋତିର୍ମୟୀ, କାଳିନ୍ଦୀ ବେହେରା, ସୁରେଶ ପ୍ରସାଦ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

■ ଢେଙ୍କାନାଳରେ ହେଲିକପ୍ଟରର ଅଚାନକ ଅବତରଣ

## ଫ୍ଲାଇଂ ସ୍କ୍ୱାଡ୍ ଯାଞ୍ଚ୍ ପରେ ଛଡ଼ାଗଲା



**ଢେଙ୍କାନାଳ, ୨।୫ (ସମିସ) :** ସ୍ଥାନୀୟ ମହିଷାପାଟ ସ୍ଥିତ ପଲ୍ଲିଶ୍ରୀ ମେଳା ପଡ଼ିଆରେ କୌଣସି ସୂଚନା ନଥାଇ ଗୁରୁବାର ସକାଳେ ଏକ ହେଲିକପ୍ଟର ଅଚାନକ ଅବତରଣ କରିବା ନେଇ ବିଭିନ୍ନ ଟିମର ତଦନ୍ତ ଚାଲିଛି। ଏହା ଏକ ଘରୋଇ ହେଲିକପ୍ଟର ବୋଲି ଜଣାପଡ଼ିଛି। ଏହି ଭିଟି ଜେପିଏଲ୍ ନାମକ ହେଲିକପ୍ଟରରେ ୫ ଜଣ ଲୋକ ଥିଲେ। ହେଲିକପ୍ଟରଟି କାହିଁକି ଅବତରଣ କରିଛି ତାହା ଜଣାପଡ଼ି ନଥିବା ବେଳେ ଫ୍ଲାଇଙ୍ଗ ସ୍କ୍ୱାର୍ଡ ସହିତ ସ୍ଥାନୀୟ ପୁଲିସ ପହଞ୍ଚି ଯାଞ୍ଚ ଆରମ୍ଭ କରିଛି। ଘଟଣାସ୍ଥଳରେ ଢେଙ୍କାନାଳ ଫ୍ଲାଇଂ ସ୍କ୍ୱାଡ୍ର ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଶିବରାଜ ସେଠୀ ତଦନ୍ତ କରିଥିବା ପ୍ରକାଶ କରିଛନ୍ତି। କେଉଁଝର ସ୍ଥିତ ବଡ଼ବିଲରୁ ପିପିଲି, ଭୁବନେଶ୍ୱର ଦେଇ ମୁମ୍ବାଇ ଯାଉଥିଲା ଏହି ହେଲିକପ୍ଟର। ଖବର ପାଇ ନିର୍ବାଚନୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ ସହିତ ଭିଡିଓ ସର୍ଭିଲେନ୍ସ ଟିମ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲେ। କୌଣସି ଯାନ୍ତ୍ରିକ ତ୍ରୁଟି ନଥିଲେ ମଧ୍ୟ ଫୁଏଲ ସରିଯାଇଥିବା କାରଣରୁ ଅବତରଣ କରିଥିବା ଜଣାପଡ଼ିଛି। ତେବେ ଭୁବନେଶ୍ୱରରୁ ଫୁଏଲ ଆସିବା ପରେ ସାଢ଼େ ୧୦ଟାରେ ଏହି ହେଲିକପ୍ଟରଟି ପୁଣି ଉଡ଼ାଣ ଆରମ୍ଭ କରିଥିବା ଜଣାପଡ଼ିଛି। ପୁଲିସ କିମ୍ବା ପ୍ରଶାସନର ବିନା ଅନୁମତିରେ ଏହି ହେଲିକପ୍ଟରଟି ଅବତରଣକୁ ନେଇ ଚର୍ଚ୍ଚା ଜୋର ଧରିଛି। ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅମ୍ରିତ ଋତୁରାଜ ଏ ସଂକ୍ରାନ୍ତରେ ସମସ୍ତ ତଥ୍ୟ ହାସଲ କରିବା ପରେ ହେଲିକପ୍ଟରକୁ ଉଡ଼ାଣ ଅନୁମତି ପ୍ରଦାନ କରିଛନ୍ତି।



# ‘ନବୀନ ଇଞ୍ଜିନ’ ହେଉଛି ‘ସ୍ୱଚ୍ଛ ବିକାଶ’ର ଇଞ୍ଜିନ: ପାଣ୍ଡିଆନ

- କ୍ଷମତାକୁ ଆସିଲେ ଡବଲ ଇଞ୍ଜିନ ରାଜ୍ୟକୁ ୨୦ ବର୍ଷ ପଛକୁ ନେଇଯିବ
- ଡବଲ ଇଞ୍ଜିନ ସରକାରରେ ଦୈନିକ ମଜୁରି ୩୦୦ ଟଙ୍କାରୁ ଅଳ୍ପ ଅଧିକ
- ଶ୍ରମିକଙ୍କୁ ନବୀନ ଇଞ୍ଜିନରେ ଦୈନିକ ମଜୁରୀ ସର୍ବନିମ୍ନ ୪୫୦ ଟଙ୍କା
- ଦେଶର ଆୟୁଷ୍ମାନ ବଜେଟ ୬୦୦୦ କୋଟି, ଓଡ଼ିଶାଭାଗରେ ମାତ୍ର ୩୦୦ କୋଟି
- ବିଏସ୍‌କେୱାଇରେ ଓଡ଼ିଶା ସରକାର ଖର୍ଚ୍ଚ କରୁଛନ୍ତି ବର୍ଷକୁ ୫୦୦୦ କୋଟି
- ଦରକାର ନାହିଁ ଡବଲ ଇଞ୍ଜିନ୍, ନବୀନ ଇଞ୍ଜିନରେ ଓଡ଼ିଶା ବହୁତ ଭଲରେ ଚାଲିଛି
- ବିରୋଧୀ ଲୋକଙ୍କ ସହିତ ଅଛନ୍ତି, ନା ସେମାନଙ୍କ ଭଲମନ୍ଦରେ ଅଛନ୍ତି
- ମୁଖ୍ୟମନ୍ତ୍ରୀ ଆଉ ମୁଁ ଆପଣମାନଙ୍କ ସହିତ ରହିଥିଲୁ, ଆଉ ରହିଥିବୁ
- ଗଞ୍ଜାମବାସୀ କେବେ ଭୁଲ କରିବେ ନାହିଁ, ଠକଙ୍କୁ ସଂସଦ ପଠାଇବେ ନାହିଁ
- ମା’ ତାରାତାରିଣୀଙ୍କ ଆଶିଷରେ ଜନ୍ମିତ ମୋ ଝିଅର ନାମ ମଧ୍ୟ ତାରା

**ଭୁବନେଶ୍ୱର/ଛତ୍ରପୁର/କବିସୂର୍ଯ୍ୟନଗର, ଦିଗପହଣ୍ଡି,୨।୫(ସମିସ):** ଓଡ଼ିଶାର ପରିଚୟ ହେଉଛି ଶଙ୍ଖ ଚିହ୍ନ। ଉନ୍ନତିର ଚିହ୍ନ ଶଙ୍ଖ ଚିହ୍ନ। ନବୀନ ବାବୁଙ୍କ ଚିହ୍ନ ଶଙ୍ଖ ଚିହ୍ନ। ନବୀନ ପଟ୍ଟନାୟକ ଓ ମୁଁ ସବୁବେଳେ ଆପଣମାନଙ୍କ ସହିତ ରହିଛୁ ଓ ରହିଥିବୁ। ଆମେ ଆପଣଙ୍କ ସୁଖଦୁଃଖରେ ଅଛୁ, ସବୁଦିନେ ଆପଣଙ୍କ ଭଲମନ୍ଦ ବୁଝୁଛୁ; କିନ୍ତୁ ବିରୋଧୀ ନା ଲୋକଙ୍କ ସହିତ ଅଛନ୍ତି, ନା ସେମାନଙ୍କ ଭଲମନ୍ଦରେ ଅଛନ୍ତି। ସେମାନଙ୍କୁ ଆପଣ ଦୂରରେ ରଖନ୍ତୁ ବୋଲି କହି ବିକାଶ ବିରୋଧୀଙ୍କୁ କଟାକ୍ଷ କରିଛନ୍ତି ବରିଷ୍ଠ ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ୍। ବୁଧବାର ଗଞ୍ଜାମର କବିସୂର୍ଯ୍ୟନଗର, ଦିଗପହଣ୍ଡି ଓ ଛତ୍ରପୁରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବା ଅବସରରେ ଶ୍ରୀ ପାଣ୍ଡିଆନ୍ ଦଳୀୟ ପ୍ରାର୍ଥୀଙ୍କ ନିମନ୍ତେ ପ୍ରଚାର କରିଛନ୍ତି। କବିସୂର୍ଯ୍ୟନଗରରେ ଆସ୍କା ଲୋକସଭା ପ୍ରାର୍ଥୀ ରଞ୍ଜିତା ସାହୁ ଓ ବିଧାନସଭା ପ୍ରାର୍ଥୀ ଲତିକା ପ୍ରଧାନ ତଥା ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଭୃଗୁ ବକ୍ସିପାତ୍ର ଏବଂ ଦିଗପହଣ୍ଡି ବିଧାନସଭା ପ୍ରାର୍ଥୀ ବିପ୍ଳବ ପାତ୍ରଙ୍କୁ ଯୋଡି ଶଙ୍ଖରେ ଭୋଟ ଦେଇ ନବୀନ ବାବୁଙ୍କୁ ଆଶୀର୍ବାଦ କରିବାକୁ ଅନୁରୋଧ କରିଛନ୍ତି। ସେହିପରି ଛତ୍ରପୁରରେ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ଶ୍ରୀ ଭୃଗୁ ବକ୍ସିପାତ୍ର ଏବଂ ଛତ୍ରପୁର ବିଧାନସଭା ପ୍ରାର୍ଥୀ ଶ୍ରୀ ସୁବାସ ବେହେରାଙ୍କୁ ୯୫ ପ୍ରତିଶତ ଭୋଟ ଦେଇ ବିପୁଳ ମାର୍ଜିନ ରେ ଜିତାଇବା ପାଇଁ ଅନୁରୋଧ କରିଛନ୍ତି।

ଶ୍ରୀ ପାଣ୍ଡିଆନ ପ୍ରଥମେ କବିସୂର୍ଯ୍ୟନଗର ଓ ଦିଗପହଣ୍ଡିରେ ନିର୍ବାଚନ ପ୍ରଚାର କରିବା ଦିବଙ୍ଗତ ରାଣୀ ସୁଜ୍ଞାନ ଦେଓ ଓ ପୂର୍ବତନ ବାଚସ୍ପତି ତଥା ମନ୍ତ୍ରୀ ସୂର୍ଯ୍ୟ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କହିଛନ୍ତି ଯେ ନେତାଏ ଆସିବେ ଯିବେ, କିନ୍ତୁ ମୁଖ୍ୟମନ୍ତ୍ରୀ ଆଉ ମୁଁ ଆପଣମାଙ୍କ ସହ ରହିଥିଲୁ, ଆଉ ରହିଥିବୁ। କବିସୂର୍ଯ୍ୟନଗର ଓ ଦିଗପହଣ୍ଡିରେ ବିରୋଧୀ ଦଳର ସ୍ଥିତି ନାହିଁ। ସେମାନେ ବାରମ୍ବାର ଡବଲ ଇଞ୍ଜିନ, ଡବଲ ଇଞ୍ଜିନ କହୁଛନ୍ତି। କିନ୍ତୁ ତାଙ୍କ ସରକାର ଦେଉଛି ମାତ୍ର ୩୦୦ ଟଙ୍କା ଭତ୍ତା, ନବୀନ ଇଞ୍ଜିନ ଦେଉଛି ୧୦୦୦ ଟଙ୍କା। ଓଡ଼ିଶାରେ ନବୀନ ଇଞ୍ଜିନ ବହୁତ ମଜବୁତ। ମୁଖ୍ୟମନ୍ତ୍ରୀ ଆପଣଙ୍କ ପାଇଁ ୨୪ ଘଣ୍ଟା କାମ କରୁଛନ୍ତି। କବିସୂର୍ଯ୍ୟନଗରକୁ ସେ ଖୁବ ଭଲ ପାଆନ୍ତି। ଆମ ମୁଖ୍ୟମନ୍ତ୍ରୀ ଦେଶର ଏକମାତ୍ର ନେତା, ଯିଏ କାମର ହିସାବ ଦେବାକୁ କହନ୍ତି। ସେଥିପାଇଁ ଓଡ଼ିଶାରେ, ସବୁ ଜାଗାରେ ଆମେ କାମର ହିସାବ ଦେଉଛୁ। ଏଭଳି କେଉଁ ରାଜ୍ୟରେ ବି ଦେଖିବାକୁ ମିଳିବ ନାହିଁ। ଛତ୍ରପୁରରେ ଶ୍ରୀ ପାଣ୍ଡିଆନ ଛତ୍ରପୁରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଜୋରଦାର ପ୍ରଚାର୍ କରି ବିପୁଳ ଭୋଟରେ ଜିତାଇବାକୁ ଅନୁରୋଧ କରିଛନ୍ତି। ବିରୋଧୀ ଦଳଙ୍କୁ ଶାଣିତ ଆକ୍ରମଣ କରି ସେ କହିଲେ ଯେ ଠକ ମାନଙ୍କ ସ୍ଥାନ ଜେଲରେ। ଗଞ୍ଜାମବାସୀ କେବେ ଭୁଲ କରିବେ ନାହିଁ, ଠକ ମାନଙ୍କୁ ସଂସଦ ପଠାଇବେ ନାହିଁ। ଭାରତୀୟ ଜନତା ପାର୍ଟିର ଡବଲ ଇଞ୍ଜିନ ପ୍ରଚାର ଉପରେ ଆକ୍ରମଣ କରି ସେ କହିଲେ ଯେ ଥରେ କ୍ଷମତାକୁ ଆସିଲେ ଡବଲ ଇଞ୍ଜିନ ରାଜ୍ୟକୁ ୨୦ ବର୍ଷ ପଛକୁ ନେଇଯିବ। ହିମାଚଳରେ ଡବଲ ଇଞ୍ଜିନ ବନ୍ଦ ହେଇଗଲାଣି। ଛତିଶଗଡ଼ ଓ ରାଜସ୍ଥାନରେ ଏପଟ ସେପଟ ହେଉଛି। ଡବଲ ଇଞ୍ଜିନ ଯଦି ଏତେ ଷ୍ଟ୍ରଙ୍ଗ, ତେବେ ବାରମ୍ବାର ଯାଉଚି ଆଉଚି କାହିଁକି? ଡବଲ ଇଞ୍ଜିନ ସରକାରରେ ଦୈନିକ ମଜୁରି ମାତ୍ର ୩୦୦ ଟଙ୍କାରୁ ସାମାନ୍ୟ ଅଧିକ, କିନ୍ତୁ ନବୀନ ଇଂଜିନରେ ଏହା ୪୫୦ ଟଙ୍କା। ସାରା ଦେଶ ପାଇଁ ଆୟୁଷ୍ମାନ ଭାରତରେ ବଜେଟ ହେଉଛି ୬୦୦୦ କୋଟି ଟଙ୍କା। ଓଡ଼ିଶା ଭାଗରେ ମାତ୍ର ୩୦୦ କୋଟି ଟଙ୍କା। କିନ୍ତୁ, ବିଏସ୍‌କେୱାଇରେ ଆମର ବର୍ଷକୁ ଖର୍ଚ୍ଚ ହେଉଛି ୫୦୦୦ କୋଟି ଟଙ୍କା। ଗରିବର ସ୍ୱାସ୍ଥ୍ୟ ଚିନ୍ତା ଓଡ଼ିଶାରେ ନାହିଁ। ଡବଲ ଇଞ୍ଜିନ କଥା ଆପଣ କେବଳ ନିର୍ବାଚନ ସମୟରେ ଶୁଣିବେ, ତା ପରେ ତାଙ୍କର ଦେଖା ନ ଥିବ। ଡବଲ ଇଞ୍ଜିନ୍ ହେଉଛି ଭୋଟ୍ ଇଞ୍ଜିନ୍। ବାକି ସବୁ ସମୟରେ ନବୀନ ଇଞ୍ଜିନ ଆପଣଙ୍କ ସାଥିରେ, ଆପଣଙ୍କ ଦୁଃଖ ସୁଖ ସବୁଥିରେ ରହିଛି, ରହିଥିବ। ନବୀନ ଇଞ୍ଜିନ ହେଉଛି ସ୍ୱଚ୍ଛତାର ଇଞ୍ଜିନ। ଲୋକଙ୍କ ପାଇଁ କାମ କରିବାର ଇଞ୍ଜିନ, ସେବାର ଇଞ୍ଜିନ। ଗଞ୍ଜାମରେ ତାଙ୍କର କର୍ମମୟ ଜୀବନର ସମୟକୁ ମନେ ପକାଇ ସେ ଭାବ ପ୍ରବଣ ହୋଇ ପଡ଼ିଥିଲେ। ଗଞ୍ଜାମବାସୀ, ବିଶେଷକରି ଛତ୍ରପୁର ବାସୀଙ୍କ ସ୍ନେହ ଶ୍ରଦ୍ଧା ମୁ କେବେ ଭୁଲି ପାରିବି ନାହିଁ ବୋଲି ସେ କହିଥିଲେ। ଛତ୍ରପୁର ବାସୀ ମୋତେ ପରିବାର ସଦସ୍ୟଙ୍କ ଭଳି ଦେଖନ୍ତି ବୋଲି ସେ କହିଥିଲେ। ସେ କହିଥିଲେ ଯେ ମୋ ଝିଅର ଜନ୍ମ ମାଟି ହେଉଛି ଛତ୍ରପୁର। ମା ତାରା ତାରିଣୀଙ୍କ ଆଶୀର୍ବାଦରୁ ସେ ଜନ୍ମ ହୋଇଛି ବୋଲି ମଧ୍ୟ ସେ କହିଛନ୍ତି।



କାମର ହିସାବ ଦେଇ ଶ୍ରୀ ପାଣ୍ଡିଆନ୍ କହିଥିଲେ ଯେ କବିସୂର୍ଯ୍ୟନଗରରେ ୬୦ କୋଟିର କାମ ଚାଲିଛି। ବେଗୁନିଆପଡ଼ା ବ୍ଲକକୁ ମେଗା ପାଇ ଜଳ ଯୋଗାଣ ପ୍ରକଳ୍ପ ପାଇଁ ୧୦୦ କୋଟି, ପୁରୁଷୋତ୍ତମପୁର ବ୍ଲକରେ ଋଷିକୂଲ୍ୟା ନଦୀବନ୍ଧ ପାଇଁ ୩୦ କୋଟି ଟଙ୍କାର କାମ ଚାଲିଛି। ଦିଗପହଣ୍ଡିରେ ୫୦ କୋଟିର କାମ ଚାଲିଛି। କୁକୁଡାଖଣ୍ଡି ବ୍ଲକରେ ଜଳସେଚନ ସୁବିଧା ଓ ବ୍ରହ୍ମପୁର ସହର ଓ ଗୋପାଳପୁର ଶିଳ୍ପାଞ୍ଚଳକୁ ଜଳଯୋଗାଣ ପାଇଁ ୩୨୪ କୋଟି ଟଙ୍କା, ଛେଲିଗଡ଼ ଜଳସେଚନ ପ୍ରକଳ୍ପରେ ଭୂତଳ ପାଇ ଲାଇନ ପାଇଁ ୧୭୦ କୋଟି ଟଙ୍କା, ଜକମେରପାଲୀ ନଦୀଗର୍ଭ ଜଳାଶୟ ପ୍ରକଳ୍ପ ପାଇଁ ୫୯ କୋଟି ଟଙ୍କା ଏବଂ ଦିଗପହଣ୍ଡି ବ୍ଲକର ୨୫ଟି ଗ୍ରାମପଞ୍ଚାୟତରେ ମେଗା ।ଇ ଜଳଯୋଗାଣ ପ୍ରକଳ୍ପ ପାଇଁ ୧୬୫ କୋଟି ଟଙ୍କାର କାମ ଚାଲିଛି ବୋଲି ସେ କହିଥିଲେ। ସେହିପରି ଛତ୍ରପୁର ରେ ୪୨ କୋଟି ଟଙ୍କାର କାମ ଚାଲିଛି। କଂସାରି ଗଣ୍ଡ ବନ୍ଧ ପାଇଁ ୧୫୦ କୋଟି। ଜଗନ୍ନାଥପୁର ଷ୍ଟେସନ ଓ ବ୍ରହ୍ମପୁର ମଧ୍ୟରେ ଆରଓବି ପାଇଁ୧୦୦ କୋଟି ଟଙ୍କା। ଛତ୍ରପୁରରେ ହକି ତାଲିମ କେନ୍ଦ୍ର ପାଇଁ ୧୨ କୋଟି। ବିଜୁ ପଟ୍ଟନାୟକ ସନ୍ତରଣ କେନ୍ଦ୍ର ପାଇଁ ୩.୫୦ ଟଙ୍କା। ଛତ୍ରପୁର, ଗଞ୍ଜାମ ଓ ରଙ୍ଗେଇଲୁଣ୍ଡା ଏହି ତିନୋଟି ବ୍ଲକରେ ପାଇ ପାଣି ପାଇଁ ୩୬୦ କୋଟି ଟଙ୍କା ର କାମ ଚାଲିଛି ବୋଲି କହିଥିଲେ।

- କେଜେଏସ୍ ଆଲୁୱାଲିଆଙ୍କ କାରଖାନାରେ ବିସ୍ଫୋରଣ

## ଇଣ୍ଡକସନ ଫର୍ଣ୍ଣେସ ଫାଟି ୧୦ ଶ୍ରମିକ ଗୁରୁତର

**ଯୋଡ଼ା/ବଡ଼ବିଲ,୨।୫(ସମିସ):** କମଲଜିତ୍ ସିଂ ଆଲୁୱାଲିଆଙ୍କ ରୁଗୁଡି ଥାନା ଅନ୍ତର୍ଗତ ବରପଦାଠାରେ ଥିବା କେଜେଏସ୍ ଷ୍ଟିଲ ଏଣ୍ଡ ପାୱାର ଲିଃ ନାମକ କାରଖାନାରେ ଏକ ବଡ଼ଧରଣର ବିସ୍ଫୋରଣ ଘଟିଛି। ଗୁରୁବାର ଅପରାହ୍ଣରେ ଏହି କାରଖାନାର ଇଣ୍ଡକସନ ଫର୍ଣ୍ଣେସ ଫାଟିଯିବାରୁ ଏହି ବିସ୍ଫୋରଣ ହୋଇଥିବା ଜଣାପଡ଼ିଛି। ତେବେ ଏହି ବିସ୍ଫୋରଣରେ ତରଳ ଧାତୁ ଛିଟିକି କାର୍ଯ୍ୟରତ ୧୦ରୁ ଅଧିକ ଶ୍ରମିକ ଗୁରୁତର ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି। ମୃତକଙ୍କ ସମ୍ବନ୍ଧରେ କୌଣସି ତଥ୍ୟ ମିଳିପାରିନାହିଁ। ଏହି ଅଘଟଣରେ ବାବୁ ଦାସ, ଦେବେନ୍ଦ୍ର ବାକଲାରି, ଛବିଳ ମୁଣ୍ଡା, ଶଙ୍କର ସୁରେନ, ସୁରଜ ଭୂୟାଁ, ଚନ୍ଦନ ହେମ୍ବ୍ରମ, ଦାମକରା ବଦ୍ରା, ବିଜୟ ସିଂ, ଜୁନ ଦାସ, ବାବୁ ଦାସ ପ୍ରମୁଖ ଗୁରୁତର ଆହତ ହୋଇଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ଏମାନେ ସମସ୍ତେ ଝାଡ଼ଖଣ୍ଡ, ବିହାର, ଓଡ଼ିଶାର ବୋଲି ଜଣାପଡ଼ିଛି। ଗୁରୁତର ଶ୍ରମିକମାନଙ୍କୁ ତୁରନ୍ତ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଅଧିକ ଚିକିତ୍ସା ଲାଗି କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ତେବେ ଏହି ବିସ୍ଫୋରଣକୁ ନେଇ ଫ୍ୟାକ୍ଟ୍ରି ଏଣ୍ଡ ବ୍ରଏଲର ସୁରକ୍ଷା ବିଭାଗର ଡେପୁଟି ଡାଇରେକ୍ଟର ଉମେଶ ଚନ୍ଦ୍ର ସୂତାରଙ୍କ ସହ ଯୋଗାଯୋଗ କରିବାରୁ ସେ ଫୋନ ଗ୍ରହଣ କରିନଥିଲେ।

## କୈଳାସ ପରିଡ଼ା ବିଜେଡିରୁ ନିଲମ୍ବିତ

**ଭୁବନେଶ୍ୱର, ୨।୫(ସମିସ):** ଦଳ ବିରୋଧୀ କାର୍ଯ୍ୟ ପାଇଁ ବ୍ରହ୍ମଗିରି ନିର୍ବାଚନମଣ୍ଡଳୀ ୨୮ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ କୈଳାସ ପରିଡ଼ାଙ୍କୁ ବିଜେଡିରୁ ନିଲମ୍ବନ କରାଯାଇଛି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ଏହି କାର୍ଯ୍ୟାନୁଷ୍ଠାନ ହୋଇଥିବା ବିଜେଡି ସଂଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାଶ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି।

## ବ୍ରଜରାଜନଗର ମୁଖ୍ୟ ନିର୍ବାଚନ ସଂଯୋଜକ ହେଲେ ହୃଷୀକେଶ

**ଭୁବନେଶ୍ୱର, ୨।୫(ସମିସ):** ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ହୃଷୀକେଶ ଷଡ଼ଙ୍ଗୀଙ୍କୁ ବ୍ରଜରାଜନଗର ବିଧାନସଭା କ୍ଷେତ୍ର ପାଇଁ ମୁଖ୍ୟ ନିର୍ବାଚନ ସଂଯୋଜକ ନିଯୁକ୍ତ କରାଯାଇଛି। ସେହିପରି ଅନୁଗୁଳ ଜିଲ୍ଲା ବଣ୍ଡରପାଳ ବ୍ଲକ ନିର୍ମଳଚନ୍ଦ୍ର ସାହୁଙ୍କୁ ବିଜୁ ଜନତା ଦଳର ରାଜ୍ୟ ସମ୍ପାଦକ ଓ ସ୍ୱର୍ଣ୍ଣପ୍ରକାଶ ରାଉତରାୟଙ୍କୁ ନୟାଗଡ଼ ଜିଲ୍ଲା ବିଜେଡିର କାର୍ଯ୍ୟକାରୀ ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଅନୁରୂପ ଭାବେ ଖଲିକୋଟ ବିଧାନସଭା କ୍ଷେତ୍ର ପାଇଁ ଡ. ସକେଥଙ୍କୁ ବିଜେଡିର ପ୍ରଚାର କମିଟି ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଭାବେ ବିଜୟ ସ୍ୱାଇଁ ଓ ଅମୀୟ ଦାସ ଏବଂ ସୁବାସ ରାଉତଙ୍କୁ ରାଜ୍ୟ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି।

## ସିବିଏସ୍‌ଇ ରେଜଲ୍ଟ ପ୍ରକାଶ ନେଇ ମିଛ ବିଜ୍ଞପ୍ତି ଭାଇରାଲ୍

**ଭୁବନେଶ୍ୱର, ୨।୫(ସମିସ):** ଦଶମ ଓ ଦ୍ୱାଦଶ ପରୀକ୍ଷା ଶେଷ ହୋଇଥିବାବେଳେ ପରୀକ୍ଷାଫଳକୁ ଛାତ୍ରଛାତ୍ରୀ ଅପେକ୍ଷା କରିଛନ୍ତି। ଏହି ସମୟରେ ଫଳ ପ୍ରକାଶନକୁ ନେଇ ବିଭିନ୍ନ ବିଭ୍ରାନ୍ତିକର ବିଜ୍ଞପ୍ତି ଭାଇରାଲ୍ ହେଉଛି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ(ସିବିଏସ୍‌ଇ) ଦଶମ ପରୀକ୍ଷା ଫଳ ପ୍ରକାଶନକୁ ନେଇ ଏକ ବିଜ୍ଞପ୍ତି ସାମାଜିକ ଗଣମାଧ୍ୟମରେ ଘୂରି ବୁଲୁଛି। ପରୀକ୍ଷା ନିୟନ୍ତ୍ରକଙ୍କ ଦସ୍ତଖତ ଥିବାରୁ ଲୋକମାନେ ଏହାକୁ ବହୁମାତ୍ରାରେ ସେୟାର ମଧ୍ୟ କରୁଛନ୍ତି। ଭାଇରାଲ ବିଜ୍ଞପ୍ତିରେ ମେ ୧ ତାରିଖ ଦିନ ୧ଟାରୁ ୩ଟା ମଧ୍ୟରେ ରେଜଲ୍ଟ ପ୍ରକାଶ ପାଇବ ବୋଲି ଦର୍ଶାଯାଇଛି। ଏହାସହ ରେଜଲ୍ଟ ଦେଖିବାର ସୋପାନ ମଧ୍ୟ ଉଲ୍ଲେଖ ରହିଛି। ଏହି ବିଜ୍ଞପ୍ତି ବୋର୍ଡ ନଜରକୁ ଆସିବା ପରେ ଏହାକୁ ଫେକ୍ ବା ମିଥ୍ୟା ବୋଲି ଦର୍ଶାଯାଇଛି। ଏପରି କୌଣସି ବିଭ୍ରାନ୍ତିକର ବିଜ୍ଞପ୍ତିକୁ ବିଶ୍ୱାସ ନ କରିବାକୁ ନିଜ ଅଫିସିଆଲ୍ ‘ଏକ୍ସ’ ହ୍ୟାଣ୍ଡେଲ୍‌ରେ ସଚେତନ କରାଯାଇଛି।





ପ୍ରେସ ସ୍ୱାଧୀନତାର ବାସ୍ତବ ଅର୍ଥ ହେଲା - ସମାଲୋଚନା ଓ ବିରୋଧ କରିବାର ଅଧିକାର
-ଜର୍ଜ ଅରୱେଲ୍


ସକାଳ
THE SAKALA


# ନିର୍ବାଚନରେ ମହିଳାଙ୍କ ନାମାଙ୍କନକୁ ଅଗ୍ରାଧିକାର

ଏବେ ଦେଶସାରା ଗଣତନ୍ତ୍ର ନିର୍ବାଚନୀ ମେଳାର ଗହଳି। ମୋଟ ସାତ ପର୍ଯ୍ୟାୟ ଭୋଟରୁ ଦୁଇଟି ପର୍ଯ୍ୟାୟ ସରିଛି, ଆଉ ପାଞ୍ଚଟି ବାକି। ପ୍ରଥମ ଦୁଇ ପର୍ଯ୍ୟାୟରେ ମତଦାନ ହାର ଆଶାନୁରୂପ ହୋଇନାହିଁ ବୋଲି ସମୀକ୍ଷକମାନଙ୍କ ମତ। ୨୦୧୯ ସାଧାରଣ ନିର୍ବାଚନରେ ମୋଟ ମତଦାନ ହାର ଥିଲା ୬୭.୪%। ୨୦୨୪ ସାଧାରଣ ନିର୍ବାଚନର ଏ ପର୍ଯ୍ୟନ୍ତ ସମାପ୍ତ ହୋଇଥିବା ଦୁଇ ପର୍ଯ୍ୟାୟ ନିର୍ବାଚନରେ ମତଦାନ ହାର ରହିଛି ପ୍ରାୟ ୬୬.୪୨%। ଅବଶ୍ୟ ଏ ପର୍ଯ୍ୟନ୍ତ ନିର୍ବାଚନ ଆୟୋଗ ଦ୍ୱାରା ମହିଳା ଓ ପୁରୁଷ ମତଦାତାଙ୍କ ସଂଖ୍ୟା ଘୋଷଣା କରାଯାଇନାହିଁ। ନିର୍ବାଚନର ଆବହାୱା ସରଗରମ ଥିବା ସାଙ୍ଗକୁ ଏଥର ସାରା ଦେଶରେ ଓ ଖାସ୍ କରି ଓଡ଼ିଶାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି। ଏହା ମଧ୍ୟ ମୋଟ ମତଦାନ ହାରକୁ ପ୍ରଭାବିତ କରୁଛି। ଦେଖିବାକୁ ଗଲେ ସାରା ଦେଶରେ ମହିଳା ଭୋଟରଙ୍କ ସଂଖ୍ୟା ପ୍ରାୟ ଅଧାଅଧି। ଅବଶ୍ୟ କେତେକ ରାଜ୍ୟରେ ମହିଳା ଭୋଟଦାତାଙ୍କ ସଂଖ୍ୟା ପୁରୁଷଙ୍କଠାରୁ ଅଧିକ। ଦୂରଦୂରାନ୍ତରେ ଓ ଗ୍ରାମାଞ୍ଚଳରେ ତଥା ସହରାଞ୍ଚଳରେ ଗରିବ ଶ୍ରେଣୀମାନଙ୍କ ମଧ୍ୟରେ ମହିଳା ଭୋଟରମାନେ ସାଧାରଣତଃ ଅଧିକ ଉତ୍ସାହରେ ପରିବାର ବର୍ଗଙ୍କୁ ନେଇ ଭୋଟପର୍ବରେ ଯୋଗଦାନ ଦେଇଥା'ନ୍ତି। ସେହିଦୃଷ୍ଟିରୁ ମହିଳା ଭୋଟରମାନଙ୍କର ନିର୍ବାଚନୀ ସକ୍ରିୟତା ଆମ ନିର୍ବାଚନ ସମୀକ୍ଷାର ଏକ ବହୁତ ବଡ଼ ଅଙ୍ଗ। ଆପଣମାନେ ଲକ୍ଷ୍ୟ କରିଥିବେ ପ୍ରତ୍ୟେକ ପ୍ରଧାନ ରାଜନୈତିକ ଦଳଗୁଡ଼ିକ ମହିଳା ସମ୍ମାନ, ମହିଳା ନ୍ୟାୟ, ମହିଳା ସଶକ୍ତୀକରଣ, ମହିଳା ଶିକ୍ଷା ଓ ମହିଳାଙ୍କୁ ସୁରକ୍ଷା ଆଦି ଆନୁଷଙ୍ଗିକ ବିଷୟରେ ସବୁବେଳେ ନିଜଦଳର ରଣନୀତି ଓ କାର୍ଯ୍ୟକ୍ରମକୁ ଅଗ୍ରାଧିକାର ଦେବା ପାଇଁ ଚେଷ୍ଟା କରିଥା'ନ୍ତି। କେନ୍ଦ୍ର ସରକାରଙ୍କ 'ବେଟି ପଢ଼ାଅ, ବେଟି ବଚାଅ' ସ୍ଲୋଗାନ୍ ଓ ଓଡ଼ିଶାର ବହୁ ପ୍ରଶଂସିତ 'ମିଶନ୍ ଶକ୍ତି' ଅଭିଯାନ ଯେ ମହିଳା ମତଦାତାମାନଙ୍କୁ ଆକର୍ଷଣ କରିବ ଏଥିରେ ସନ୍ଦେହ ନାହିଁ।

ମୋଟ ଉପରେ କହିବାକୁ ଗଲେ ଗଣତାନ୍ତ୍ରିକ ଜନାଦେଶରେ ମହିଳା ଅସ୍ମିତା, ମହିଳା ଅଧିକାର ଓ ମହିଳା ସୁରକ୍ଷା ଆଦି ବିଷୟର ବହୁତ ଗୁରୁତ୍ୱପୂର୍ଣ୍ଣ ଭାଗିଦାରୀ ରହିଥାଏ। ଆଧୁନିକ ରାଷ୍ଟ୍ରନୀତିରେ ମହିଳାଙ୍କ ଯୋଗଦାନର ଗୁଣାତ୍ମକ ପରିବର୍ତ୍ତନ ଘଟିଛି। ମହିଳା ଶିକ୍ଷାର ପ୍ରସାର, ମହିଳାଙ୍କର ଆର୍ଥିକ ସୁଧାର ଓ ଅନ୍ୟାନ୍ୟ ସଶକ୍ତୀକରଣ ଉପାଦାନ ମାଧ୍ୟମରେ ମହିଳା ବିକାଶ ଓ ମହିଳା ନ୍ୟାୟ ରାଷ୍ଟ୍ରନୀତିର ଏକ ପ୍ରଧାନ ଅଙ୍ଗ ହୋଇ ଉଭା ହୋଇଛି। ପଚାଶ ବର୍ଷ ତଳେ ମହିଳାଙ୍କ ବିକାଶ ପାଇଁ ଥିବା ନୀତିର ପରିବର୍ତ୍ତନ ଘଟି ମହିଳାଙ୍କୁ ସାଙ୍ଗରେ ନେଇ ବିକାଶ ରଣନୀତିରେ ରୂପାନ୍ତରିତ ହୋଇଥିଲା। ପରେ ଏହା କେବଳ ସମାବେଶୀ ବିକାଶ ନ ହୋଇ ଅଧିକରୁ ଅଧିକ ମହିଳାଙ୍କ ନେତୃତ୍ୱର ବିକାଶ କାର୍ଯ୍ୟକ୍ରମର ଢାଞ୍ଚା ଲାଗୁ କରାଗଲା। ଅବଶ୍ୟ ସାମାଜିକ ବିବର୍ତ୍ତନରେ ଅଧିକ ସଂଖ୍ୟକ ଶିକ୍ଷିତ ଓ ରୋଜଗାରୀ ମହିଳା ସାଧାରଣ ଜୀବନରେ ଯୋଗଦାନ ଦେବା ଫଳରେ ଲିଙ୍ଗଗତ ଅନ୍ୟାୟ ଓ ହିଂସାର ଘଟଣା ସାମ୍ନାକୁ ଆସିଲା। ସ୍ୱାଭାବିକ ଭାବେ ଏ ସବୁ ଅନ୍ୟାୟ ଓ ହିଂସା ରାଜନୈତିକ ଓ ନିର୍ବାଚନୀ ବିତର୍କର ରୂପ ଧାରଣ କଲା। ନିର୍ବାଚନୀ ଋତୁରେ, ସମ୍ପ୍ରତି ଡିଜିଟାଲ୍ ସାମାଜିକ ଗଣମାଧ୍ୟମର ବିସ୍ତୃତ କର୍ମକ୍ଷେତ୍ରରେ ଲିଙ୍ଗ ଅସମାନତା, ଅନ୍ୟାୟ ଓ ହିଂସା ଆଦି ପ୍ରତ୍ୟେକ ଘଟଣାଗୁଡ଼ିକ ତତ୍‌କ୍ଷଣାତ ବହୁଭାବରେ ବିସ୍ତାରିତ ହୋଇ ବହୁଳ ଭାବରେ ପ୍ରସାରିତ ହେବାରେ ଲାଗିଲା ଏବଂ ଜନମତର ମୁଖ୍ୟଧାରାକୁ ପ୍ରଭାବିତ କଲା। ଏଇ ନିକଟରେ ନଜରକୁ ଆସିଥିବା କର୍ଣ୍ଣାଟକର ଜଣେ ତୁଙ୍ଗ ବିରୋଧୀ ନେତା ଓ ସଂସଦ ସଦସ୍ୟଙ୍କ କେଳେଙ୍କାରୀ କଥା ନିଆଯାଉ। ଉକ୍ତ ରାଜନେତା ଗତ କେତେବର୍ଷ ଧରି ପାରିବାରିକ, ଦଳୀୟ ତଥା ଅନ୍ୟତ୍ର ଅସଂଖ୍ୟ ମହିଳାଙ୍କୁ ଯୌନ ଉତ୍ପୀଡ଼ନ କରିଥିବା ପ୍ରାୟ ତିନିହଜାର ଭିଡିଓ ଚିତ୍ର ଗଣମାଧ୍ୟମରେ ପ୍ରସାରିତ ହେଉଛି। ନେତାଜଣକ ହଠାତ୍ ଭାରତ ଛାଡ଼ି ଜର୍ମାନୀ ପଳାଇଛନ୍ତି ଏବଂ ଭାରତୀୟ ଅଦାଲତରେ ଆଗୁଆ ଜାମିନ୍ ପାଇଁ ଆବେଦନ କରିଛନ୍ତି। ଘଟଣାଟିତ ନିଶ୍ଚୟ ନିନ୍ଦନୀୟ ଓ ଦଣ୍ଡନୀୟ। କିନ୍ତୁ ଆମେ ଲକ୍ଷ୍ୟ କରୁଛୁ ଯେ ସମସ୍ତ ମୁଖ୍ୟ ରାଜନୈତିକ ଦଳ ନିର୍ବାଚନ ପ୍ରଚାରରେ ଏହି ଘଟଣାକୁ ଏକ ସର୍ବୋଚ୍ଚ ପ୍ରସଙ୍ଗ କରି ରଖିଛନ୍ତି। ଗଣମାଧ୍ୟମରେ ଏ ବିଷୟରେ ଲଗାତାର ଆଲୋଚନା, ବିତର୍କମାନ ଚାଲୁ ରହିଛି। ରାଷ୍ଟ୍ରୀୟ ତଥା ପ୍ରାଦେଶିକ ତୁଙ୍ଗ ରାଜନେତାମାନେ ଏହି ଘଟଣାକୁ ନେଇ ଅସୁନ୍ଦର ଆପତ୍ତିଜନକ ଟିପ୍ପଣୀ ମଧ୍ୟ କରୁଛନ୍ତି। ବିଗତ ପାଞ୍ଚ/ସାତ ବର୍ଷରେ ଏଭଳି ଯେତେ ଘଟଣା ଘଟିଥିଲା ସେଗୁଡ଼ିକ ନିଜ ଦଳର ପକ୍ଷକୁ ସୁହାଇବା ଭଳି ସାଧାରଣ ସଭା ଆଦିରେ ସେଗୁଡ଼ିକର ଉଲ୍ଲେଖ କରି ପରସ୍ପରକୁ କାଦୁଅ ଫିଙ୍ଗାଫିଙ୍ଗି ହେଉଛନ୍ତି।

ସମ୍ପ୍ରତି ଭାରତୀୟ ସମାଜରେ ମହିଳାମାନଙ୍କ ପ୍ରତି ହିଂସା ଓ ଅସଦାଚରଣର ଘଟଣା ଯେ ବୃଦ୍ଧି ପାଇଛି ଏଥିରେ ସନ୍ଦେହ ନାହିଁ। ଏ ପର୍ଯ୍ୟନ୍ତ ଆମ ଦେଶରେ ପୁରୁଷପ୍ରଧାନ ମାନସିକତା ସ୍ପଷ୍ଟ ଭାବେ ଜୀବିତ ରହିଛି। ସ୍ଥଳବିଶେଷରେ ସୁଦୂର ଆଦିବାସୀ ପଲ୍ଲୀର ଗରିବ ମହିଳା ହେଉ ବା ଜୀବନ ଜୀବିକା ପାଇଁ କାମ କରୁଥିବା କର୍ମଜୀବୀ ମହିଳାମାନଙ୍କ ପ୍ରତି ଆକ୍ରମଣ ହେଉ, ଅଥବା ସମାଜର ତଥାକଥିତ ସମ୍ଭ୍ରାନ୍ତ ଶ୍ରେଣୀର ମା'ଭଉଣୀମାନଙ୍କ ଉପରେ ଅସଦାଚରଣର ଘଟଣା ହେଉ, ମହିଳା ସଶକ୍ତୀକରଣ ଓ ମହିଳା ବିକାଶର ଦ୍ୱାହି ଦେଉଥିବା ରାଜନୈତିକ ଓ ପ୍ରଶାସନିକ ସୁରକ୍ଷା ଯେ ମହିଳାଙ୍କ ପ୍ରତି ଯଥେଷ୍ଟ ନ୍ୟାୟ ଦେଇପାରୁନାହିଁ, ଏହା ସ୍ପଷ୍ଟ ହେଉଛି। ଘୃଣ୍ୟ ଯୌତୁକ ପ୍ରଥା ହେଉ ବା ପାରିବାରିକ ହିଂସା ଅଥବା ଶ୍ରମନିଯୁକ୍ତିରେ ପାତରଅନ୍ତର ନିଶ୍ଚୟ ମହିଳାଙ୍କ ଅଗ୍ରଗତି ମାର୍ଗରେ ବାଧା ସୃଷ୍ଟି କରୁଛି। ତେବେ ନିର୍ବାଚନ ସମୟରେ ଅନ୍ୟାନ୍ୟ ପ୍ରସଙ୍ଗ ତୁଳନାରେ ମହିଳା ଅଧିକାର ପ୍ରସଙ୍ଗକୁ ନିଶ୍ଚିତ ଭାବେ ରାଜନୈତିକ ବିମର୍ଶରେ ଅଗ୍ରାଧିକାର ଦିଆଯାଉଛି। ଏଥିରୁ କ'ଣ ବିଶେଷ ଫାଇଦା ମିଳୁଛି ସେ କଥା ଅଲଗା। କିନ୍ତୁ 'ବଚନେକା ଦରିଦ୍ରତା' ଏହି ନ୍ୟାୟରେ ମୁଖ୍ୟ ରାଜନୈତିକ ଦଳଗୁଡ଼ିକ ଏହି ପ୍ରସଙ୍ଗକୁ ଉଠାଇ କେବଳ ମହିଳା ଭୋଟ ହାତେଇବା ପାଇଁ ଚେଷ୍ଟା କରୁଥିବା ଭଳି ମନେହୁଏ। ଜନାଦେଶ ହାସଲ କରି ଦେଶ ଓ ରାଜ୍ୟ ଶାସନ ଭାରଗ୍ରହଣ କଲା ପରେ ଶାସକ ଦଳର ନେତୃବର୍ଗ ପ୍ରଶାସନରେ ଯଦି ମହଳା ନ୍ୟାୟ ସମ୍ପର୍କିତ ଉଚିତ ସଂଶୋଧନ ଆଣିପାରନ୍ତେ ତା' ହେଲେ ଯାଇ କିଛି ଲାଭ ମିଳନ୍ତା। ନ ହେଲେ 'ନିର୍ଭୟା'ର ଆତ୍ମବଳୀ ପରେ 'ନିର୍ଭୟା ଯୁଗ'ର ଏବେ ମଧ୍ୟ ବିଳୟ ହୋଇନାହିଁ।

ଏହି ପୃଷ୍ଠଭୂମିରେ ଏନ୍‌ଡିଏ ଶାସନ କାଳରେ 'ମହିଳା ବନ୍ଦନ ଅଧିନିୟମ' ପାରିତ କରି ସଂସଦ ଓ ବିଧାନସଭାରେ ମହିଳା ପ୍ରତିନିଧିଙ୍କ ପାଇଁ ୩୩% ସଂରକ୍ଷଣର ଘୋଷଣା ଏକ ବହୁ ଅପେକ୍ଷିତ ପଦକ୍ଷେପ। କିନ୍ତୁ ଏହାର ସୁଫଳ ପାଇବା ନିମନ୍ତେ ପ୍ରଥମେ ଦେଶସାରା ଜନଗଣନା ସମ୍ପୂର୍ଣ୍ଣ ହେବା ତଥା ନିର୍ବାଚନୀ ମଣ୍ଡଳୀମାନଙ୍କର ପୁନର୍ଗଠନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ ମହିଳାମାନଙ୍କୁ ଅପେକ୍ଷା କରିବାକୁ ପଡ଼ିବ। ଏବେ ପ୍ରଶ୍ନ ଉଠୁଛି କେବଳ ଏକ-ତୃତୀୟାଂଶ କାହିଁକି, ପଚାଶ ପ୍ରତିଶତ ସଂରକ୍ଷଣ କାହିଁକି ନୁହେଁ? ହୁଏତ ଆଗକୁ ଭାରତୀୟ ମହିଳା ନେତ୍ରୀଗଣ ଦେଶ ପାଇଁ ଆଗଭର ହୋଇ ସକ୍ରିୟ ଯୋଗଦାନ ଦେଲେ ପଚାଶ ପ୍ରତିଶତ ଆସନ ସଂରକ୍ଷଣ ଲକ୍ଷ୍ୟ ହାସଲ ହେବ। ସୁଖର କଥା, ଯଦିବା ସଂସଦ ଓ ବିଧାନସଭାରେ ୩୩% ମହିଳା ଆସନ ସଂରକ୍ଷଣ ଏବେ ଲାଗୁ କରାଯାଇନାହିଁ ତେବେ ଓଡ଼ିଶାର ଶାସକ ଦଳ ଗତ ୨୦୧୯ ଲୋକସଭା ନିର୍ବାଚନ ଭଳି ଏଥର ମଧ୍ୟ ୨୦୨୪ ଲୋକସଭା ନିର୍ବାଚନରେ ଏକ-ତୃତୀୟାଂଶ ମହିଳା ପ୍ରତିନିଧିଙ୍କୁ ଦଳୀୟ ଟିକଟ ଦେଇଛନ୍ତି। ଏହା ତୁଳନାରେ ଅନ୍ୟମୁଖ୍ୟ ଦଳମାନେ ବହୁ ପଛରେ ଅଛନ୍ତି। ସେହିଭଳି ରାଜ୍ୟ ବିଧାନସଭା ନିର୍ବାଚନ ପାଇଁ ମଧ୍ୟ ବିଜେଡି ଦଳ ପକ୍ଷରୁ ପ୍ରାୟ ଏକ-ଚତୁର୍ଥାଂଶ ମହିଳାଙ୍କୁ ପ୍ରାର୍ଥୀ କରାଯାଇଛି ଏବଂ ଅନ୍ୟପକ୍ଷରେ ଏ କ୍ଷେତ୍ରରେ ମଧ୍ୟ ଅନ୍ୟ ମୁଖ୍ୟ ଦଳମାନେ ପଛରେ ରହିଛନ୍ତି। ନାମାଙ୍କନ ସ୍ତରରେ ମହିଳାଙ୍କ ଦଳୀୟ ଅଗ୍ରାଧିକାର ଦେବା ମହିଳା ନେତ୍ରୀମାନଙ୍କୁ ପ୍ରତିଦ୍ୱନ୍ଦ୍ୱିତା ପାଇଁ ନିଶ୍ଚୟ ଅଧିକ ପ୍ରୋତ୍ସାହନ ମିଳିବ ଏବଂ ସେମାନେ ନିଜ ଶକ୍ତିରେ ନିର୍ବାଚନରେ ଜୟଲାଭ ପାଇଁ ସଫଳ ପ୍ରତିଦ୍ୱନ୍ଦ୍ୱିତା କରିପାରିବେ। ଆମର ପଞ୍ଚାୟତ ତଥା ସ୍ୱାୟତ୍ତ ଶାସନ ସ୍ତରରେ ସାରା ଦେଶରେ ପ୍ରାୟ ୧୦ ଲକ୍ଷ ମହିଳା ପ୍ରତିନିଧି ସମ୍ପ୍ରତି ସାମ୍ବିଧାନିକ ପ୍ରଶାସନରେ ଦକ୍ଷତା ପ୍ରତିପାଦନ କରି ଆସୁଛନ୍ତି। ବିଧାନସଭା ଓ ସଂସଦ ସ୍ତରରେ ମଧ୍ୟ ମହିଳାଙ୍କ ପାଇଁ ଆଇନ ଦ୍ୱାରା ସଂରକ୍ଷିତ ପ୍ରତିନିଧିତ୍ୱ ଆଧୁନିକ ଭାରତର ବିକାଶ ଯାତ୍ରାରେ ନୂତନ ଅଧ୍ୟାୟ ରୂପାୟିତ ହେବ।


ଘୋଷଣା

ଦୈନିକ **'ସକାଳ'** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।



ଲେଖା ଓ ଲୋକମତ ପାଇଁ: sakalaeditorial@gmail.com


# 'ଦାଦନ' ଶ୍ରମିକଙ୍କ ସ୍ୱାଭିମାନ




ସିତାଂଶୁ ଶେଖର ମିଶ୍ର
ସୋନପୁର, ମୋ: ୮୧୪୪୮ ୭୦୭୨୯


କାହା ପାଇଁ 'ଦାଦନ' କେବଳ ହୁଏତ ତିନିଅକ୍ଷର ବିଶିଷ୍ଟ ଶବ୍ଦଟିଏ। କିନ୍ତୁ ଏହା ଭିତରେ ଲୁଚି ରହିଛି ଜୀବନ ସଂଘର୍ଷର ଅନେକ କାହାଣୀ। ସେହିପରି ଯାହା ପାଇଁ ଏହି ଶବ୍ଦଟି ବ୍ୟବହୃତ ହୁଏ, ତା' ପାଖରେ ସମୟ ନଥାଏ ଏହି ଶବ୍ଦଟିର ତର୍ଜମା କରିବା ପାଇଁ। ସମାଜର ବଡ଼ପଣ୍ଡାମାନେ ଏହାକୁ ନେଇ ସ୍ୱାଧୀନତାର ସାତଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ରାଜନୀତି କରି ଆସୁଛନ୍ତି। ଚାରୋଟି ଅକ୍ଷରରେ ସମାହିତ 'ପରିବାର' ର ବୋଝକୁ ମୁଣ୍ଡାଇ ନେବା ପାଇଁ ବିଚରା ବ୍ୟକ୍ତିଟି ଯେଉଁ କର୍ମପନ୍ଥା ବାଧ୍ୟବାଧକତାରେ ଆପଣେଇ ନିଏ, ତାହା ହିଁ ତାକୁ ପରବର୍ତ୍ତୀ ସମୟରେ 'ଦାଦନ'ର ଆଖ୍ୟା ଦିଏ।

ସେହି ଦାଦନ ପରିବାରରେ ଜନ୍ମ ନେଉଥିବା ନୂଆ ସଦସ୍ୟର 'ଶୈଶବ'ରୁ ହିଁ ଆରମ୍ଭ ହୋଇଥାଏ ଯନ୍ତ୍ରଣାଜର୍ଜରିତ ଜୀବନ। ମଣିଷ ଜନ୍ମ ସବୁଠାରୁ ଶ୍ରେଷ୍ଠ ଜନ୍ମ ବୋଲି କୁହାଯାଏ। ହେଲେ ଶିଶୁଟିଏ ଏହାର ମୂଲ୍ୟ ବୁଝେନା। ସେ କେବଳ ବୁଝେ ଭୋକର ଭାଷା। ତା' ମା' ସେତେବେଳେ ବିଲରେ କି କୋଉଠି ଗୋଟି ଶ୍ରମିକ ଭାବରେ କାମ କରୁଥାଏ। ପିଲାର କାନ୍ଦ ଶୁଣି ବ୍ୟସ୍ତବିବ୍ରତ ହୋଇପଡ଼େ। ପାଖରେ କିନ୍ତୁ ସମ୍ବଳ ନ ଥାଏ ଶିଶୁର ଭୋକ ମେଣ୍ଟାଇବା ପାଇଁ ସାମର୍ଥ୍ୟ। ସେହି କିଟି କିଟି ମଇଳା ଝାଳୁଆ ବକ୍ଷରୁ କ୍ଷୀର ଦେଇ ଭୋକ ମେଣ୍ଟାଇବାକୁ ବାଧ୍ୟ ହୋଇଥାଏ। ଅବୋଧ ଶିଶୁ ମଧ୍ୟ ଏତକ ପାଇଲା ପରେ ଶାନ୍ତ ପଡ଼ିଥାଏ। ଏକ ଲୟରେ ଚାହିଁ ରହିଥାଏ ମା'କୁ। ମା'ର ଟିକିଏ କୋମଳ ପରଶକୁ ଧରି ରଖିବା ପାଇଁ ଚେଷ୍ଟା କରେ। କିନ୍ତୁ ମା' ଟିକିଏ ଆକଟ କରି ତାକୁ ସେହିଠାରେ ଛାଡ଼ି ପୁଣି ବାହୁଡ଼ି ଯିବାକୁ ହୁଏ କର୍ମକ୍ଷେତ୍ରକୁ। ଏହା ହେଉଛି ସ୍ୱାଧୀନତାର ସାତ ଦଶନ୍ଧି ପରର ନଗ୍ନ କରୁଣ ଚିତ୍ର।

ସମାଜର ବଡ଼ପଣ୍ଡାମାନେ କିନ୍ତୁ ଏଭଳି କଥାକୁ ଅସ୍ୱୀକାର କରନ୍ତି। ଯୋଜନା ସବୁ ପ୍ରଣୟନ ହୋଇଥାଏ ଶୀତତାପ କୋଠରି ମଧ୍ୟରେ। ଜାଣିପାରି ନଥା'ନ୍ତି ବାହାରର ପ୍ରକୃତ ରୋମମନ୍ଥନର ଦାରୁଣ କରୁଣ ଛବି। ଯୋଜନା କରି ବାହା ବାହା ନିଅନ୍ତି। ରାଜକୋଷ ଖାଲି ହେଇ ଯାଉ ପଛକେ ନିଜର ବଡ଼ପଣିଆର ଛବି ପ୍ରଚାର ପ୍ରସାର ହେଉ। ଅପରପକ୍ଷରେ ବାସ୍ତବିକ ଚିତ୍ରକୁ ନେଇ ଜୀବନ ଜିଉଁଥିବା ମଣିଷ ବୁଝିପାରେ ନାହିଁ ତା'ପାଇଁ ଆସୁଥିବା ଯୋଜନା ବିଷୟରେ। ଦାରିଦ୍ର୍ୟର କଷଟି ପଥରେ ପେସି ହେଉଥିବା ମଣିଷ ଭାବି ନେଇଥାଏ ସମାଜରେ ଭଲ ଘରଦ୍ୱାର କରିଥିବା ମଣିଷ ପାଖରେ ଏକ ସୁନ୍ଦର ହୃଦୟ ରହିଥିବ। ସେ ଆମର ଦୈନନ୍ଦିନ ଜିଇଁବା ପାଖରେ ପାଖରେ ରହି ଆମର ଦୈନନ୍ଦିନ ଜୀବନରେ କାର୍ଯ୍ୟରେ ଆସୁଥିବେ। ସେ ହିଁ ଦାରିଦ୍ର୍ୟ ଭିତରେ ଜିଉଁଥିବା ମଣିଷକୁ କହି ଚାଲୁଥିବେ ନେଇଯା' କିଛି ତୋ ପେଟରେ ରହିଥିବା ଜ୍ୱାଳାକୁ ମେଣ୍ଟାଇବା ପାଇଁ। ଆଉ ଏହା କହି ଦେଇଥାଏ ବଳକା ଖାଦ୍ୟ ଓ କିଛି ଚିରା ଫଟା ପୁରୁଣା ଲୁଗା। ଏହି ଛଳନା ଜାଣି ନ ପାରି ଗରିବ ଲୋକଟି ଦାତାର 'ଜୟଜୟକାର' କରିଥାଏ। ଜାଣିପାରିନଥାଏ ଯେ ଏମାନଙ୍କ ପାଇଁ ହିଁ ତାହାର ଭାଗ୍ୟର ପରିବର୍ତ୍ତନ ଆସୁନାହିଁ। ତାଙ୍କ ସକାଶେ ଆସୁଥିବା ଯୋଜନାକୁ ଏହି ବଡ଼ପଣ୍ଡାମାନେ ତଞ୍ଚକତା



ପାଇଁ ଆବଶ୍ୟକତା ପୂରଣ କରିବ। ସେ ଭାବି ନେଇ ଥାଏ ଭଗବାନଙ୍କ କାରଣରୁ ମୋତେ ଏହିଭଳିଆ ଜନ୍ମ ମିଳିଛି। ଯେଉଁମାନେ ସମାଜରେ ଭଲ ଭାବରେ ରହିଛନ୍ତି ତାଙ୍କ ପାଇଁ ଭଗବାନଙ୍କ କରୁଣା ରହିଛି। ସେଥିପାଇଁ ଭଲ ଭାବରେ ଜୀବନ ଅତିବାହିତ କରୁଥିବା ମଣିଷକୁ ଭଗବାନ ବୋଲି ବିଶ୍ୱାସ କରିନେଇଥାଏ।

ଖଟିଖିଆଟିଏ କିନ୍ତୁ ଜାଣି ପାରୁନଥାଏ ଯାହାକୁ ସେ ଏତିକି ବିଶ୍ୱାସ କରୁଛି, ତାହା ହେଉଛି ତାହାର ବାହାର ଛବି। ଦାରିଦ୍ର୍ୟର ପେସି ହେଉଥିବା ମଣିଷକୁ ଦେଖି ସେ ଖୁସି ବ୍ୟକ୍ତ କରିଥାଏ। ସେ ସବୁବେଳେ ଭାବୁଥାଏ ଏମାନେ ଏହିଭଳିଆ ରହିଥାନ୍ତୁ। ଯ'ଦ୍ୱାରା ଆମ ପାଇଁ ଏମାନେ ସବୁବେଳେ ସବୁ ସମୟରେ କରି ନେଉଛନ୍ତି। ବାଧ୍ୟ କରୁଛନ୍ତି ତାଙ୍କ ପାଖରେ ହାତ ପତେଇବା ପାଇଁ।

ରାଜାରାଜୁଡା ଶାସନକୁ ବିରୋଧ କରି କରି ୧୯୪୭ରେ ଜନ୍ମ ନେଲା ନୂଆ ଶାସନ। ନିଜେ ନିଜର ଶାସନ କରିବା। ରାଜା ମହାରାଜାଙ୍କ ଅତ୍ୟାଚାର ରହିବ ନାହିଁ। ସମସ୍ତେ ବାଛବିଚାର ରହିତ ଏକ ସୁନ୍ଦର ସମାଜରେ ବଞ୍ଚିବା। ଏହି ଚିତ୍ରକୁ ସେତେବେଳେ ନେତୃତ୍ୱ ନେଉଥିବା ସମାଜର ପୁରଧାମାନେ ଜନସାଧାରଣଙ୍କ ମନରେ ଏକ ସୁନ୍ଦର ଛବି ଆଙ୍କିଥିବା ମନେହୁଏ। ହେଲେ ବାସ୍ତବିକତାକୁ ଦେଖିଲେ ବୁଝପଡ଼େ ସତେଯେମିତି ଏବେ ମଧ୍ୟ ସମାଜର ଅର୍ଦ୍ଧାଧିକ ଲୋକମାନେ ମରୁଭୂମିରେ ଜଳର ଭ୍ରମ ସୃଷ୍ଟି କରୁଥିବା ମରିଚୀକା ପଛରେ ଗୋଡ଼ାଉଛନ୍ତି।

ସମାଜରେ ବଞ୍ଚିବା ପାଇଁ ସଂଘର୍ଷ କରୁଥିବା ମଣିଷ ଯେତେବେଳେ କିଛି ଭଲ ସ୍ୱପ୍ନ ଦେଖି ଜୀବନ କାହାଣୀକୁ ନୂଆ କରି ଲେଖିବାକୁ ଚେଷ୍ଟା କରେ ସେତେବେଳେ ଏହି ସମାଜର ପ୍ରତିଷ୍ଠିତ ଜ୍ଞାନୀ, ମାନୀ, ବୁଦ୍ଧିମାନ ବୋଲାଉଥିବା ବଡ଼ପଣ୍ଡା ଗଣଙ୍କ ମୁହଁରୁ ଜାତ ହୋଇଥାଏ ଶବ୍ଦ 'ଦାଦନ'। ତାଙ୍କ ବହାପିଆ କଥା, ତାଙ୍କ ବାଟ ଦାଣ୍ଡରେ ହାତ ପତାଇବା ତଥା ତାଙ୍କର ଗୁଣ କୀର୍ତ୍ତନ କରିବାର ଲୋକଙ୍କ ଅଭାବ ଜନିତ କଷ୍ଟକୁ ସହି ନ ପାରି ବିବ୍ରତ ହୋଇପଡ଼ିଥିବା ବଡ଼ପଣ୍ଡାଙ୍କ ଦ୍ୱାରା ଏହି ଶବ୍ଦର ସୃଷ୍ଟି। 'ଦାଦନ' ଅର୍ଥକୁ କଦର୍ଥ କରାନଯାଇ ପ୍ରକୃତରେ ସମାଜର ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ନିମନ୍ତେ ସୁଚିନ୍ତିତ ଯୋଜନା ପ୍ରଣୟନ ଉପରେ ସର୍ବାଧିକ ଗୁରୁତ୍ୱ ରହିଲେ ଏହିଭଳିଆ ଶବ୍ଦ ଆଉ ଦେଖିବାକୁ ମିଳନ୍ତା ନାହିଁ।

ଅତଏବ ଯୋଜନା ରୂପାୟନ ସମୟରେ ସମ୍ପୃକ୍ତ ଅଞ୍ଚଳର ଭୌଗୋଳିକ ଅବସ୍ଥିତି ଅନୁଯାୟୀ ଫଳପ୍ରଦ ଯୋଜନା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ନିଜର ଦକ୍ଷତା, ଯୋଗ୍ୟତା, ସାମର୍ଥ୍ୟ ଓ ରୁଚି ମୁତାବକ କାର୍ଯ୍ୟ କରି ବଞ୍ଚିବାର ଭରସା କହି ଏହି ଦାଦନ ଶବ୍ଦ ବ୍ୟବହାର କଲେ ସମାଜରେ ନିଶ୍ଚୟ ଏକ ବିରାଟ ପରିବର୍ତ୍ତନ ଆଣିଦେବ ଏହି ବିଶ୍ୱାସ ରହିବା ଉଚିତ। 'ଦାଦନ'ର ମାନେ ହେଉଛି ଦାରିଦ୍ର୍ୟ ଦୁଃଖର ନଦୀକୁ ପାର ହେବାର ନୌକା। ଏହି ନୌକା ସହାୟତାରେ ଯାତ୍ରା କରି ଦୁଃଖ ଯନ୍ତ୍ରଣାରୁ କିଭଳି ମୁକ୍ତି ମିଳିପାରିବ ସେହି ଚେଷ୍ଟା ଅପରାଧ ନୁହେଁ। ଶିକ୍ଷିତ, ଉଚ୍ଚଶିକ୍ଷିତ, ଉଚ୍ଚ ଯୋଗ୍ୟତାସମ୍ପନ୍ନ ବ୍ୟକ୍ତିବୃନ୍ଦ ବିଶ୍ୱର କୋଣ ଅନୁକୋଣରେ କାର୍ଯ୍ୟରତ। ସମାଜର ସେହି ତଥାକଥିତ ବଡ଼ପଣ୍ଡାମାନେ ସେବା ନାମରେ କ୍ଷମତା ଲୋଭରେ ସାରା ଭାରତ ବର୍ଷରେ ଏଡାଳରୁ ସେ ଡାଳକୁ ଡିଆଁ ମାରୁଛନ୍ତି। କିନ୍ତୁ ସେମାନଙ୍କ ପାଇଁ 'ଦାଦନ' ଶବ୍ଦ ବ୍ୟବହାର ହେଉ ନାହିଁ କାହିଁକି? ଏ ଶବ୍ଦ କେବଳ ନିରକ୍ଷର, ଅଳ୍ପଶିକ୍ଷିତ ଲୋକଙ୍କ ପାଇଁ କାହିଁକି, ତାହା ଚିନ୍ତା କରିବାର ବେଳ ଆସିଛି। ଆହୁରି ମଧ୍ୟ ଦାଦନ ଶ୍ରମିକଙ୍କୁ ଶୋଷଣ ଓ ନିର୍ଯାତନାକୁ କିପରି ବନ୍ଦ କରାଯାଇପାରିବ, ସେମାନଙ୍କ ପ୍ରତି ସମାଜରେ କିପରି ଏକ ସମ୍ମାନ ସୃଷ୍ଟି ହୋଇପାରିବ ସେଥିପାଇଁ ରାଷ୍ଟ୍ରୀୟ ସ୍ତରରେ ସଶକ୍ତ ଆଇନ୍‌ର ଆବଶ୍ୟକତା ରହିଛି। ସେହିଭଳିଆ ବଡ଼ପଣ୍ଡା ଦାଦନମାନଙ୍କୁ ରୋକିବା ପାଇଁ ଆଇନ୍ କଠୋର ହେଲେ ହୁଏତ 'ଦାଦନ' ଶବ୍ଦ ଆଉ ଶୁଣିବାକୁ ମିଳିବ ନାହିଁ। ଏଥିପାଇଁ ସବୁସ୍ତରର ଉଦ୍ୟମ ହେବା ଉଚିତ୍।

# ନିତେଇ ଧୋବଣୀ ଓ ଶ୍ରୀଜଗନ୍ନାଥ ମାହାତ୍ମ୍ୟ




ସ୍ୱପ୍ନେଶ୍ୱର ଗୋଛି
ପୁରୀ, ମୋ: ୯୯୦୦୦୮୩୪୩୩




ନିତେଇ ଧୋବଣୀ, ପିତେଇ ସଉରୁଣୀ, ସୁକୁଟି ଚମାରୁଣୀ, ଲୁହାକୁଟି ଲୁହୁରାଣୀ, ଜ୍ଞାନଦେଈ ମାଲୁଣୀ, ଶୁଆ ତେଲୁଣୀ ଓ ଗାଙ୍ଗୀ ଗଉଡୁଣୀ- ଏହି ସାତ ଜଣ ଓଡ଼ିଶାରେ ଆଗ ଧାଡ଼ିର ସାଧିକା ଥିଲେ। ସେତେବେଳର ଓଡ଼ିଶାରେ ଓ ନିର୍ଦ୍ଦିଷ୍ଟ ଭାବରେ ପଶ୍ଚିମ ଓଡ଼ିଶାରେ ସେମାନେ ଏତେ ଲୋକପ୍ରିୟତା ହାସଲ କରିଥିଲେ ଯେ ପରବର୍ତ୍ତୀ ସମୟରେ ସେମାନେ ବିଭିନ୍ନ ନଗର ଓ ଗ୍ରାମରେ ଆଜି ପର୍ଯ୍ୟନ୍ତ ଦେବୀରୂପେ ଆରାଧିତ ହେଉଛନ୍ତି। ଲୋକପ୍ରିୟତାରେ ନିତେଇ ଧୋବଣୀ ଅନ୍ୟମାନଙ୍କଠାରୁ ବହୁ ଆଗରେ ଥିଲେ। ପୁରୀ ପରି ଜଗନ୍ନାଥ ମହାପ୍ରଭୁଙ୍କ କ୍ଷେତ୍ରରେ ଓ ଓଡ଼ିଶାର ଆହୁରି ଅନେକ ଗାଆଁରେ ସେ ଆଜି ମଧ୍ୟ ଆରାଧିତ ହେଉଥିବା ତା'ର ପ୍ରମାଣ।

ଆଜି ମଧ୍ୟ ଗାଁଗହଳରେ ଅନେକ ଶିକ୍ଷିତ ଓ ଅଶିକ୍ଷିତ ଲୋକ ସେମାନଙ୍କର ଛୋଟଛୋଟ ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ମନ୍ତ୍ରର ସାହାରା ନେଉଛନ୍ତି। ଗାଁ ଠାକୁରାଣୀଙ୍କ କାଳେସୀ/ଦେହୁରୀ ବା ମନ୍ତ୍ର ଜାଣିଥିବା ଅନ୍ୟ କେହି ମନ୍ତ୍ର ପଢ଼ି ଫୁଙ୍କି ଦେଲେ ରୋଗ ଦେହ ଛାଡ଼ି ଚାଲିଯାଏ ଏବଂ କାହାରି ଦେହରେ ଭୂତପ୍ରେତ ସବାର ହୋଇଥିଲେ ତତ୍‌କ୍ଷଣାତ ସେ ଦେହ ଛାଡ଼ି ଚାଲିଯାଏ ବୋଲି ବିଶ୍ୱାସ କରାଯାଏ। ମନ୍ତ୍ରରେ ପଢ଼ା ଯାଏ - 'ଅମୁକ ରୋଗ ଦୂର ହେଉ ବା ସମୁକ ଭୂତ ଦେହ ଛାଡ଼ି ଚାଲି ଯାଉ ବୋଲି କାହାର ଆଜ୍ଞା- ନିତେଇ ଧୋବଣୀ ପିତେଇ ସଉରୁଣୀଙ୍କର କୋଟି କୋଟି ଆଜ୍ଞା।'

ଖମ୍ବ ଭୈରବ ଏହି ତନ୍ତ୍ର ସାଧିକାମାନଙ୍କର ଇଷ୍ଟ ଥିଲେ। ତେଣୁ ନିତେଇ ଧୋବଣୀ ଖମ୍ବ ଭୈରବ ଜଗନ୍ନାଥଙ୍କୁ ଆରାଧନା କରି ଶ୍ରୀକ୍ଷେତ୍ରରେ ତାଙ୍କର ସାଧନା ଜାରି ରଖିଥିଲେ। ନରେନ୍ଦ୍ର ପୋଖରୀର ଉତ୍ତରକୁ ସେତେବେଳେ ମୂଷା ନଦୀ ପ୍ରବାହିତ ହେଉଥିଲା। ସେହି ନଦୀ କୂଳରେ ଏକ ଛୋଟ ଆଶ୍ରମ ନିର୍ମାଣ କରି ସେ ବାସ କରୁଥିଲେ। ଦିନେ ନିତେଇ ଧୋବଣୀ ଉଦ୍ଦେଶ୍ୟହୀନ ଭାବରେ ମୂଷା ନଦୀର ବନ୍ଧ ଉପରେ ବସିଥିଲେ। ଦୂରରୁ ମହାପ୍ରଭୁଙ୍କ ପତିତପାବନ ବାନାକୁ ଦର୍ଶନ କରି ପ୍ରଣାମ କଲେ। ଆକାଶରେ ଶହଶହ ପକ୍ଷୀ ଡେଣା ହଲାଇ ଉଡ଼ି ଯାଉଥିଲେ। ସେ ହଠାତ ଲକ୍ଷ୍ୟ କଲେ ଯେ ଉତ୍ତର ଦିଗରୁ ପକ୍ଷୀ ପରି ଦିଶୁଥିବା କିଛି ଗୋଟେ ଉଡ଼ି ଉଡ଼ି ଆସୁଥିଲା। କିନ୍ତୁ ସେ ଅନ୍ୟ ପକ୍ଷୀଙ୍କ ପରି ଡେଣା ହଲାଉ ନ ଥିଲା। କୌତୁହଳବଶତଃ ସେ ସେଇ ଆଡ଼କୁ ଚାହିଁ ରହିଲେ। ଜିନିଷଟା ପାଖକୁ ଆସିବା ପରେ ସେ ଦେଖିଲେ ତାହା ଏକ ଗଛ ଥିଲା ଓ ସେ ଗଛରେ ବସି କେହି ଜଣେ ଉଡ଼ି କରି ଶ୍ରୀକ୍ଷେତ୍ରକୁ ଆସୁଥିଲେ। ସେ ଜାଣିଗଲେ ଯେ ତନ୍ତ୍ର ସାଧକ ହିଁ ଏପରି ଅଲୌକିକ କାମ କରିପାରେ। ସେ ସଙ୍ଗେସଙ୍ଗେ ଧ୍ୟାନସ୍ଥା ହେଲେ। ଧ୍ୟାନ ବଳରେ ଜାଣିବାକୁ ପାଇଲେ ଯେ କାମରୂପର ଜଣେ କାମାକ୍ଷା ଭକ୍ତ ଓ ତାନ୍ତ୍ରିକ ମହାପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଏକ ବରଗଛ ଆରୋହଣ କରି ଆସୁଥିଲେ।

ନିତେଇ ଭଲ ଭାବରେ ଜାଣିଥିଲେ ଯେ ଶ୍ରୀକ୍ଷେତ୍ରର ସୀମା ଭିତରେ କୌଣସି ତାନ୍ତ୍ରିକ ପ୍ରବେଶ କଲେ ତନ୍ତ୍ର ଶିରୋମଣି ଶ୍ରୀଜଗନ୍ନାଥ ତା'ର ତନ୍ତ୍ରବିଦ୍ୟା ହରଣ କରିନିଅନ୍ତି। ତେଣୁ ସେ ଚିନ୍ତା କଲେ ଯେ ବୃକ୍ଷାରୋହୀ ତାନ୍ତ୍ରିକ ଅଠର ନଳା ପାର ହେବା ପରେ ତାଙ୍କର ତନ୍ତ୍ରଶକ୍ତି ଶୂନ୍ୟ ହୋଇଯିବ। ସେ ଗଛସହ ଭୂପତିତ ହୋଇ ମୃତ୍ୟୁବରଣ କରିବେ। ଦ୍ୱିତୀୟ କଥା ହେଲା ଯେ ମହାପ୍ରଭୁଙ୍କ ଦର୍ଶନପ୍ରାର୍ଥୀ ଶରଣାଗତି ଭାବ ନେଇ ଚାଲି ଚାଲି ଦର୍ଶନ କରିବା ପାଇଁ ଯିବା କ୍ଷେତ୍ରର ପରମ୍ପରା। ମହାପ୍ରଭୁଙ୍କର ପରମ୍ପରା ଭଙ୍ଗ କରିବାର ଆସ୍ପର୍ଦ୍ଧା ରଖୁଥିବା ଲୋକକୁ ଉଚିତ ଶିକ୍ଷା ଦେବା ଶ୍ରୀଜଗନ୍ନାଥ ଭକ୍ତମାନଙ୍କର ପରମ କର୍ତ୍ତବ୍ୟ। ତେଣୁ ସେ ବୃକ୍ଷାରୋହୀ ତାନ୍ତ୍ରିକର ପଥରୋଧ କରିବାର ଉଦ୍ଦେଶ୍ୟ ନେଇ ବସିଥିବା ନଦୀବନ୍ଧକୁ ଉପରକୁ ଉଠିବା ପାଇଁ ଆଦେଶ ଦେଲେ। ସଙ୍ଗେସଙ୍ଗେ ନଦୀ ବନ୍ଧରୁ ଖଣ୍ଡେ ନିତେଇଙ୍କୁ ସଙ୍ଗରେ ନେଇ ଉପରକୁ ଉଠିଗଲା ଓ କାମାକ୍ଷା ତାନ୍ତ୍ରିକଙ୍କର ପଥରୋଧ କଲା। ନିତେଇ ଗଛସହ ତଳକୁ ଓହ୍ଲେଇବା ପାଇଁ ତାନ୍ତ୍ରିକଙ୍କୁ ଆଦେଶ ଦେଲେ। ତାଙ୍କର ତନ୍ତ୍ରଶକ୍ତି ଆଗନ୍ତୁକ ତାନ୍ତ୍ରିକଙ୍କଠାରୁ ଅଧିକ ଥିବାରୁ ବରଗଛ ସହ ସେ ତଳକୁ ଖସିଲେ। ନିତେଇ କହିଲେ - 'ଆପଣ ଜାଣିବା ଉଚିତ ଥିଲା ଯେ ତନ୍ତ୍ର ଶିରୋମଣି ଶ୍ରୀଜଗନ୍ନାଥଙ୍କ କ୍ଷେତ୍ରରେ କୌଣସି ତନ୍ତ୍ର ବିଦ୍ୟା କାମ କରେ ନାହିଁ। ତେଣୁ କ୍ଷେତ୍ରର ଆକାଶ ସୀମା ଲଙ୍ଘିବା ପୂର୍ବରୁ ମୁଁ ଆପଣଙ୍କର ପଥରୋଧ କରି ଆପଣଙ୍କ ଜୀବନରକ୍ଷା କରିଛି। ତା' ପରେ ଚାଲିଚାଲି ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ଏ କ୍ଷେତ୍ରର ନିୟମ। ତେଣୁ ଆପଣ ବରଗଛରୁ ଓହ୍ଲେଇ ନୀଳଚକ୍ରଙ୍କୁ ପ୍ରଣାମ କରି ବଡ଼ଦାଣ୍ଡର ଧୂଳି ମୁଣ୍ଡରେ ଲଗାଇ ମହାପ୍ରଭୁଙ୍କ ଦର୍ଶନକୁ ଯାଆନ୍ତୁ। ଆପଣଙ୍କର ଏହି ବଟ ବୃକ୍ଷ କ୍ଷେତ୍ରରେ ସବୁଦିନ ପାଇଁ ବିଦ୍ୟମାନ ରହି ମହାପ୍ରଭୁଙ୍କ ମହିମା ପ୍ରଚାର କରିବ। କାଉଁରୀ କାମାକ୍ଷାରୁ ଆପଣ ଆସିଥିବାରୁ ସେ ଗଛ 'କାଉଁରୀ ବଟ' ନାମରେ ବିଖ୍ୟାତ ହେବ।'

କାମାକ୍ଷା ତାନ୍ତ୍ରିକ ବରଗଛରୁ ଓହ୍ଲେଇ ନିତେଇ ଧୋବଣୀଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ କଲେ। ତା' ପରେ ନିତେଇଙ୍କ ଆଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରି ମହାପ୍ରଭୁଙ୍କୁ ଦର୍ଶନ କଲେ ଏବଂ କରିଥିବା ଅପରାଧ ପାଇଁ କ୍ଷମାଭିକ୍ଷା କଲେ। ଏହି ଘଟଣାର ସ୍ମୃତିରେ ସେ ଅଞ୍ଚଳ 'ଖଣ୍ଡିଆ ବନ୍ଧ' ନାମରେ ଖ୍ୟାତିଲାଭ କଲା। ପରବର୍ତ୍ତୀ ସମୟରେ ସେଠାରେ ଏକ ଗାଆଁ ଗଢ଼ି ଉଠିଲା। ସେ ଗାଆଁର ନାମ 'ଖଣ୍ଡିଆ ବନ୍ଧ' ରହିଲା। ବର୍ତ୍ତମାନ ମଧ୍ୟ ରାଜସ୍ୱ ବିଭାଗ ଖାତାପତ୍ରରେ ପୁରୀ ସହର ଭିତରେ ସେ ଗାଆଁ ରହିଛି। ୧୯୯୯ ମହାବାତ୍ୟା ପର୍ଯ୍ୟନ୍ତ 'କାଉଁରୀ ବଟ' ଉପଦେବତା ରୂପେ ଆରାଧିତ ହେଉଥିଲେ। ସେ ବାତ୍ୟାରେ କାଉଁରୀ ବଟ ଉପୁଡ଼ି ପଡ଼ିଲେ। ଏ ସମସ୍ତ ଘଟଣାର ସାକ୍ଷୀ ରୂପେ ଆଜି ମଧ୍ୟ ସେଠାରେ 'କାଉଁରୀ ବଟେଶ୍ୱର ମହାଦେବ' ପୂଜା ପାଉଛନ୍ତି।


ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

# ନାମାଙ୍କନ ସମୟରେ ଦଳୀୟ ସ୍ଲୋଗାନ୍ ଦେଲେ କର୍ମୀ

## ବଲାଙ୍ଗିର କଂଗ୍ରେସ୍ ବିଧାୟକ ପ୍ରାର୍ଥୀଙ୍କ ବିରୋଧରେ ବିଜେଡିର ଅଭିଯୋଗ




**ଭୁବନେଶ୍ୱର,୨।୫(ସମିସ):** ବଲାଙ୍ଗିର କଂଗ୍ରେସ୍ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ରଙ୍କ ବିରୋଧରେ ଆସିଛି ନିର୍ବାଚନ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ। ଏ ନେଇ ବିଜୁ ଜନତା ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇ ଶ୍ରୀ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଅଭିଯୋଗ ଅନୁସାରେ ଆଜି ପୂର୍ବାହ୍ନରେ ଶ୍ରୀ ମିଶ୍ର ନାମାଙ୍କନ ପତ୍ର ଦାଖଲ ପାଇଁ ଦଳବଳ ସହିତ ବଲାଙ୍ଗିର ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତେବେ କଂଗ୍ରେସ୍ କର୍ମୀମାନେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଭିତରେ ଥାଇ ଦଳୀୟ ପତାକା ଏବଂ ପ୍ଲାକାର୍ଡ ପ୍ରଦର୍ଶନ କରିବା ସହ କଂଗ୍ରେସ୍ ସମର୍ଥନରେ ନାରାଜାଜି କରିଥିଲେ। ନାମାଙ୍କନ ଦାଖଲ ସମୟରେ ସରକାରୀ କାର୍ଯ୍ୟାଳୟରେ ଦଳୀୟ ପ୍ରଚାର କରିବା ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ କରାଯାଇଛି। ତେଣୁ ଶ୍ରୀ ମିଶ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ଦାବି କରିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡି ପ୍ରତିନିଧି ଦଳରେ ସ୍ୱୟମ୍ ପ୍ରକାଶ ମହାପାତ୍ର, ସାଂସଦ ଡ଼ ସସ୍ମିତ ପାତ୍ର, ଡ଼ ପ୍ରିୟବ୍ରତ ମାଝୀ, ଓମ୍ ପ୍ରକାଶ ସାହୁ ସାମିଲ ଥିଲେ।

# ସ୍ମାର୍ଟ-୩ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର, ୨।୫(ସମିସ):** ବୁଧବାର ଅବଦୁଲ କଲାମ ଦ୍ୱୀପରୁ ସ୍ମାର୍ଟ-୩ କ୍ଷେପଣାସ୍ତ୍ରର ସଫଳତା ପୂର୍ବକ ପରୀକ୍ଷଣ ହୋଇଛି। ଏହି କ୍ଷେପଣାସ୍ତ୍ରକୁ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳରେ ନିର୍ମିତ କରାଯାଇଛି। ଏହାର ବ୍ୟାବହାରିକ ଉପଯୋଗ ବାଲିଷ୍ଟିକ୍ ମିସାଇଲ ରକ୍ଷା କ୍ଷେତ୍ରରେ କରାଯାଇଥାଏ। ଉତ୍କ୍ଷେପଣ ହୋଇଥିବା ବାଲିଷ୍ଟିକ ମିସାଇଲକୁ ତା'ର ଗତିପଥ ମଧ୍ୟରେ ରୋକିବାକୁ ଏହି କ୍ଷେପଣାସ୍ତ୍ରର ବ୍ୟବହାର କରାଯାଇଥାଏ। ପ୍ରଥମେ ଏହି ମିସାଇଲକୁ ପାଣି ଜାହାଜରୁ ଉତ୍କ୍ଷେପଣ କରାଯିବା କୌଶଳରେ ନିର୍ମାଣ କରାଯାଇଥିଲା। ମାତ୍ର ଗତ ବୁଧବାର ଦିନ ଏହାକୁ ଭୂ-ପୃଷ୍ଠରୁ ଆକାଶମାର୍ଗକୁ ଉତକ୍ଷେପଣ ପୂର୍ବକ ପରୀକ୍ଷା କରାଯାଇଛି। ବୁଧବାର ଦିନ ଏହାର ପରୀକ୍ଷଣ ବେଳେ ଡିଆରଡିଓ ଏବଂ ଆଇଟିଆରର ବହୁ ବରିଷ୍ଠ ବୈଜ୍ଞାନିକ ଉପସ୍ଥିତ ଥିଲେ।

# ବିଜେଡିରେ ମିଶିଲେ ପୂର୍ବତନ କଂଗ୍ରେସ ବିଧାୟକ ପ୍ରାର୍ଥୀ ବୀରେନ ସେନାପତି



**ଭୁବନେଶ୍ୱର,୨।୫(ସମିସ):** ରାଉରକେଲା ନିର୍ବାଚନମଣ୍ଡଳୀର ୨୦୧୯ର କଂଗ୍ରେସ ବିଧାୟକ ପ୍ରାର୍ଥୀ ବୀରେନ ସେନାପତିଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀ ଆଜି ବିଜେଡିରେ ମିଶିଛନ୍ତି। ଶଙ୍ଖ ଭବନଠାରେ ଆୟୋଜିତ ମିଶ୍ରଣ ପର୍ବରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। କଂଗ୍ରେସ କର୍ମୀଙ୍କ ଯୋଗଦାନ ଫଳରେ ରାଉରକେଲା ନିର୍ବାଚନମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଏହି ଅବସରରେ ଶ୍ରୀ ସେନାପତି ନିଜ ପ୍ରତିକ୍ରିୟାରେ କହିଥିଲେ ଯେ ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବି। ଦଳରେ ମୋତେ ଏବଂ ମୋ ସହ ଯୋଗ ଦେଇଥିବା ସମସ୍ତ କଂଗ୍ରେସ କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ। ଏହି ମିଶ୍ରଣ ପର୍ବରେ ଏଆଇସିସି ଓବିସି ବିଭାଗର ଜାତୀୟ ସହ ସହଯୋଗ କୌଳାଶ ଚନ୍ଦ୍ର ସାହୁ, ଡିସିସି ସାଧାରଣ ସମ୍ପାଦକ ପ୍ରଦୀପ ମହାପାତ୍ର, ରର୍ବଟ ଭିନସେଣ୍ଟ, ଜିତେନ୍ଦ୍ର ଦାସ, ସୁବଳ ବାସୁରୀ, ମହମ୍ମଦ ମନ୍ଜୁର, ବିଜୟ ସାହୁ, ବିଶ୍ୱଭୂଷଣ ସାରା, ସାରଦା ପ୍ରସନ୍ନ ଦାସ, କୃଷ୍ଣଚନ୍ଦ୍ର ସାହୁ, ସନ୍ତୋଷ ଓ ଅଶ୍ୱିନ ଦାସଙ୍କ ସହ ଶତାଧିକ କଂଗ୍ରେସ କର୍ମୀ ବିଜେଡିରେ ସାମିଲ ହୋଇଥିଲେ। ଶେଷରେ ବିଜେଡି ମୁଖପାତ୍ର ଡ. ପ୍ରିୟବ୍ରତ ମାଝୀ ଧନ୍ୟବାଦ ଦେଇଥିଲେ।

# ହତାଶରେ ଜର୍ଜରିତ ପ୍ରଦୀପ ନିଜ କୁକର୍ମର ଫଳ ଭୋଗିବେ: ବିଜେଡି

**ବ୍ରହ୍ମପୁର, ୨।୫(ସମିସ):** ଜନସେବା ପାଇଁ ନୁହେଁ ବରଂ ଲୋକଙ୍କୁ ଲୁଟିବା ଆଉ ଠକିବା ପାଇଁ ରାଜନୀତିକୁ ଆସିଛନ୍ତି ବିଜେପିର ବ୍ରହ୍ମପୁର ଲୋକସଭା ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ। ଏହା କୋଭିଡ୍ ଭଳି ମହାମାରୀ ସମୟରେ ପ୍ରମାଣିତ ହୋଇସାରିଛି ବୋଲି ବିଜେଡି ଅଭିଯୋଗ କରିଛି।

ଗୁରୁବାର ବ୍ରହ୍ମପୁରଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡା କହିଛନ୍ତି ଯେ ଲୋକଙ୍କ ଅର୍ଥ ଓ କ୍ଷମତାର ଅପବ୍ୟବହାର କରି ବଳୀୟାନ ହୋଇଥିବା ସମୟରେ ଜନସାଧାରଣଙ୍କ ପ୍ରତି ପ୍ରଦୀପଙ୍କ କିଭଳି ବ୍ୟବହାର ଥିଲା, ତାହା ସମସ୍ତେ ଜାଣିଛନ୍ତି। କରୋନା ସମୟରେ ପ୍ରଦୀପ ନିଜ ଅଞ୍ଚଳର ଲୋକଙ୍କୁ ମୃତ୍ୟୁମୁଖରେ ଛାଡ଼ି ନିଜ ପରିବାର ଓ ଭାବି ଜ୍ୱାଇଁ ଆକାଶ ପାଠକଙ୍କ ସହ ଚାର୍ଟର ବିମାନରେ ବୁଲି ପଞ୍ଚତାରକା ହୋଟେଲରେ ଅୟସ୍ କରୁଥିଲେ। ନିରୀହ ଯୁବକଙ୍କୁ ଚାକିରି ଦେବାକୁ କହି ପ୍ରଦୀପ ଓ ତାଙ୍କ ସହଯୋଗୀ ଆକାଶ ପାଠକ ଲକ୍ଷଲକ୍ଷ ଟଙ୍କା ଆଦାୟ କରି ସେଥିରେ ଆଡ଼ମ୍ବରପୂର୍ଣ୍ଣ ଜୀବନଯାପନ କରୁଥିଲେ। ଖାଲି ସେତିକି ନୁହେଁ, କରୋନା ସମୟରେ ଗଞ୍ଜାମବାସୀ ଖାସ କରି ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀର ଲୋକଙ୍କୁ ରାଜ୍ୟ ବାହାରୁ ଆଣିବାକୁ ରାଜ୍ୟ ସରକାର ଉଦ୍ୟମ କରୁଥିବା ବେଳେ ପ୍ରଦୀପ ଏହାକୁ ବିରୋଧ କରୁଥିଲେ। ସେମାନେ ଆସିଲେ ଆମ ପାଇଁ ବିପଦ ବୋଲି ଯୁକ୍ତି ବାଢ଼ି ସେମାନଙ୍କୁ ମରିବା ପାଇଁ ଛାଡ଼ି ଦେବାକୁ କହୁଥିଲେ। ନିଜେ କିନ୍ତୁ ବିଳାସପୂର୍ଣ୍ଣ ଜୀବନ ଯାପନ କରୁଥିଲେ। ଏଭଳି ଜନବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ବିଜେଡିରୁ ବହିଷ୍କାର କରାଯାଇଥିଲା। ସ୍ୱାଭିମାନୀ ବ୍ରହ୍ମପୁରବାସୀ ଏସବୁ କଥାକୁ ଆଦୌ ଭୁଲିବେ ନାହିଁ ବୋଲି ଶ୍ରୀ ପଣ୍ଡା କହିଛନ୍ତି।

- ଜନସେବା ପାଇଁ ନୁହେଁ ବରଂ ଲୋକଙ୍କୁ ଠକିବାକୁ ଓ ଲୁଟିବାକୁ ରାଜନୀତିକୁ ଆସିଛନ୍ତି
- ଜନବିରୋଧୀଙ୍କୁ ଉଚିତ ଜବାବ ଦେବେ ସ୍ୱାଭିମାନୀ ବ୍ରହ୍ମପୁରବାସୀ

ସେ ଆହୁରି କହିଛନ୍ତି ଯେ ଯିଏ ନିଜ ସ୍ୱାର୍ଥ ହାସଲ କରିବା ପାଇଁ କାମ କରେ, ସେଭଳି ଲୋକଙ୍କୁ ଏବେ ବୁଦ୍ଧି ଶିଖାଇବାର ବେଳ ଆସିଛି। ନିଜର କୁକର୍ମର ଫଳ ଭାବେ ପ୍ରଦୀପ ପାଣିଗ୍ରାହୀ ଜେଲ ଯାଇଥିଲେ। ଜେଲରୁ ସର୍ତ୍ତମୂଳକ ଜାମିନ ପାଇ ମୁକୁଳିଛନ୍ତି। ଚାର୍ଜଫ୍ରେମ ମଧ୍ୟ ହୋଇସାରିଛି। ବ୍ରହ୍ମପୁରବାସୀ ନିଶ୍ଚୟ ଦେଖିବେ, ପ୍ରଦୀପ ନିଜ କୁକର୍ମର ଫଳ ନିଶ୍ଚୟ ଭୋଗିବେ। ପୁଣି ଜେଲ ଯିବେ ଆଉ ସବୁ ପାପର ଗୋଟିଗୋଟି କରି ହିସାବ ହେବ। ସ୍ୱାଭିମାନୀ ବ୍ରହ୍ମପୁରବାସୀ ଏଭଳି ଠକ, ଜନବିରୋଧୀକୁ ବୁଦ୍ଧି ଶିଖାଇବାକୁ ମନସ୍ଥ କରିସାରିଛନ୍ତି। ହତାଶରେ ଜର୍ଜରିତ ପ୍ରଦୀପ ନିଜ କୁକର୍ମର ଫଳ ପାଇବେ। ପ୍ରଦୀପ ପୂର୍ବରୁ କଣ ଥିଲେ ଆଉ ନବୀନ ବାବୁ ତାଙ୍କୁ ପରିଚୟ ଦେବା ପରେ ସେ କ'ଣ ହେଲେ ସମସ୍ତଙ୍କୁ ଜଣା। ଆଜି ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରତି କିଭଳି ଭାଷା ପ୍ରୟୋଗ କରୁଛନ୍ତି, ତାହାକୁ ମଧ୍ୟ ଜନସାଧାରଣ ଦେଖୁଛନ୍ତି ଓ ବୁଝୁଛନ୍ତି ବୋଲି ଶ୍ରୀ ପଣ୍ଡା କହିଛନ୍ତି।

## ଅବଶିଷ୍ଟାଂଶ...

### କଣ୍ଟାବାଞ୍ଜିରୁ...

ଶୋଭାଯାତ୍ରାରେ ସ୍କୁଲପଡ଼ିଆରୁ ବାହାରି ସହରର ସର୍ଗିଗୁଡ ସ୍ଥିତ ମଦନ ଜାଲଛକ, ବଙ୍କଛକ, ଶାସ୍ତ୍ରୀଛକ, ଜଗନ୍ନାଥ ମନ୍ଦିର, ବିଜୁ ପଟ୍ଟନାୟକ ଛକର ମୁଖ୍ୟରାସ୍ତା ଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନିଜର ନାମାଙ୍କନ ଦାଖଲ କରିଥିଲେ। ନିଜର ବିଧାୟକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ନିଜର ପାରମ୍ପରିକ ହିଞ୍ଜିଳି ଆସନରୁ ଗତ ୩୦ ତାରିଖରେ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ଶୋଭାଯାତ୍ରାରେ ଯିବା ସମୟରେ ସେ ସହରର ମଧ୍ୟ ଭାଗରେ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ।

### ନବୀନଙ୍କୁ ପୁଷ୍ପବର୍ଷା...

ସହରର ବିଭିନ୍ନ ଛକରେ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥିଲା। ଏଥିରେ ପାରମ୍ପରିକ ଲୋକନୃତ୍ୟ ସହ ସମ୍ବଲପୁରୀ ଗୀତ ବାଦ୍ୟରେ ଝୁମି ଉଠିଥିଲେ ଉପସ୍ଥିତ ଜନସାଧାରଣ। ରାଜ୍ୟର ତତଲାଗଡ଼ ଭାବେ ପରିଚିତ ଟିଟିଲାଗଡ଼ ସହରରେ ରାଜ୍ୟର ସର୍ବାଧିକ ତାତି ଏଠାରେ ପରିଲକ୍ଷିତ ହୁଏ। ଖରାଦିନେ ଲୋକେ ଘରୁ ବାହାରିବା ଭୟ କରନ୍ତି କିନ୍ତୁ ମୁଖ୍ୟମନ୍ତ୍ରୀଙ୍କୁ ଦେଖିବାକୁ ହଜାର ହଜାର ମହିଳା ଓ ପୁରୁଷ ୪୨ ଡ୍ରିଗ୍ରୀରୁ ଉର୍ଦ୍ଧ୍ୱର ତାତିକୁ ମଧ୍ୟ ଭୟ ନ କରି ଖୋଲା ଆକାଶ ତଳେ ମୁଖ୍ୟମନ୍ତ୍ରୀଙ୍କୁ ଦେଖୁଥିଲେ। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସହରକୁ ପହଞ୍ଚିବା ପରେ ଜନସାଧାରଣଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।

### ବଲାଙ୍ଗିର ବିକାଶରେ...

ଏବଂ ଭୌଗୋଳିକ ଦୃଷ୍ଟିକୋଣରୁ କଣ୍ଟାବାଞ୍ଜି ଆସନ ବେଶ୍ ମହତ୍ୱପୂର୍ଣ୍ଣ ଅଟେ। କଣ୍ଟାବାଞ୍ଜି ତଥା ବଲାଙ୍ଗିରକୁ ଲାଗି କଳାହାଣ୍ଡି, ନୂଆପଡ଼ା, ସୋନପୁର ଏବଂ ବରଗଡ଼ ପରି ଜିଲ୍ଲା ରହିଛି। ଗତ ସାଧାରଣ ନିର୍ବାଚନରେ ବଲାଙ୍ଗିର ସମେତ ପଶ୍ଚିମ ଓଡ଼ିଶାରେ ବିରୋଧୀ ବିଜେପି ୫ଟି ଲୋକସଭା ଆସନ ହାସଲ କରିଥିଲା। ସେହିପରି ବିଜେପି ଓ କଂଗ୍ରେସ କେତେକ ବିଧାନସଭା ଆସନ ହାତେଇବାରେ ସଫଳତା ପାଇଥିଲେ। ତେବେ ବିଗତ ବର୍ଷଗୁଡ଼ିକରେ ବଲାଙ୍ଗିର ସହ ପଶ୍ଚିମ ଓଡ଼ିଶାରେ ରାଜ୍ୟ ସରକାର ବ୍ୟାପକ ବିକାଶ କରିଛନ୍ତି। ରୂପାନ୍ତରଣର ସ୍ପର୍ଶ ସର୍ବାଧିକ ପଶ୍ଚିମ ଓଡ଼ିଶାରେ ପ୍ରତିଫଳିତ ହୋଇଛି। ଯାହା ପଶ୍ଚିମ ଓଡ଼ିଶା ଭୋଟରଙ୍କ ମନରେ ଛାପ ଛାଡ଼ିଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥୀତ୍ୱ ବିଜେଡି ବଳକୁ ଆହୁରି ବହୁଗୁଣିତ କରିବ। ଏହାର ସିଧାସଳଖ ଏବଂ ସକରାତ୍ମକ ପ୍ରଭାବ ପୂରା ପଶ୍ଚିମ ଓଡ଼ିଶାରେ ଆଗାମୀ ନିର୍ବାଚନରେ ଦେଖଦେଇପାରେ ବୋଲି ଅନୁମାନ କରାଯାଉଛି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଦଳର ବରିଷ୍ଠ ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ବଲାଙ୍ଗିର ବିକାଶ ପ୍ରକ୍ରିୟାକୁ ବେଶ୍ ଆଗେଇ ନେଇଛନ୍ତି। ଜଳସେଚନଠାରୁ ଆରମ୍ଭ କରି କ୍ରୀଡ଼ା, ସ୍ୱାସ୍ଥ୍ୟ, ଭିତ୍ତିଭୂମି ନିର୍ମାଣ, ଗମନାଗମନ, ପର୍ଯ୍ୟଟନ ସବୁକ୍ଷେତ୍ରରେ ବଲାଙ୍ଗିର ଜିଲ୍ଲାରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଗତ ଜାନୁଆରୀ ମାସରେ ମୁଖ୍ୟମନ୍ତ୍ରୀ ଜିଲ୍ଲାବାସୀଙ୍କୁ ଲୋୟର ସୁକତେଲ ପ୍ରକଳ୍ପ ଭେଟି ଦେଇଥିଲା ବେଳେ ଏହା ଏବେ ଜିଲ୍ଲାର କୃଷି ପରିବାରର ପ୍ରଭୁତ ସ୍ୱାର୍ଥକୁ ପୂରଣ କରିପାରିଛି। ପ୍ରାୟ ୩୦୦୦ କୋଟି ଟଙ୍କା ମୂଲ୍ୟରେ ନିର୍ମିତ ଏହି ପ୍ରକଳ୍ପ ଦ୍ୱାରା ବଲାଙ୍ଗିର ଓ ସୋନପୁର ଜିଲ୍ଲାର ପ୍ରାୟ ୧ ଲକ୍ଷ ଏକର ଚାଷଜମି ଜଳସେଚିତ ହୋଇପାରିଛି। ଉଭୟ ଜିଲ୍ଲାର ପ୍ରାୟ ୮୦୦୦୦ କୃଷକ ଏହି ପ୍ରକଳ୍ପ ଦ୍ୱାରା ସିଧାସଳଖ ଭାବେ ଉପକୃତ ହେଉଛନ୍ତି। କେବଳ ଲୋୟର ସୁକତେଲ ନୁହେଁ, ବରଂ ଜିଲ୍ଲାରେ ବର୍ତ୍ତମାନ ୫ଟି ଅନ୍ତନଦୀ ଜଳାଶୟ ପ୍ରକଳ୍ପର ନିର୍ମାଣ ଚାଲୁଛି। କୁକେଡମାଳ, ପଥରଲା, କୁରୁସୁଦ, ସିତଲକାଣି ଓ କୁଟାସିଂଘାଠାରେ ୧୨୧୭ କୋଟି ଟଙ୍କା ମୂଲ୍ୟରେ ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣାଧିନ ରହିଛି। ଏହାଦ୍ୱାରା ଜିଲ୍ଲାରେ କୃଷି, ମତ୍ସ୍ୟଚାଷ, ପାନୀୟ ଜଳ କ୍ଷେତ୍ରରେ ଏକ ବଡ଼ ଆବଶ୍ୟକତା ମେଣ୍ଟାଯାଇପାରିବ ବୋଲି ସରକାର ଆଶା ରଖିଛନ୍ତି।

ପଶ୍ଚିମ ଓଡ଼ିଶାରେ ଗମନାଗମନ କ୍ଷେତ୍ରରେ ନିକଟ ଅତୀତରେ ବ୍ୟାପକ ରୂପାନ୍ତରଣ ଆଣିଛନ୍ତି ରାଜ୍ୟ ସରକାର। ବିଜୁ ଏକ୍ସପ୍ରେସ ୱେ ଠାରୁ ଆରମ୍ଭ କରି ବିଭିନ୍ନ ଜିଲ୍ଲାରେ ବିମାନବନ୍ଦର କାର୍ଯ୍ୟକ୍ଷମ କରାଯାଇଛି। ଏହିକ୍ରମରେ ବଲାଙ୍ଗିର ଜିଲ୍ଲାରେ ତୁଷରା ଏୟାରଷ୍ଟ୍ରିପର ଉନ୍ନତିକରଣ କାର୍ଯ୍ୟ ସରକାର ହାତକୁ ନେଇଛନ୍ତି। ସେହିପରି ସ୍ୱାସ୍ଥ୍ୟକ୍ଷେତ୍ରରେ ବଲାଙ୍ଗିର ଯେପରି ପଛୁଆ ନରହିବ ସେନେଇ ମୁଖ୍ୟମନ୍ତ୍ରୀ ତତ୍ପରତା ପ୍ରକାଶ କରିଛନ୍ତି। ଜିଲ୍ଲାରେ ୩୦୫ କୋଟି ଟଙ୍କା ବିନିମୟରେ ୬୫୦ ଶଯ୍ୟା ବିଶିଷ୍ଟ ଭୀମ ଭୋଇ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରାଯାଉଥିବା ବେଳେ ଜିଲ୍ଲାର କେତେକ ହସ୍ପିଟାଲକୁ ଆମ ହସ୍ପିଟାଲ ଯୋଜନାରେ ରୂପାନ୍ତରଣ କରାଯାଉଛି। ଜିଲ୍ଲାବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ବିଭିନ୍ନ ବ୍ଲକରେ ୧୩୧୨ କୋଟି ଟଙ୍କା ବିନିମୟରେ ମେଗା ପାଇପ ଜଳଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି। ଅପରପକ୍ଷେ ଜିଲ୍ଲା ମଧ୍ୟରେ ଗମନାଗମନ ବ୍ୟବସ୍ଥାକୁ ଶ୍ରେଷ୍ଠ ରୂପରେ ଗଢ଼ିତୋଳିବା ପାଇଁ ବ୍ୟାପକ ପଦକ୍ଷେପ ନେଉଛନ୍ତି ରାଜ୍ୟ ସରକାର। ଜିଲ୍ଲାବାସୀଙ୍କ ଦୀର୍ଘଦିନର ଦାବି ବଲାଙ୍ଗିର ବାଇପାସ ରୋଡ ନିର୍ମାଣ କରାଯାଉଥିବା ବେଳେ ଏଥିପାଇଁ ୧୭୬ କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ପାଟଣାଗଡ଼ ବାଇପାସ ରୋଡ ପାଇଁ ମଧ୍ୟ ରାଜ୍ୟ ସରକାର ୧୪୦ କୋଟି ଟଙ୍କା ଯୋଗାଇ ଦେଇଛନ୍ତି। ସେହିପରି ପର୍ଯ୍ୟଟନସ୍ଥଳର ବିକାଶ ତଥା ରୂପାନ୍ତରଣ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖତା ମଧ୍ୟରେ ରହି ଆସିଥିବା ବେଳେ ଏଥିରୁ ବାଦ୍ ପଡ଼ିନାହିଁ ବଲାଙ୍ଗିର ଜିଲ୍ଲା। ଜିଲ୍ଲାର ପ୍ରସିଦ୍ଧ ହରିଶଙ୍କର ଶୈବପୀଠ ଠାରୁ ଆରମ୍ଭ କରି ଅନ୍ୟ ଆଧ୍ୟାତ୍ମିକ ଏବଂ ପର୍ଯ୍ୟଟନସ୍ଥଳର ଉନ୍ନତିକରଣ କରାଯାଉଛି। ଏହାସହ ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିଠାରୁ ଆରମ୍ଭ କରି ଶିକ୍ଷା କ୍ଷେତ୍ରରେ ନିକଟ ଅତୀତରେ ବ୍ୟାପକ ରୂପାନ୍ତରଣ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥିତ୍ୱ ସମ୍ପ୍ରତି ବଲାଙ୍ଗିର ଏବଂ ପାର୍ଶ୍ୱବର୍ତ୍ତୀ ଜିଲ୍ଲାଗୁଡ଼ିକରେ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ ବୋଲି ଆଲୋଚନା ହେଉଛି।

### ଧସିଲା ରାସ୍ତା...

ଦେଇଛନ୍ତି। ଦୁର୍ଘଟଣା ପରେ ଏହି ରାସ୍ତାକୁ ବନ୍ଦ କରିଦିଆଯାଇଛି। ଏହା ଗୁଆଙ୍ଗଡୋଙ୍ଗକୁ ଫୁଜିୟାନ ପ୍ରଦେଶ ସହ ଯୋଡୁଥିଲା। ସୂଚନାଯୋଗ୍ୟ ଯେ ଶ୍ରମିକ ଦିବସରେ ଚୀନ୍‌ରେ ୪ ଦିନ ପର୍ଯ୍ୟନ୍ତ ଛୁଟି ହୋଇଥାଏ। ଏହା ସହିତ ଦେଶର ଅଧିକାଂଶ ହାଇୱେ ଟୋଲ୍ ଫ୍ରି ହୋଇଥାଏ। ତେଣୁ ରାସ୍ତା ଭିଡ଼ ଥିବାରୁ ଅଧିକ ଗାଡ଼ି ଦୁର୍ଘଟଣା ସଂସ୍ପର୍ଶରେ ଆସି ଯାଇଥିଲେ।

### ରୀତିନୀତି ବିନା...

ଆଧାରରେ କହିଥିଲେ ଯେ ଉଭୟ ପାଇଲଟ୍ ଆଇନ ଅନୁଯାୟୀ ବିବାହ କରିନାହାନ୍ତି। ଏହା ସହିତ କୋର୍ଟ ଦମ୍ପତିଙ୍କ ବିବାହ ପ୍ରମାଣପତ୍ରକୁ ରଦ୍ଦ କରିଦେଇଛନ୍ତି। କୋର୍ଟ ମହିଳାଙ୍କ ଛାଡ଼ପତ୍ର ପ୍ରକ୍ରିୟା ଏବଂ ସ୍ୱାମୀ ଓ ତାଙ୍କ ପରିବାର ସଦସ୍ୟଙ୍କ ବିରୋଧରେ ଲଗାଇ ଥିବା ଯୌତୁକ ମାମଲାକୁ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ବିବାହ ଏଭଳି ଏକ କାର୍ଯ୍ୟକ୍ରମ ନୁହେଁ, ଯେଉଁଠି ପରସ୍ପର ଉପରେ ଚାପ ପକାଇ ଯୌତୁକ ଏବଂ ଉପହାର ଦେଣନେଣ କରିପାରିବ। ପରବର୍ତ୍ତୀ ସମୟରେ ଏହାକୁ ନେଇ ମାମଲା ଦାଏର ହୋଇପାରେ। ବିବାହ କୌଣସି ବ୍ୟାବସାୟିକ କାରବାର ନୁହେଁ। ବିବାହ ବନ୍ଧନରେ ଆବଦ୍ଧ ହେବାକୁ ଚାହୁଁଥିବା ଯୁବପିଢ଼ିଙ୍କୁ କୋର୍ଟ ପରାମର୍ଶ ଦେଇଛନ୍ତି।

### 'ନବୀନ ଇଞ୍ଜିନ'...

ବିରୋଧୀ ଦଳଙ୍କୁ ସିଧାସଳଖ ଆକ୍ରମଣ କରି ସେ କହିଛନ୍ତି ଯେ ବର୍ଷକୁ ୨ କୋଟି ଚାକିରୀ ଦେବେ ସେମାନେ ବୋଲି କହିଥିଲେ, କୁଆଡେ ଗଲା ଚାକିରି ପ୍ରତିଶ୍ରୁତି ? ପେଟ୍ରୋଲ, ଡିଜେଲ, ଗ୍ୟାସ ଦର କମେଇବେ ବୋଲି କହିଥିଲେ। ଆମର ଦମ୍ ଅଛି ଲୋକଙ୍କୁ ଆମେ ସବୁବେଳେ ହିସାବ ଦେଇଚାଲିଛୁ। ଆପଣମାନେ ତାଙ୍କୁ ପଚାରନ୍ତୁ, ହିସାବ ମାଗନ୍ତୁ। ହିସାବ ମାଗିଲେ ଲୁଚିକି ପଳେଇବେ, ଆଉ ଦେଖା ଦେବେନି। ନବୀନ ଗ୍ୟାରେଣ୍ଟି ହେଉଛି ଆମେ ପୁଣି ଆସିବୁ, ଆପଣମାନଙ୍କୁ ପୁଣି ହିସାବ ଦେବୁ। ମୁଖ୍ୟମନ୍ତ୍ରୀ ସବୁ ଧର୍ମକୁ, ସବୁ ଧର୍ମାବଲମ୍ବୀଙ୍କୁ ସମ୍ମାନ କରନ୍ତି, ସେଥିପାଇଁ ଓଡିଶାରେ ଶାନ୍ତି ଅଛି। ଛତିଶଗଡ, ଝାଡଖଣ୍ଡରେ ଡବଲ ଇଞ୍ଜିନ ଚାଲିଥିଲା, କିନ୍ତୁ ସେମାନେ ଆଦିବାସୀଙ୍କ ପାଇଁ କଣ କରିଛନ୍ତି ? ଓଡିଶାରେ ମୁଖ୍ୟମନ୍ତ୍ରୀ ଆଦିବାସୀଙ୍କ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ କରିଛନ୍ତି। ଭାଷା, ସାହିତ୍ୟ, ସଂସ୍କୃତି, ପୂଜାସ୍ଥଳୀ, ଜାହିରା ଆଦିର ସଂରକ୍ଷଣ କରୁଛନ୍ତି। କନ୍ଧମାଳ ଏସଡିସିରେ ଗତ ଏକ ବର୍ଷ ମଧ୍ୟରେ ୧୯ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ଜନଜାତିଙ୍କ ସଂଗୃହୀତ ଜଙ୍ଗଲଜାତ ଦ୍ରବ୍ୟ ସରକାର କିଣିବା ପାଇଁ "ଲାଭ' ଯୋଜନା କରିଛନ୍ତି। ଆପଣମାନେ ସମସ୍ତେ ସର୍ବନିମ୍ନ ସହାୟକ ମୂଲ୍ୟ ପାଇବେ। କେହି ଆପଣଙ୍କୁ ଠକି ପାରିବେ ନାହିଁ। ବାଲିଗୁଡାରେ ୩୩୫ କୋଟି ଟଙ୍କାର କାମ ଚାଲିଛି। ଜଗନ୍ନାଥ ମନ୍ଦିର, ପାଟଖଣ୍ଡା ମନ୍ଦିର ଓ ଧବଳେଶ୍ୱର ଶିବ ମନ୍ଦିର ପାଇଁ ୨ କୋଟି ୫୦ ଲକ୍ଷ ଟଙ୍କା ଦିଆଯାଇଛି। ବସ୍ତିଙ୍ଗିଆ ଚର୍ଚ୍ଚ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କା ଏବଂ ବାରଖମା, କଞ୍ଜାମେଣ୍ଡିରେ ଖ୍ରୀଷ୍ଟିଆନ ମାଇନରିଟି ସେଣ୍ଟର ପାଇଁ ସହାୟତା ଦିଆଯାଇଛି। ବାଲିଗୁଡା-ମାଡିନତା ସ୍ଥାନୀୟ ନାଳ ଉପରେ ହାଇଲେବୁଲ ସେତୁ ପାଇଁ ୬ କୋଟି ଟଙ୍କା, ବାଲିଗୁଡା-ବାରଖମା-ଖମଣଖୋଳ-ସିନ୍ଧିଗୁଡା ରାସ୍ତାରେ ହାଇଲେବୁଲ ସେତୁ ପାଇଁ ୫.୭୦ କୋଟି ଟଙ୍କା, ବାଲୁଗୁଡା-ବୁଦାଗୁଡା ରାସ୍ତାର ଉନ୍ନତି ପାଇଁ ୪୫ କୋଟି ଟଙ୍କା, ପିଡାମାହା-ଡୁଡୁମିଲା ରାସ୍ତାର ଉନ୍ନତିକରଣ ଓ ସେତୁ ନିର୍ମାଣ ପାଇଁ ୧୯.୫୦ କୋଟି ଟଙ୍କା, ଗୁମୁଡୁମାହା-ଲହାଡି ରାସ୍ତା ଉନ୍ନତିକରଣ ଓ ସେତୁ ନିର୍ମାଣ ପାଇଁ ୧୧.୫୦ କୋଟି ଟଙ୍କା ଏବଂ ଲୁଡୁ ଜଳପ୍ରପାତ ଓ ସର୍ପନଳା ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ୧.୨୦ କୋଟି ଟଙ୍କାର କାମ ଚାଲିଥିବା ଶ୍ରୀ ପାଣ୍ଡିଆନ କହିଥିଲେ। ଯୁବପିଢି ଓଡିଶାର ଭବିଷ୍ୟତ ବୋଲି ମତଦେଇ ସେ କହିଲେ ଯେ ଆଗାମୀ ୧୦ ବର୍ଷ ହେବ ଯୁବପିଢିଙ୍କ ବର୍ଷ। ଯୁବପିଢି ସଶକ୍ତ ହେବେ, ଓଡିଶାକୁ ନମ୍ବର ୱାନ କରିବେ। ସାଂସଦ ପ୍ରାର୍ଥୀ ଅଚ୍ୟୁତ ସାମନ୍ତଙ୍କୁ ଉଚ୍ଚ ପ୍ରଶଂସା କରି ଶ୍ରୀ ପାଣ୍ଡିଆନ କହିଲେ ଯେ ସେ ଜୀବନରେ ବହୁତ କିଛି ହାସଲ କରିଛନ୍ତି। କେବଳ ସେବା ପାଇଁ ସେ ରାଜନୀତିକୁ ଆସିଛନ୍ତି। ନବୀନ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଲୋକଙ୍କ ସେବା କରୁଛନ୍ତି ବୋଲି ଉଲ୍ଲେଖ କରି ତାଙ୍କୁ ଭୋଟ ଦେବାକୁ ନିବେଦନ କରିଛନ୍ତି । ସେହିପରି ସାଂସଦ ପ୍ରାର୍ଥୀ ଡଃ ଅଚ୍ୟୁତ ସାମନ୍ତ କହିଛନ୍ତି ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ଓଡିଶାର ମା ଭଉଣୀ ମାନଙ୍କ ପାଇଁ ସୁବର୍ଣ୍ଣ ଯୁଗ ଆସିଛି। ନବୀନଙ୍କ ବିକାଶ ରଥର ସାରଥୀ ହେଉଛନ୍ତି କାର୍ତ୍ତିକ ପାଣ୍ଡିଆନ। ମୁଖ୍ୟମନ୍ତ୍ରୀଙ୍କ ସ୍ୱପ୍ନକୁ ସେ ସାକାର କରୁଛନ୍ତି। ଓଡିଶାରେ ଆଜି ଯେଉଁ ରୂପାନ୍ତର ପ୍ରକ୍ରିୟା ଚାଲିଛି, ସେଥିପାଇଁ ସାରା ବିଶ୍ୱରେ ଥିବା ଓଡିଆ ଭାଇଭଉଣୀ ଆଜି ଗର୍ବିତ ଓ ଗୌରବାନ୍ୱିତ। ନବୀନ ବାବୁଙ୍କ ଯୋଗୁ ଆଜି ଓଡିଆ ଜାତି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ପରିଚୟ ପାଇଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି ।

ଶ୍ରୀ ପାଣ୍ଡିଆନ୍ କହିଥିଲେ, ଜି.ଉଦୟଗିରିରେ ୯୭ କୋଟି ଟଙ୍କାର କାମ ଚାଲିଛି। ଏଥିସହିତ ରାଇକିଆକୁ ଏନ.ଏ.ସି ମାନ୍ୟତା ପ୍ରଦାନ, କନ୍ଧ, କୁମ୍ଭାର ଓ କୁଇ ସଂପ୍ରଦାୟଙ୍କୁ ଜନଜାତି ତାଲିକାରେ ସ୍ଥାନୀତ, ବାଲୁଙ୍କେଶ୍ୱର ଶିବ ମନ୍ଦିର ପାଇଁ ୧୦ ଲକ୍ଷ ଟଙ୍କା, ପଙ୍ଗାନାକୁ ଚର୍ଚ୍ଚ ପାଇଁ ୧୦ ଲକ୍ଷ, ବ୍ରେକା କାଥୋଲିକ ଚର୍ଚ୍ଚ ପାଇଁ ୧୦ ଲକ୍ଷ, ଦାରିଙ୍ଗବାଡି ପର୍ଯ୍ୟଟନର ବିକାଶ ପାଇଁ ୧୭.୧୧ କୋଟି, ଦାଦଲକୁଟି-ରଟିଙ୍ଗିଆ ରାସ୍ତା ଉପରେ ହାଇଲେବୁଲ ସେତୁ ପାଇଁ ୮.୮୦ କୋଟି, ଟିକାବାଲି ବ୍ଲକ୍‌ରେ ସାଲୁଙ୍କି ନଦୀ ଉପରେ ହାଇଲେବୁଲ ସେତୁ ପାଇଁ ୬.୧୦ କୋଟି, ସୁଗାଡବାଡି ଡିଗି ରାସ୍ତା ପାଇଁ ୧୧.୫୦ କୋଟି ଟଙ୍କା, ଟିକାବାଲି, ଦାରିଙ୍ଗବାଡି ଓ ଜି.ଉଦୟଗିରି ବ୍ଲକ୍‌ର ୧୮ଟି ଗ୍ରାମଞ୍ଚାୟତରେ ମେଗା ପାଇପ ଜଳଯୋଗାଣ ପାଇଁ ୬୮ କୋଟି ଟଙ୍କା, ୧୦ ହଜାର ଜନଜାତି ପିଲାଙ୍କ ପାଇଁ ୧୨୫ଟି ହଷ୍ଟେଲ ଏବଂ ଜି.ଉଦୟଗିରି ଅଞ୍ଚଳରେ ୬୪,୧୭୦ ଜଣ ହିତାଧିକାରୀ ବିଏସ୍‌କେୱାଇରେ ସାମିଲ ହୋଇଛନ୍ତି ବୋଲି ସେ କହିଥିଲେ। ସେହିପରି ଦଶପଲ୍ଲା ନିର୍ବାଚନମଣ୍ଡଳୀରେ ୧୭୦୦ କୋଟି ଟଙ୍କାର କାମ ଚାଲିଛି। ଏଥିସହିତ ବୃତଙ୍ଗ ଜଳସେଚନ ପ୍ରକଳ୍ପ ପାଇଁ ୧୬୬୦ କୋଟି, ଡିମିରିଆ-ରାଉତପଡା ନଦୀଗର୍ଭ ଜଳାଶୟ ପାଇଁ ୧୫୦୦ କୋଟି, ଦଶପଲ୍ଲା ମହାବୀର ମନ୍ଦିର ପାଇଁ ୪.୫୦ କୋଟି, ସ୍ୱପ୍ନେଶ୍ୱର ମହାବୀର ମନ୍ଦିର ପାଇଁ ୫ କୋଟି ଏବଂ ଅନ୍ୟାନ୍ୟ ମନ୍ଦିର, ମସଜିଦ, ଚର୍ଚ୍ଚ ପାଇଁ ୫ କୋଟି ଟଙ୍କା, ଦଶପଲ୍ଲାର ୪୨ଟି ଗ୍ରାମଞ୍ଚାୟତର ୬୨୩ ଗ୍ରାମରେ ମେଗା ପାଇପ ଜଳଯୋଗାଣ ପାଇଁ ୪୮୦ କୋଟି ଟଙ୍କା, ଦଶପଲ୍ଲାର ୫୫,୩୦୦ ହିତାଧିକାରୀ ବିଏସ୍‌କେୱାଇ କାର୍ଡ ପାଇଥିବାବେଳେ ୩୮,୫୦୦ ଜଣ ସାମାଜିକ ସୁରକ୍ଷା ପେନ୍‌ସନ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଛନ୍ତି ବୋଲି ସେ କହିଛନ୍ତି।

### ୪୫ ଡିଗ୍ରୀ ସହ...

ଆଭ୍ୟନ୍ତରୀଣ ଓଡ଼ିଶାରେ କାଳବୈଶାଖୀ ବର୍ଷା ହୋଇପାରେ। ଭୁବନେଶ୍ୱରରେ ତାପମାତ୍ରା ୪୦ରୁ କିଛି ଅଧିକ ରହିବ। ୬ ତାରିଖରେ ପ୍ରଥମେ ବାଲେଶ୍ୱର ଓ ମୟୂରଭଞ୍ଜରେ ଘନ ମେଘ ସୃଷ୍ଟି ହେବା ସହିତ କାଳବୈଶାଖୀ ବର୍ଷା ଉପରବେଳା ହେବ। ପରେ ପରେ ଖୋର୍ଦ୍ଧା, ପୁରୀ, କଟକ, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା ଓ ନବରଙ୍ଗପୁରରେ କିଛି ବର୍ଷା ହୋଇପାରେ। ପରବର୍ତ୍ତୀ ୪ ଦିନରେ ଫୁଲବାଣୀ, ଢେଙ୍କାନାଳ, ଅନୁଗୁଳ, ଯାଜପୁର, କେନ୍ଦୁଝର, ଭଦ୍ରକ, କେନ୍ଦ୍ରାପଡ଼ାରେ ମଧ୍ୟ ବର୍ଷା ହେବ। ଉତ୍ତର ଉପକୂଳ ଓ ସଂଲଗ୍ନ ଅଞ୍ଚଳରେ (ବାଲେଶ୍ୱର, ମୟୂରଭଞ୍ଜ ଓ ଭଦ୍ରକ) ଏବଂ ଗଞ୍ଜାମ ଓ ଗଜପତିରେ ସବୁଠାରୁ ଅଧିକ ବର୍ଷା ହେବ । ଏହି ୫ ଦିନରେ ସମୁଦାୟ ବର୍ଷା କେତେକ ସ୍ଥାନରେ ୫୦ ମିମିରୁ ଅଧିକ ଏବଂ ଅନେକ ସ୍ଥାନରେ ୫୦ ମିମିରୁ ଅଧିକ ରହିବ। ନୂଆପଡ଼ା, ବଲାଙ୍ଗିର ଓ ଝାରସୁଗୁଡ଼ାରେ ସବୁଠାରୁ କମ୍ ବର୍ଷା (୧୦ ମିମି. କମ୍) ହେବ। ତେବେ ତାପମାତ୍ରା କମିବ, ବାକି ଅଞ୍ଚଳରେ ସମୁଦାୟ ୨୦ରୁ ୩୫ ମିଲିମିଟର ବର୍ଷା ହୋଇପାରେ। ଅନେକ ସ୍ଥାନରେ ତାପମାତ୍ରା ୬ ଡିଗ୍ରୀ ପର୍ଯ୍ୟନ୍ତ କମିବା ସହ ସ୍ୱାଭାବିକ ବା ତା'ଠାରୁ କମିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି। ପାଣିପାଗ କେନ୍ଦ୍ର କହିଛି ଯେ ରାଜ୍ୟରେ ଅନେକ ସ୍ଥାନରେ ଆଗାମୀ ୩ ଦିନ ଯାଏଁ ଦିନ ତାପମାତ୍ରାରେ ବିଶେଷ ପରିବର୍ତ୍ତନର ସମ୍ଭାବନା ନଥିବା ବେଳେ ପରବର୍ତ୍ତୀ ସମୟରେ ଦିନ ତାପମାତ୍ରାରେ ୩ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ହ୍ରାସ ଘଟିବ। ଏହାଦ୍ୱାରା ଆଗାମୀ ୨ଦିନ ପରେ ଉପକୂଳ ଓଡ଼ିଶାରୁ ହିଟ-ୱେଭ୍‌ରେ ବ୍ରେକ୍ ଲାଗିବ। ସେହିପରି ୬ ତାରିଖ ପରେ ସମଗ୍ର ରାଜ୍ୟରୁ ଗ୍ରୀଷ୍ମ ପ୍ରବାହରେ ବ୍ରେକ୍ ଲାଗିବାର ସମ୍ଭାବନା ରହିଛି ବୋଲି କେନ୍ଦ୍ର କହିଛି।

### ଲୋକସଭାରେ ଏକ...

୩୩ ପ୍ରତିଶତ ଅର୍ଥାତ୍ ୭ ଜଣ ମହିଳାଙ୍କୁ ମୁଖ୍ୟମନ୍ତ୍ରୀ ଟିକଟ ପ୍ରଦାନ କରିଛନ୍ତି। ମହିଳା କିପରି ଆଗକୁ ବଢ଼ିବେ, ଆତ୍ମନିର୍ଭର ହେବେ, ରାଜ୍ୟ ବିକାଶର ସାରଥୀ ହେବେ। ଉପରୋକ୍ତ ଲକ୍ଷ୍ୟ ନେଇ ମୁଖ୍ୟମନ୍ତ୍ରୀ ନିଜର ପ୍ରତିଟି କାର୍ଯ୍ୟକ୍ରମ, ଯୋଜନା ଜାରି ରଖିଛନ୍ତି। ମିଶନ ଶକ୍ତି ଅଧିନରେ ରାଜ୍ୟର ୭୦ ଲକ୍ଷ ମହିଳାମାନେ ନିଜକୁ ଆତ୍ମନିର୍ଭର ଭାବେ ଗଢ଼ିତୋଳିଥିବା ବେଳେ ଏସଏଚଜିରୁ ଏମଏମଇ ଆଡ଼କୁ ପାଦ ଥାପିଛନ୍ତି। ସେହିପରି ରାଜନୀତି କ୍ଷେତ୍ରରେ ମଧ୍ୟ ମହିଳାଙ୍କ ଭାଗିଦାରୀ ଏବଂ ଅଗ୍ରାଧିକାରକୁ ମୁଖ୍ୟମନ୍ତ୍ରୀ ସୁନିଶ୍ଚିତ କରିଛନ୍ତି। ଓଡ଼ିଶାର ବିକାଶ ଦିଗରେ ଏବେ ମହିଳାମାନେ ନେତୃତ୍ୱ ନେବା ଆରମ୍ଭ କରିଥିବା ବେଳେ ଆଗାମୀ ଦିନରେ ସେମାନେ ରାଜ୍ୟର ପ୍ରଗତିରେ ଏକ ନୂଆ କାହାଣୀ ଲେଖିବାକୁ ଯାଉଛନ୍ତି। ଅପରପକ୍ଷେ ସମାନ ସମୟରେ ବିରୋଧୀ ଦଳ ଉପରୁ ମହିଳା ନେତ୍ରୀଙ୍କ ଆସ୍ଥା ତୁଟୁଥିବା ବେଳେ ସେମାନଙ୍କୁ ସେମିତି ଅଗ୍ରାଧିକାର ଦିଆଯାଉନଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଉଭୟ ବିଜେପି ଓ କଂଗ୍ରେସର ଲୋକସଭା ଏବଂ ବିଧାନସଭା ପ୍ରାର୍ଥୀ ତାଲିକାରେ ଏହା ଜଳଜଳ ଦିଶୁଛି। ମହିଳାଙ୍କ ସଶକ୍ତିକରଣ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦକ୍ଷେପ ଅନୁକରଣୀୟ ଏବଂ ପ୍ରଶଂସନୀୟ ହୋଇଥିବା ବେଳେ ବିରୋଧୀ ଦଳ ମଧ୍ୟ ସମାନ ଭାବେ ମହିଳାଙ୍କୁ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।

### ପ୍ରଦୀପ-ପ୍ରକାଶ-ଶ୍ରୀକାନ୍ତଙ୍କ...

ଆବେଦନକାରୀଙ୍କ '୫-ଟି' ଅଧକ୍ଷଙ୍କ ସୁରକ୍ଷା ସମ୍ପର୍କରେ କୌଣସି ତଥ୍ୟ ଦିଆଯାଇଥିବା କଥା ମଧ୍ୟ ଏହି ରେଜିଷ୍ଟର୍‌ରେ ଉଲ୍ଲେଖ ନଥିଲା। ସେହିପରି ସୂଚନାଧିକାର କର୍ମୀ ପ୍ରଦୀପ ପ୍ରଧାନଙ୍କ ନାମରେ ପୂର୍ବରୁ ଖାରବେଳନଗର ଥାନା, ଚନ୍ଦ୍ରଶେଖରପୁର ଥାନା, କ୍ୟାପିଟାଲ ଥାନାରେ ୯ଗୋଟି ସଂଗୀନ ଅପରାଧିକ ମାମଲା ରହିଥିବା ଦର୍ଶାଯାଇଥିଲା। ପ୍ରକାଶ ଦାସଙ୍କ ନାମରେ ମାର୍ଶାଘାଇ ଥାନାରେ ଗୋଟିଏ ଓ ଶ୍ରୀକାନ୍ତ ପାକଳଙ୍କ ନାମରେ ଚୌଦ୍ୱାର ଥାନା, କ୍ୟାପିଟାଲ ଥାନା ଓ ବାଲିପାଟଣା ଥାନାରେ ୩ଟି ମାମଲା ଥିବା ନେଇ ସରକାରୀ ଓକିଲ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ।

ମାମଲାରୁ ପ୍ରକାଶ ଯେ ଗତ ମାର୍ଚ୍ଚ ୨୯ ତାରିଖରେ ଉପରୋକ୍ତ ୩ଜଣ ସୂଚନାଧିକାର କର୍ମୀ ଓଡ଼ିଶା ସୂଚନା ଅଧିକାର ଅଭିଯାନ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ କରି '୫-ଟି' ଅଧକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ସୁରକ୍ଷା ପାଇଁ ସରକାର ଅଯଥାରେ ୭୪ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରୁଥିବା ନେଇ ଅଭିଯୋଗ ଆଣିଥିଲେ। ଏହି ସମ୍ମିଳନୀରେ ଆରଟିଆଇ ଆକ୍ଟରେ ମିଳିଥିବା କେତେକ ତଥ୍ୟ ଉପସ୍ଥାପନ କରାଯାଇଥିଲା। ତେବେ ଏହି ଦସ୍ତାବିଜ ସବୁ ଜାଲ ଥିବା ନେଇ କମିସନରେଟ ପୁଲିସ ଜାଣିବାକୁ ପାଇଥିଲା। ଏଭଳି ମିଥ୍ୟା ଖବର ପ୍ରସାରିତ କରାଯାଉଥିବା ଦେଖି ରିଜର୍ଭ ଇନସ୍ପେକ୍ଟର ଭଗବାନ ପାଣିଗ୍ରାହୀଙ୍କ ପକ୍ଷରୁ ଉପରୋକ୍ତ ୩ ସୂଚନାଧିକାର କର୍ମୀଙ୍କ ନାମରେ ସହିଦନଗର ଥାନାରେ ଏକ ଏତଲା ଦିଆଯାଇଥିଲା। ଏହି ମାମଲାରେ ଗିରଫଦାରୀ ଏଡ଼ାଇବାକୁ ଆବେଦନକାରୀ ୩ ସୂଚନାଧିକାର କର୍ମୀ ହାଇକୋର୍ଟରେ ଆଗୁଆ ଜାମିନ ପାଇଁ ଆବେଦନ କରିଥିଲେ। ଏହାକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ମାମଲାରେ ସରକାରଙ୍କ ପକ୍ଷରୁ ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ ମନୋଜ କୁମାର ମହାନ୍ତି ମାମଲା ପରିଚାଳନା କରୁଥିଲେ।

### ନିଜ ଫାଶରେ...

ବେଳେ ପ୍ରଶ୍ନ ଆଡ଼େଇବାକୁ ଯଥାସମ୍ଭବ ଚେଷ୍ଟା କରିଥିଲେ। ମନମୋହନଙ୍କ ଏପରି ଇତଃସ୍ତତ ଆଚରଣ ରାଜନୈତିକ ମହଲରେ ଚର୍ଚ୍ଚାର ବିଷୟ ହୋଇଛି । ଆଜି କାର୍ଯ୍ୟାଳୟରେ ରାଜ୍ୟରେ ଚାଷ ଓ ଚାଷୀ କଲ୍ୟାଣ ପ୍ରସଙ୍ଗରେ ଶ୍ରୀ ସାମଲ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିଥିଲେ। ସାମ୍ବାଦିକ ସମ୍ମିଳନୀ ଶେଷରେ ଜନୈକ ସାମ୍ବାଦିକ ତାଙ୍କୁ କେତୋଟି ପ୍ରଶ୍ନ କରିଥିଲେ। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ଓଡ଼ିଶାକୁ ୪ ଥର କୃଷି କର୍ମଣ ପୁରସ୍କାର ପ୍ରଦାନ କରିଛନ୍ତି। ଯଦି ରାଜ୍ୟରେ ଚାଷ ଏତେ ବିପର୍ଯ୍ୟସ୍ତ ତେବେ ୪-୪ ଥର କେନ୍ଦ୍ର ସରକାର କାହିଁକି ରାଜ୍ୟକୁ କୃଷି କର୍ମଣ ପୁରସ୍କାର ଦେଇଛନ୍ତି ବୋଲି ସାମ୍ବାଦିକ ଜଣ ପ୍ରଶ୍ନ କରିଥିଲେ। ସେହିପରି ଓଡ଼ିଶା ସବୁଥିରେ ପ୍ରଗତି କରିଛି ବୋଲି ଖୋଦ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଥିବା ବେଳେ ରାଜ୍ୟ ବିଜେପି ସତ କହୁଛି କି କେନ୍ଦ୍ର ବିଜେପି ସତ୍ କହୁଛି ବୋଲି ସାମ୍ବାଦିକଙ୍କ ପ୍ରଶ୍ନର ସଠିକ୍ ଭାବେ ଉତ୍ତର ରଖି ପାରିନଥିଲେ ମନମୋହନ। ପ୍ରଶ୍ନରେ ହଠାତ୍ ବ୍ୟତିବ୍ୟସ୍ତ ହୋଇପଡ଼ି ପ୍ରସଙ୍ଗକୁ ବାଆଁରେଇ ଯିବାକୁ ଚେଷ୍ଟା କରିଥିଲେ।

### ଚାଷୀଙ୍କ ପାଇଁ...

ଏଥିରେ ସମ୍ମତି ପ୍ରକାଶ କରିଥିଲେ। ହେଲେ କେନ୍ଦ୍ର ସରକାର ଧାନର ଦରବୃଦ୍ଧି କଲେ ନାହିଁ। ଓଡ଼ିଶା ବିଜେପି ମଧ୍ୟ କେନ୍ଦ୍ରରେ ଥିବା ନିଜ ଦଳର ସରକାରଙ୍କ ନିକଟରେ ଏହି ଦାବି ଉଠାଇବାକୁ ଉଚିତ ମଣିଲା ନାହିଁ। ଏହି ସଙ୍କଳ୍ପ ପାରିତକୁ ସାତ ବର୍ଷ ପୂରିଥିବା ବେଳେ ମନମୋହନ ସାମଲ ଦିନଟିଏ ହେଲେ ଏହି ପ୍ରସଙ୍ଗରେ ମୁହଁ ଖୋଲିନଥିଲେ। ଏବେ ନିର୍ବାଚନକୁ ଦୃଷ୍ଟିରେ ରଖି ଶ୍ରୀ ସାମଲ ଚାଷୀଙ୍କ ପ୍ରସଙ୍ଗ ଉଠାଇ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଏହା ଶ୍ରୀ ସାମଲଙ୍କର ଏଭଳି ବକ୍ତବ୍ୟ ବିଜେପିର ଦୋମୁହାଁ ନୀତିକୁ ଦର୍ଶାଉଛି।

ଡ଼ ପାତ୍ର କହିଛନ୍ତି, ଶ୍ରୀ ସାମଲ ଏହି ପ୍ରସଙ୍ଗ ଉଠାଇ ଏବେ ନିଜ ଦଳର ସାଂସଦ ଓ ବିଧାୟକମାନଙ୍କର ଅପାରଗତାକୁ ପଦାରେ ପକାଇ ଦେଇଛନ୍ତି। ଓଡିଶାରେ ଚାଷୀଙ୍କ ମେରୁଦଣ୍ଡ ମଜବୁତ ଅଛି ଏବଂ ସେମାନଙ୍କ ହାତମୁଠା ଟାଣ ରହିଛି। ରାଜ୍ୟ ବିଜେପି ସେମାନଙ୍କୁ ରାଜନୀତି ରଣାଙ୍ଗନରେ ମୋହରା ବନାଇବକୁ ଚେଷ୍ଟା ନକରୁ। ଅମିତ ଶାହାଙ୍କ ୧୬ଟି ଲୋକସଭା ଆସନ ଜିତିବା ପ୍ରସଙ୍ଗରେ ଡକ୍ଟର ପାତ୍ର କହିଛନ୍ତି ଯେ କେନ୍ଦ୍ର ବିଜେପି ଭଲ ଭାବେ ଜାଣିଛି ଏଥର ନିର୍ବାଚନରେ ବିଜେପି ଶୋଚନୀୟ ଭାବେ ହାରିବାକୁ ଯାଉଛି। ହତାଶ କର୍ମୀଙ୍କ ମନୋବଳ ବଢାଇବାକୁ ଶ୍ରୀ ଶାହା ଏଭଳି ମନ୍ତବ୍ୟ ରଖିଛନ୍ତି। ଗତ ପଞ୍ଚାୟତ ଓ ପୌର ନିର୍ବାଚନରେ ବିଜେଡି ୯୦ ପ୍ରତିଶତ ସ୍ଥାନରେ ଜିତିଥିଲା। ୩୦ରୁ ୩୦ ଜିଲ୍ଲା ପରିଷଦ ଆସନ ବିଜେଡି ଖାତାକୁ ଆସିଥିଲା। ଚଳିତ ନିର୍ବାଚନରେ ବିଜେଡି ୧୭ଟି ଲୋକସଭା ଆସନରେ ବିଜୟ ଲାଭ କରିବ। ସେହିଭଳି ୨୦୧୯ ନିର୍ବାଚନରେ ବିଜେଡି ଯେତିକି ବିଧାନସଭା ଆସନ ପାଇଥିଲା ଏଥର ତାହାଠାରୁ ଢେର ଅଧିକ ଆସନରେ ଜିତିବ ବୋଲି ଡକ୍ଟର ପାତ୍ର କହିଛନ୍ତି।

### ରାଜ୍ୟ ବିଜେପିରେ...

ମୋଦୀ ନିଜେ ମହିଳା ସମ୍ମାନ, ବେଟି ବଚାଓ, ବେଟି ପଢ଼ାଓର ଆହ୍ୱାନ ଦେଇ ଆସୁଛନ୍ତି। ମାତ୍ର ରାଜ୍ୟ ବିଜେପି ନେତୃତ୍ୱ ଉପରେ ଏହି ଅଭିଯାନର କାଣିଚାଏ ପ୍ରଭାବ ପଡ଼ିନାହିଁ। ଏକଥା କେହି ନୁହେଁ, ବରଂ ନିକଟରେ ଦଳ ଛାଡ଼ିଥିବା ବହୁ ଆଗଧାଡ଼ିର ନେତ୍ରୀ ଦଳ ବିରୋଧରେ ବିଷୋଦଗାର କରି କହିଛନ୍ତି। ନିକଟରେ ନୟାଗଡ଼ ବିଜେପିର ଆଗଧାଡ଼ିର ନେତ୍ରୀ ଇରାନୀ ରାୟ ଦଳ ଛାଡ଼ିଥିଲେ। ନିଜ କ୍ଷୋଭ ଜାହିର୍ କରିବାକୁ ଯାଇ ଇରାନୀ କହିଥିଲେ ଯେ ନୟାଗଡ଼ରେ ବିଜେପି ପାଇଁ ବହୁତ କିଛି କରିଥିଲି। ମାତ୍ର ମୋ ପରିଶ୍ରମ ଓ ତ୍ୟାଗର ସମ୍ମାନ ମୋତେ ବିଜେପିରେ ମିଳିଲାନି। ବିଜେପିରେ ମହିଳାଙ୍କୁ ସମ୍ମାନ ମିଳେନାହିଁ। ସେହିପରି ରାଜ୍ୟ ବିଜେପି ଉପସଭାପତି ଡ. ଲେଖାଶ୍ରୀ ସାମନ୍ତ ସିଂହାର ମଧ୍ୟ ସମାନ ଅଭିଯୋଗ ଆଣିଥିଲେ। ଓଡିଶା ବିଜେପି ଆଉ ଏକ ରାଜନୈତିକ ଦଳ ହୋଇ ରହିନି। ଏହା ଏକ ଜାଗିରିଦାରୀ ପ୍ରଣାଳୀରେ ପରିବର୍ତ୍ତନ ହୋଇଛି। ମହିଳାଙ୍କ ପ୍ରତି କାଣିଚାଏ ସମ୍ମାନ ନାହିଁ। ଏପରି ଦଳରେ ରହିବାର ମୁଁ ଆବଶ୍ୟକତା ଅନୁଭବ କରୁନାହିଁ ବୋଲି ସେ କହିଥିଲେ। ସେହିପରି ବିଜେପିର ପ୍ରବକ୍ତା ଭାବେ କାର୍ଯ୍ୟ କରୁଥିବା ସୋନାଲୀ ସାହୁଙ୍କର ମଧ୍ୟ ସମାନ ଅଭିଯୋଗ । ଗତ ୫ ବର୍ଷ ଧରି ବିଜେପିରେ କାମ କରିବା ବେଳେ ଦଳ ଆଦୌ ମହିଳା ସପକ୍ଷବାଦୀ ନୁହେଁ ବୋଲି ମୁଁ ଅନୁଭବ କରିଛି। ମହିଳାଙ୍କୁ ଅଧିକାର ଦେବା ତ ଦୂରର କଥା, ଏଠାରେ ସମ୍ମାନ ଟିକିଏ ମିଳିବା କଷ୍ଟକର ବୋଲି ସେ କହିଥିଲେ। ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନିରୋଜ ନଳିନୀ ମହାଲିକ, ଢେଙ୍କାନାଳ ବିଜେପି ଜିଲ୍ଲା ସମ୍ପାଦକ ଅନିତା ଦାସ ଓ ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦକ ସସ୍ମିତା ସାମଲ, ମୋହନାର ପୂର୍ବତନ ବିଧାୟିକା ବାସନ୍ତୀ ମଲ୍ଲିକ, ବରଗଡ଼ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦକ ଅନୁରାଧା ଅଗ୍ରୱାଲଠାରୁ ଆରମ୍ଭ କରି ଅନେକ ନେତ୍ରୀ ସମାନ ଅଭିଯୋଗ ଆଣି ଦଳ ଛାଡ଼ିଛନ୍ତି।


**AFFIDAVIT**

By the virtue of Affidavit No- 69AA 461733 from now I shall be known as **SHREE KISHAN AGARWAL** for all purpose.

**AFFIDAVIT**

I, Kapish Kumar Agrawal, S/o- Suresh Kumar Agrawal, resident of At-Nadi Pada, Ward No-1, Po/Dist-Bargarh, Pin-768028, Odisha declare by this affidavit No.6235, dated- 30/04/2024, that now onwards I shall be known as **KAPISH AGRAWAL** for all future purposes.

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. ETCECONIIIBBS 2024017, ତା.22.04.2024ରିଖ

କାର୍ଯ୍ୟର ନାମ : ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ଶାଳଗାଁ ଠାରୁ ବୁଢ଼ାପଙ୍କ ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ସମ୍ବନ୍ଧୀୟ କଟକ-ତାଳଚେର ବ୍ରାଞ୍ଚ ଲାଇନ୍‌ରେ ରାଜାଆଠଗଡ଼-ଯୋରନ୍ଦା ରୋଡ୍ ଷ୍ଟେସନ ମଧ୍ୟରେ କି.ମି. 429/24-429/28 ଠାରେ ପଶୁମାନଙ୍କ ପାଇଁ ଓଭର ପାସ୍ ସହିତ ଅନ୍ୟ ସମ୍ପର୍କିତ କାର୍ଯ୍ୟଗୁଡ଼ିକର ସମାଧାନ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 7187.69 ଲକ୍ଷ, EMD : ₹ 37,43,900/-, କାର୍ଯ୍ୟ ଶେଷ ହେବା ଅବଧି : 04 (ଚାରି) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.24.05.2024ରିଖ 1200 ଘଣ୍ଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥାଏ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ୍‌ଦାତାମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ ବିଡ୍‌ଦାତାମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଉପର୍ଯ୍ୟୁକ୍ତ ଆଇଡାବ୍ଲ୍ୟୁଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B/G & G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭଳ୍ୟୁମ 2ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍)ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-08/CH/24-25

## ଗ୍ରାମେଶ୍ୱର ମନ୍ଦିର ପୂଜକଙ୍କ ପରଲୋକ

**ଏରସମା,୨।୫(ସମିସ):** ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତ ପଞ୍ଚପଲି ଗୋବିନ୍ଦପୁର ଗ୍ରାମର ଦିବାକର ପଣ୍ଡା(୫୫ ବର୍ଷ)ଙ୍କ ପରଲୋକ ହୋଇଯାଇଛି । ପଞ୍ଚପଲ୍ଲୀ ଗ୍ରାମେଶ୍ୱର ମନ୍ଦିରର ସମଗ୍ର ଅଞ୍ଚଳରେ ସେ ଜଣେ ବରିଷ୍ଠ ପୂଜକ ଭାବେ ଜଣାଶୁଣା ଥିଲେ । ହଠାତ୍ ସେ ଅସୁସ୍ଥ ହୋଇ ପଡ଼ିବାରୁ ପରିବାର ଲୋକ ଚିକିତ୍ସା ପାଇଁ କଟକ ମେଡିକାଲ୍ ନେଇଥିଲେ । ପରେ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଯାଇଛି । ତାଙ୍କ ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ । ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା । ପୁତ୍ର ଆଶୁତୋଷ ପଣ୍ଡା, ଦେବୀପ୍ରସାଦ ପଣ୍ଡା ମୁଖାଗ୍ନି ଦେଇଥିବା ବେଳେ ବନ୍ଧୁ ପରିବାରବର୍ଗ ଓ ଗ୍ରାମର ମୁରବିମାନେ ଉପସ୍ଥିତ ଥିଲେ ।

## ଜଳଛତ୍ର ସେବା



**ବାଲିକୁଦା,୨।୫(ସମିସ):** ବାଲିକୁଦା ବ୍ଲକ ମାଛଗାଁ ବଜାର ନୂତନ ବସ ଷ୍ଟାଣ୍ଡ ନିକଟରେ ଶ୍ରୀରାମ ଚରିତ ସେବା ସଂସ୍ଥାନ ପକ୍ଷରୁ ଜଳଛତ୍ର ସେବା ଯୋଗାଇ ଦିଆଯାଇଛି । ପ୍ରଚଣ୍ଡ ଖରା କାରଣରୁ ଜଗତସିଂହପୁର ଜିଲ୍ଲାରେ ତାପମାତ୍ରା ୪୨ ଡିଗ୍ରୀ ଥିବାବେଳେ ଏହି ବଜାରକୁ ପ୍ରତ୍ୟେକ ଦିନ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଯାଆସ କରିଥାନ୍ତି ।ଏଣୁ ପାଣି ପାଇଁ ଡହଳ ବିକଳ ହେଉଥିବା କାରଣରୁ ଏହି ଅନୁଷ୍ଠାନ ପକ୍ଷରୁ ଦହି ସର୍ବତ ଯୋଗାଇ ଦେବା ଭଳି ଏକ ମହତ ନିଷ୍ପତ୍ତି ନେଇଥିଲେ ଅନୁଷ୍ଠାନର ସଭାପତି ତଥା ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଅରୁଣ କୁମାର ମହାନ୍ତି ଓ କାର୍ଯ୍ୟକର୍ତ୍ତା ।ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଅନୁଷ୍ଠାନର ସଦସ୍ୟ ସିଲୁ ରାଉତ,ସୁବାସ ଦାସ,କୈଳାସ ପାଲ, ଲିଟୁ ସ୍ୱାଇଁ,ପିଙ୍କୁ ମହାନ୍ତି,ପପୁ ମହାନ୍ତି,ରଞ୍ଜିତ ରାଉତ,ଉଲ୍ଲାସ ବିଶ୍ୱାଳ,ତପୁ ପତି ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ ।

## ଆହତମାନଙ୍କୁ ସହାୟତା ପ୍ରଦାନ



**ବାଲିକୁଦା,୨।୫ (ସମିସ):** ବାଲିକୁଦା ଥାନା ଅନ୍ତର୍ଗତ ଶୋଭା ପେଟ୍ରୋଲ ପମ୍ପ ନିକଟରେ ଗତ ଚାରି ଦିନ ତଳେ ଏକ ଯାତ୍ରୀବାହୀ ବସ ଭାରସାମ୍ୟ ହରାଇ ରାସ୍ତା କଡରେ ଓଲଟି ପଡିଥିଲା ।ଉକ୍ତ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିବା ମାନସ କକ୍ଷଣ୍ଡି କଟକ ବଡ ମେଡିକାଲରେ ଚିକିତ୍ସା ହେଉଥିବା ବେଳେ ଅଲ ଓଡ଼ିଶା ଭୋଇ ସମାଜ ବିକାଶ ପରିଷଦର ରାଜ୍ୟ ସଭାପତି ଲକ୍ଷ୍ମୀଧର ଭୋଇ ଓ ଏଲ ଓଡ଼ିଶା ଭୋଇ ସମାଜ ବିକାଶ ପରିଷଦ ଜଗତସିଂହପୁର ଶାଖା ,ଆବାହକ ଶଙ୍କର ଦାସ ତାଙ୍କୁ ମେଡ଼ିକାଲରେ ସାକ୍ଷାତ କରିବା ସହ ଆର୍ଥିକ ସାହାଯ୍ୟ ପ୍ରଦାନ କରିଥିଲେ ।

## କୁଜଙ୍ଗ ଓକିଲ ସଂଘ ପକ୍ଷରୁ ଶୋକ

**କୁଜଙ୍ଗ,୨।୫(ସମିସ):** କୁଜଙ୍ଗର ବରିଷ୍ଠ ମୋହରିଅର୍ ସୁକାନ୍ତ ମଲିକଙ୍କ ହୃଦଘାତରେ ପରଲୋକ ହୋଇଯାଇଛି । ସେ ଜଣେ ସଚ୍ଚୋଟ, କର୍ମଠ ତଥା ନିଷ୍ଠାବାନ ବ୍ୟକ୍ତି ରୂପେ ନିଜ ଗ୍ରାମ ବଳରାମପୁର ତଥା କୁଜଙ୍ଗ ଅଞ୍ଚଳରେ ଜଣାଶୁଣା ଥିଲେ । ତାଙ୍କ ପରଲୋକରେ କୁଜଙ୍ଗ ଓକିଲ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି । ଓକିଲ ସଂଘର ସଭାପତି ସୁଶାନ୍ତ କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଏଏନ୍‌ଡି ଯାଦବ, ପୂର୍ବତନ ସଭାପତି ସତ୍ୟାନନ୍ଦ ବିଶ୍ୱାଳ, ରମେଶ ଚନ୍ଦ୍ର ଦାସ, ଅର୍ଜୁନ ନାୟକ, ଚୈତନ୍ୟ ମହାପାତ୍ର, ଧନେଶ୍ୱର ସାହୁ, କିଶୋର ଶତପଥି, ସ୍ୱତନ୍ତ୍ର ପିପି ଦେବାଶୀଷ କଣ୍ଡ, ନଳିନୀ ରଞ୍ଜନ ଦାସ, ସୁରେଶ ଚନ୍ଦ୍ର ଦାସ, ସଞ୍ଜୟ କୁମାର ବେହେରା, ମୋହରିଅର ସଂଘ ପକ୍ଷରୁ ପର୍ଶୁରାମ ସାହୁ, ଷ୍ଟାମ୍ପ ଭେଣ୍ଡର ସଂଘ ପକ୍ଷରୁ ରବୀନ୍ଦ୍ର ନାଥଶର୍ମା ପ୍ରମୁମଖ ଶତାଧିକ ଆଇନଜୀବୀ ଓ ମୋହରିଅର ଶୋକ ପ୍ରକାଶ କରିଛନ୍ତି । ଏକ ଶୋକ ବାର୍ତ୍ତାରେ ସଭାପତି ଶ୍ରୀ ପଟ୍ଟନାୟକ କହିଛନ୍ତି ତାଙ୍କ ପରି ମେଳାପି ଲୋକ ବିରଳ ଓ ଓକିଲ ସଂଘ କାର୍ଯ୍ୟରେ ତାଙ୍କର ଅକୁଣ୍ଠ ସହଯୋଗ ରହିଥିଲା । ତାଙ୍କ ପରିବାକୁ ଏହି ଅବସରରେ ସମବେଦନା ଜଣାଇଥିଲେ ।

## ଯୁବତୀଙ୍କୁ ବଳାତ୍କାର ଉଦ୍ୟମ, ଯୁବକ ଗିରଫ



**ତିର୍ତ୍ତୋଲ,୨।୫(ସମିସ):** ତିର୍ତ୍ତୋଲ ଥାନା କନକପୁର ଫାଣ୍ଡି ନିକଟରେ ରହୁଥିବା ଜଣେ ତେଲେଗୁ ସମ୍ପ୍ରଦାୟର ମହିଳାଙ୍କ ଘରେ ମଙ୍ଗଳବାର ବିଳମ୍ବିତ ରାତିରେ ପଶି କନକପୁର ଶାସନ ଗ୍ରାମର ନିଶାସକ୍ତ ଯୁବକ ଚିତ୍ତରଞ୍ଜନ ଦାସ(ଟାଙ୍ଗୁଆ) ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ । ମହିଳାଙ୍କ ପାଟିଶୁଣି ସ୍ଥାନୀୟ ବସ୍ତି ବାସିନ୍ଦା ମାନେ ଟାଙ୍ଗୁଆକୁ ଘଟଣାସ୍ଥଳରୁ ଧରି ଏକ ଗଛରେ ବାନ୍ଧି ନିସ୍ତୁକ ମାଡ ମାରିଥିଲେ । ଖବର ପାଇ କନକପୁର ଫାଣ୍ଡି ଅଧିକାରୀ ରାଜେନ୍ଦ୍ର ଭୋଳ ପହଞ୍ଚି ଟାଙ୍ଗୁଆକୁ ପୁଲିସ ହେପାଜତକୁ ନେଇ ଥିଲେ । ପରେ ମହିଳାଙ୍କ ଅଭିଯୋଗ ଉପରେ ପୁଲିସ ଟାଙ୍ଗୁଆ ବିରୁଦ୍ଧରେ ଏକ ମାମଲା ରୁଜୁ କରି ଆଜି ଅଦାଲତ ଚାଲାଣ କରିଥିବା ନେଇ ଫାଣ୍ଡି ସୂତ୍ରରୁ ଜଣାପଡିଛି ।

### କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ନିର୍ବାଚନ ପ୍ରସ୍ତୁତି ଓ ଗ୍ରୀଷ୍ମ ପ୍ରବାହ ମୁକାବିଲାର ସମୀକ୍ଷା

# ନିର୍ବାଚନକୁ ସ୍ୱଚ୍ଛ, ଅବାଧ ଓ ସଫଳତାର ସହ ସମ୍ପାଦନ ଉପରେ ଆରଡିସିଙ୍କ ଗୁରୁତ୍ୱ

**ଜଗତସିଂହପୁର,୨।୫(ସମିସ)**



କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ରଞ୍ଜନ କୁମାର ଦାସ ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାବନା ସଭାଗୃହରେ ଗୁରୁବାର ଆଗାମୀ ସାଧାରଣ ନିର୍ବାଚନ ପ୍ରସ୍ତୁତି ଓ ଗ୍ରୀଷ୍ମ ପ୍ରବାହର ମୁକାବିଲାର ସମୀକ୍ଷା କରିଛନ୍ତି । ସମସ୍ତ ରିଟର୍ଣ୍ଣିଂ ଅଫିସର ଓ ସହକାରୀ ରିଟର୍ଣ୍ଣିଂ ଅଫିସର ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମାକୁ ଭଲଭାବେ ପଢି ସେହି ଅନୁଯାୟୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ନିର୍ବାଚନକୁ ସ୍ୱଚ୍ଛ ,ଅବାଧ ଓ ସଫଳତାର ସହ ସମ୍ପାଦନ ପାଇଁ ପରାମର୍ଶ ଦେଇଥିଲେ ଥିଲେ ।ଏହି ୨୦୨୪ ନିର୍ବାଚନକୁ ଅବାଧ, ଶାନ୍ତିପୂର୍ଣ୍ଣ ଓ ମୁକ୍ତ ଭାବେ ସମ୍ପାଦନ କରିବା ନିମନ୍ତେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ବରିଷ୍ଠ ଅଧିକାରୀ ମାନଙ୍କ ସହିତ ସେ ସମୀକ୍ଷା କରିଥିଲେ । ବୈଠକର ପ୍ରାରମ୍ଭରେ ଜିଲ୍ଲାପାଳ ଅନୁପମ ସାହା ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି, ବିଭିନ୍ନ ବୁଥ୍ ଗୁଡିକ ରେ ଆବଶ୍ୟକୀୟ ସୁବିଧାସୁଯୋଗ ତଥା ନିର୍ବାଚନ ସମୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ମୁକାବିଲା ସହ ଅବାଧ ନିର୍ବାଚନ ସମ୍ପାଦନ ନିମନ୍ତେ ଜିଲ୍ଲା ପ୍ରଶାସନର ବ୍ୟାପକ ପ୍ରସ୍ତୁତି ସମ୍ପର୍କରେ ରାଜସ୍ୱ ଆୟୁକ୍ତଙ୍କୁ ଅବଗତ କରିଥିଲେ । କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଶ୍ରୀ ଦାସ କୌଣସି ବୃହତ୍ତର କାମରେ ସଫଳତା ସର୍ବଦା ମିଳିତ ଉଦ୍ୟମ ବା ଟିମ ୱାର୍କରେ ମିଳିଥାଏ ବୋଲି କହିଥିଲେ । ଜିଲ୍ଲାରେ ନିର୍ବାଚନକୁ ସଫଳତାର ସହ ସମ୍ପାଦନ କରିବା ନିଶ୍ଚିତ ଭାବେ ପ୍ରଶାସନ ପାଇଁ ଏକ ଆହ୍ୱାନ ବୋଲି କହିଥିଲେ । ଏହାପରେ କମିଶନର ଶ୍ରୀ ଦାସ ନିର୍ବାଚନର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ ।ଜିଲ୍ଲାରେ ୧୦୫୧ ବୁଥରେ ଆବଶ୍ୟକୀୟ ସୁବିଧାସୁଯୋଗ ଉପଲବ୍ଧ ନେଇ ସେ ଜିଲ୍ଲାପାଳଙ୍କୁ ପଚାରି ବୁଝିଥିଲେ । ସମସ୍ତ ବୁଥରେ ବିଦ୍ୟୁତିକରଣ, ପାନୀୟଜଳ, ପୁରୁଷ ଓ ମହିଳାଙ୍କ ନିମନ୍ତେ ପୃଥକ ଶୌଚାଳୟ, ଖରାରୁ ରକ୍ଷା ପାଇବା ପାଇଁ ସେଡ଼, ଭିନ୍ନକ୍ଷମ ଭୋଟର ମାନଙ୍କ ପାଇଁ ରାମ୍ପ, ହୁଇଲ ଚେୟାର, ବି ଏଲ୍ ଓ ହେଲପ ଡେସ୍କ ସହ ଗ୍ରୀଷ୍ମ ପ୍ରବାହର ମୁକାବିଲା ନିମନ୍ତେ ଆମ୍ବୁଲାନ୍ସ, ଓ ଆର୍ ଏସ୍, ଫାଷ୍ଟ ଏଡ ଆଦିର ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ । ନିର୍ବାଚନର ଏହି ମହାନ ପର୍ବରେ ସାମିଲ ହୋଇଥିବା ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ ମାନଙ୍କ ନିମନ୍ତେ ସମସ୍ତ ସୁବିଧା ସୁଯୋଗ ଉପଲବ୍ଧ କରାଇବାକୁ ସେ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ । ଗ୍ରୀଷ୍ମ ପ୍ରବାହରୁ ଆଶ୍ୱସ୍ତି ନିମନ୍ତେ ଭୋଟ ସାମଗ୍ରୀ ବିତରଣ କେନ୍ଦ୍ର ନିକଟରେ ଥଣ୍ଡା ପାନୀୟ , ଚା ଜଳଖିଆ ଦୋକାନ ଆଦି ବ୍ୟବସ୍ଥା କରିବାକୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ । ସଖୀ ବୁଥ ଗୁଡିକରେ ନିୟୋଜିତ ମହିଳା ଅଧିକାରୀମାନଙ୍କ ସୁବିଧାସୁଯୋଗ ସହ ସୁରକ୍ଷା ନିମନ୍ତେ ମହିଳା ପୁଲିସ ଅଧିକାରୀ ମୁତୟନ କରିବା ଦିଗରେ ଗୁରୁତ୍ୱ ଆରୋପ କରିବା ସହ ଆରକ୍ଷୀ ଅଧୀକ୍ଷକଙ୍କୁ ଏ ଦିଗରେ ପଦକ୍ଷେପ ନେବା ପାଇଁ କହିଥିଲେ । ଜିଲ୍ଲା ରେ ଭୋଟର ମାନଙ୍କ ସଂଖ୍ୟାକୁ ସମୀକ୍ଷା କରିବା ସହ (ସ୍ୱିପ )ଅନ୍ତର୍ଗତ ଭୋଟର ସଚେତନତା କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ ।ପୋଷ୍ଟାଲ ବ୍ୟାଲଟ,ହୋମ ଭୋଟିଂ, ପୁଲିସ ଫ୍ଲାଗ୍ ମାର୍ଚ୍ଚ, ଭେଇକିଲ ରିକ୍ୱିଜିସନ, ଶାନ୍ତି ଶୃଙ୍ଖଳା ରକ୍ଷା ଆଦି ବିଷୟରେ ବୈଠକରେ ଆଲୋଚନା କରାଯାଇଥିଲା । ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ମାନେ ନିର୍ବାଚନ ର ସୁପରିଚାଳନା ନିମନ୍ତେ କାର୍ଯ୍ୟ କରୁଛନ୍ତି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ । ଏହି ବୈଠକରେ ଆରକ୍ଷୀ ଅଧିକ୍ଷକ ରାହୁଲ ପି ଆର୍ ଜିଲ୍ଲାରେ ନିର୍ବାଚନ ସମୟରେ ଶାନ୍ତି ଶୃଙ୍ଖଳା ରକ୍ଷା ନିମନ୍ତେ ପୁଲିସ ବିଭାଗର ବ୍ୟାପକ ପ୍ରସ୍ତୁତି ବିଷୟରେ ସୂଚନା ଦେଇଥିଲେ ।ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ପାୱାର ପଏଣ୍ଟ ମାଧ୍ୟମରେ ଜିଲ୍ଲାର ନିର୍ବାଚନ ପ୍ରସ୍ତୁତି ଉପସ୍ଥାପନ କରିଥିଲେ ।

ଏହି ବୈଠକରେ କମିଶନର ଶ୍ରୀ ଦାସ ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ । ଡେପୁଟି କଲେକ୍ଟର ସୁଦର୍ଶନ ଗୁରୁ, ଡିପିଓ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ । ଜିଲ୍ଲାରେ ଖୋଲାଯାଇଥିବା ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ବିଷୟରେ ସୂଚନା ଦେଇଥିଲେ । ପାନୀୟ ଜଳର ଅସୁବିଧା ଥିବା ବାଲିକୁଦା, କୁଜଙ୍ଗ, ଏରସମା ବ୍ଲକର ୬୨ ଟି ଗ୍ରାମରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ, ଟ୍ୟୁବ ୱେଲର କାର୍ଯ୍ୟକାରିତା, ୩୫୩ ଗ୍ରାମରେ ପାଇପ୍ ୱାଟର ମାଧ୍ୟମରେ ଜଳ ଯୋଗାଣ, କେନାଲ ମରାମତି,ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅଂଶୁଘାତର ମୁକାବିଲା ନିମନ୍ତେ ନିଆଯାଇଥିବା ପଦକ୍ଷେପ, ସମସ୍ତ ବିଡିଓ ତଥା ପୌର ପରିଷଦ ନିର୍ବାହୀ ଅଧିକାରୀମାନଙ୍କ ଦ୍ୱାରା ହାଟ,ବଜାର,ବସ ଷ୍ଟାଣ୍ଡ ମାନଙ୍କରେ ରେ ଜଳ ଛତ୍ର ,ଗ୍ରୀଷ୍ମ ପ୍ରବାହ ସମୟରେ ଜିଲ୍ଲାର ବିଦ୍ୟୁତ ବିଭ୍ରାଟର ସମାଧାନ, ଶ୍ରମିକ ମାନଙ୍କ ପାଇଁ ଦିନ ୧୧ ଟା ରୁ ୩ ଟା ପର୍ଯ୍ୟନ୍ତ କାମ ବନ୍ଦ କରିବାକୁ ଶ୍ରମ ବିଭାଗ ପକ୍ଷରୁ ନିଆଯାଇଥିବା ନିଷ୍ପତ୍ତି ,ବିଦ୍ୟାଳୟ ଗୁଡିକରେ ଗ୍ରୀଷ୍ମ ଅବକାଶ ଆଦି ସମ୍ବନ୍ଧରେ ଆଲୋଚନା ହୋଇଥିଲା ।ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା, ସମ୍ବିତ୍ ରାଉତ, ଅତିରିକ୍ତ ଜିଲ୍ଲାପାଳ, ପାରାଦ୍ୱୀପ ଲଳିତ ମୋହନ ବେହେରା, ଉପ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ଅତିରିକ୍ତ ଉପ ଜିଲ୍ଲାପାଳ ବିବୁଧ ଗଡ଼ ନାୟକ, ଡେପୁଟି କଲେକ୍ଟର, ନିର୍ବାଚନ,ସନ୍ଧ୍ୟାଞ୍ଜଳି ମାଝୀ,ଡେପୁଟି କଲେକ୍ଟର ଜରୁରୀ ବିଭାଗ, ବିଭିନ୍ନ ବ୍ଲକ୍‌ର ବିଡିଓ, ତହସିଲଦାର,ପୌର ନିର୍ବାହୀ ଅଧିକାରୀ,ସହକାରୀ ଜିଲ୍ଲାପାଳ ତଥା ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ପାରାଦୀପ ଶିଳ୍ପାଞ୍ଚଳରେ ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରମିକ ଦିବସ

**ପାରାଦୀପ, ୨।୫ (ସମିସ):** ୧୩୭ ବର୍ଷର ପୁରୁଣା ଇତିହାସକୁ ମନେପକାଇଲେ ଆଜିର ଶ୍ରମିକ ମାନଙ୍କର ସେଭଳି କୌଣସି ଆଖିଦୃଶିଆ ପରିବର୍ତ୍ତନ ହୋଇନାହିଁ ।ଶ୍ରମିକ ମାନେ ଯେଉଁ ଦିନକୁ ୧୨ ଘଣ୍ଟା ରୁ ୧୪ ଘଣ୍ଟା କାମ କରୁଥିଲେ ।ତାହା ମଧ୍ୟ ୮ ଘଣ୍ଟାରେ ସୀମିତ ହୋଇ ପାରିନାହିଁ ବୋଲି ଆଜିର ପାରାଦୀପ ଶିଳ୍ପାଞ୍ଚଳ ରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ଶ୍ରମିକ ଦିବସ ପାଳନ ଅବସରରେ ଉପସ୍ଥିତ ଶ୍ରମିକ ନେତା ମାନେ କ୍ଷୋଭ ପ୍ରକାଶ କରିଥିଲେ ।ଶ୍ରମିକ ଏକତା, ରାଷ୍ଟ୍ର ହିତ, ଉଦ୍ୟୋଗ ହିତ ସବୁ ସଂଘର ସଭ୍ୟ ମାନଙ୍କର ବୋଲି ସ୍ଲୋଗାନ ଦିଆଯାଇଥିଲା ।ମଇ ଦିବସର ତାତ୍ପର୍ଯ୍ୟ, ଇତିହାସ ଏବଂ ବର୍ତ୍ତମାନ ପାରାଦୀପ ବନ୍ଦର ସମେତ ସବୁ ଶିଳ୍ପାଞ୍ଚଳ ତଥା ଭାରତରେ ଶ୍ରମିକ ସମସ୍ୟା ସମ୍ପର୍କରେ ଦୀର୍ଘ ସମୟ ଧରି ବକ୍ତାମାନେ ଉଦାହରଣ ସହିତ ବକ୍ତବ୍ୟ ରଖିଥିଲେ ।ଏହି ଅବସରରେ ପୂର୍ବ ଭାରତ ତୈଳ ବିଶୋଧନାଗାର ଶ୍ରମିକ ସଂଘ ପକ୍ଷରୁ ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ ।ପରେ ଅଠର ବାଙ୍କୀସ୍ଥିତ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ସହ ଡାକ୍ତରଖାନାରେ ରୋଗୀ ଙ୍କୁ ଫଳ ବଣ୍ଟନ, ଜରାଶ୍ରମ ରେ ରନ୍ଧାଖାଦ୍ୟ ବଣ୍ଟନ ଓ ଜିରୋ ପଏଣ୍ଟ ସ୍ଥିତ କାର୍ଯ୍ୟାଳୟରେ ସଭାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ସଂଘ କାର୍ଯ୍ୟକାରୀ ସଭାପତି ବିକ୍ରମ ମହାନ୍ତି, ସାଧାରଣ ସମ୍ପାଦକ ତାପସ ପଲାଇ, ନିରଞ୍ଜନ ସାମଲ, ବନ୍ଦର ଜମିହରା କୃଷକ ସଂଘ ସଭାପତି ଚିନ୍ମୟ ଦାସ, ସାଧାରଣ ସମ୍ପାଦକ ମିହିର କାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସେହିପରି ହିନ୍ଦ ମଜଦୂର ସଭା ସହବନ୍ଧିତ ପାରାଦୀପ ବନ୍ଦରରେ





କାର୍ଯ୍ୟରତ ପାରାଦୀପ ପୋର୍ଟ ୱାର୍କସ ୟୁନିୟନ ଏବଂ ପାରାଦୀପ ଡକ ଆଣ୍ଡ ଟ୍ରାନ୍ସପୋର୍ଟ ୱାର୍କସ ୟୁନିୟନ ପକ୍ଷରୁ ବଡପଡ଼ିଆ ସ୍ଥିତ ସଙ୍ଘ ସଭା ଗୃହରେ ୟୁନିୟନ ର କାର୍ଯ୍ୟକାରୀ ସଭାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏଥିରେ ଗୁଣନିଧି ଚୌଧୁରୀ, ବରିଷ୍ଠ ଆଇନଜୀବୀ ଅମୃତ ଦାସ, ଅନନ୍ତ କୁମାର ଦାସ, ସାଧାରଣ ସମ୍ପାଦକ ନୃସିଂହ ପ୍ରସାଦ ଶତପଥୀ ଓ ନିରୂପମା ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।ଶେଷରେ ବ୍ରିଜେଶ କୁମାର ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ପୂର୍ବ ଓଡିଶା ଶିଳ୍ପାଞ୍ଚଳ ବିକାଶ ପରିଷଦ ପକ୍ଷରୁ ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକ ପତାକା ଉତ୍ତୋଳନ କରିଥିଲେ ।ଏଥିରେ ୟୁନିୟନର ସାଧାରଣ ସମ୍ପାଦକ ହେମନ୍ତ ସ୍ୱାଇଁ ଙ୍କ ସମେତ ଅନିତା ଓଝା, ମମତା ମୁଦୁଲି, ହାଡ଼ିବନ୍ଧୁ ନାୟକ, ରଶ୍ମିରଞ୍ଜନ ସ୍ୱାଇଁ, ବିବୁଲା ରାଉତ, ସ୍ନେହଲତା ପ୍ରଧାନ, ରବୀନ୍ଦ୍ର ପ୍ରଧାନ ଓ ମାନସ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।ସାଧାରଣ ନିର୍ବାଚନ ପାଇଁ ଆଚରଣ ବିଧି ଲାଗୁ କରାଯାଇଥିବାରୁ ସ୍ୱଳ୍ପ ସଂଖ୍ୟକ ଶ୍ରମିକ ଭାଇ ମାନଙ୍କୁ ନେଇ କାର୍ଯ୍ୟକ୍ରମ ମାନ ଆୟୋଜିତ ହୋଇଥିଲା ।

## ସମାଜସେବୀ ଚକ୍ରଧର ସ୍ୱାଇଁଙ୍କୁ ଶ୍ରଦ୍ଧାଞ୍ଜଳି



**ତିର୍ତ୍ତୋଲ, ୨।୫(ସମିସ) :** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ପଞ୍ଚାୟତ ଇନ୍ଦ୍ରପା ଗ୍ରାମର ସମାଜସେବୀ ଚକ୍ରଧର ସ୍ୱାଇଁଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକରେ ତାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ସ୍ୱର୍ଗତ ସ୍ୱାଇଁଙ୍କ ଜ୍ୟେଷ୍ଠ ପୁତ୍ର ଶାନ୍ତନୁ କୁମାର ସ୍ୱାଇଁ ଓ ଜୀବନ କୁମାର ସ୍ୱାଇଁଙ୍କ ପ୍ରଚେଷ୍ଟାରେ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ସତସଙ୍ଗ ଅନୁଷ୍ଠିତ ହୋଇଥିଲା । ଶିକ୍ଷାବିତ ତଥା ସହପ୍ରତି ଋତିକ ହୃଷିକେଶ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସତସଙ୍ଗର ପ୍ରାରମ୍ଭରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଅବସରପ୍ରାପ୍ତ ପୁଲିସ ଅଧିକାରୀ ଉତ୍ତମ ଚରଣ ରାଉତ, ତିର୍ତ୍ତୋଲ କଲେଜର ପ୍ରାକ୍ତନ ଅଧ୍ୟକ୍ଷ କ୍ୟାପଟେନ ଜ୍ଞାନଜ କୁମାର ସାମନ୍ତରାୟ, ସହପ୍ରତି ଋତିକ ବିଜୟ ଆଚାର୍ଯ୍ୟ, ଋତିକ ସାରଦା ପ୍ରସନ୍ନ ଦାଶ, କୁଜଙ୍ଗ କଲେଜ ପରିଚାଳନା କମିଟି ସଭାପତି ଡ.ପ୍ରଭାସ ରଞ୍ଜନ ପାଣି, ଆଇନଜୀବୀ ଉଷ୍ମରଶ୍ମି ବିଶ୍ୱାଳ, ଟୁକନ ଚରଣ ସେଠୀ, ଅଧ୍ୟାପକ ବାବାଜୀ ଚରଣ ଖୁଣ୍ଟିଆ, ସାରଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସୁବାଷ ଚନ୍ଦ୍ର ନାୟକ, ବିଜୟ ମହାନ୍ତି, ଯାଜକ କୃଷ୍ଣଚନ୍ଦ୍ର ମହାପାତ୍ର, ହେମନ୍ତ ବର୍ଦ୍ଧନ, ବାବଜୀ ସେଠୀ, ବିଷ୍ଣୁ ପ୍ରସାଦ ସାହୁ, ପ୍ରଶାନ୍ତ ଲେଙ୍କା, ରବୀନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ଅନୀଲ ସ୍ୱାଇଁ, ଅଭୟ ସ୍ୱାଇଁ, ଜଗବନ୍ଧୁ ସ୍ୱାଇଁ, ଅଧ୍ୟାପକ ନରେଶ ମହାପାତ୍ର, ପ୍ରଦୀପ ବେଉରା, ସରୋଜ ସାମନ୍ତରାୟ ପ୍ରମୁଖ ସ୍ୱର୍ଗତ ସ୍ୱାଇଁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

### ବନ୍ଦର ନିଷିଦ୍ଧାଞ୍ଚଳରୁ କୋଇଲା ଚୋରି ଘଟଣା

## ବନ୍ଧା ହେଲେ ୫ ଅଭିଯୁକ୍ତ; ୨ଟି କାର୍ ଜବତ




**ପାରାଦୀପ, ୨।୫ (ସମିସ):** ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳରୁ ଚୋରା କୋଇଲା କାରବାର ରେ ଆଦର୍ଶ ଥାନା ପୁଲିସକୁ ଏକ ବଡ ଧରଣର ସଫଳତା ମିଳିଛି ।ଦୁଇ ଦିନ ଧରି ଲଗାତର ଛାନଭିନ ପରେ ଏହି ଚୋରା କୋଇଲା କାରବାରର ପର୍ଦ୍ଦାଫାସ କରିଛି ପୁଲିସ ।ଦୁଇ ମୁଖ୍ୟ ଅଭିଯୁକ୍ତଙ୍କ ସହ ତିନି ସହଯୋଗୀ ମୋଟ ୫ ଜଣଙ୍କୁ ପୁଲିସ ଗିରଫ କରି ଗତକାଲି କୋର୍ଟ ଚାଲାଣ କରିଛି ।ଏହାର ଚେର ରାଜ୍ୟ ତଥା ରାଜ୍ୟ ବାହାରକୁ ଲମ୍ବିଥିବା ପୁଲିସ ଜାଣିବା ପରେ ଏଥିରେ ଆଉ କେଉଁମାନେ ଜଡିତ ଅଛନ୍ତି ତାର ଖୋଳ ତାଡ଼ ଆରମ୍ଭ କରିଛି ତଦନ୍ତକାରୀ ପୁଲିସ ଟିମ ।ଏହା ସହ ସେମାନେ ବ୍ୟବହାର କରୁଥିବା ଦୁଇଟି ନାମୀ ଦାମୀ କାର ସହ ନଗଦ ୧ ଲକ୍ଷ ୯୮ ହଜାର ୫ ଶହ ଟଙ୍କା ଓ ୭ ଟି ମୋବାଇଲକୁ ଜବତ କରିଛି ପୁଲିସ ।ସେମାନେ ହେଲେ ଝାଡ଼ଖଣ୍ଡ ଅଞ୍ଚଳର କମଲ ଶେଖ (୩୨), ଯାଜପୁର ଅଞ୍ଚଳର ଗାଲିବ ହାସିମ (୩୩)ଓ ରାକେଶ କୁମାର ପଣ୍ଡା (୩୦), କେନ୍ଦ୍ରାପଡା ଅଞ୍ଚଳର ବରଦା ବେହେରା (୩୨) ଓ କଟକ ଅଞ୍ଚଳର ଶୁଭ୍ରାଂଶୁ ଶେଖର ମହାନ୍ତି (୪୮) । ଥାନା ଅଧିକାରୀ ସୁଚିତ୍ରବିର୍ଯ୍ୟ ଦାସଙ୍କ ସୂଚନା ଅନୁଯାୟୀ ମୁଖ୍ୟ ଅଭିଯୁକ୍ତ ବରଦା ବେହେରା ଓ ଗଲିବ ହସିମ ଉଭୟଙ୍କ ମିଳିତ ଷଡଯନ୍ତ୍ରରେ ବନ୍ଦର ନିଷିଦ୍ଧାଞ୍ଚଳରୁ କୋଇଲା ଚାଲାଣ ଯୋଜନା ପ୍ରସ୍ତୁତ ହୋଇଥିବା ବେଳେ ଅନ୍ୟ ତିନିଜଣ ସେମାନଙ୍କର ସହଯୋଗୀ ଭାବେ ଚୋରି କୋଇଲା କାରବାରରେ ସମ୍ପୃକ୍ତି ଥିଲେ ।ତେବେ ତଦନ୍ତକାରୀ ଟିମ ଦୁଇ ଦିନର ତଦନ୍ତ ପରେ ଟିମ ହାତରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସିଛି ।ଏହାର ଚେର ରାଜ୍ୟ ତଥା ରାଜ୍ୟ ବାହାରକୁ ଲମ୍ବିଥିବା ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି ।ଏଠାରେ ପ୍ରଶ୍ନ ଉଠେ ଏହି ଅଭିଯୁକ୍ତ ମାନେ କିଭଳି ଏବଂ କାହା ସହଯୋଗରେ ବନ୍ଦର ମଧ୍ୟରୁ ଟ୍ରକରେ ଏହି ଚୋରା କୋଇଲାକୁ ବାହାରକୁ ଆଣୁଥିଲେ ।ତେବେ ବନ୍ଦର ମଧ୍ୟରେ କଡା ସୁରକ୍ଷା ସତ୍ତ୍ୱେ କିଭଳି ଏହା ସମ୍ଭବ ହେଉଥିଲା ।ବନ୍ଦର ନିଷିଦ୍ଧାଞ୍ଚଳର ସୁରକ୍ଷା ଦାୟିତ୍ୱ ରେ ଥିବା ସୁରକ୍ଷା କର୍ମୀଙ୍କ ଭୂମିକା ଏଥିରେ କଣ ରହିଥିଲା ତାକୁ ନେଇ ଏବେ ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି ।

### ମାତ୍ର ୯ ମାସରେ ହତ୍ୟାକାଣ୍ଡର ରାୟ

# ନିଜ ସ୍ତ୍ରୀ ଓ ପୁଅବୋହୂଙ୍କ ସାକ୍ଷୀରେ ପୁତ୍ରହନ୍ତା ବାପାକୁ ୭ ବର୍ଷ ଜେଲ

**ଜଗତସିଂହପୁର,୨।୫(ସମିସ):** ଓଡିଶାରେ ବହୁ ହତ୍ୟାକାଣ୍ଡ ଘଟୁଥିଲେ ମଧ୍ୟ ବିଚାର ପ୍ରକ୍ରିୟାରେ ବହୁ ବିଳମ୍ବ ଘଟୁଥିବା ଅଭିଯୋଗ ହେଉଛି । ତେବେ ଗତ ୯ ମାସ ତଳେ ଜଗତସିଂହପୁର ଥାନା ଅନ୍ତର୍ଗତ ରାଇବରାଇ ଗ୍ରାମରେ ଘଟିଥିବା ପାରିବାରିକ କଳହ ଜନିତ ହତ୍ୟା ମମାଲାର ରାୟ ଗୁରୁବାର ପ୍ରକାଶ ପାଇଛି । ସ୍ତ୍ରୀ ଓ ପୁଅ ବୋହୁଙ୍କ ସାକ୍ଷୀରେ ହତ୍ୟାକାରୀ ବାପାକୁ ଜଗତସିଂହପୁର ଜିଲ୍ଲା ଓ ଦୌରାଜଜ ୭ ବର୍ଷ ସଶ୍ରମ ଜେଲ ଦଣ୍ଡ ଓ ଜୋରିମାନା ଆଦେଶ ଦେଇଛନ୍ତି । ମାତ୍ର ୬ ମାସ ମଧ୍ୟରେ ଏହି ହତ୍ୟାକାଣ୍ଡର ବିଚାର ହୋଇ ଅପରାଧୀକୁ ଦଣ୍ଡ ମିଳିବା ଏକ ବିରଳ ଘଟଣା ବୋଲି କୁହାଯାଉଛି । ଏପରିଏକ ହତ୍ୟା ଘଟଣାରେ ଶୀଘ୍ର ରାୟ ମିଳିଥିବାରୁ ନ୍ୟାୟପାଳିକା ପ୍ରତି ଲୋକଙ୍କ ଆସ୍ଥା ଓ ବିଶ୍ୱାସ ବଢିଥିବା ସଂପର୍କରେ ଆଇନଜୀବୀମାନେ ଦାବି କରିଛନ୍ତି । ଘଟଣାରୁ ପ୍ରକାଶ ଯେ ରାଇବରାଇର ସୁଦର୍ଶନ ଭୋଇ(୬୦) ଶ୍ରମିକ ଭାବରେ ମୂଲ ମଜୁରୀ ଲାଗିବା ସହିତ ବହୁ ସମୟରେ ମଦ୍ୟପାନ କରି ଘରେ ନିଜ ସ୍ତ୍ରୀ ସହିତ ଗଣ୍ଡଗୋଳ କରିଥାନ୍ତି । ୨୦-୭-୨୦୨୩ ସନ୍ଧ୍ୟାରେ ସେ ଘରକୁ ଫେରି ତାଙ୍କର ଗୋଟିଏ ପାଳିତ କୁକୁଡା କୌଣସି କାରଣରୁ ହଜିଯାଇଥିବାରୁ ଏଥିପାଇଁ ପତ୍ନୀଙ୍କୁ ଦୟୀକରି ତାଙ୍କ ସହିତ ଝଗଡା କରିଥିଲେ । ଘରେ ଅଛୁ କୁକୁଡା କିଏ ନେଲା କାହିଁକି ଜଗିଲୁନାହିଁ ବୋଲି ସ୍ତ୍ରୀକୁ ପଚାରିବା ସହିତ ତାଙ୍କୁ ମାଡ ମାରିଥିଲେ । ତାଙ୍କ ଆକ୍ରମଣରେ ସ୍ତ୍ରୀର କାନ ଓ ମୁଣ୍ଡରୁ ରକ୍ତ ବାହାରିଥିଲା । ତେବେ ତାଙ୍କର ମଝିଆଁ ପୁଅ ଦିଲ୍ଲୀପ କୁମାର ଭୋଇ(୨୪) ଏହିସମୟରେ ଘରକୁ ଫେରି ମାର ଏହି ଅବସ୍ଥା ଦେଖି ମା'କୁ ଘଟଣା ସମ୍ପର୍କରେ ପଚାରିଥିଲା । କାହିଁକି ମା'କୁ ମାଡ ମାରିଲ ବୋଲି କହି ଦିଲ୍ଲୀପ ବାପା ସୁଦର୍ଶନକୁ ପଚାରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା । ତେବେ ବାପା ପୁଅଙ୍କ ମଧ୍ୟରେ ଏହି କଳହ ବଢିବାକୁ ଯାଉଥିବା ସମୟରେ ଏଥିରେ ହସ୍ତକ୍ଷେପ କରି ମା' ପୁଅକୁ ବାହାରକୁ ପଠାଇ ଦେଇଥିଲେ । ଦିଲ୍ଲୀପ ନିଜ ବାଡିରେ କିଛି ସମୟ ବସି ଘରକୁ ଫେରିବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ସୁଦର୍ଶନ ପୁଅ ତଣ୍ଟିରେ ଟେଣ୍ଟା ଭୁସି ଦେଇଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ଦିଲ୍ଲୀପକୁ ତାଙ୍କ ସାନଭାଇ ଆଣି ଜିଲ୍ଲା ହସପିଟାଲରେ ଭର୍ତ୍ତି କରିଥିଲେ । ତେବେ ଏହି ଘଟଣାରେ ସଦରଥାନା ପୁଲିସ ପୁତ୍ରହନ୍ତା ସୁଦର୍ଶନକୁ ଗିରଫ କରିବା ସହିତ ହତ୍ୟାରେ ଲାଗିଥିବା ଟେଣ୍ଟା ଜବତ କରିଥିଲେ । ଏସମ୍ପର୍କରେ ମାତ୍ର ୯ ମାସ ଧରି ଜିଲ୍ଲା ଦୋ÷ରାଜଜଙ୍କ କୋର୍ଟରେ ଏହି ମାଲାର ଶୁଣାଣି ହୋଇଥିଲା । ମା' ସୁଷମା ଭୋଇ, ପୁଅ ଦୀପକ ଭୋଇ ଓ ବୋହୁ ରେଣୁବାଳାଙ୍କ ସାକ୍ଷ୍ୟ ପ୍ରମାଣକୁ ନେଇ ଆସାମୀ ସୁଦର୍ଶନ ଭୋଇକୁ ଜିଲ୍ଲା ଦୋ÷ରାଜଜ ୭ବର୍ଷ ଜେଲ ଦଣ୍ଡ ଓ ୫ହଜାର ଟଙ୍କା ଜରିମାନା କରିଛନ୍ତି । ଜରିମାନା ଅନାଦେୟ ୧ ବର୍ଷ ଜେଲ ଦଣ୍ଡ ଭୋଗିବାକୁ ଆଦେଶ ହୋଇଛି । ଏହି ମାମଲା ସରକାରଙ୍କ ତରଫରୁ ଆଇନଜୀବୀ ନଳିନୀ କାନ୍ତ ମହାରଣା ପରିଚାଳନା କରିଥିଲେ ।

## ପ୍ରଚଣ୍ଡ ରୌଦ୍ରତାପର ମୁକାବିଲା ପାଇଁ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ପଦକ୍ଷେପ

**ଜଗତସିଂହପୁର,୨।୫(ସମିସ):** ଗ୍ରୀଷ୍ମର ପ୍ରବାହ ପାଇଁ ଜଗତସିଂହପୁର ଜିଲ୍ଲାରେ ପ୍ରଚଣ୍ଡ ରୌଦ୍ରତାପ ଅସ୍ୱାଭାବିକ ଭାବେ ବୃଦ୍ଧି ପାଇଛି ।ଏହିସମୟରେ ଆଞ୍ଚଳିକ ପରିବହନ ବିଭାଗ ତରଫରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଜଳଛତ୍ରର ବ୍ୟବସ୍ଥା କରାଯାଇଅଛି । ବସ ଯାତ୍ରୀ ଏବଂ ଅନ୍ୟାନ୍ୟ ପଥଚାରିଙ୍କୁ ଦହି ସରବତ ଗତ ୩୦ ତାରିଖରୁ ବଣ୍ଟନ ଆରମ୍ଭ କରାଯାଇଛି । ଏଇ ଜଳଛତ୍ର ଗୁଡ଼ିକ ପ୍ରାଇଭେଟ୍ ବସଷ୍ଟାଣ୍ଡ ଜଗତସିଂହପୁର୍ ଏବଂ ପାରାଦୀପ ଆରଟିଓ ଅଫିସ୍ ନିକଟସ୍ଥ ଟ୍ରାଇଭିଂ ଟେଷ୍ଟିଂ ପଡ଼ିଆ ଏବଂ ଜଇପୁର ଛକ ଠାରେ ଖୋଲା ଯାଇଛି । ଏଥିରେ ପ୍ରାଇଭେଟ୍ ବସ ମାଲିକ ସଂଘ ଜଗତସିଂହପୁର / ପାରାଦୀପ ଏବଂ ଅଟୋ ଚାଳକ ସଂଘ ଜଇପୁର କର୍ମକର୍ତ୍ତା ମାନଙ୍କ ସହଯୋଗିତାରେ ଏହି କାର୍ଯ୍ୟ ଚାଲୁଛି । ଏଥି ସହିତ ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ ମହାନ୍ତିଙ୍କ ନେତୃତ୍ୱରେ ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ଯାତ୍ରୀବାହୀ ବସ ମାନଙ୍କରେ ଯାଞ୍ଚ ପ୍ରକ୍ରିୟା ଚାଲୁରହଛି । ଏହି ଯାଞ୍ଚ ପ୍ରକ୍ରିୟାରେ ଗାଡ଼ିରେ ଆବଶ୍ୟକ ଅନୁଯାୟୀ ପିଇବା ପାଣି, ଓ ଆର ଏସ ପ୍ୟାକେଟ, ଫାଷ୍ଟ ଏଡ୍ କିଟ୍ ଏବଂ ଗାଡ଼ିର ଝରକା କାଚ ଗୁଡ଼ିକର ସଠିକ ବ୍ୟବସ୍ଥା ଏବଂ ବସ ମାନଙ୍କରେ ଅଧିକ ଯାତ୍ରୀ ପରିବହନ ବାବଦରେ ଯାଞ୍ଚ କରାଯାଉଛି । ଏଥି ସହିତ ବସ କର୍ମଚାରୀମାନଙ୍କୁ ସବୁ ଦିନ ମାନଙ୍କରେ ଏସବୁ ଠିକ୍ ଭାବରେ ପରଖି କରି ଯାତ୍ରା ଆରମ୍ଭ କରିବାକୁ ସୂଚାଇ ଦିଆଯାଉଛି । ଏଗୁଡିକ ଖିଲାପ ହେଲେ ମୋଟର ଭେହିକିଲ ଆକ୍ଟ ର ନିୟମ ଅନୁଯାୟୀ ଦଣ୍ଡିତ ହେବେ । ଏହି ଯାଞ୍ଚ ପ୍ରକ୍ରିୟାରେ ପ୍ରତାପ କୁମାର ବେହେରା, ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ, ରଞ୍ଜିତା ମଲ୍ଲିକ, ସହକାରୀ ମୋଟର ଯାନ ନିରୀକ୍ଷକ,ବିଶ୍ୱନାଥ ରାଉତ, କନେଷ୍ଟବଳ,ସୂର୍ଯ୍ୟକାନ୍ତ ,ହୋମଗାର୍ଡ ମିଳିତ ଭାବେ ଦୁଇ ଗୋଟି ଟିମ୍ ରେ ବିଭକ୍ତ ହୋଇ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢଉ କରିଥିଲେ । ଏହାର ମୂଳ ଲକ୍ଷ୍ୟ ହେଲା ଗ୍ରୀଷ୍ମ ତାପରେ କିଭଳି ଭାବେ ବସରେ ଆସୁଥିବା ଯାତ୍ରୀମାନଙ୍କୁ ସୁରକ୍ଷିତ ଭାବରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚାଇବା ଏବଂ କୌଣସି ଯାତ୍ରୀ ଏହି ରୌଦ୍ର୍ୟ ତାପର ପ୍ରକୋପରେ ଆଘାତ ପ୍ରାପ୍ତ ନହେବା ସମ୍ପର୍କରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରକାଶ କରିଛନ୍ତି ।



## ଚୋରାମଦ ଚାଲାଣକୁ ନେଇ ଯୁବକଙ୍କୁ ହତ୍ୟା ଧମକ

**ବଇଣ୍ଡା, ୨।୫(ସମିସ):** ହଣ୍ଡପା ଥାନା ଅଞ୍ଚଳରେ କିଛିଦିନ ହେବ ଚୋରାମଦ କାରବାର ବୃଦ୍ଧି ପାଇଛି। ବୁଧବାର ପାପସରା ଗ୍ରାମକୁ ବାଇକ ଯୋଗେ ଚୋରା ପାଉଚ ମଦ ଚାଲାଣ କରୁଥିବା ବେଳେ ବିରୋଧ କରିବାରୁ ପାପସରା ଗ୍ରାମର ସଞ୍ଜୟ ପ୍ରଧାନଙ୍କୁ ଜଣେ ଅଣ ଓଡିଆ ବ୍ୟକ୍ତି ସଞ୍ଜୟ ପ୍ରସାଦ ଗୁପ୍ତା ହତ୍ୟା ଧମକ ଦେଇଥିବା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତିକରି ପୁଲିସ ନମ୍ବର ୧୭୨/୨୪ ରେ ଏକ ମାମଲା ରୁଜୁ କରିଛି। ସଞ୍ଜୟ ପ୍ରସାଦ ଗୁପ୍ତା ହଣ୍ଡପା ଠାରେ ଥିବା ଦେଶୀ ମଦଭାଟିରେ ମ୍ୟାନେଜର ଭାବରେ କାମ କରୁଛନ୍ତି। ସେ ଏକ ନମ୍ବର ବାଇକ (ଓଆର ୧୯ ଟି ୦୧୨୦ ) ମାଧ୍ୟମରେ ଏକ ବସ୍ତା ପାଉଚ ବୋଝେଇ କରି ପାପସରା ଗ୍ରାମକୁ ଆଣି ବିଭିନ୍ନ ଝୁମ୍ପୁଡ଼ିକୁ ଚାଲାଣ କରୁଥିଲେ। ଏ ନେଇ ସଞ୍ଜୟ ପ୍ରଧାନ ଆଗକୁ ନିର୍ବାଚନ ଥିବା ବେଳେ ଚୋରା ମଦକୁ ବିରୋଧ କରିଥିଲେ। ପରେ ଏଥିରେ ସଞ୍ଜୟ ପ୍ରସାଦ ଗୁପ୍ତା ଉତକ୍ଷିପ୍ତ ହୋଇ ହତ୍ୟା ଧମକ ଦେଇଥିବା ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି। ଏ ନେଇ ସଞ୍ଜୟ ପ୍ରସାଦ ଗୁପ୍ତା ଏକ ପାଲଟା ଅଭିଯୋଗ କରିଛନ୍ତି। ସେ ତାଙ୍କ ଅଭିଯୋଗ ପତ୍ରରେ ଉଲେଖ କରିଛନ୍ତି ଯେ, ସେ ତାଙ୍କ ଲାଇସେନ୍ସ ପ୍ରାପ୍ତ ଅଞ୍ଚଳକୁ ପାଉଚ ମଦ ନେଉଥିବା ବେଳେ ସଞ୍ଜୟ ପ୍ରଧାନ ତାଙ୍କୁ ଅଟକାଇ ମଦ ମାଗିଥିଲେ। ସେ ନ ଦେବାରୁ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ନମ୍ବର ୧୭୩/୨୪ ରେ ଏକ ମାମଲା ରୁଜୁ କରିଛନ୍ତି।

## ଅଟୋ ଧକ୍କାରେ ଜଣେ ମୃତ

**ବଇଣ୍ଡା, ୨।୫(ସମିସ):** ଆଠମଲ୍ଲିକ ପୂର୍ତ୍ତ ବିଭାଗ ରାସ୍ତାର ଠାକୁରଗଡ଼ ଥାନା ଠାକୁରଗଡ଼ ଅଞ୍ଚଳରେ ଏକ ଅଟୋ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ବେଳେ ଏଥିରେ ଆଠମଲ୍ଲିକ ଥାନା ବାଘୁଆକଟା ଅଞ୍ଚଳର ରାଜନ କର୍ମୀଙ୍କ ମୃତ ହୋଇଛି। ଏ ନେଇ ତାଙ୍କ ଭାଇ ରମେଶ କର୍ମୀ ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ କରିଛି। ଗତ ୨୫ ତାରିଖ ଦିନ ରାଜନ ଓ ତାଙ୍କର କିଛି ସହଯୋଗୀ ଅଟୋରେ ଯାଉଥିବା ବେଳେ ଠାକୁରଗଡ଼ ଅଞ୍ଚଳରେ ତାଙ୍କ ଅଟୋ ଏକ ବିଦ୍ୟୁତ ଖୁଣ୍ଟରେ ଧକ୍କା ହୋଇଥିଲା। ରାଜନଙ୍କୁ ଗୁରୁତର ଅବସ୍ଥାରେ ଅନୁଗୋଳ ମେଡିକାଲରେ ଭର୍ତ୍ତି କରିବା ପରେ ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା।

## ଅନୁଗୋଳ ଏସ୍‌ପିଙ୍କ ଠାକୁରଗଡ଼ ଥାନା ପରିଦର୍ଶନ

ବଇଣ୍ଡା, ୨।୫(ସମିସ): ଗୁରୁବାର ଅନୁଗୋଳ ଏସପି ଉମାଶଙ୍କର ଦାସ ଅଚାନକ ଠାକୁରଗଡ଼ ଥାନା ପରିଦର୍ଶନରେ ଆସି ସମୀକ୍ଷା କରିଛନ୍ତି। ଥାନାର ବିଭିନ୍ନ କାଗଜପତ୍ର ଯାଞ୍ଚକରିବା ସହ କିଭଳି ଲୋକଙ୍କୁ ସୁରକ୍ଷା ଯୋଗାଇଦେବେ ସେ ସମ୍ପର୍କରେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏଥିସହ ଆଗକୁ ଥିବା ନିର୍ବାଚନ ଶାନ୍ତିଶୃଙ୍ଖଳାରସହକିପରିହେବସେନେଇଦୃଷ୍ଟିଦେବାକୁନିର୍ଦ୍ଦେଶଦେଇଥିଲେ। ଏଥିରେ ଠାକୁରଗଡ଼ ଆଇଆଇସି ନଟବର ନନ୍ଦଙ୍କ ସମେତ ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ଶ୍ରମିକ ଦିବସରେ ଠିକା ଶ୍ରମିକ ମୃତ

**ନାଲକୋ ନଗର, ୨।୫(ସମିସ):** ନାଲକୋ ନଗରର ନାଲକୋ ସ୍ମେଲ୍ଟର ପ୍ଲାଣ୍ଟର ପଟଲାଇନ-୪ ରେ ସଫେଇ ଠିକା କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା ଢେଙ୍କାନାଳ ଜିଲ୍ଲା କୁଆଲୁ ଗ୍ରାମର ବିଜୟ ରାଣଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଦେଢ଼ ମାସ ହେବ ବିଜୟ ଅସୁସ୍ଥ ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ଗତକାଲି ଶ୍ରମିକ ଦିବସରେ ସେ ମୃତ୍ୟୁବରଣ କରିଥିଲେ। ଏ ନେଇ ପରିବାରରୁ ଜଣଙ୍କୁ ନାଲକୋ ପ୍ଲାଣ୍ଟରେ ଠିକା କର୍ମଚାରୀ ଭବେ ନିଯୁକ୍ତି ପାଇଁ ନାଲକୋ ସ୍ମେଲ୍ଟର ପ୍ଲାଣ୍ଟ ମୁଖ୍ୟ ଫାଟକ ସମ୍ମୁଖରେ ଆମ୍ବୁଲାନ୍ସରେ ମୃତଦେହ ରଖି ଅଧଘଣ୍ଟା ସମୟ ପାଇଁ ପରିବାର ସଦସ୍ୟ ରହିଥିଲେ। ଖବର ପାଇ ନାଲକୋ ପ୍ରଶାସନ ତରଫରୁ ଆଇନ୍ ଶୃଙ୍ଖଳା ରକ୍ଷା ପାଇଁ ନାଲକୋ ସିଆଇଏସଏଫ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରଯାଇଥିଲା। କିଛି ସମୟ ପରେ ପ୍ରଶାସନର ପ୍ରତିଶ୍ରୁତି ପରେ ଘଟଣାସ୍ଥଳରୁ ମୃତ ଶରୀର ଉଠିଥିଲା।

## ସାପ କାମୁଡ଼ାରେ ଯୁବତୀ ମୃତ

**ପାଲଲହଡ଼ା୨।୫(ସମିସ):** ବିଳମ୍ବିତ ରାତିରେ ଶୋଇଥିବା ବେଳେ ସାପ କାମୁଡ଼ାରେ ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଛି। ଏଭଳି ଅଭାବନୀୟ ଘଟଣା ଘଟିଛି ଅନୁଗୋଳ ଜିଲ୍ଲା ପାଲଲହଡ଼ା ଥାନା ଅନ୍ତର୍ଗତ ମୋହନପୁର ଗ୍ରାମରେ। ସୂଚନା ଅନୁଯାୟୀ ଗତକାଲି ରାତିରେ ଯୁବତୀ ଜଣକ ନିଜ ଘର ବାରଣ୍ଡାରେ ପରିବାର ଲୋକଙ୍କ ସହ ଶୋଇଥିବା ବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଥିଲା। ପରେ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ପାଲଲହଡ଼ା ଡାକ୍ତରଖାନାକୁ ଆଣିଥିଲେ ଓ ସେଠାରେ ତାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା।

### ବନ୍ତଳାରେ ବିଜେଡିର ଆଶୀର୍ବାଦ ସମାବେଶ

# 'ଯୋଡ଼ିଶଙ୍ଖ'ରେ ଭୋଟ ଦେବାକୁ ଆହ୍ୱାନ

**ଅନୁଗୋଳ , ୨।୫(ସମିସ)**



ସାଧାରଣ ନିର୍ବାଚନ ପୂର୍ବରୁ ଆଜି ଅନୁଗୋଳ ବ୍ଲକ୍ ବନ୍ତଳାରେ ଶକ୍ତି ପ୍ରଦର୍ଶନ କରିଛି ବିଜେଡି। ନବୀନ ସରକାରଙ୍କ ସଫଳତାକୁ ଲୋକଙ୍କ ଆଗରେ ରଖି ଯୋଡ଼ିଶଙ୍ଖରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି ଢେଙ୍କାନାଳ ସାଂସଦ ପ୍ରାର୍ଥୀ ଡା. ଅବିନାଶ ସାମଲ ଓ ଅନୁଗୋଳ ବିଧାୟକ ପ୍ରାର୍ଥୀ ସଂଯୁକ୍ତା ସିଂହ। ବିଜେଡି ହିଁ ଏହି ଅଞ୍ଚଳର ବିକାଶ କରିପାରିବ ବୋଲି ଉଭୟ ନେତା କହିବା ସହ ଜନସାଧାରଣଙ୍କ ଆଶୀର୍ବାଦ ମାଗିଛନ୍ତି। ଏହା ସହ ବିଜେପି ସରକାରର ବିଫଳତାକୁ ପ୍ରସଙ୍ଗ କରି ଲୋକଙ୍କ ରାୟ ମାଗିଛନ୍ତି।

ବନ୍ତଳା ମଦନମୋହନ ଛକ ପଡ଼ିଆରେ ଗୁରୁବାର ସକାଳେ ଆୟୋଜିତ ଏହି ଆଶୀର୍ବାଦ ସମାବେଶରେ ବିଜେଡି ସାଂସଦ ପ୍ରାର୍ଥୀ ଡା. ଅବିନାଶ ସାମଲ କହିଥିଲେ, ଅନୁଗୋଳ ବ୍ଲକ୍‌ର ଭାତହାଣ୍ଡି କୁହାଯାଉଥିବା ବନ୍ତଳା ଅଞ୍ଚଳରେ ଜଳସେଚନ ସୁବିଧା, ଯୁବକମାନଙ୍କୁ ନିଯୁକ୍ତି ଓ ମହିଳାଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ସେ ପ୍ରାଥମିକତା ଦେବେ। ଏହି ଅଞ୍ଚଳର ସାମଗ୍ରିକ ବିକାଶ ସହ ଅନୁଗୋଳ ଓ ଢେଙ୍କାନାଳକୁ ଉନ୍ନତିପଥରେ ଆଗେଇ ନେବାକୁ ପଡ଼ିବ। ଏଥିପାଇଁ ବିଜେଡି ସରକାର ପୂର୍ବରୁ ଅନେକ କାମ କରିଛନ୍ତି। ଏହି ବିକାଶ ପ୍ରକ୍ରିୟାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଯୋଡ଼ିଶଙ୍ଖରେ ଭୋଟ ଦେବାକୁ ସେ ଆହ୍ୱାନ ଦେଇଥିଲେ। ବିଧାୟକ ପ୍ରାର୍ଥୀ ସଂଯୁକ୍ତା ସିଂହ କହିଥିଲେ ଯେ, ତାଙ୍କ ପରି ଜଣେ ସାଧାରଣ ମହିଳାଙ୍କୁ ନବୀନବାବୁ ବିଧାୟକ ଟିକେଟ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ମହିଳାଙ୍କ ପ୍ରତି ରହିଥିବା ସମ୍ମାନ ଏଥିରୁ ପ୍ରମାଣିତ ହେଉଛି। ବିଜେଡି ସରକାରରେ ମହିଳାଙ୍କୁ ଅଧିକ ଗୁରୁତ୍ୱ ମିଳୁଥିଲା ବେଳେ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନେ ଏବେ ଆତ୍ମନିର୍ଭରଶୀଳ ହୋଇଛନ୍ତି। ଆଗକୁ ମହିଳାମାନଙ୍କୁ ଅଧିକ ସଶକ୍ତ ଓ ସମୃଦ୍ଧ କରିବା ପାଇଁ ବିଜେଡିକୁ ଆଶୀର୍ବାଦ କରିବାକୁ ସେ ନିବେଦନ କରିଥିଲେ।

ଏହି ସମାବେଶରେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ, ଅନୁଗୋଳ ଜିଲ୍ଲା ବିଜେଡି ସହପର୍ଯ୍ୟବେକ୍ଷକ କୁନ ବିହାରୀ ଦାସ, ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଅନୁଗୋଳ ନିର୍ବାଚନ ମଣ୍ଡଳୀ ସହ ପର୍ଯ୍ୟବେକ୍ଷକ ଅରୂପ ଶ୍ରୀଚନ୍ଦନ, ବରିଷ୍ଠ ବିଜେଡି ନେତା ବିପ୍ଳବ ଜେନା, ମୀନକେତନ ଅମାନ୍ତ, ଅନୁଗୋଳ ବ୍ଲକ ଅଧକ୍ଷା ରାଜଶ୍ରୀ ସାହୁ, ଅନୁଗୋଳ ବ୍ଲକ ବିଜେଡି ସଭାପତି ଦୁର୍ଯ୍ୟୋଧନ ସାହୁ, ଜିଲ୍ଲା ପରିଷଦ ସଭ୍ୟ ପ୍ରିୟଦର୍ଶୀ ପଟ୍ଟନାୟକ ଓ ଧ୍ରୁବଚରଣ ଦେହୁରୀ, ବରିଷ୍ଠ ବିଜେଡି ନେତା ନିର୍ମଳ ସାହୁ, ଦୁର୍ଗା ଚରଣ ପ୍ରଧାନ, ସମବାୟ ନିର୍ଦ୍ଦେଶକ, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବିଜେଡି ପଞ୍ଚାୟତ ସଭାପତି, ସକ୍ରିୟ ଦଳୀୟ ସଦସ୍ୟ ଓ ହଜାର ହଜାର ସଂଖ୍ୟାରେ ଜନସାଧାରଣ ଉପସ୍ଥିତ ଥିଲେ। ଏଥି ସହିତ ଅନୁଗୋଳ ବ୍ଲକ କାଙ୍ଗୁଲା ବେନ୍ତପୁର ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ମନୋରଞ୍ଜନ ତ୍ରିପାଠୀ ଓ ତାଙ୍କ ସମର୍ଥକ, କାଙ୍ଗୁଲା ଗ୍ରାମର ପ୍ରବୀର୍ ମହାରଣା ଓ ତାଙ୍କ ସମର୍ଥକ ବିଜେପି ଓ କଂଗ୍ରେସ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଏଥି ସହିତ ବେଡ଼ା ଶାସନ ଗ୍ରାମ ପଞ୍ଚାୟତ ବେଡ଼ା ଗ୍ରାମର ଅଜୟ ଦ୍ୱିବେଦୀ, ଦିଲ୍ଲୀପ ଦାସ, ଦିଲ୍ଲୀପ ବିଶ୍ୱାଳ ବିଜେପି ପରିତ୍ୟାଗ କରି ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ସୁସୁଡ଼ା ଗ୍ରାମ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସୌମ୍ୟରଞ୍ଜନ ମହାପାତ୍ର କଂଗ୍ରେସ ପରିତ୍ୟାଗ କରି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଏଥି ସହିତ ବହୁଜନ ସମାଜବାଦୀ ପାର୍ଟିର ଜିଲ୍ଲା ସଭାପତି ସତ୍ୟବାନ୍ ଦାସ ଦଳ ପରିତ୍ୟାଗ କରି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ବଲାସିଂହା ଗ୍ରାମ ପଞ୍ଚାୟତ ବିଶ୍ୱନାଥପୁର ଗ୍ରାମର ୱାର୍ଡ ମେମ୍ବର ମାମି ସେଠୀ ବିଜେପି ପରିତ୍ୟାଗ କରି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଏଥି ସହିତ ନନ୍ଦପୁର ଗ୍ରାମ ପଞ୍ଚାୟତ ରାଜନଗର ଗ୍ରାମ, କରତପଟା ଗ୍ରାମର କାଳନ୍ଦୀ ବେହେରା, ସୁରେନ୍ଦ୍ର ଦେହୁରୀ, ପରିତୋଷ ପ୍ରଧାନ ଓ ତାଙ୍କ ସମର୍ଥକ କଂଗ୍ରେସ ଓ ବିଜେପି ପରିତ୍ୟାଗ କରି ବିଜୁ ଜନତା ଦଳରେ ଯୋଗଦେଇଛନ୍ତି। ଏଥି ସହିତ ଅନୁଗୋଳ ଜୟ ଭୀମ ଫାଉଣ୍ଡେସନର ମୁଖ୍ୟ କର୍ମକର୍ତ୍ତା ମୋହନ ନାଏକଙ୍କ ନେତୃତ୍ୱରେ ବିଜେଡି ସାଂସଦ ଓ ବିଧାୟିକା ପ୍ରାର୍ଥିନୀଙ୍କୁ ସମର୍ଥନ ଜଣାଇଛନ୍ତି।

## ବିଭିନ୍ନ ସ୍ଥାନରେ ବିଶ୍ୱ ଶ୍ରମିକ ଦିବସ ପାଳିତ

**ନାଲକୋ ନଗର,୨।୫(ସମିସ):** ନାଲକୋ ନଗରରେ ବିଭିନ ଶ୍ରମିକ ସଂଗଠନ ପକ୍ଷରୁ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ସକାଳେ ନାଲକୋ ଶ୍ରମିକ କଂଗ୍ରେସ ୟୁନିୟନ କାର୍ଯ୍ୟାଳୟ ପରିସରରେ ଶ୍ରମିକ ଦିବସ ପାଳିତ ହୋଇଥିଲା। ଶ୍ରମିକ ସଂଗଠନର ସଭାପତି ସନ୍ତୋଷ କୁମାର ରାଉତ ପତାକା ଉତୋଳାନ କରିଥିଲେ। ସଂଘର ସାଧାରଣ ସମ୍ପାଦକ ବିଭବ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚଳିତ ଏପ୍ରିଲ ମାସରେ ଅବସର ଗ୍ରହଣ କରିଥିବା ୭ଜଣ କର୍ମଚାରୀଙ୍କୁ ସଂଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରଯାଇଥିଲା। ହେମନ୍ତ ପ୍ରଧାନ, ଅଶୋକ ବେହେରା, ପ୍ରଣବ ଜେନା, ହରି ନାଥ,ମଳୟ ନାୟକ, ନିରଞ୍ଜନ ଦେହୁରୀ, ସଞ୍ଜୟ ଭୂତିଆ,ଡାକ୍ତର ସାହୁ, ଯତୀନ ସାମଲ, ଯୋତି ପ୍ରକାଶ ନାହାକ ପ୍ରମୁଖ ସହଯୋଗ କରିଥିଲେ। ନେସ କାର୍ଯ୍ୟଳୟ ପରିସରରେ ମଧ ଶ୍ରମିକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅଥିତି ଭାବେ ସଂଗଠନ ବରିଷ୍ଠ ସଦସ୍ୟ ପ୍ରଫୁଲ୍ଲ କୁମାର ସେଠୀ, ନିରୋଦ କୁମାର ଧୀର ଓ ସଂଘର ସଭାପତି ନିର୍ମଳ ସାମଲ ପତାକା ଉତୋଳନ କରିଥିଲେ। ସଧାରଣ ସମ୍ପାଦକ ରଞ୍ଜିତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ବିଜନ ଦଳବେହେରା, ଉପେନ୍ଦ୍ର ବେହେରା, ମନୋଜ ସ୍ୱାଇଁ, ଅଶ୍ୱିନୀ ସାମଲ, ମନୋଜ ପ୍ରସାଦ, ହେମନ୍ତ ମହାରଣା, ତ୍ରିନାଥ ରାଉତ ରାଏ, ସୁଧାଂଶୁ ମିଶ୍ର, ରାମ କିଶନ ମାଝୀ, ସେକ ୟୁସୁବ, ଦେବେନ୍ଦ୍ର ଓରାମ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନେପୁ କାର୍ଯ୍ୟାଳୟରେ ଶ୍ରମିକ ଦିବସ ପାଳିତ ହୋଇଥିଲା। ସଂଘର ସାଧାରଣ ସମ୍ପାଦକ ବୈରାଗୀ ସେଠ ଓ କାର୍ଯ୍ୟକାରୀ ସଭାପତି ଶରତ ଚନ୍ଦ୍ର ବେହେରା ପତାକା ଉତ୍ତୋଳନ କରିଥିଲେ। ସଂଘର ସର୍ବସିଦ୍ଧି ବାଗ ଓ ସାଂଗଠନିକ ସମ୍ପାଦକ ସରୋଜ ସାହୁ, ବସନ୍ତ ନାୟକ, ସ୍ୱରୂପ ଗଡ଼ନାୟକ, ସତ୍ୟଜିତ ବିଶ୍ୱାଳ, ଜଗନ୍ନାଥ ସେଠ ପ୍ରମୁଖ ସହଯୋଗ କରିଥିଲେ।



### ବିଜୁ ଜନତା ଦଳର ମିଶ୍ରଣ ପର୍ବ

## ବିଜେପି ଓ କଂଗ୍ରେସର ୧୦୦ କର୍ମୀ ସାମିଲ



**କୁଇଓ, ୨।୫(ସମିସ):** ବଅଁରପାଳ ବ୍ଲକ ରାଣିଗୁଡା ପଞ୍ଚାୟତ ମାଳୀ ପଡ଼ିଆ ଠାରେ ବୁଧବାର ବିଜୁ ଜନତା ଦଳର ସାଂଗଠନିକ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ପର୍ଯ୍ୟବେକ୍ଷକ ସଞ୍ଜୟ ଅଗ୍ରୱାଲା, ଦୀପକ୍ ମହାପାତ୍ର, ରୋସନ୍ ସାହୁ, ଲେପୁ ଦାସ, ପୂର୍ବତନ ଜିଲ୍ଲା ପରିଷଦ ସନ୍ତୋଷ କୁମାର ଦାସ, ନୀର ସାହୁ, ଲମ୍ବୋଦର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ସାଧାରଣ ନିର୍ବଚନରେ ଯୋଡ଼ିଶଙ୍ଖ ଚିହ୍ନରେ ସାଂସଦ ପ୍ରାର୍ଥୀ ପ୍ରବଣ ପ୍ରକାଶ ଦାସ ଓ ଛେଣ୍ଡିପଦା ବିଧାୟକ ପ୍ରାର୍ଥୀ ସୁଶାନ୍ତ କୁମାର ବେହେରାଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବା ପାଇଁ ବିଧାୟକ କହିଥିଲେ। ପଞ୍ଚାୟତର ୧୦୦ ଜଣ ବିଜେପି ଓ କଂଗ୍ରେସ କର୍ମୀ ଦଳ ଛାଡ଼ି ବିଜେଡିରେ ସାମିଲି ହୋଇଥିଲେ।

### ପ୍ରଶାସନର 'ଫାଷ୍ଟ କମ୍ ଫାଷ୍ଟ ସର୍ଭ' ନୀତି

## କ୍ଷତି ସହୁଛନ୍ତି ଟ୍ରକ୍ ମାଲିକ : ଜିଲ୍ଲା ପ୍ରଶାସନ ଦୃଷ୍ଟିଦେବାକୁ ଦାବି

**ତାଳଚେର, ୨।୫(ସମିସ):** ତାଳଚେରର ବିଭିନ୍ନ କୋଇଲା ଖଣିରେ ବର୍ତ୍ତମାନ ଫାଷ୍ଟ କମ୍ ଫାଷ୍ଟ ସର୍ଭ ନୀତି ଯୋଗୁଁ ଟ୍ରକଗୁଡ଼ିକ କ୍ଷତିଗ୍ରସ୍ତ ହେଉଛନ୍ତି। ସେହିପରି ଟ୍ରେନ ଯୋଗେ କୋଇଲା ପରିବହନ ଯୋଗୁଁ ଟ୍ରକ୍ ଯୋଗେ କୋଇଲା ପରିବହନ ମାନ୍ଦା ପଡ଼ିଛି। ପ୍ରଶାସନ ପକ୍ଷରୁ ଲାଗୁ ହୋଇଥିବା ନୂତନ ନିୟମ ଯୋଗୁଁ ତାଳଚେରର ଟ୍ରକଗୁଡ଼ିକ ଲୋଡିଂ ହୋଇ ନପାରି ଭଡ଼ାରୁ ବଞ୍ଚିତ ହେଉଛନ୍ତି ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଟ୍ରକ ମାଲିକମାନେ ଅଭିଯୋଗ କରିଛନ୍ତି। ପ୍ରକାଶଥାଉ କି, ଗତ ୨୦୧୯ ମସିହାରେ ତାଳଚେର ଠାରେ କୋଇଲା ପରିବହନକୁ କିପରି ସୁଚାରୁରୂପେ ପରିବହନ କରିହେବ ଓ ତା ଉପରେ କ'ଣ ବ୍ୟବସ୍ଥା ହେଲେ ତାଳଚେରର କ୍ଷତିଗ୍ରସ୍ତ ପ୍ରଜା ଓ ଶିକ୍ଷିତ ବେକାରୀ ଯୁବକଗଣ ତାଙ୍କର ପେଟ ପାଟଣା ଓ ଗୁଜୁରାଣ ମେଣ୍ଟାଇବେ ସେନେଇ ଦୁଇଟି ଜିଲ୍ଲାସ୍ତରୀୟ ବୈଠକ କରାଯାଇଥିଲା। ପ୍ରଥମ ବୈଠକରେ ସମସ୍ତ ପ୍ରକାର ଆଲୋଚନା କରାଯାଇଥିଲା ଏବଂ ଅନ୍ୟ ଗୋଟିଏ ବୈଠକରେ ତାକୁ ପୂର୍ଣ୍ଣାଙ୍ଗ ରୂପ ଦିଆଯାଇଥିଲା। ସେହି ବୈଠକରେ ଆରଟିଓଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ଭଡ଼ାର ପ୍ରଣାଳୀକୁ ପାଠ କରାଯାଇ ସେହି ସଭାରେ ସ୍ୱୀକୃତି ଦିଆଯାଇଥିଲା। ଭଡ଼ାର ପ୍ରଣାଳୀକୁ ଆଧାର କରି ଟ୍ରକ ମାଲିକ ସଂଘ ତାଳଚେର ଦ୍ୱାରା ଭଡ଼ା ପ୍ରସ୍ତୁତ କରିବାକୁ ଦାୟିତ୍ୱ ଦିଆଯାଇଥିଲା। ସେହିଦିନଠାରୁ ୨୦୨୩ ଶେଷ ସୁଦ୍ଧା ଏହି ପ୍ରଣାଳୀରେ ଚାଲିଆସିଥିଲା। କିନ୍ତୁ ବର୍ତ୍ତମାନ ସମୟରେ ଦେଖିବାକୁ ମିଳୁଛି, ଜିଲ୍ଲା ଅଧିକାରୀ ଦେଇଥିବା ଏକ ନୋଟିସ (କୋର୍ଟ ଅର୍ଡର) ଦ୍ୱାରା ଏହା ସମ୍ପୂର୍ଣ୍ଣ ଓଲଟା ହୋଇଯାଇଛି। ସେହି ନିଷ୍ପତ୍ତି ଟ୍ରକ ମାଲିକମାନଙ୍କୁ ବହୁ ମାତ୍ରାରେ କ୍ଷତି ପହଞ୍ଚାଇଛି। ତାଳଚେରରେ ତାଳଚେର ଟ୍ରକମାଲିକମାନେ ଫାଷ୍ଟ କମ୍ ଫାଷ୍ଟ ସର୍ଭ ନିୟମକୁ ମାନିବା ସମୟରେ ବାହାର ରାଜ୍ୟର ଟ୍ରକ ମଧ ସେହି କ୍ରମାନ୍ୱୟରେ ଠିଆ ହୋଇ ଲୋଡ ନେଇଯାଉଛନ୍ତି। ଯଦ୍ୱାରା ତାଳଚେରର ଥିବା ଟ୍ରକ ମଧ ଲୋଡ ପାଇପାରୁନାହିଁ। ସେହି ବାହାରର ଟ୍ରକ ଗୁଡିକ ଲୋଡକରିବା ଦ୍ୱାରା ଏକା ଧାରାରେ କମ୍ପାନୀ ଓ ତାଳଚେର ଅଞ୍ଚଳର ଟ୍ରକମାଲିକମାନେ କ୍ଷତି ସହୁଛନ୍ତି। ଉଦାହରଣ ସ୍ୱରୂପ ରାୟଗଡ଼ ଜେପିଏଲ ପ୍ଲାଣ୍ଟକୁ ୨୧୦୦ ଟଙ୍କା ପ୍ରତି ଟନ ପିଛା ଆଣିଲେ ବାହାର ଟ୍ରକକୁ ୧୭୦୦ଟଙ୍କା ପ୍ରତି ଟନ ପିଛାରେ ଭଡ଼ା ଦେଉଛନ୍ତି। ସେଥିରେ ତାଳଚେର ଟ୍ରକ ମାଲିକ ସଂଘ କରିଥିବା ଭଡ଼ା ନଷ୍ଟ ହେଲା ଏବଂ ପ୍ଲାଣ୍ଟ ଦେଉଥିବା କାମରେ ପରିବହନକାରୀ ଲାଭ କମାଉଛି। ଅନ୍ୟ ରାଜ୍ୟମାନଙ୍କର ଟ୍ରକ ମାଲିକମାନଙ୍କ କାମର ଅଭାବ ହେବାରୁ ସେହି ରାଜ୍ୟର ସରକାରମାନେ ଆରଓଆର ମୋଡର ବ୍ୟବସ୍ଥା କରି ଟ୍ରକ ମାଲିକମାନଙ୍କର ଟ୍ରକକୁ ଚଳାଚଳ କରାଇବା ବ୍ୟବସ୍ଥା କରାଇଛନ୍ତି। ଏଣୁ ପ୍ରଶାସନ ଓ ସରକାର ମୋଟର ଭେହିକିଲ ଆକ୍ଟ ୬୭(୧) ନିୟମ ଅନୁଯାୟୀ ଏ ସବୁ ପ୍ରକାରର ଟ୍ରକର ଭଡ଼ା ଦରକୁ ନିର୍ଦ୍ଧାରିତ କରିପାରିବେ। ପୂର୍ବରୁ ତାକୁ ଅନୁଧ୍ୟାନ କରି ପୂର୍ବ ପ୍ରଶାସନ ଭଡ଼ା ଦରକୁ ଲାଗୁ କରାଇଥିଲେ। କିନ୍ତୁ କେନ୍ଦ୍ର ସରକାର କୋଇଲା ପରିବହନକୁ ଅଗ୍ରାଧିକାର ଦେଇ ତାଳଚେର ଠାରେ ଜାଲ ବୁଣିଲା ପରି ରେଳ ଲାଇନ ବିଛାଇ ଚାଲିଛନ୍ତି। ତାସହିତ ରେଳ ମାଧ୍ୟମରେ ୨୦ କି.ମିରେ ଥିବା କାରଖାନାମାନଙ୍କଠୁ ଆରମ୍ଭ କରି ଦେଶ ସାରା ଥିବା କାରଖାନାଗୁଡ଼ିକୁ କୋଇଲା ପରିବହନ କରୁଛନ୍ତି। ଯାହାକି ଟ୍ରକ ମାଲିକମାନଙ୍କୁ ଆର୍ଥିକ କ୍ଷତି ପହଞ୍ଚାଉଛି। ଏଣୁ ରାଜ୍ୟ ଭିତରେ ହେଉଥିବା କୋଇଲା ପରିବହନକୁ ୧୫୦ କି.ମି ଭିତରେ ଥିବା କାରଖାନାଗୁଡ଼ିକୁ କିମ୍ବା ରେଲୱେ ସାଇଡ଼ିଂକୁ କୋଇଲା ପରିବହନ ବନ୍ଦ କରାଯିବା ବଦଳରେ ଓଡିଶାବାସୀ ତାଙ୍କର ଟ୍ରକ ଚଳାଇବାକୁ ଦାବି କରାଯାଇଛି। ଏହି ଟ୍ରକ ବ୍ୟବସାୟ ଉପରେ ସିଧାସଳଖ ଭାବରେ ୧୦ଲକ୍ଷ ପରିବାର ନିର୍ଭର କରୁଛନ୍ତି ଓ ରାଜ୍ୟର ସମସ୍ତ କ୍ଷେତ୍ରରେ ଏମାନଙ୍କର ସହଯୋଗ ସବୁଠୁ ଅଧିକ। ଏହାର ସୁବିଚାର କରି ତାଳଚେରର ଟ୍ରକମାଲିକ ତଥା ଓଡ଼ିଶାବାସୀଙ୍କୁ ଉଚିତ ନ୍ୟାୟ ପ୍ରଦାନ କରାଯାଉ। ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଟ୍ରକ ମାଲିକ ମହାସଂଘ, ଓଡିଶାର କାର୍ଯ୍ୟକାରୀ ସଭାପତି ତଥା ତାଳଚେର ଟ୍ରକ ମାଲିକ ସଂଘର ପୂର୍ବତନ ସଭାପତି ଦିଲ୍ଲୀପ କୁମାର ପାଣି, ନିରଞ୍ଜନ ପ୍ରଧାନ ଏବଂ ବହୁ ଟ୍ରକ ମାଲିକମାନେ ଉପସ୍ଥିତ ରହି ଗଣମାଧ୍ୟମ ଜରିଆରେ ନିଜର ପ୍ରତିକ୍ରିୟା ଜଣାଇଛନ୍ତି।




### ଜମିବାଡ଼ି ବିବାଦରୁ ମରଣାନ୍ତକ ଆକ୍ରମଣ

## ୩ ଭଡ଼ାଟିଆ ଗୁଣ୍ଡା ଗିରଫ

**କଣିହାଁ, ୨।୫ (ସମିସ):** କଣିହା ଥାନା ପୁଲିସ ଜମିବାଡ଼ି ବିବାଦକୁ ନେଇ ପୂର୍ବରୁ ଶତ୍ରୁତା କାରଣରୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ତିନି ଜଣ ସମ୍ପୃକ୍ତ ଭଡ଼ାଟିଆ ଗୁଣ୍ଡାଙ୍କୁ ଗୁରୁବାର ଗିରଫ କରି କୋର୍ଟଚାଲାଣ କରିଛି । ଗତ ଏପ୍ରିଲ ୧୫ ତାରିଖରେ ଧୋବାପାଳ ଗ୍ରାମର ଭୀମ ସାହୁ (୫୫)ଙ୍କୁ ସେହି ଗ୍ରାମର ମାଧବ ଚନ୍ଦ୍ର ପ୍ରଧାନଙ୍କ ପୁତ୍ର ପିଣ୍ଟୁ ପ୍ରଧାନ ,ବଳଭଦ୍ର ପ୍ରଧାନ, ଅଜିତ ପ୍ରଧାନ ସାନତ୍ରିବିଡ଼ା ବ୍ରିଜ ପାଖରେ ମରଣାନ୍ତକ ଆକ୍ରମଣ କରିଥିଲେ । ଏଥିରେ ଗୁରୁତର ଆହତ ଭୀମସେନ୍ ଭୁବନେଶ୍ୱରର ଏକ ଘରୋଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ରହିଛନ୍ତି । ତାଙ୍କ ସ୍ତ୍ରୀ ମାମି ସାହୁଙ୍କ ଅଭିଯୋଗ ପରେ କେସ୍ ନଂ ୯୩/୨୪ ରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଥିଲା । ଭଡାଟିଆ ଗୁଣ୍ଡା ଭାବେ ତାଳଚେର ଅଞ୍ଚଳର ଯୁବକ ରାହୁଲ ନାଏକ (୨୦),ସୁଶୀଲ ନାଏକ (୨୧), ପ୍ରଭଞ୍ଜନ ବେହେରା(୨୯)ଙ୍କୁ ବୁଧବାର ବିଳମ୍ବିତ ରାତ୍ରିରେ ପୁଲିସ ଗିରଫ କରିଥିଲା । ଏଥିରେ ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତିକୁ ନେଇ ତଦନ୍ତ ଜାରି ରହିଛି ।

### ● କଂଗ୍ରେସ ବିଧାୟକ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ ବେଳେ

## ପୁଲିସ- କଂଗ୍ରେସ କର୍ମୀ ଧସ୍ତାଧସ୍ତି

**ତାଳଚେର ସଦର ୨।୫(ସମିସ):** ଆଜି ତାଳଚେର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ଦାସ ନିଜର ନାମାଙ୍କନପତ୍ର ଦାଖଲ କରିବା ସମୟରେ କଂଗ୍ରେସ କର୍ମୀ ଓ ପୁଲିସଙ୍କ ମଧ୍ୟରେ ଠେଲା ପେଲା ଦେଖିବାକୁ ମିଳିଥିଲା। ତେବେ ଶ୍ରୀ ଦାସ ପ୍ରଥମେ ଏକ ନମ୍ବର ୱାର୍ଡ ସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରଭୁ ଜଗନ୍ନାଥଙ୍କୁ ଦର୍ଶନ କରି ସେଠାରୁ ଏକ ସୁସଜ୍ଜିତ ଯାନରେ ସହର ପରିକ୍ରମା କରିଥିଲେ। ଶ୍ରୀ ଦାସ ଓ ଢେଙ୍କାନାଳ ସାଂସଦ ପ୍ରାର୍ଥିନୀ ସସ୍ମିତା ବେହେରାଙ୍କୁ ପ୍ରତି ଛକରେ ଲୋକମାନେ ଆଶୀର୍ବାଦ ଦେଉଥିବା ଦେଖିବାକୁ ମିଳିଥିଲା। କଂଗ୍ରେସ କର୍ମୀଙ୍କ ସହ ଶ୍ରୀ ଦାସ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିବାକୁ ଯାଉଥିବା ସମୟରେ ଫାଟକ ସମ୍ମୁଖରେ କର୍ମୀ ଓ ପୁଲିସ ମଧ୍ୟରେ କଥା କଟାକଟି ହୋଇ ଏକ ଉତ୍ତେଜନାପୂର୍ଣ୍ଣ ପରିସ୍ଥିତି ଦେଖାଦେଇଥିଲା। ଶ୍ରୀ ଦାସଙ୍କ ଅଧିକ ସମର୍ଥକ ଭିତରକୁ ଯିବା ଲାଗି ଜିଦ୍ କରିବାରୁ ପୁଲିସ ବାରଣ କରିଥିଲା। ପରେ ତାଳଚେର ଏସଡିପିଓ ଘଟଣାସ୍ଥଳେ ପହଞ୍ଚି ବୁଝାସୁଝା କରିବା ପରେ ଅବସ୍ଥା ଶାନ୍ତ ପଡ଼ିଥିଲା।



### ମୌଳିକ ସୁବିଧାରୁ ବଞ୍ଚିତ ଘରୋଇ ପ୍ରଶିକ୍ଷଣ କେନ୍ଦ୍ର

## ୭୦ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର

**ଢେଙ୍କାନାଳ, ୨।୫ (ସମିସ) :** ଢେଙ୍କାନାଳ ଜିଲ୍ଲାର କଙ୍କଡାହାଡ଼ ବ୍ଲକ ମରୁଆବିଲି ପଞ୍ଚାୟତ ବଳଦିଆପାଳ ଗ୍ରାମରେ ଥିବା ଏକ ଘରୋଇ କେନ୍ଦ୍ରରେ ମୌଳିକ ସୁବିଧାରୁ ଛାତ୍ରଛାତ୍ରୀମାନେ ବଞ୍ଚିତ ହେଉଥିବା ବେଳେ ବିପଦସଂକୁଳ ଅବସ୍ଥାରେ ୭୦ ଛାତ୍ରଛାତ୍ରୀଙ୍କ ଜୀବନ ବିତୁଥିବା ଦେଖିବାକୁ ମିଳିଛି। କଙ୍କଡ଼ାହାଡ଼ ବ୍ଲକ ମରୁଆବିଲି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ବଳଦିଆପାଳ ଗ୍ରାମରେ ଏକ ଘରୋଇ ଟିଉସନ ସେଣ୍ଟର ରହିଛି। ବଳଦିଆପାଳ ଗ୍ରାମର ଆନନ୍ଦ ମହାନ୍ତ ଏହି ଟିଉସନ କେନ୍ଦ୍ରଟିକୁ ବିଗତ କୋଡ଼ିଏ ବର୍ଷରୁ ଉର୍ଦ୍ଧ୍ୱ ଚଳାଇ ଆସୁଛନ୍ତି। ବର୍ତ୍ତମାନ ଏହି ଘରୋଇ ଟିଉସନ କେନ୍ଦ୍ରଟିରେ ପ୍ରାୟ ୭୦ ଜଣରୁ ଉର୍ଦ୍ଧ୍ୱ ଛୋଟ ଛୋଟ ପିଲା ରହୁଥିବା ଦେଖିବାକୁ ମିଳିଛି। ଆନନ୍ଦ ମହାନ୍ତ ତାଙ୍କ ନିଜସ୍ୱ ଘରେ ଏହି ଟିଉସନ କେନ୍ଦ୍ରଟି ଚଳାଇ ଆସୁଛନ୍ତି। ନିକଟବର୍ତ୍ତୀ ଗାଁ ଗୁଡ଼ିକରୁ ଏହି ପିଲାମାନେ ଏଠାରେ ରହି ପାଠ ପଢୁଥିବା ଦେଖିବାକୁ ମିଳିଛି। ଗ୍ରାମବାସୀ ତଥା ପଡୋଶୀ ଲୋକଙ୍କ କହିବା ଅନୁଯାୟୀ ଏଠାରେ ପିଲାମାନଙ୍କ ରହିବା ଓ ଖାଇବା ବ୍ୟତୀତ ଅନ୍ୟ କିଛି ମୌଳିକ ସୁବିଧା ନାହିଁ। ପିଲାମାନଙ୍କ ନିମନ୍ତେ କୌଣସି ପାଇଖାନା, ଗାଧୁଆ ଘର କି ବିଶ୍ରାମଗାରର ସୁବିଧା ନାହିଁ। ପ୍ରତ୍ୟେକ ଦିନ ସକାଳେ ନିକଟରେ ଥିବା ଏକ ପଥୁରିଆ ନାଳକୁ ଏଠାକାର ସମସ୍ତ ପିଲା ସ୍ନାନ ଶୌଚ କରିବାକୁ ଯାଇଥାନ୍ତି। ଯେଉଁ ନାଳଟିକୁ ଯାଆନ୍ତି ସେଠାରେ ଅତ୍ୟନ୍ତ ବିପଦସଂକୁଳ ଅବସ୍ଥାରେ କୁନିକୁନି ପିଲାମାନେ ସ୍ନାନ କରୁଥିବା ବର୍ଷ ତମାମ ଦେଖିବାକୁ ମିଳେ। ତେବେ ଏଠାରେ କିଛି ଅଘଟଣ ଯେ ନହେବ ତାହା କିଏ କହିପାରିବେ। ପ୍ରଚଣ୍ଡ ରୌଦ୍ରତାପରେ ଲୋକେ ଘରେ ରହିପାରୁ ନଥିବା ବେଳେ ଏଠାକାର ଛୋଟ ପିଲାମାନେ ଗଛ ଛାଇରେ ବସିଥିବା ଦେଖିବାକୁ ମିଳେ। ଏପରି ଏକ ବିପଦସଂକୁଳ ଅବସ୍ଥାରେ ଏଠାରେ କେଉଁ ଆଇନ ବଳରେ ପିଲାମାନଙ୍କୁ ରଖିବାକୁ ଅନୁମତି ମିଳିଛି, ତାହା ନିଶ୍ଚିତ ଚିନ୍ତାର ବିଷୟ । ଏହା ଏକ ସରକାରୀ ଅନୁମତି ପ୍ରାପ୍ତ ଅନୁଷ୍ଠାନ କି ଅଣଅନୁମତି ପ୍ରାପ୍ତ ଘରୋଇ ପ୍ରଶିକ୍ଷଣ କେନ୍ଦ୍ର ତାହା କିଛି ଏହାର ସୂଚନା ଫଳକରେ ଲେଖାଯାଇନାହିଁ। ଯଦି ଏହା ସରକାରୀ ଅନୁମତି ପ୍ରାପ୍ତ ତେବେ ଏଠାରେ ବିନା ଶୌଚାଳୟ, ବିନା ଗାଧୁଆ ଘର ଏବଂ ବାତାନୁକୁଳ ପରିବେଶରେ ଛୋଟ ଛୋଟ କୋମଳମତି ପିଲାମାନଙ୍କୁ କାହିଁକି ରଖାଯାଉଛି। ଯଦି ଅନୁମତିପ୍ରାପ୍ତ ନୁହେଁ ତେବେ ପିଲାମାନଙ୍କ ଜୀବନ ପ୍ରତି ବିପଦ ଥିବା ନାଳ ମଧ୍ୟରେ ଯଦି କିଛି ଅଘଟଣ ଘଟେ ତେବେ ଏହାର ଉତ୍ତରଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠୁଛି। ଏହି ଗ୍ରାମର ଜୟନ୍ତ ମହାନ୍ତ, ସୁରେଶ ମହାନ୍ତ, ରବି ମହାନ୍ତ, ଦୁର୍ଯ୍ୟୋଧନ ମହାନ୍ତ ପ୍ରମୁଖ ଏଥିପାଇଁ ଗଭୀର ଉଦବେଗ ପ୍ରକାଶ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ ଏଠାରେ ରହୁଥିବା ପିଲାମାନଙ୍କ ଠାରୁ ମୋଟା ଅଙ୍କର ପାଉଣା ନେଇ ଘରୋଇ ଟିଉସନ ଚଳାଉଥିବା ବ୍ୟକ୍ତି କାହିଁକି ପିଲାଙ୍କ ଜୀବନ ପ୍ରତି ଖେଳ ଖେଳୁଛନ୍ତି। ଏଣୁ ସରକାର ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

# ନାମାଙ୍କନ ପ୍ରକ୍ରିୟା ସମ୍ପର୍କିତ ଏକଦିବସୀୟ ପ୍ରଶିକ୍ଷଣ

**କେନ୍ଦ୍ରାପଡ଼ା,୨।୫(ସମିସ):** ଆସନ୍ତା ଜୁନ୍ ୧ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାରେ ଏକକାଳୀନ ଉଭୟ ଲୋକସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଚୂଡ଼ାନ୍ତ ହୋଇଛି। ଚଳିତ ମେ ୭ ତାରିଖରେ ବିଜ୍ଞପ୍ତି /ନୋଟିଫିକେସନ୍ ଆରମ୍ଭ ହେବ। ନାମାଙ୍କନ ଦାଖଲ ପାଇଁ ମେ ୧୪ ଅନ୍ତିମ ତାରିଖ ହୋଇଥିବାବେଳେ ମେ ୧୫ ତାରିଖରେ ନୋମିନେସନ ଯାଞ୍ଚ ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ନାମାଙ୍କନ ସମୟରେ ସମସ୍ତ ପ୍ରକାର ଦ୍ୱନ୍ଦ୍ୱ ଓ ବିବାଦକୁ ଏଡ଼ାଇ ତ୍ରୁଟିଶୂନ୍ୟ ନିର୍ବାଚନ ପରିଚାଳନା ପାଇଁ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଆୟୋଜିତ ହୋଇଯାଇଛି। ଏହି ଶିବିରରେ ଅଧ୍ୟକ୍ଷତା କରି ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ କହିଛନ୍ତି ନାମାଙ୍କନ ଦାଖଲ ସମୟରେ ସମସ୍ତ ରିଟର୍ଣ୍ଣିଂ ଅଫିସର୍ ଓ କର୍ମଚାରୀଙ୍କୁ ଆଲର୍ଟ ରହିବାକୁ ହେବ। ତ୍ରୁଟିଶୂନ୍ୟ ଓ ବିବାଦଶୂନ୍ୟ ନାମାଙ୍କନ୍ ପ୍ରକ୍ରିୟା ପାଇଁ ଜିଲ୍ଲା ପ୍ରଶାସନକୁ ଦକ୍ଷତାର ସହ କର୍ତ୍ତବ୍ୟ ସମ୍ପାଦନ କରିବାକୁ ହେବ। କାହାର ପ୍ରାର୍ଥିତ୍ୱକୁ ରଦ୍ଦ କରିବା ଆମର ଲକ୍ଷ୍ୟ ନୁହେଁ, ମାତ୍ର ଅସମ୍ପୂର୍ଣ୍ଣ ଫର୍ମ କୌଣସି ପରିସ୍ଥିତିରେ ଗ୍ରହଣୀୟ ନୁହେଁ।” ନାମାଙ୍କନ ପତ୍ର ଦାଖଲ ପାଇଁ ସମୟ ଦିନ ୧୧ରୁ ୩ ପର୍ଯ୍ୟନ୍ତ ଚୂଡ଼ାନ୍ତ ହୋଇଛି। ୩ଟା ପରେ କୌଣସି ପରିସ୍ଥିତିରେ ନାମାଙ୍କନ ଦାଖଲ ଗ୍ରହଣୀୟ ନୁହେଁ। ୩୬୦ ଡିଗ୍ରୀ ସିସିଟିଭି କଭରେଜ୍ ଭିତରେ ନାମାଙ୍କନ ରୁମ୍ ରହିବ। ନାମାଙ୍କନ ପ୍ରକିୟାର ସମସ୍ତ କାର୍ଯ୍ୟକଳାପର ଭିଡିଓଗ୍ରାଫି କରାଯିବ। ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟର ୧୦୦ ମିଟର ପରିସୀମା ମଧ୍ୟକୁ ୩ଟିରୁ ଅଧିକ ଗାଡ଼ି ଆସିପାରିବ ନାହିଁ। ପ୍ରାର୍ଥିଙ୍କୁ ମିଶାଇ ମୋଟ୍ ୫ଜଣ ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରିବାର ଅନୁମତି ପାଇପାରିବେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଆଳି ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ପୀତାମ୍ବର ସାମଲ, ରାଜନଗର ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ନୀଲୁ ମହାପାତ୍ର, କେନ୍ଦ୍ରାପଡ଼ା ଓ ପାଟକୁରା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ରବିନ୍ଦ୍ର କୁମାର ପ୍ରଧାନ, ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ଅଶୋକ କୁମାର ଦାଶ, ଉପ-ଜିଲ୍ଲା ନିର୍ବାଚନ ଅଧିକାରୀ ରମେଶ ଚନ୍ଦ୍ର ପଣ୍ଡା, ଏପିଡି ଦୟାସିନ୍ଧୁ ପରିଡ଼ା, ସମସ୍ତ ଆସିଷ୍ଟାଣ୍ଟ ରିଟର୍ଣ୍ଣିଂ ଅଫିସର୍ ଏବଂ ପ୍ରଶିକ୍ଷାର୍ଥିମାନେ ଉପସ୍ଥିତ ଥିଲେ।




# ମହିଳାଙ୍କୁ ଅଶ୍ଳୀଳ ଇଙ୍ଗିତ ଓ ଆକ୍ରମଣ ଅଭିଯୋଗ

**କେନ୍ଦ୍ରାପଡ଼ା,୨।୫(ସମିସ):** ଜନୈକା ଦଳିତ ମହିଳାଙ୍କୁ କେତେକ ଅସାମାଜିକ ଯୁବକ ଅଶ୍ଳିଳ ଇଙ୍ଗିତ ଓ ଗାଳିଗୁଲଜ କରିବା ସହ ତାଙ୍କୁ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲେ ବି ପୁଲିସ ଆବଶ୍ୟକ ପଦକ୍ଷେପ ନେଉନଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଟାଉନ ଥାନା ଅନ୍ତର୍ଗତ ଭଗେଶ୍ୱରପୁର ଅଞ୍ଚଳର ମହିଳା ଜଣକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ଯେ କେତେକ ଅସାମାଜିକ ଯୁବକ ତାଙ୍କ ଘର ସମ୍ମୁଖରେ ଛିଡାହୋଇ ତାଙ୍କୁ ଅଶ୍ଳିଳ ଇଙ୍ଗିତ କରିବା ସହ ସେମାନଙ୍କ ସହ ଖରାପ ସମ୍ପର୍କ ରଖିବାକୁ ବାଧ କରିଥିବା ନେଇ ସେ କେନ୍ଦ୍ରାପଡା ଟାଉନ ଥାନାରେ ପୂର୍ବରୁ ଅଭିଯୋଗ କରିଥିଲେ। ପୁଲିସ ସେହି ଅଭିଯୋଗ ଉପରେ କିଛି ପଦକ୍ଷେପ ଗ୍ରହଣ ନକରିବାରୁ ସେହି ଅସାମାଜିକ ଯୁବକମାନେ ପୁନର୍ବାର ସଂପୃକ୍ତ ମହିଳାଙ୍କୁ ଅସଦ ବ୍ୟବହାର କରିବା ଏବଂ ତାଙ୍କ ଉପରକୁ ପଥର ପକାଇ ଜଖମ କରିଦେବା ସହ ଜୀବନରୁ ମାରିଦେବାକୁ ଧମକ ଚମକ ଦେଇଥିବା ସମ୍ପର୍କରେ ସେ ପୁଣିଥରେ ଥାନାରେ ଅଭିଯୋଗ କରିଥିଲେ। କିନ୍ତୁ ପୁଲିସ ତାଙ୍କ ଅଭିଯୋଗ ଉପରେ କୌଣସି ପଦକ୍ଷେପ ନେଉନଥିବାରୁ ମୂଲମଜୁରୀ ଲାଗି ଜୀବନ ନିର୍ବାହ କରୁଥିବା ଏହି ଦଳିତ ମହିଳା ଜଣଙ୍କ ବହୁ ସମସ୍ୟାର ସମ୍ମୁଖୀନ ହୋଇଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

# ତୃଷ୍ଣା ମେଣ୍ଟାଉଛି 'ଗୁପ୍ତ ଜଳ ସେବା କେନ୍ଦ୍ର'

**କେନ୍ଦ୍ରାପଡ଼ା,୨।୫(ସମିସ):** ପଥଚାରୀ ତୃଷ୍ଣା ମେଣ୍ଟାଉଛି ଗୁପ୍ତ ଜଳସେବା କେନ୍ଦ୍ର। ଏହି ଜଳ ସେବା କେନ୍ଦ୍ରଟି କେନ୍ଦ୍ରାପଡା ଜିଲ୍ଲାର ଏକ ନମ୍ବର ବ୍ଲକ୍ ରୋଡରେ ଖୋଲାଯାଇଛି। ଏହାକୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା ମାନେ ଖୋଲିଛନ୍ତି। ରାସ୍ତା କଡ଼ରେ ଖୋଲାଯାଇ ପଥଚାରୀଙ୍କୁ ବିଭିନ୍ନ ପାତ୍ରରେ ପାଣି ଯୋଗାଇ ଦିଆଯାଉଛି। ଏହି ଜଳ ସେବା କେନ୍ଦ୍ରରୁ ପ୍ରାୟ ସବୁ ଦିନ ଶତାଧିକ ଲୋକେ ପାଣି ପିଇଥାନ୍ତି।ଏଠାରେ ସବୁଦିନ ବିଭିନ୍ନ ପ୍ରକାରର ଜଳ ସେବା ଦିଆଯାଏ। ବେଲପତ୍ର ପାଣି, ଦହି ପାଣି, ପୁଦିନା ପାଣି, ଆମ୍ବ ରସ, ନାଣ୍ଡି ବଗୁଲି ପାଣି, ତରଭୁଜ ପାଣି, ଗ୍ଲୁକୋଜ ପାଣି ପର୍ଯ୍ୟନ୍ତ ପଥଚାରୀଙ୍କୁ ଯୋଗାଇ ଦିଆଯାଏ। ସାଧାରଣ ଜନତାଙ୍କ ନିମନ୍ତେ ଖୋଲା ଯାଇଥିବା ଏହି ଜଳସେବା ଗ୍ରହଣ କରିବାକୁ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି ନିବେଦନ କରିଛନ୍ତି।

# ଶିକ୍ଷକଙ୍କ ସ୍ମୃତିଚାରଣ ସଭା

**ରାଜକନିକା,୨।୫(ସମିସ):** ଅବସରପ୍ରାପ୍ତ ଶିକ୍ଷକ ରମାକାନ୍ତ ପଣ୍ଡା(୭୬)ଙ୍କର ଗତ ରବିବାର ଅପରାହ୍ଣ ୪ ଟା ବେଳେ ନିଜ ମେଘପୁର ବାସଭବନରେ ପରଲୋକ ଘଟିଛି। ରାଜକନିକା ବ୍ଲକ କାଟଣାର ତାରାମଣୀ କପିଳେଶ୍ୱର ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଭାବେ ସେହି ଗୋଟିଏ ସ୍କୁଲରେ ତମାମ ୩୬ ବର୍ଷ ଚାକିରୀକାଳ ବିତାଇଥିବା ସ୍ୱର୍ଗତ ପଣ୍ଡା ଜଣେ ଛାତ୍ରବତ୍ସଳ ଓ ସ୍ନେହୀ ଶିକ୍ଷକ ଥିଲେ। ତାଙ୍କର ସ୍ମୃତିରେ ତାରାମଣୀ କପିଳେଶ୍ୱର ହାଇସ୍କୁଲର ଶିକ୍ଷକ, ସ୍ଥାନୀୟ ଛାତ୍ର ଅଭିଭାବକ ପ୍ରମୁଖ ଶୋକବ୍ୟକ୍ତ କରି ସ୍ମୃତିଚାରଣ କରିଛନ୍ତି।

# ଆନ୍ତର୍ଜାତିକ ଶ୍ରମିକ ଦିବସ ପାଳନ

**ରାଜକନିକା,୨।୫(ସମିସ):** ଗତ ବୁଧବାର ଦିନ ୧୩୯ ତମ ଆନ୍ତର୍ଜାତିକ ଶ୍ରମିକ ଦିବସକୁ ସିପିଆଇଏମ ରାଜକନିକା ଶାଖା ପକ୍ଷରୁ ପାଳନ କରାଯାଇ ଶ୍ରମଜୀବୀ ମଣିଷର ଅଧିକାର ପାଇଁ ସଂଗ୍ରାମର ଆହ୍ୱାନ ଦିଆଯାଇଛି।ଏହି ଅବସରରେ ରାଜକନିକା ନହୁଲିଆ ଛକଠାରେ ଲାଲପତାକା ଉତ୍ତୋଳନ କରାଯାଇ, ସହିଦ ବେଦୀରେ ମାଲ୍ୟାର୍ପଣ କରାଯିବା ସହ ଶ୍ରମିକ ଦିବସର ତାତ୍ପର୍ଯ୍ୟ ବିଷୟରେ ସିପିଆଇଏମର ବରିଷ୍ଠ ସଦସ୍ୟ ସାଥୀ କାଳୀପ୍ରସାଦ ନାୟକ,ଧନେଶ୍ୱର ରାଉତ, ଧୀବର ବେହେରା, ନଳିନୀପ୍ରଭା ତରାଇ, ଦିଲ୍ଲୀପ କୁମାର ରାଉତ ପ୍ରମୁଖ ଆଲୋଚନା କରିଥିଲେ।

# ଅଂଶୁଘାତ ପାଇଁ ସଚେତନତା ବାର୍ତ୍ତା ଦେଇ ଚର୍ଚ୍ଚାରେ ସଂଗୀତଜ୍ଞ ଦୀନେଶ

**ରାଜକନିକା,୨।୫(ସମିସ):** ଉହଦହ ଖରାରେ ଜଳୁଛି ସାରା ଦୁନିଆଁ। ଏମିତି ତତଲା କଡେଇରେ ଜଳୁଥିବା ସାରା ଜଗତକୁ ବଞ୍ଚିବାର ରାହା ଦେଇ ପ୍ରସ୍ତୁତ ହୋଇଛି ଅଂଶୁଘାତ ସଚେତନତା ପାଇଁ ସୁନ୍ଦର ଗୀତ। କେବଳ ଶୁଣିବାକୁ ଶ୍ରୁତି ମଧୁର ନୁହେଁ ଆବେଗିକ ଭାବପୂର୍ଣ୍ଣ ଏହି ସଙ୍ଗୀତ ସଞ୍ଚରି ଚାଲିଛି ଓ ଆଉ ଆଦୃତ୍ତି ଦେଉଛି ସଙ୍ଗୀତଜ୍ଞ ଦୀନେଶ କୁମାର ମଲ୍ଲିକଙ୍କୁ।ପ୍ରଚଣ୍ଡ ଅଂଶୁତାପ ବେଳେ ଦୀନେଶଙ୍କ ଏହି ଗୀତ ସବୁଠି ପ୍ରଶଂସା ସାଉଁଣ୍ଟିବା ସହ ଖେଳି ଯାଉଛି ମୋବାଇଲରୁ ମୋବାଇଲକୁ। ଅତୀତରେ ଏହି ଗୀତିକାର ଭେଟି ଦେଇଛନ୍ତି ୫ ଶହରୁ ଉର୍ଦ୍ଧ୍ୱ ହିଟ ଗୀତ। ଆଉ ସେଥି ମଧ୍ୟରୁ କରୋନା ମହାମାରୀ, ପଲସ ପୋଲିଓ, ବୃକ୍ଷଲତା, ମାଟି, ପାଣି, ପବନ ଭଳି ସଙ୍ଗୀତ ଶ୍ରୋତାଙ୍କୁ ଅଫୁରନ୍ତ ଆନନ୍ଦ ସହ ସଚେତନ କରାଇବା ପରେ ଏବେ ଅଂଶୁଘାତ ପାଇଁ ସଚେତନ କରୁଥିବା ସଦ୍ୟ ମୁକ୍ତିଲାଭ କରିଥିବା ଗୀତ ବେଶ ପ୍ରଭାବୀ ହୋଇଛି। କଟକର ବି.ଏ.ଏମ୍ ଷ୍ଟୁଡିଓ ରେ ଅଂଶୁଘାତ ପାଇଁ ଏକ ଗୀତ ରେକର୍ଡିଂ ହୋଇଛି। ଯାଜପୁରର ଗୀତିକାର ନଳିନୀ ପ୍ରଭା ଦାସଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିବା ଏହି ଗୀତଟିକୁ ସଙ୍ଗୀତ ନିର୍ଦ୍ଦେଶନା ଓ କଣ୍ଠଦାନ କରିଛନ୍ତି ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ସଙ୍ଗୀତ ନିର୍ଦ୍ଦେଶକ ଦିନେଶ କୁମାର ମଲ୍ଲିକ। ଏହି ଗୀତଟି ସମାଜର ସମସ୍ତ ବ୍ୟକ୍ତିବିଶେଷଙ୍କ ନିକଟରେ ସଚେତନତା ସୃଷ୍ଟି କରିବ ବୋଲି ଶୁଭମ ମ୍ୟୁଜିକ ପକ୍ଷରୁ ଆଶା କରାଯାଇଛି।

## ନିର୍ବାଚନ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନ ଅଭିଯୋଗ

# ୨ ସିଆରପି ନିଲମ୍ବିତ

**କେନ୍ଦ୍ରାପଡ଼ା,୨।୫(ସମିସ):** ନିର୍ବାଚନ ଆଦର୍ଶ ଆଚରଣବିଧି ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଶୂନ୍ୟ ସହନଶୀଳ ନୀତି। ଏସ୍‌ସିସି ଉଲ୍ଲଙ୍ଘନ ଅଭିଯୋଗର ତଦନ୍ତ ରିପୋର୍ଟ ଆଧାରରେ ଆଜି ଦୁଇ କମ୍ୟୁନିଟି ରିସୋର୍ସ ପର୍ସନ (ସିଆର୍‌ପି) କର୍ମଚାରୀଙ୍କୁ କାର୍ଯ୍ୟାନ୍ତର ଆଦେଶ ଦେଇଛନ୍ତି ଜିଲ୍ଲା ନିର୍ବାଚନ ଅଧିକାରୀ। ଏହି ଦୁଇ କର୍ମଚାରୀ ହେଉଛନ୍ତି ମହାକାଳପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ମାର୍ଶାଘାଇ ବ୍ଲକ୍ ତାଳସଙ୍ଗା ଗ୍ରାମପଞ୍ଚାୟତ ମାଣିକପୁର ଗାଁର ପୁଷ୍ପାଞ୍ଜଳୀ ମହାନ୍ତି ଓ ତାଳସଙ୍ଗା ଗ୍ରାମପଞ୍ଚାୟତ ଖମଙ୍ଗାବିନ୍ଧା ଗାଁର ନର୍ମଦା ବସନ୍ତିଆ। ତାଙ୍କ ବିରୁଦ୍ଧରେ ଗତ ୨୯ ତାରିଖରେ ଜୟନ୍ତ କୁମାର ଜେନା ଅଭିଯୋଗ ଆଣିଥିଲେ। ଅଭିଯୋଗ ଥିଲା ସେମାନେ ରାଜନୈତିକ ପ୍ରଚାର ସଭାରେ ପୁଷ୍ପ ପକାଇବା ସହ ହୁଳହୁଳି ଓ ଶଙ୍ଖ ବାଦନ କରି ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହି ଅଭିଯୋଗର ସତ୍ୟାସତ୍ୟ ଜାଣିବା ପାଇଁ ମହାକାଳପଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସର ତଥା ଅତିରିକ୍ତ ଉପ-ଜିଲ୍ଲାପାଳ ଅଶୋକ କୁମାର ଦାସଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ତାଙ୍କ ତଦନ୍ତ ରିପୋର୍ଟ ଆଧାରରେ ଏହି ଦୁଇ କର୍ମଚାରୀଙ୍କୁ ଆଜିଠାରୁ ତତ୍‌କ୍ଷଣାତ୍ କାର୍ଯ୍ୟାନ୍ତର ଆଦେଶ ଦେଇଛନ୍ତି ଜିଲ୍ଲା ନିର୍ବାଚନ ଅଧିକାର।

# ବିଭିନ୍ନ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ ଓ ବନ୍ଧୁମିଳନ

**ରାଜନଗର, ୨।୫(ସମିସ):** ରାଜନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଜେଡି ପକ୍ଷରୁ ବନ୍ଧୁମିଳନ ଓ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜନଗର ବ୍ଲକର କଣ୍ଡିରା, ଭିତରଗଡ, ସାତଭାୟା, ସାନବଡଗୋପାଳପୁର ପ୍ରଭୃତି ପଞ୍ଚାୟତରେ ବିଜେଡି ପକ୍ଷରୁ କର୍ମୀ ସମ୍ମିଳନୀ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ନିରଂଜନ ରାଉତଙ୍କ ପୌରହିତ୍ୟରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ରାଜନଗର ନିର୍ବାଚନମଣ୍ଡଳୀର ବିଧାନସଭା ପ୍ରାର୍ଥୀ ଧ୍ରୁବ ସାହୁ ଯୋଗଦେଇ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନରେ ବିକଶିତ ଓଡିଶାର ବିଭିନ୍ନ ଚିତ୍ର ଉପସ୍ଥାପନ କରିଥିଲେ। ତୃଣମୂଳ ସ୍ତରରେ ସଂଗଠନକୁ ଅଧିକ ମଜବୁତ କରିବା ପାଇଁ ପଞ୍ଚାୟତ, ୱାର୍ଡ ଓ ବୁଥ୍ କମିଟି ଗଢିବାକୁ ପରାମର୍ଶ ଦେଇଥିଲେ। ଏହାସହିତ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ କରିବାକୁ କହିଥିଲେ। ଏହି କର୍ମୀ ସମ୍ମିଳନୀରେପଞ୍ଚାୟତସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ସାନବଡଗୋପାଳପୁର ସରପଞ୍ଚ ଗୋଲେଖ ଚନ୍ଦ୍ର ସ୍ୱାଇଁ, ବରିଷ୍ଠ ବିଜେଡି ନେତା ଦେବେନ୍ଦ୍ର କୁମାର ଜେନା, ସନ୍ତୋଷ କୁମାର ମହାନ୍ତି, ଆମ୍ବ୍ର ଅଧ୍ୟକ୍ଷ ଗୋବର୍ଦ୍ଧନ ପ୍ରଧାନ, ରାଜ୍ୟ ଛାତ୍ର ବିଜେଡି ସଂପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ଭିତରଗଡ ସରପଞ୍ଚ ଇତିଶ୍ରୀ ମହାପାତ୍ର, କଣ୍ଡିରା ସରପଞ୍ଚ ହେମଲତା ସାହୁ, ସମିତିସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ବ୍ଲକ ବିଜୁ ଜନତା ଦଳ ମୁଖପାତ୍ର କୈଳାସ ଚନ୍ଦ୍ର ମହାନ୍ତି, ନରହରି ଜେନା, ଅରୁଣ କୁମାର ପାତ୍ର, ନର୍ମଦା ସେଠୀ, ପ୍ରଭାତ ମହାନ୍ତି, ରମେଶ ଚନ୍ଦ୍ର ସ୍ୱାଇଁ, ଅନାଦି ଦାସ, କଳାକାର ସାହୁ, ମଙ୍ଗୁଳି ସ୍ୱାଇଁ, ଗଗନ କୁମାର ବଳ, ସୁନୀଲ ପ୍ରଧାନ, ମହନି ସାମଲ, ସୁବାଷ ଜେନା, ବସନ୍ତ କୁମାର ରାଉତ, ଅମର କୁମାର ରାଉତ, ବାନାମ୍ବର ପାତ୍ର, ସୁଧାକର ପ୍ରଧାନ, ବାଇଧର ପ୍ରଧାନ, ବିଚିତ୍ର କୁମାର ସ୍ୱାଇଁ, ପ୍ରଦୀପ ଲେଙ୍କା, ନଳିନୀ କୁମାର ରାଉତରାୟ, ଧର୍ମାନନ୍ଦ ପରିଡା, କଳ୍ପତରୁ ଜେନା, ଅଭୟ କୁମାର ସେଠୀ, ଅକ୍ଷୟ କୁମାର ସ୍ୱାଇଁ ପ୍ରମୁଖ ଯୋଗଦେଇ ସାଧାରଣ ନିର୍ବାଚନରେ ଡବଲ ଶଙ୍ଖରେ ସାଂସଦ ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ଭୋଟ ଦେବାକୁ କର୍ମୀମାନେ ଶପଥ ନେଇଥିଲେ।



# ବାଛରା ପଞ୍ଚାୟତରେ ବିଜେଡିର ବନ୍ଧୁମିଳନ ଓ ମିଶ୍ରଣ ପର୍ବ



**ପଟ୍ଟାମୁଣ୍ଡାଇ,୨।୫(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବାଛରା ପଞ୍ଚାୟତରେ ଆଗାମୀ ସାଧାରଣ ନିର୍ବାଚନରେ ରେକର୍ଡ ବିଜୟ ପାଇଁ କ୍ଷେତ୍ର ପ୍ରସ୍ତୁତ କରିଛି ବିଜେଡି। ଉଭୟ ଲୋକସଭା ଓ ବିଧାନସଭା ପ୍ରାର୍ଥୀଙ୍କ ବୃହତ ବିଜୟ ବ୍ୟବଧାନ ପାଇଁ ଦଳ ପକ୍ଷରୁ ଏକ ବନ୍ଧୁମିଳନ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି।ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରହିତ୍ୟରେ ଆୟୋଜିତ ମିଶ୍ରଣ ସମାବେଶରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସବୁବର୍ଗର ଲୋକଙ୍କ ପାଇଁ ବିଭିନ୍ନ ଜନକଲ୍ୟାଣ ଯୋଜନା ଓ କୋଟି କୋଟି ଟଙ୍କା ବ୍ୟୟରେ ପଟ୍ଟାମୁଣ୍ଡାଇ -ରାଜନଗର ବିକାଶ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ପ୍ରକଳ୍ପ ସମ୍ପର୍କରେ ସୂଚନା ଦେଇ ଉଭୟ ଲୋକସଭା ଓ ବିଧାନସଭା ବିଜେଡି ପ୍ରାର୍ଥୀଙ୍କୁ ଯୋଡି ଶଙ୍ଖରେ ଭୋଟ ଦେବାକୁ ନିବେଦନ କରିଥିଲେ। ଏଥିରେ ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ,ଆଡ଼ଭୋକେଟ କ୍ଷୀରୋଦ ବିହାରୀ ପ୍ରଧାନ, ସରପଞ୍ଚ ରଞ୍ଜିତା ସାହୁ,ସମିତି ସଭ୍ୟା ସୁମିତ୍ରା ସାହୁ, ବରିଷ୍ଠ ନେତା ବିଚିତ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ସୁଧାଂଶୁ ସାମଲ, ବିଜୟ ସାହୁ ଓ ଜୟନ୍ତୀ ମଲିକ, ପୂର୍ବତନ ସମିତିସଭ୍ୟ ଅଜୟ ସାହୁ ଓ ଶ୍ରୀକାନ୍ତ ବେହେରା, କାର୍ତ୍ତିକ ପ୍ରଧାନ ଧ୍ରୁବାନନ୍ଦ ପ୍ରଧାନ, ଅଭୟ ପ୍ରଧାନ, ସୁଶାନ୍ତ ପ୍ରଧାନ, ଦଳିତ ନେତା ନଟବର ସେଠୀ ପ୍ରମୁଖ ଭାଷଣ ଦେଇ କେନ୍ଦ୍ରାପଡ଼ା ବିଜେଡି ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି ଓ ରାଜନଗର ବିଧାନସଭା ପ୍ରାର୍ଥୀ ଧ୍ରୁବ ସାହୁଙ୍କୁ ବିପୁଳ ଭୋଟରେ ଜୟଯୁକ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହାତମୁଠାକୁ ଟାଣ କରିବାକୁ ନିବେଦନ କରିଥିଲେ। ଶେଷରେ ଆଡ଼ଭୋକେଟ କ୍ଷୀରୋଦ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏଥିରେ କଂଗ୍ରେସ ସମେତ ବିଭିନ୍ନ ଦଳର ନେତା ଓ କର୍ମୀଙ୍କୁ ଦଳୀୟ ଉତ୍ତରୀୟ ପ୍ରଦାନ କରାଯାଇ ବିଜେଡିରେ ସାମିଲ କରାଯାଇଥିଲା।

# ବିଜୁ ଜନତା ଦଳ ପକ୍ଷରୁ ଆଇନ ପରାମର୍ଶଦାତା ନିଯୁକ୍ତି

**କେନ୍ଦ୍ରାପଡ଼ା,୨।୫(ସମିସ):** ବିଜୁ ଜନତା ଦଳ ପକ୍ଷରୁ କେନ୍ଦ୍ରାପଡା ଲୋକସଭା କ୍ଷେତ୍ର ଏବଂ ତତ୍ ଅଧିନ ୭ଗୋଟି ବିଧାନସଭା କ୍ଷେତ୍ର ନିମନ୍ତେ ଆଇନଜୀବୀମାନଙ୍କୁ ଆଇନ ପରାମର୍ଶଦାତା ତଥା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ସେହି ଅନୁଯାୟୀ କେନ୍ଦ୍ରାପଡା ଲୋକସଭା କ୍ଷେତ୍ର ନିମନ୍ତେ ଜିଲ୍ଲା ବିଜେଡି ଲିଗାଲ ଫ୍ରଣ୍ଟ ସଭାପତି ଭୀମସେନ ଭୂୟାଁଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ କେନ୍ଦ୍ରାପଡା ବିଧାନସଭା କ୍ଷେତ୍ର ପାଇଁ ବିଜେଡି ଲିଗାଲ ଫ୍ରଣ୍ଟର ଜିଲ୍ଲା କାର୍ଯ୍ୟକାରୀ ସଭାପତି ସଞ୍ଜୟ କୁମାର ଜେନା, ଆଳି ପାଇଁ ବୃନ୍ଦାବନ ନନ୍ଦ, ମହାକାଳପଡା ପାଇଁ ବରିଷ୍ଠ ଆଇନଜୀବୀ ଗଗନବିହାରୀ ଜେନା, ରାଜନଗର ପାଇଁ ସୁଶୀଲ ଦାସ, ପାଟକୁରା ପାଇଁ ବ୍ରଜସୁନ୍ଦର ରାଉତ, ମାହାଙ୍ଗା ପାଇଁ ଜିତେନ୍ଦ୍ର କୁମାର ମହାନ୍ତି, ସାଲେପୁର ବିଧାନସଭା କ୍ଷେତ୍ର ପାଇଁ ମାନସ କୁମାର ଦାସଙ୍କୁ ଆଇନ ପରାମର୍ଶଦାତା ତଥା ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଏହି ନିଯୁକ୍ତି ନିମନ୍ତେ କେନ୍ଦ୍ରାପଡା ଜିଲ୍ଲା ବିଜେଡି ଲିଗାଲ ଫ୍ରଣ୍ଟ ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, '୫-ଟି' ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ, ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ମନ୍ତ୍ରୀ ତଥା ଦଳର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ କୁମାର ଜେନା, ରାଜ୍ୟ ବିଜେଡି ଲିଗାଲ ଫ୍ରଣ୍ଟ ଆବାହକ ମିଳନ କାନୁନଗୋ ଓ ସଂଯୋଜକ ମନୋଜ ବର୍ମାଙ୍କୁ କୃତଜ୍ଞତା ଅର୍ପଣ କରାଯାଇଛି।

## ■ ବିନା ପରୀକ୍ଷାରେ ଭୂତଳ ଜଳ ବ୍ୟବହାର ଘଟଣା

# ନମୁନା ସଂଗ୍ରହ କଲେ ଅଧିକାରୀ

**ପାରାଦୀପ, ୨।୫ (ସମିସ) :** ପାରାଦୀପ ଅଞ୍ଚଳରେ ଭୂତଳ ଜଳକୁ ବେଧଡକ ଭାବେ ଉତ୍ତୋଳନ କରାଯାଇ ବ୍ୟବହାର କରାଯାଉଛି।ବିନା ଯାଞ୍ଚ ରେ ବ୍ୟବହାର କରିବା ସ୍ୱାସ୍ଥ୍ୟ ପାଇଁ ହାନି କାରକ ହୋଇଥାଏ।ତେବେ ପାରାଦୀପ ରେ ପ୍ରାୟ ୧୨ ଟି ସ୍ଥାନରେ ବିନା ଲାଇସେନ୍ସ ରେ ଭୂତଳ ଜଳକୁ ଉତ୍ତୋଳନ କରାଯାଇ ୪୦ ଲିଟର ବଟଲ ମଧ୍ୟରେ ବଟଲିଂ କରାଯାଇ ପାନୀୟ ଜଳ ପ୍ରତି ଘରେ ଘରେ ବ୍ୟବହାର କରାଯାଉଛି।ଏହାକୁ କେତେକ ଅସାଧୁ ଲାଭଖୋର ବ୍ୟକ୍ତି ବ୍ୟବସାୟ ରେ ପରିଣତ କରିଛନ୍ତି।ତେବେ ତାଳଦଣ୍ଡା କେନାଲରେ ପାଣି ଯୋଗାଣ ବନ୍ଦ ଯୋଗୁ ପାରାଦୀପରେ କିଛି ମାତ୍ରାରେ ଜଳ ସଙ୍କଟ ପରିଲକ୍ଷିତ ହେଉଥିବା ବେଳେ କିଛି ଲୋକ ଏହାର ଫାଇଦା ନେଉଥିବା ଅଭିଯୋଗ ସାମ୍ନାକୁ ଆସିଥିଲା।ଏହି ପାଣି ଉତ୍ତୋଳନ ଠାରୁ ଆରମ୍ଭ କରି ପରୀକ୍ଷା କରିବା ପର୍ଯ୍ୟନ୍ତ ପାଣିର ମାନ ଓ ଗୁଣବତ୍ତା ସମ୍ପର୍କରେ ଯାଞ୍ଚ କରାଯିବା କଥା।ହେଲେ ବିନା ପରୀକ୍ଷାରେ ଲୋକମାନେ ଏହାକୁ ବ୍ୟବହାର କରୁଛନ୍ତି।ତେବେ ଏହି ଖବର ଗଣମାଧ୍ୟମରେ ପ୍ରଚାର ହେବା ପରେ ଆଜି ଷଣ୍ଢକୁଦ ଅଞ୍ଚଳରେ ଥିବା ୩ଟି ଓ ତାରିଣୀ ଗଡା ଅଞ୍ଚଳରେ ଥିବା ୨ ଟି ସ୍ଥାନ ଉପରେ ଚଡଉ କରାଯାଇଥିଲା।ସେମାନଙ୍କ ପାଣିର ନମୁନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠା ଯାଇଥିବା ପୌର ପରିଷଦର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ସୂଚନା ଦେଇଛନ୍ତି।ତେବେ ଏହି ଚଢ଼ଉବେଳେ କୁଜଙ୍ଗ ତହସିଲଦାର ପୁଷ୍ପଶ୍ରୀ ସାଂଡିଲ, ଖାଦ୍ୟ ସୁରକ୍ଷା ନିରୀକ୍ଷକ ପ୍ରୀତିଶ ଦାସ, ତିନି ଥାନା ଅଧିକାରୀ ଓ ପୌରପାଳିକାର କାର୍ଯ୍ୟ ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ମନ୍ତ୍ରୀପାଟଣାରେ ଜଳଛତ୍ର

**କୁଜଙ୍ଗ,୨।୫(ସମିସ):** କଟକ-ପାରାଦ୍ୱୀପ ରାସ୍ତାର ବଡପାଳ ନିକଟ ମନ୍ତ୍ରୀ ପାଟଣାରେ ଷଣ୍ଢମହାବୀର ଯୁବ ପରିଷଦ ପକ୍ଷରୁ ପ୍ରବଳ ଗ୍ରୀଷ୍ମରେ ପଥଚାରୀଙ୍କୁ ଥଣ୍ଡା ଦହି ସରବତ୍ ବଣ୍ଟନ କରାଯାଇଛି। କୁଜଙ୍ଗ ବ୍ଲକ ପଙ୍କପାଳ ପଞ୍ଚାୟତ ମନ୍ତ୍ରୀପାଟଣା ଗ୍ରାମାରଏହି ଯୁବ ପରିଷଦର ସଭ୍ୟ ପୀତବାସ ମଲ୍ଲ, ନରେଶ ଖଟୁଆ, ସ୍ମୃତିରଞ୍ଜନ ପାଲ, ସାଇ ସ୍ୱରୂପ ମଲ୍ଲ, ଜଗନ ବେହେରା, ସାଇ ଶୁଭମ ମଲ୍ଲ, ଓମ୍ ପ୍ରକାଶ ବେହେରା, ସୌମ୍ୟରଞ୍ଜନ ଖଟୁଆ, ଶୁଭ ରଞ୍ଜନ ଲେଙ୍କା, ଗୁଲିଆ ବେହେରା, ପ୍ରସନ୍ନ ମଲ୍ଲ, ସନ୍ତୋଷ ବେହେରା, ସୁବାସ ଖଟୁଆ, ଚନ୍ଦ୍ରକାନ୍ତ ଖଟୁଆ, ପ୍ରିୟବ୍ରତ ମଲ. ମନୋରଞ୍ଜନ ରାଉତ, ଦେବେନ୍ଦ୍ର ପାଲ, ରାଜକିଶୋର ଦାସ, ଭାଗବତ ଦାସ ପ୍ରମୁଖ ଉହଦହ ଖରାରେ ରାସ୍ତାରେ ଯାଉଥିବା ଗାଡି ଚାଳକ, ପଥଚାରୀଙ୍କୁ ଏହି ଥଣ୍ଡା ଦହି ସରବତ୍ ବଣ୍ଟନ କରିବା ସହ ଗ୍ରୀଷ୍ମରୁ ରକ୍ଷା ନେଇ ସଚେତନତା କରିଛନ୍ତି।

# ମା' ଶାରଳାଙ୍କ ଚନ୍ଦନଯାତ୍ରା ପ୍ରସ୍ତୁତି ବୈଠକ

**ଜଗତସିଂହପୁର,୨।୫ (ସମିସ):** ମା' ଶାରଳାଙ୍କ ଚନ୍ଦନଯାତ୍ରା ପାଇଁ ମନ୍ଦିର କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଉପଜିଲ୍ଲାପାଳ ପ୍ରଦୀପ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମେ ୧୦ ତାରିଖ ପବିତ୍ର ଅକ୍ଷୟ ତୃତୀୟାଠାରୁ ଦୀର୍ଘ ୨୧ ଦିନ ବ୍ୟାପି ଏହି ଚନ୍ଦନ ଯାତ୍ରାର ସମସ୍ତ ନୀତି, ପଟୁଆର ଓ ଚାପଖେଳ ଆଦି ବିଧିବିଧାନରେ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ପ୍ରସ୍ତୁତି ବୈଠକରେ, ତିର୍ତ୍ତୋଲ ତହସିଲଦାର ସତ୍ୟଜିତ ମହାପାତ୍ର, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସୌର୍ଯ୍ୟ ରଞ୍ଜନ ପରିଜା, ତିର୍ତ୍ତୋଲ ଥାନା ଅଧିକାରୀ ଅଭିମନ୍ୟୁ ନାୟକ, ଅତିରିକ୍ତ ବିଡିଓ ସତ୍ୟଜିତ ସ୍ୱାଇଁ, ମନ୍ଦିର ପ୍ରାଶାସନିକ ଅଧିକାରୀ ବରଦା ପ୍ରସାଦ ମହାନ୍ତି, ମୂଖ୍ୟପୂଜକ ରଞ୍ଜନ କୁମାର ପଣ୍ଡା, ପରିଛା ପଣ୍ଡିତ ସୁଦାମ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ବିଗତ ଚନ୍ଦନଯାତ୍ରାରେ ବାଣ ଫୁଟା ବିସ୍ଫୋରଣ ଯୋଗୁଁ ଅଘଟଣ ଘଟିଥିଲା।ଚଳିତ ବର୍ଷ ଚନ୍ଦନଯାତ୍ରା ରେ ଆଦୌ ବାଣ ଫୁଟାଯିବନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା।

# ଲୋ-ଭୋଲଟେଜ୍ ପ୍ରତିବାଦରେ ଟିପିସିଓଡିଏଲ୍ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମହିଳାଙ୍କ ଧାରଣା

**କେନ୍ଦ୍ରାପଡ଼ା/ଡେରାବିଶ,୨।୫(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଲୋ ଭୋଲଟେଜ ଓ ଅଘୋଷିତ ବିଦ୍ୟୁତ କାଟ ପ୍ରତିବାଦରେ କେନ୍ଦ୍ରାପଡା ଟିପିସିଓଡିଏଲ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ମହିଳାମାନେ ଧାରଣା ଦେଇଛନ୍ତି।। ଅଭିଯୋଗ ଅନୁଯାୟୀ କେନ୍ଦ୍ରାପଡା ଜିଲ୍ଲାର ଡେରାବିଶ ବ୍ଲକ ଅନ୍ତର୍ଗତ କୁଶିଆପାଳ ଗ୍ରାମପଞ୍ଚାୟତର ତଳପାଟଣା ଗ୍ରାମର ପ୍ରାୟ ୨ଶହ ଘର ଟିପିସିଓଡିଏଲ ଅଧିକାରୀଙ୍କ ବୈମାତୃକ ମନୋଭାବ ଯୋଗୁଁ ଲୋ ଭୋଲଟେଜ ଏବଂ ଅଘୋଷିତ ବିଦ୍ୟୁତ କାଟ ହେଉଛି। ଫଳରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ସମୟରେ ଲୋକେ ନାହିଁନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କୁଶିଆପାଳ ପଞ୍ଚାୟତର ତଳପାଟଣା ଏବଂ ଖସାପଡିଆ ଦୁଇଟି ଗ୍ରାମର ପ୍ରାୟ ୩ଶହ ବିଦ୍ୟୁତ ଉପଭୋକ୍ତାଙ୍କ ନିମନ୍ତେ ଏକଶହ କିଲୋୱାଟ୍‌ର ମାତ୍ର ଗୋଟିଏ ବିଦ୍ୟୁତ ଟ୍ରାନ୍ସଫର୍ମର ରହିଥିବାରୁ ବିଗତ ୩ବର୍ଷ ଧରି ଉପଭୋକ୍ତାମାନେ ଲୋଭୋଲଟେଜ ସମସ୍ୟା ଭୋଗୁଥିବା ବେଳେ ଟିପିସିଓଡିଏଲ ପକ୍ଷରୁ ଏହାର ନିରାକରଣ କରାଯାଉନାହିଁ। ଉପଭୋକ୍ତାମାନେ ଏ ସମ୍ପର୍କରେ ବାରମ୍ବାର ସମ୍ପୃକ୍ତ ବିଭାଗର ୨ନମ୍ବର ସେକ୍ସନର କନିଷ୍ଠଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀଙ୍କୁ ନିବେଦନ କରିଥିଲେ ସୁଦ୍ଧା ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାନଯିବାରୁ ଉପଭୋକ୍ତାମାନଙ୍କ ପକ୍ଷରୁ ପ୍ରମିଳା ବାଇ, କଲ୍ୟାଣୀ ନାଥ, ତରୁଲତା ରାଉତ, ସରିତା ବାଇ, ସରସ୍ୱତୀ ବାଇ, ଇତିଶ୍ରୀ ନାୟକ, ଉର୍ମିଳା ରାଉତ, ସୁଶିଳା ବାଇ, ମିନତୀ ରାଉତ, ସଂଯୁକ୍ତା ସେଠୀ, ଭାରତୀ ରାଉତ, ମଞ୍ଜୁଲତା ବାଇ ପ୍ରମୁଖ ଶତାଧିକ ମହିଳା କେନ୍ଦ୍ରାପଡା ଟିପିସିଓଡିଏଲ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରବଳ ଖରାରେ ସକାଳ ସାଢେ ୮ଟାରୁ ଅପରାହ୍ଣ ଗୋଟାଏ ପର୍ଯ୍ୟନ୍ତ ବସିରହିଥିଲେ। କେନ୍ଦ୍ରାପଡା ଟିପିସିଓଡିଏଲ ସହକାରୀ ଯନ୍ତ୍ରୀଙ୍କ ପକ୍ଷରୁ ଆସନ୍ତା ତିନିଦିନ ମଧ୍ୟରେ ସମସ୍ୟାର ସମାଧାନ କରାଯିବାକୁ ପ୍ରତିଶ୍ରୁତି ମିଳିବାରୁ ଧାରଣାକୁ ସାମୟିକ ଭାବେ ପ୍ରତ୍ୟାହାର କରିନେଇ ମହିଳାମାନେ ଧାରଣାସ୍ଥଳରୁ ଉଠିଯାଇଥିଲେ।



## ‘ଇଣ୍ଡି’ ମେଣ୍ଟରେ ହତାଶା ବଢୁଛି !

# ବିଜେପିକୁ ଭୋଟ ଦେବାକୁ କହି ଚର୍ଚ୍ଚାରେ ଅଧୀରରଞ୍ଜନ ଓ ଶିବପାଲ

ଲୋକସଭା ନିର୍ବାଚନର ବିଭିନ୍ନ ପର୍ଯ୍ୟାୟ ଶେଷ ହୋଇ ଚାଲିଥିବା ବେଳେ ବିରୋଧୀ ‘ଇଣ୍ଡି’ ମେଣ୍ଟର ହତାଶା ଭାବ ସେତିକି ବଢି ଚାଲିଥିବା ଦେଖାଯାଉଛି। ବିଭିନ୍ନ ରାଜ୍ୟରେ କଂଗ୍ରେସ ସହ ଅନ୍ୟ ଦଳ ମେଣ୍ଟ କରି ବିଜେପି ବିରୋଧରେ ନିର୍ବାଚନ ଲଢୁଥିଲେ ହେଁ କେତେକ ସ୍ଥାନରେ ବିଜେପିକୁ ଟକ୍କର ଦେବାକୁ ବିରୋଧୀ ଦଳ ନିଜର ଆତ୍ମବିଶ୍ୱାସ ଜୁଟାଇପାରୁ ନାହିଁ ବୋଲି କୁହାଯାଉଛି। ନିକଟରେ ଦେଖାଯାଇଥିବା ଏଭଳି କିଛି ଘଟଣା ରାଜନୈତିକ ମହଲରେ ବେଶ ଚର୍ଚ୍ଚିତ ହେବାରେ ଲାଗିଛି। ବିରୋଧୀ ଦଳ ନେତା ତଥା କଂଗ୍ରେସ ସାଂସଦ ଅଧୀର ରଞ୍ଜନ ଚୌଧୁରୀ ଏବଂ ସମାଜବାଦ ପାର୍ଟି ନେତା ଶିବପାଲ ଯାଦବ ଏଭଳି କିଛି ମନ୍ତବ୍ୟ ଦେଇଛନ୍ତି। ଖୋଲା ସଭା ମଞ୍ଚରେ ଏହି ଦୁଇ ନେତା ବିଜେପିକୁ ଭୋଟ ଦେବାକୁ ଭୋଟରଙ୍କୁ ଆହ୍ୱାନ ଦେବା ଘଟଣା ସବୁଠୁ ରହସ୍ୟମୟ ଏବଂ ଚର୍ଚ୍ଚିତ ହୋଇପଡ଼ିଛି। ତୃତୀୟ ପର୍ଯ୍ୟାୟ ନିର୍ବାଚନରେ ପଶ୍ଚିମବଙ୍ଗରେ ୪ଟି ଲୋକସଭା ଆସନରେ ମତଦାନ ହେବାକୁ ଯାଉଛି। ମେ’ ୭ରେ



ଏହି ପର୍ଯ୍ୟାୟରେ ରାଜ୍ୟର ଉତ୍ତର ମାଲଦା, ଦକ୍ଷିଣ ମାଲଦା, ଜାଙ୍ଗିପୁର ଏବଂ ମୁର୍ଶିଦାବାଦରେ ମତଦାନ ହେବ। ପଶ୍ଚିମବଙ୍ଗରେ ମୋଟ ମୁସଲମାନ ସଂପ୍ରଦାୟ ଭୋଟରଙ୍କ ସଂଖ୍ୟା ପାଖାପାଖି ୩୦ ପ୍ରତିଶତ ରହିଛି। ଯେଉଁଥିରୁ ଏହି ୪ଟି ଆସନରେ ସର୍ବାଧିକ ମୁସଲମାନ ଭୋଟର ମତଦାନ କରିବେ। ମୁସଲମାନ ଭୋଟରଙ୍କୁ ନିଜ ସପକ୍ଷରେ ଟାଣିବାକୁ ପଶ୍ଚିମବଙ୍ଗରେ ଏକପ୍ରକାର ତ୍ରିମୁଖୀ ଲଢେଇ ଚାଲିଛି। ଶାସକ ତୃଣମୂଳ କଂଗ୍ରେସ ଗୋଟିଏ ପଟେ ମୁସଲମାନ ଭୋଟରଙ୍କୁ ହାତେଇବାକୁ ଉଦ୍ୟମ ଜାରି ରଖିଥିଲା ବେଳେ କଂଗ୍ରେସ ଏବଂ ବାମପନ୍ଥୀ ମଧ୍ୟ ସେମାନଙ୍କ ଲକ୍ଷ୍ୟ ଜାରି ରଖିଛନ୍ତି। ବିରୋଧୀ ଇଣ୍ଡି ମେଣ୍ଟରେ କଂଗ୍ରେସ, ବାମପନ୍ଥୀ ଏବଂ ଟିଏମସି



ସଦସ୍ୟ ରହିଛନ୍ତି। ହେଲେ ପଶ୍ଚିବଙ୍ଗରେ ଏହି ତିନି ଦଳଙ୍କ ମଧ୍ୟରେ ଲଢେଇ ଚାଲିଛି। ଯଦିଓ କଂଗ୍ରେସ ଏବଂ ବାମଦଳଙ୍କ ମଧ୍ୟରେ ଆସନ ବଣ୍ଟାକୁ ନେଇ ବୁଝାମଣା ହୋଇଛି, ତଥାପି ମୁସଲମାନ ଭୋଟରଙ୍କୁ ନେଇ ଏହି ତିନି ଦଳ ପରସ୍ପର ମଧ୍ୟରେ ଲଢେଇ କରୁଛନ୍ତି। କିନ୍ତୁ ଏହିକ୍ରମରେ କଂଗ୍ରେସ ସାଂସଦ ଅଧୀରରଞ୍ଜନ ଭୋଟରଙ୍କୁ ବିଜେପିକୁ ଭୋଟ ଦେବା କଥାକୁ ଅନେକ ହଜମ କରିପାରି ନାହାନ୍ତି। ମୁର୍ଶିଦାବାଦରେ ଏକ ନିର୍ବାଚନୀ ସଭାରେ ଅଧୀରଞ୍ଜନ ଯୋଗ ଦେଇଥିଲା ବେଳେ ଭୋଟରମାନେ ଯଦି କଂଗ୍ରେସକୁ ଭୋଟ ନ ଦେଉଛନ୍ତି ତେବେ ଟିଏମସି ନୁହେଁ,ବରଂ ବିଜେପିକୁ ଭୋଟ ଦେବା ଭଲ ବୋଲି କହିଛନ୍ତି। ଅଧୀରରଞ୍ଜନଙ୍କ ଏଭଳି ବୟାନକୁ ନେଇ କଂଗ୍ରେସ ମଧ୍ୟରେ ଜୋରଦାର ଆଲୋଚନା ଚାଲିଥିବା ବେଳେ ଇଣ୍ଡି ମେଣ୍ଟ ସଦସ୍ୟଙ୍କ ମଧ୍ୟରେ ବିଜେପି ବିରୋଧୀ ମାନସିକତା କିଭଳି ରହିଛି ତାହା ସ୍ପଷ୍ଟ ହୋଇଛି। କେବଳ ଅଧୀରଞ୍ଜନ ଚୌଧୁରୀ ନୁହନ୍ତି, ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି ନେତା ଶିବପାଲ ଯାଦବ ମଧ୍ୟ ଏକ ସଭାରେ ବିଜେପିକୁ ଭୋଟ ଦେବାକୁ ଲୋକମାନଙ୍କୁ କହୁଥିବା ଆହୁରି ରୋଚକ ପରିସ୍ଥିତି ସୃଷ୍ଟି କରିଛି। ତେଣୁ ନିର୍ବାଚନ ପର୍ଯ୍ୟାୟର ଯେତିକି ଅଂଶ ଶେଷ ହେବାରେ ଲାଗିଛି ବିରୋଧୀ ସେତିକି ହତାଶ ହେବାରେ ଲାଗିଛନ୍ତି ବୋଲି ରାଜନୈତିକ ବିଶାରଦମାନେ ମତ ଦେଉଛନ୍ତେ ୨୦୨୪ ନିର୍ବାଚନରେ ମୋଦୀ ସରକାରକୁ ଗାଦିଚ୍ୟୁତ କରିବା ଲକ୍ଷ୍ୟରେ ୨୮ ଦଳଙ୍କୁ ନେଇ ଇଣ୍ଡି ମେଣ୍ଟ ଗଠନ ହୋଇଥିଲା ସତ। କିନ୍ତୁ ଏହି ନେତାଙ୍କ ମଧ୍ୟରେ ସେଭଳି ଆତ୍ମବିଶ୍ୱାସ କିମ୍ବା ସମନ୍ୱୟ ନାହିଁ ବୋଲି ରାଜନୀତିକ ସ୍ତରରେ ଆଲୋଚନା ହେଉଛି। ପ୍ରକୃତରେ ଇଣ୍ଡି ମେଣ୍ଟକୁ ଏକାଠି କରିଥିବା ନୀତୀଶ କୁମାରଙ୍କ ଭଳି ଜଣେ ନେତାଙ୍କୁ ହରାଇ ଏହି ମେଣ୍ଟ ଆଜି ଦୁର୍ବଳ ହୋଇପଡ଼ିଛି ବୋଲି ରାଜନୀତିକ ପଣ୍ଡିତମାନେ ମତ ଦେଇଛନ୍ତି। ଅନ୍ୟପକ୍ଷରେ ଏନଡିଏ ନୀତୀଶଙ୍କୁ ନିଜ ମେଣ୍ଟରେ ସାମିଲ କରି ଇଣ୍ଡି ମେଣ୍ଟକୁ ଦୁର୍ବଳ କରିବା ସହିତ ନିଜ ପାଇଁ ଫାଇଦାର ବାଟ ସୃଷ୍ଟି କରିବାକୁ ସକ୍ଷମ ହୋଇପାରିଛି ବୋଲି ସେମାନେ ମତ ଦେଇଛନ୍ତି। ଇଣ୍ଡି ମେଣ୍ଟ ଛାଡି ନୀତୀଶଙ୍କୁ ଏନଡିଏରେ ଯୋଗ ଦେବାକୁ ବିରୋଧୀ ଦଳନେତାମାନେ ବାଧ କରିବା ସେମାନଙ୍କ ପାଇଁ ସବୁଠୁ ବଡ଼ ଭୁଲ ହୋଇଛି। ଇଣ୍ଡି ମେଣ୍ଟ ଭିତରେ ଯେତିକି ନେତା ରହିଛନ୍ତି ସେମାନଙ୍କ ମଧ୍ୟରେ ଯଦି କେହି ନିଷ୍କଳଙ୍କ ନେତା ଥିଲେ ତେବେ ସିଏ ହେଉଛନ୍ତି ନୀତୀଶ କୁମାର। ତାଙ୍କ ବିରୋଧରେ କୌଣସି ଦୁର୍ନୀତି କି ଘୋଟାଲାର ଅଭିଯୋଗ ନାହିଁ କି ପାରିବାରିକ ରାଜନୀତି ପରିସରରେ ମଧ୍ୟ ତାଙ୍କ ନାଁ ସାମିଲ ନାହିଁ। ଏହାବ୍ୟତୀତ ଆଜି କଂଗ୍ରେସ ଜାତିଭିତ୍ତିକ ଜନଗଣନାକୁ ସବୁଠୁ ବଡ଼ ମୁଦ୍ଦା କରି ନିର୍ବାଚନ ଲଢୁଥିଲା ବେଳେ ନୀତୀଶ ହିଁ ଏକମାତ୍ର ନେତା ଥିଲେ ଯିଏ କି ଏହି ପ୍ରସଙ୍ଗକୁ ନିଜ ରାଜ୍ୟରେ ସଫଳ କରି ଦେଖାଇଥିଲେ। କିନ୍ତୁ କଂଗ୍ରେସ ଏହି ପ୍ରସଙ୍ଗକୁ ମୁଦ୍ଦା କରି ଆଜି ବିଜେପି ବିରୋଧରେ ପ୍ରଚାର ଅଭିଯାନ ଚଳାଇଥିଲେ ମଧ୍ୟ ବିଜେପି ନୀତୀଶଙ୍କୁ ନିଜ ମେଣ୍ଟରେ ସାମିଲ କରି ଏହି ପ୍ରସଙ୍ଗକୁ ଏକପ୍ରକାର ଠପ୍ କରିବାକୁ ସକ୍ଷମ ହୋଇପାରିଛି ବୋଲି ରାଜନୀତିକ ବିଶାରଦମାନେ ମତ ଦେଉଛନ୍ତି। ତେଣୁ ଆଗାମୀ ପର୍ଯ୍ୟାୟରେ ବିଭିନ୍ନ ରାଜ୍ୟରେ ଇଣ୍ଡି ମେଣ୍ଟ ବିଜେପି ବିରୋଧରେ କେତେ ଦୂର ସଫଳ ହେବ ତାହାକୁ ନେଇ ବିଭିନ୍ନ ମହଲରେ ସନ୍ଦେହ ପ୍ରକାଶ ପାଉଛି। ସେପଟେ ଇଣ୍ଡି ମେଣ୍ଟରେ ସାମିଲ ରହିଥିବା ଅନ୍ୟତମ ଦଳ ଆପ୍ ସହ କଂଗ୍ରେସର ତୀବ୍ର ମତଭେଦ ମେଣ୍ଟ ଲକ୍ଷ୍ୟ ପୂରଣ କରିବାରେ ସଫଳ ହେବ କି ନାହିଁ ତାହାକୁ ନେଇ ମଧ୍ୟ ଅନିଶ୍ଚିତତା ଦେଖାଯାଉଛି। ବିଶେଷକରି ଦିଲ୍ଲୀ କଂଗ୍ରେସ ସଭାପତି ଅରବିନ୍ଦର ସିଂ ଲଭଲିଙ୍କ ଇସ୍ତଫା ଉଭୟ ଦିଲ୍ଲୀ ଏବଂ ପଞ୍ଜାବ ନିର୍ବାଚନକୁ ପ୍ରଭାବିତ କରିବ ବୋଲି କୁହାଯାଉଛି।

---

ବିସ୍ମିତ ହୁଅନ୍ତୁ ନାହିଁ

## ବିହାରରେ ରୋହିଣୀ ବନାମ ଲାଲୁ !





ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ଲାଲୁ ପ୍ରସାଦ ଯାଦବଙ୍କ କନ୍ୟା ରୋହିଣୀ ଆଚାର୍ଯ୍ୟ ଶରନ୍ ଲୋକସଭା ଆସନରୁ ପୁନଃନିର୍ବାଚିତ ହୋଇ ସଂସଦକୁ ଯିବାକୁ ଆଶା ରଖି ପ୍ରାର୍ଥୀ ହୋଇଛନ୍ତି। ଅତୀତରେ ଶରନ୍ ଆସନରୁ ନିଜେ ଲାଲୁ ଯାଦବ ଲୋକସଭାକୁ ନିର୍ବାଚିତ ହୋଇଥିଲେ। କୌତୁହଳର ବିଷୟ, ରୋହିଣୀଙ୍କ ଜଣେ ପ୍ରତିଦ୍ୱନ୍ଦ୍ୱୀ ଅଛନ୍ତି ଯାହାଙ୍କ ନାମ ଲାଲୁ ପ୍ରସାଦ ଯାଦବ। ସେ ଶରନ୍ ଜିଲ୍ଲାର ଜଣେ ଚାଷୀ। ଜଣାଶୁଣା ବରିଷ୍ଠ ନେତା ଲାଲୁ ପ୍ରସାଦ ଯାଦବଙ୍କ ନାମ ସହ ତାଙ୍କ ନାମ ପୂର୍ଣ୍ଣତଃ ସମାନ ଥିବାରୁ ଚାଷୀ ଜଣକ ଅନେକ ନିର୍ବାଚନରେ ପ୍ରାର୍ଥୀ ହୋଇଥାନ୍ତି ଓ ଚମକ ସାଙ୍ଗକୁ କୌତୁକ ସୃଷ୍ଟି କରିଥାନ୍ତି।



## ବାରାଣସୀରେ ମୋଦୀଙ୍କ ବିପକ୍ଷ ପ୍ରାର୍ଥୀ ହେବେ ଶ୍ୟାମ ରଙ୍ଗିଲା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱରକୁ ନକଲ କରି ହାସ୍ୟବ୍ୟଙ୍ଗ ସୃଷ୍ଟି କରୁଥିବା ଶ୍ୟାମ ରଙ୍ଗିଲା ଏବେ ବାରାଣାସୀ ଲୋକସଭା ନିର୍ବାଚନମଣ୍ଡଳୀରେ ଲଢ଼ିବାକୁ ତଥା ମୋଦୀଙ୍କ ସହ ପ୍ରତିଦ୍ୱନ୍ଦ୍ୱିତାରେ ଅବତୀର୍ଣ୍ଣ ହେବାକୁ ସ୍ଥିର କରିଛନ୍ତି। ସେ ତାଙ୍କ ଏକ୍ସ ଆକାଉଣ୍ଟରେ ଏକ ଭିଡିଓ ମ୍ୟାସେଜ୍ ପୋଷ୍ଟ କରି ଜଣାଇଛନ୍ତି, ସ୍ୱାଧୀନ ପ୍ରାର୍ଥୀ ଭାବେ ବାରାଣସୀରେ ଲଢ଼ିବେ। ସେହି ଭିଡିଓ ମ୍ୟାସେଜ୍’ରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସ୍ୱର ନକଲ କରି ରଙ୍ଗିଲା କହିଛନ୍ତି, ଜଣକୁ ତାଙ୍କ ନିଜ ଭାଷାରେ ଜବାବ ଦେବାକୁ ହେବ। ପ୍ରଧାନମନ୍ତ୍ରୀଙ୍କୁ ତାଙ୍କ ନିଜ ଭାଷାରେ ଜବାବ ଦେବାକୁ ସେ ବାରାଣସୀ ଯାଉଛନ୍ତି। ସେହି ଭିଡିଓ ମ୍ୟାସେଜରେ ରଙ୍ଗିଲା କହିଛନ୍ତି, ‘ମୁଁ ହାସ୍ୟ ଅଭିନେତା(କମେଡିଆନ୍) ଶ୍ୟାମ ରଙ୍ଗିଲା ଆପଣଙ୍କୁ ମୋର ମନ୍ କି ବାତ୍ ଶୁଣାଇବି। ଆପଣ ସମସ୍ତଙ୍କ ମନରେ ଏ ପ୍ରଶ୍ନ ଉଠୁଥିବ ଯେ ରାଜସ୍ଥାନର ୨୯ବର୍ଷର ଯୁବକ ଶ୍ୟାମ ରଙ୍ଗିଲା ବାରାଣସୀରୁ ନିର୍ବାଚନ ଲଢ଼ିବା ଖବର କ’ଣ ସତ? ନା ଏହା କେବଳ ଥଟ୍ଟାମଜା? ମୁଁ ସ୍ପଷ୍ଟ କରିଦେବାକୁ ଚାହେଁ ଯେ ପ୍ରକୃତରେ ମୁଁ ବାରାଣସୀ ସଂସଦୀୟ କ୍ଷେତ୍ରରୁ ଲୋକସଭାକୁ ନିର୍ବାଚିତ ହେବାକୁ ପ୍ରତିଦ୍ୱନ୍ଦ୍ୱିତା କରିବି। ମୁଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଦ୍ୱନ୍ଦ୍ୱୀ ହେବି। ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥା ରହିଥିବା ଦେଶରେ ଯେ କେହି ନାଗରିକ ନିର୍ବାଚନରେ ପ୍ରାର୍ଥୀ ହୋଇପାରିବେ। ମୁଁ କାହିଁକି ମୋଦୀଙ୍କ ବିପକ୍ଷରେ ପ୍ରାର୍ଥୀ ହେଉଛି ତାହାର ନିର୍ଦ୍ଦିଷ୍ଟ କାରଣ ରହିଛି। ମୋର ଆଶଙ୍କା ରହୁଛି ଯେ ସୁରାଟ ଭଳି ବାରାଣସୀରେ ମଧ୍ୟ ମୋଦୀ ଏକମାତ୍ର ପ୍ରାର୍ଥୀ ରହି ବିନା ପ୍ରତିଦ୍ୱନ୍ଦ୍ୱିତାରେ ବିଜୟୀ ଘୋଷିତ ହୋଇଯିବେନି ତ? ସୁରାଟରେ ବିଜେପି ପ୍ରାର୍ଥୀଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ କଂଗ୍ରେସ ପ୍ରାର୍ଥୀଙ୍କର ନାମାଙ୍କନ ନାକଚ ହୋଇଗଲା। ତାଙ୍କ ବିକଳ୍ପ ପ୍ରାର୍ଥୀଙ୍କର ମଧ୍ୟ ନାମାଙ୍କନ ନାକଚ ହୋଇଥିଲା। ଅନ୍ୟ ପ୍ରାର୍ଥୀମାନେ ନାମାଙ୍କନ ପ୍ରତ୍ୟାହାର କରିନେଲେ। ଶେଷକୁ ବିଜେପି ପ୍ରାର୍ଥୀ ଏକମାତ୍ର ପ୍ରାର୍ଥୀ ଭାବେ ନିର୍ବିରୋଧରେ ନିର୍ବାଚିତ ଘୋଷିତ ହୋଇଗଲେ। ତେଣୁ ମୁଁ ବାରାଣସୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢ଼ିବାକୁ ସ୍ଥିର କରିଛି। ମୋ’ ପାଖରେ ଧନ ନାହିଁ। ମୋ’ ପାଖରେ ନିର୍ବାଚନୀ ବଣ୍ଡ ନାହିଁ କି ମୁଁ କାହାରିଠାରୁ ନିର୍ବାଚନୀ ବଣ୍ଡ ପାଇନି। ତେଣୁ ଆପଣଙ୍କ ସମର୍ଥନ ଲୋଡୁଛି। ରଙ୍ଗିଲା ୨୦୨୨ରେ ଆମ୍ ଆଦମୀ ପାର୍ଟି (ଆପ୍)ରେ ଯୋଗ ଦେଇଥିଲେ। କିନ୍ତୁ ପରେ ‘ନିଜେ ନିଜର ମାଲିକ ହେବା’କୁ ଇଚ୍ଛା କରି ଆପ୍ ଛାଡ଼ିଛନ୍ତି। ବାରାଣସୀରେ ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ଜୁନ୍ ୧ ତାରିଖରେ ମତଦାନ ହେବ।

## ଦୀନେଶ ସିଂହ ରାଏବରେଲୀର ବିଜେପି ପ୍ରାର୍ଥୀ

ଭାରତୀୟ ଜନତା ପାର୍ଟି (ବିଜେପି) ଦୀନେଶ ପ୍ରତାପ ସିଂହଙ୍କୁ ରାଏବରେଲୀରେ ପ୍ରାର୍ଥୀ କରିଛି। ଦୀନେଶ ଉତ୍ତରପ୍ରଦେଶର ଯୋଗୀ ସରକାରରେ ମନ୍ତ୍ରୀ ଅଛନ୍ତି। ସେ କହିଛନ୍ତି, ଯେଉଁ ଗାନ୍ଧୀ ହୁଅନ୍ତୁ, ରାହୁଳ କି ପ୍ରିୟଙ୍କା, ଯିଏ ବି ରାଏବରେଲୀରେ କଂଗ୍ରେସ ପ୍ରାର୍ଥୀ ଭାବେ ତାଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ, ସେ ହାରିବେ। ୨୦୦୪ରୁ ସୋନିଆ ଗାନ୍ଧୀ ଏହି ଲୋକସଭା ଆସନକୁ ପ୍ରତିନିଧିତ୍ୱ ଦେଉଥିଲେ। ସେ ଏବେ ରାଜ୍ୟସଭାକୁ ନିର୍ବାଚିତ ହୋଇସାରିଥିବାରୁ ଲୋକସଭା ନିର୍ବାଚନ ଲଢ଼ିବେ ନାହିଁ। ୨୦୧୯ରେ ବିଜେପି ରାଏବରେଲୀ ଆସନରେ ଦୀନେଶ ସିଂହଙ୍କୁ ପ୍ରାର୍ଥୀ କରିଥିଲା ଓ ସେ ସୋନିଆଙ୍କଠାରୁ ହାରିଥିଲେ। ଦୀନେଶ ଉତ୍ତରପ୍ରଦେଶ ବିଧାନ ପରିଷଦକୁ ୨୦୧୦,୨୦୧୬ ଓ ୨୦୨୨ରେ ନିର୍ବାଚିତ ହୋଇଛନ୍ତି। ଦୀନେଶ ୨୦୧୯ରେ ସୋନିଆ ଗାନ୍ଧୀଙ୍କଠାରୁ ହାରିଥିଲେ ସତ, କିନ୍ତୁ ସେ ଯେତେ ସଂଖ୍ୟକ ଭୋଟ ପାଇଥିଲେ, ପୂର୍ବରୁ ରାଏବରେଲୀରେ ବିଜେପିର ଅନ୍ୟ କୌଣସି ପ୍ରାର୍ଥୀ ସେତେଅଧିକ ଭୋଟ ପାଇନାହାନ୍ତି।



---

## କାଇସରଗଞ୍ଜ୍: ବ୍ରିଜ୍ ଭୂଷଣଙ୍କ ପୁତ୍ର କରନ୍‌ଙ୍କୁ ପ୍ରାର୍ଥୀ କଲା ବିଜେପି



ଉତ୍ତରପ୍ରଦେଶର ବହୁଚର୍ଚ୍ଚିତ କାଇସରଗଞ୍ଜ୍ ଲୋକସଭା ଆସନରେ ୬ଥରର ବିଜେପି ସାଂସଦ ବ୍ରିଜ୍ ଭୂଷଣ ଶରନ ସିଂହଙ୍କ ସ୍ଥାନରେ ତାଙ୍କ କନିଷ୍ଠ ପୁତ୍ର କରନ୍ ଭୂଷଣ ସିଂହଙ୍କୁ ଶେଷରେ ପ୍ରାର୍ଥୀ କରିଛି ବିଜେପି। କରନ୍ ଭୂଷଣ ଉତ୍ତର ପ୍ରଦେଶ ରେସଲିଂ ଆସୋସିଏସନ୍’ର ସଭାପତି ଅଛନ୍ତି। କରନ୍ ଗୋଣ୍ଡା ଜିଲ୍ଲାର ନୱାବଗଞ୍ଜରେ ଥିବା ଏକ ସମବାୟ ବ୍ୟାଙ୍କର ଅଧ୍ୟକ୍ଷ ମଧ୍ୟ ଅଛନ୍ତି। କାଇସରଗଞ୍ଜ୍ ଓ ତା’ର ଆଖପାଖ ଅଞ୍ଚଳରେ ବ୍ରଜ ଭୂଷଣଙ୍କୁ ଜଣେ ଅତ୍ୟନ୍ତ ପ୍ରଭାବଶାଳୀ ନେତା ଭାବେ ସମସ୍ତେ ସ୍ୱୀକାର କରନ୍ତି। ସେ ଯେତେବେଳେ ଭାରତୀୟ କୁସ୍ତି ମହାସଂଘର ସଭାପତି ଥିଲେ ସେତେବେଳେ ମହିଳା ରେସଲରମାନଙ୍କୁ ଅଭଦ୍ର, ଅଶାଳୀନ ଆଚରଣ ପ୍ରଦର୍ଶନ କରୁଥିଲେ ଯାହା ଯୌନ ଶୋଷଣ ବା ଯୌନ ଉତ୍ପୀଡ଼ନ କୁହାଯାଇପାରେ। ଅନ୍ତର୍ଜାତୀୟ ଓ ଜାତୀୟ ପଦକ ବିଜେତା ମହିଳା ରେସଲରମାନେ ତାଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଦାବିକରି ଦିଲ୍ଲୀରେ ଦୀର୍ଘ କାଳ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମହିଳା ରେସଲରମାନେ ସେମାନଙ୍କ ପଦକ ଗଙ୍ଗାରେ ବିସର୍ଜି ଦେବାକୁ ବାହାରିଥିଲେ। ମାମଲା ଥାନା ଓ କୋର୍ଟ ଯାଏଁ ଯାଇଥିଲା। ଲୋକଚକ୍ଷୁରେ ନିନ୍ଦିତ ବ୍ରଜ ଭୂଷଣଙ୍କୁ ପ୍ରାର୍ଥୀ କଲେ ବିଜେପି ମହିଳା ଭୋଟରଙ୍କ ସମର୍ଥନ ହରାଇବା ସମ୍ଭାବନା ରହିଥିବାରୁ ତାଙ୍କୁ ପ୍ରାର୍ଥୀ କରିବ କି ନାହିଁ, ଯଦି ନ କରିବ ତେବେ ତାଙ୍କ ସ୍ଥାନରେ ଆଉ କାହାରିକୁ ପ୍ରାର୍ଥୀ କରାଯିବ ସେ ନେଇ ବିଜେପି ନେତୃତ୍ୱ ଚିନ୍ତାରେ ପଡ଼ିଥିଲେ। ଶେଷରେ ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟିଛି। ବ୍ରଜ ଭୂଷଣଙ୍କ ସ୍ଥାନରେ ତାଙ୍କ ପୁତ୍ର କରନଙ୍କୁ ବିଜେପି ପ୍ରାର୍ଥୀ କରିଛି।

---

## ମୁମ୍ବାଇ: ଶିବସେନାର ଦୁଇ ଗୋଷ୍ଠୀ ମଧ୍ୟରେ ନିର୍ବାଚନ ଲଢ଼େଇ

ଶିବ ସେନା (ସିନ୍ଧେ ଗୋଷ୍ଠୀ) ଓ ଶିବ ସେନା (ଉଦ୍ଧବ ଗୋଷ୍ଠୀ) ମୁମ୍ବାଇରେ କାହାକୁ ପ୍ରାର୍ଥୀ କରୁଛନ୍ତି ତାହା ଇତିମଧ୍ୟରେ ଘୋଷଣା କରିଛନ୍ତି। ମୁମ୍ବାଇ ମହାନଗରୀ ଅଞ୍ଚଳ(ମୁମ୍ବାଇ ମେଟ୍ରୋପଲିଟାନ ରିଜିୟନ ବା ଏମଏମଆର୍)ରେ ରହିଛି ୮ଟି ଲୋକସଭା ନିର୍ବାଚନମଣ୍ଡଳୀ। ଶିବ ସେନା (ଉଦ୍ଧବ ଗୋଷ୍ଠୀ), କଂଗ୍ରେସ ଓ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଶରଦ ପାୱାର ଗୋଷ୍ଠୀ)-ଏହି ତିନି ଦଳ ମହାବିକାଶ ଅଘାଡ଼ି ମେଣ୍ଟ କରିଛନ୍ତି ଓ ନିଜ ନିଜ ମଧ୍ୟରେ ଆସନ ବଣ୍ଟନ ବୁଝାମଣା କରିଛନ୍ତି। ଏମଏମଆର’ର ୮ ଲୋକସଭା ଆସନରୁ ୬ଟିରେ ଶିବ ସେନା (ଉଦ୍ଧବ ଗୋଷ୍ଠୀ) ପ୍ରାର୍ଥୀ ଦେଇଛି। କଂଗ୍ରେସ ଅନ୍ୟ ୨ଟି ଆସନରେ ପ୍ରାର୍ଥୀ ଦେଇଛି। ମହାବିକାଶ ଅଘାଡ଼ି ମେଣ୍ଟର ଅଂଶୀଦାର ଦଳ ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଶରଦ ପାୱାର ଗୋଷ୍ଠୀ) ଏମଏମଆର’ର କୌଣସି ଆସନରୁ ଲଢୁନାହିଁ। ଏମଏମଆର’ର ୫ଟି ଲୋକସଭା ଆସନ ମୁମ୍ବାଇ ସାଉଥ୍, ମୁମ୍ବାଇ ସାଉଥ୍ ସେଣ୍ଟ୍ରାଲ୍ , ମୁମ୍ବାଇ ନର୍ଥ ୱେଷ୍ଟ, ଥାନେ ଓ କଲ୍ୟାଣରେ ଶିବ ସେନା(ସିନ୍ଧେ ଗୋଷ୍ଠୀ) ଓ ଶିବ ସେନା(ଉଦ୍ଧବ ଗୋଷ୍ଠୀ) ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ମୁମ୍ବାଇ ସାଉଥ୍ ଲୋକସଭା ଆସନରେ ଶିବ ସେନା(ସିନ୍ଧେ ଗୋଷ୍ଠୀ) ପ୍ରାର୍ଥୀ ହେଉଛନ୍ତି ଯାମିନୀ ଯାଦବ । ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଶିବ ସେନା(ଉଦ୍ଧବ ଗୋଷ୍ଠୀ) ପ୍ରାର୍ଥୀ ଅରବିନ୍ଦ ସାୱନ୍ତ। ମୁମ୍ବାଇ ସାଉଥ୍ ସେଣ୍ଟ୍ରାଲ ଲୋକସଭା ଆସନରେ ଶିବ ସେନା(ସିନ୍ଧେ ଗୋଷ୍ଠୀ) ପ୍ରାର୍ଥୀ ହେଉଛନ୍ତି ରାହୁଲ ସିୱାଲେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଶିବ ସେନା(ଉଦ୍ଧବ ଗୋଷ୍ଠୀ) ପ୍ରାର୍ଥୀ ଅନୀଲ ଦେଶାଇ। ମୁମ୍ବାଇ ନର୍ଥ ୱେଷ୍ଟ ଲୋକସଭା ଆସନରେ ଶିବ ସେନା(ସିନ୍ଧେ ଗୋଷ୍ଠୀ) ପ୍ରାର୍ଥୀ ହେଉଛନ୍ତି ରବୀନ୍ଦ୍ର ୱାକର। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଶିବ ସେନା(ଉଦ୍ଧବ ଗୋଷ୍ଠୀ) ପ୍ରାର୍ଥୀ ଅମୋଲ କିର୍ତ୍ତିକର। ଥାନେ ଲୋକସଭା ଆସନରେ ଶିବ ସେନା(ସିନ୍ଧେ ଗୋଷ୍ଠୀ) ପ୍ରାର୍ଥୀ ହେଉଛନ୍ତି ନରେଶ





ମହାସ୍କେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଶିବ ସେନା(ଉଦ୍ଧବ ଗୋଷ୍ଠୀ) ପ୍ରାର୍ଥୀ ରଞ୍ଜନ ବିଚାରେ। ସେହିଭଳି କଲ୍ୟାଣ ଲୋକସଭା ଆସନରେ ଶିବ ସେନା(ସିନ୍ଧେ ଗୋଷ୍ଠୀ) ପ୍ରାର୍ଥୀ ହେଉଛନ୍ତି ଶ୍ରୀକାନ୍ତ ସିନ୍ଧେ। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଶିବ ସେନା(ଉଦ୍ଧବ ଗୋଷ୍ଠୀ) ପ୍ରାର୍ଥୀ ବୈଶାଳୀ ରାଣେ।

୨୦୧୯ ଲୋକସଭା ନିର୍ବାଚନରେ ବିଜେପି ଓ ଅବିଭକ୍ତ ଶିବ ସେନାର ମେଣ୍ଟ ଥିଲା। ଏଥର ଶିବ ସେନା(ସିନ୍ଧେ ଗୋଷ୍ଠୀ) ସହ ବିଜେପି ମେଣ୍ଟ କରି ଆସନ ବୁଝାମଣା କରିଛି। ଏମଏମଆର’ର ୮ ଲୋକସଭା ଆସନରୁ ବିଜେପି ୩ଟି ଓ ଶିବ ସେନା(ସିନ୍ଧେ ଗୋଷ୍ଠୀ) ୫ଟି ଆସନରେ ପ୍ରାର୍ଥୀ ଦେଇଛନ୍ତି। ତଦନୁଯାୟୀ ବିଜେପି ମୁମ୍ବାଇ ନର୍ଥ ସେଣ୍ଟ୍ରାଲ ଆସନରେ ଖ୍ୟାନନାମା ଓକିଲ ଉଜ୍ଜ୍ୱଳ ନିକମଙ୍କୁ ପ୍ରାର୍ଥୀ କରିଛି। ଏହି ଆସନରେ ବିଜେପିର ପୁନମ ମହାଜନ ସାଂସଦ ଅଛନ୍ତି। ଏହି ଆସନରୁ ପୁନମ ୨୦୧୪ରେ ମଧ୍ୟ ଲୋକସଭାକୁ ନିର୍ବାଚିତ ହୋଇଥିଲେ। ତଥାପି ବିଜେପି ଏଥର ପୁନମଙ୍କ ସ୍ଥାନରେ ନିକମଙ୍କୁ ପ୍ରାର୍ଥୀ କରିଛି। ନିକମଙ୍କ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି କଂଗ୍ରେସର ବର୍ଷା ଗାଏକୱାଡ। ସେହିଭଳି ବିଜେପି ଏଥର ମୁମ୍ବାଇ ନର୍ଥ ଲୋକସଭା ଆସନରେ କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋଏଲଙ୍କୁ ପ୍ରାର୍ଥୀ କରିଛି। ଗୋଏଲ ୨୦୧୦ରୁ ବିଜେପିର ରାଜ୍ୟସଭା ସାଂସଦ ଅଛନ୍ତି। ଏଥର ସେ ପ୍ରଥମ ଥର ଲୋକସଭା ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି। ପୀୟୁଷଙ୍କ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି କଂଗ୍ରେସର ଭୂଷଣ ପାଟିଲ। ମୁମ୍ବାଇ ନର୍ଥ ଇଷ୍ଟ ଆସନରେ ବିଜେପି ମିହିର କୋଟେଚ୍ଛାଙ୍କୁ ପ୍ରାର୍ଥୀ କରିଛି। ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି ଶିବ ସେନା(ଉଦ୍ଧବ ଗୋଷ୍ଠୀ) ପ୍ରାର୍ଥୀ ସଞ୍ଜୟ ଦିନା ପାଟିଲ। ଏମଏମଆର’ର ୮ ଲୋକସଭା ଆସନରୁ ୬ଟି ହେଉଛି ମୁମ୍ବାଇ ମହାନଗରୀର। ମହାନଗରୀ ଉପକଣ୍ଠସ୍ଥ ଥାନେ, କଲ୍ୟାଣ-ଏହି ଦୁଇ ସଂସଦୀୟ କ୍ଷେତ୍ର ମିଶି ସମଗ୍ର ଅଞ୍ଚଳକୁ ଏମଏମଆର କୁହାଯାଉଛି। ମହାରାଷ୍ଟ୍ରର ମୋଟ ଲୋକସଭା ଆସନ ସଂଖ୍ୟା ହେଉଛି ୪୮। ମହାରାଷ୍ଟ୍ରରେ ୨୦୧୯ରେ ଶିବସେନା-ବିଜେପି ମେଣ୍ଟ ଥିଲା। ସେତେବେଳେ ମହାରାଷ୍ଟ୍ରରେ ବିଜେପି ୨୫ଟି ଆସନରେ ପ୍ରାର୍ଥୀ ଦେଇଥିଲା। ଏଥର ବିଜେପି ୨୭ ଆସନରେ ପ୍ରାର୍ଥୀ ଦେଇସାରିଲାଣି। ରାଜ୍ୟର ବିଦର୍ଭ ଅଞ୍ଚଳର ୧୦ଟି ଆସନରେ ପ୍ରଥମ ପର୍ଯ୍ୟାୟ ଏପ୍ରିଲ ୧୯ରେ ଓ ମରାଠାୱାଡ଼ା ଅଞ୍ଚଳର ୩ଟି ଆସନରେ ଦ୍ୱିତୀୟ ପର୍ଯ୍ୟାୟ ଏପ୍ରିଲ ୨୬ରେ -ଏହିଭଳି ୧୩ଟି ଲୋକସଭା ଆସନରେ ମତଦାନ ସରିଲାଣି।

# ବାସନ ବଦଳରେ ପଲିଥିନ୍‌ରେ ଖାଆନ୍ତି

ଆଜିକାଲି କମ୍ ପରିଶ୍ରମରେ କିଭଳି ସହଜରେ କାମ ହୋଇପାରିବ, ସେନେଇ ଲୋକମାନେ ବିଭିନ୍ନ ଯୋଗାଡ଼ିଆ ବ୍ୟବସ୍ଥାକୁ ଆପଣାଉଛନ୍ତି । ଏହି କ୍ରମରେ ଏବେ ଜଣେ ବ୍ୟକ୍ତିଙ୍କ ଯୋଗାଡ଼ିଆ ବ୍ୟବସ୍ଥା ଚର୍ଚ୍ଚା ସାଉଁଟୁଛି । ସାଧାରଣତଃ ବାସନ ମାଜିବା ନିତିଦିନିଆ କାମ ହୋଇଥିବା ବେଳେ ଅନେକ ଏହି କାମ କରିବାକୁ ଭଲପାଇ ନ ଥାନ୍ତି । ଠିକ୍ ସେହିପରି ଏ ବ୍ୟକ୍ତି ଜଣକ କ୍ଷେତ୍ରରେ ମଧ୍ୟ ଏଭଳି କିଛି ଦେଖିବାକୁ ମିଳିଛି । ସେ ମଧ୍ୟ ବାସନ ନ ମାଜିବା ପାଇଁ ଏଭଳି ନିଆରା ବ୍ୟବସ୍ଥା ବାହାର କରିଛନ୍ତି, ଯାହାକୁ ହୁଏତ କେହି କେବେ ଭାବି ନ ଥିବେ । କାରଣ ସେ ବାସନ ନ ମାଜିବା ପାଇଁ ପତ୍ର ବ୍ୟବହାର କରିଛନ୍ତି ତାହା ନୁହେଁ, ବରଂ ଏ ଲାଗି ପଲିଥିନ୍‌ର ସାହାଯ୍ୟ ନେଇଛନ୍ତି । ସମ୍ପୃକ୍ତ ବ୍ୟକ୍ତିଙ୍କର ଏକ ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ଭିଡିଓରୁ ଦେଖିବାକୁ ମିଳୁଛି, ବ୍ୟକ୍ତି ଜଣକ ରୋଷେଇ ଘରେ ଛିଡ଼ା ହୋଇ ପ୍ରେସର୍ କୁକର୍‌ରୁ ନିଜ ପାଇଁ ଖାଦ୍ୟ ବାଢ଼ୁଛନ୍ତି । ଏହାରି ଭିତରେ ତାଙ୍କ ମନକୁ ଖାଇବା ପରେ ବାସନ ମାଜିବା କଥା ଆସିଛି । ତା'ସହ ବାସନ ନ ମାଜିବାର ଉପାୟ ଖୋଜିବା ସହ ତାହାକୁ କାର୍ଯ୍ୟକାରୀ କରିବାକୁ ପଛାଇ ନାହାନ୍ତି । ସେଇଠୁ ସେ ଗ୍ଲାସ୍, ପ୍ଲେଟ୍, ଚାମଚ ଉପରେ ପଲିଥିନ୍‌କୁ ଗୁଡ଼ାଇଛନ୍ତି । ଏହାପରେ ସେଥିରେ ସେ ଖାଦ୍ୟ ବାଢ଼ି ଖାଉଛନ୍ତି । ସବା ଶେଷରେ ସେ ଖାଇ ସାରିବା ପରେ ପଲିଥିନ୍‌କୁ ବାସନରୁ ବାହାର କରି ଫିଙ୍ଗି ଦେଉଛନ୍ତି । ତା'ସହ ବାସନକୁ ନେଇ ବାସନ ଥାକରେ ସେଭଳି ରଖିଛନ୍ତି । ତେବେ ହର୍ଷ ଗୋଏଙ୍କା ସେୟାର୍ କରିଥିବା ଏହି ଭିଡିଓର ଶୀର୍ଷକରେ ଲେଖିଛନ୍ତି, 'ଯେତେବେଳେ ବାସନ ମାଜିବା ପାଇଁ ପାଣି ନ ଥିବ ।' ଅନ୍ୟପକ୍ଷରେ ଏହି ବ୍ୟକ୍ତିଙ୍କ ଯୋଗାଡ଼ିଆ ବ୍ୟବସ୍ଥାକୁ ଲୋକେ ଖୁବ୍ ପସନ୍ଦ କରିଛନ୍ତି ।



# ହ୍ୟାଣ୍ଡ ମଡେଲ୍: ହାତ ଦେଖାଇ ଆୟ ମାସିକ ଦୁଇ ଲକ୍ଷ

ଦୁନିଆରେ ଏମିତି କିଛି ଲୋକ ଅଛନ୍ତି, ଯେଉଁମାନେ ବେଶ୍ ଅଜବ କାମ କରି ଭଲ ଅର୍ଥ ରୋଜଗାର କରନ୍ତି । ଏହି କ୍ରମରେ ଆମେରିକାରେ ରହୁଥିବା ଆଲେକ୍‌ଜାଣ୍ଡ୍ରା ବେରୋକଲ୍ ଏକ ଅଜବ କାମ କରି ମାସିକ ଦୁଇ ଲକ୍ଷ ଟଙ୍କା ଆୟ କରନ୍ତି । ତାଙ୍କର କାମ କେବଳ ହାତ ଦେଖାଇବା । ଆଲେକ୍‌ଜାଣ୍ଡ୍ରା ଜଣେ ହ୍ୟାଣ୍ଡ ମଡେଲ୍ । ସେ କୌଣସି ଜିନିଷକୁ ହାତରେ ଧରିବା, କପିରେ ହାତ ମାରିବା, କୌଣସି ଜିନିଷ ହାତରେ ରଗଡ଼ିବା ଆଦିର ଭିଡିଓ କରନ୍ତି । ଏହି ଭିଡିଓଗୁଡ଼ିକ ପାଇଁ ତାଙ୍କୁ ଟଙ୍କା ମିଳିଥାଏ । ତେବେ ଏହି କାର୍ଯ୍ୟ ସମୟରେ କେବଳ ତାଙ୍କର ହାତ ହିଁ ଦେଖାଯାଏ । ଆଲେକ୍‌ଜାଣ୍ଡ୍ରା ତାଙ୍କର କାର୍ଯ୍ୟ ସମ୍ପର୍କରେ ଯେତେବେଳେ ତାଙ୍କର ସାଙ୍ଗମାନଙ୍କୁ କୁହନ୍ତି ସେମାନେ ବି ଆଶ୍ଚର୍ଯ୍ୟ ହୋଇଯାନ୍ତି । କେବଳ ହାତ ଦେଖାଇ ଜଣେ ଏତେ ଟଙ୍କା ଆୟ କରିବା କଥା ସେମାନେ ସହଜରେ ବିଶ୍ୱାସ କରିପାରନ୍ତିନି । ସେ ୨୦୧୯ ରେ ମଡେଲିଂ ଆରମ୍ଭ କରିଥିଲେ । ସେ ଅନେକ ଜୁଏଲାରୀ ବ୍ରାଣ୍ଡକୁ ପ୍ରମୋଟ୍ କରନ୍ତି । ସେ ହ୍ୟାଣ୍ଡ ଜୁଏଲାରୀଗୁଡ଼ିକ ହାତରେ ପିନ୍ଧି ପ୍ରଦର୍ଶନ କରନ୍ତି ଏବଂ ଏହା ବଦଳରେ ଟଙ୍କା ନିଅନ୍ତି । ତେବେ ସେ ତାଙ୍କ ହାତ ଯୋଗୁ ଏତେ ଟଙ୍କା ଆୟ କରୁଥିବାରୁ ଏହାର ବିଶେଷ ଯତ୍ନ ମଧ୍ୟ ନିଅନ୍ତି । ସେ ନିୟମିତ ବ୍ୟବଧାନରେ ନଖଗୁଡ଼ିକ ସେପ୍ କରିବା ସହ ଘରୋଇ କାର୍ଯ୍ୟଗୁଡ଼ିକ କରିବାବେଳେ ଗ୍ଲୋବସ୍ ପିନ୍ଧିଥାନ୍ତି ।



## ଆଜିର ଇତିହାସ

- ୧୭୬୫- ଫିଲାଡେଲଫିଆରେ ଆମେରିକାର ପ୍ରଥମ ମେଡିକାଲ କଲେଜ ଖୋଲିଲା ।
- ୧୮୪୫- ଚୀନ୍‌ର ଏକ ଥିଏଟର୍‌ରେ ନିଆଁଲାଗି ୧୬୦୦ ଲୋକଙ୍କ ପ୍ରାଣହାନି ।
- ୧୯୧୩- ପ୍ରଥମ ଭାରତୀୟ ଅବାକ ଚଳଚ୍ଚିତ୍ର ରାଜା ହରିଶ୍ଚନ୍ଦ୍ରର ପ୍ରଦର୍ଶନ କରାଗଲା ।
- ୧୯୮୧- ବଲିଉଡ୍ ଅଭିନେତ୍ରୀ ନର୍ଗିସ୍‌ଙ୍କ ଦେହାନ୍ତ ।
- ୧୯୯୮- ୟୁରୋକୁ ୟୁରୋପୀୟ ମୁଦ୍ରା ଭାବେ ସ୍ୱୀକାର କରାଗଲା ।
- ୨୦୦୮- ଟାଟା ଷ୍ଟିଲ୍ ଲିମିଟେଡ୍‌କୁ ବ୍ରିଟେନରେ କୋଇଲା ଖନନ ଲାଇସେନ୍ସ ମିଳିଲା ।

# ପରଦାକୁ ଫେରିବେ ଇମ୍ରାନ୍

## ଡନ୍ ଭୂମିକାରେ ଅମିର୍



ବଲିଉଡ୍ ଅଭିନେତା ଇମ୍ରାନ୍ ଖାନ୍ ନଅ ବର୍ଷ ପରେ ବଡ଼ ପରଦାକୁ ଫେରୁଛନ୍ତି । ଇମ୍ରାନ୍ ତାଙ୍କ ମାମୁଁ ଅମିର୍ ଖାନ୍‌ଙ୍କ ପ୍ରଡକ୍ସନ୍ ହାଉସ୍‌ରେ ନିର୍ମାଣ କରାଯାଉଥିବା ଫିଲ୍ମ ମାଧ୍ୟମରେ ପରଦାକୁ ଫେରୁଛନ୍ତି । ଏକା ଏକ ସ୍ପାଇ କମେଡି ଫିଲ୍ମ । ଅମିର୍ ଏହାର ପ୍ରଯୋଜନା ଭାର ସମ୍ଭାଳିବା ସହ ଏଥିରେ ଅତିଥି କଳାକାର ଭାବେ ମଧ୍ୟ ନଜର ଆସିବେ । ଏଥିରେ ସେ ଡନ୍ ଭୂମିକାରେ ଦେଖାଯିବେ । ଇମ୍ରାନ୍ ଏଥିରେ ଜଣେ ସିକ୍ରେଟ୍ ଏଜେଣ୍ଟ ବା ଗୁଇନ୍ଦା ଭୂମିକାରେ ଦେଖାଯିବେ । ଫିଲ୍ମର ଟାଇଟଲ୍ ରହିଛି 'ହ୍ୟାପି ପଟେଲ' । ଇତିମଧ୍ୟରେ ଗୋଆରୁ ଫିଲ୍ମର ସୁଟିଂ ଆରମ୍ଭ ହୋଇଛି । 'ହ୍ୟାପି ପଟେଲ'ର ନିର୍ଦ୍ଦେଶନା ଦେଇଛନ୍ତି ବୀର ଦାସ । ପ୍ରଥମ ଥର ପାଇଁ ଏହି ଫିଲ୍ମ ମାଧ୍ୟମରେ ବୀର ଦାସ ନିର୍ଦ୍ଦେଶନା କ୍ଷେତ୍ରକୁ ଓହ୍ଲାଇଛନ୍ତି । ଏହାପୂର୍ବରୁ ଇମ୍ରାନ୍ ଓ ବୀରଦାସ ଅମିର୍‌ଙ୍କ ଫିଲ୍ମ 'ଡେଲି ବେଲି'ରେ ଏକାଠି ଅଭିନୟ କରିଥିଲେ । ତେବେ ଇମ୍ରାନ୍ ଡିଜ୍‌ନି ହଟ୍‌ଷ୍ଟାର୍‌ର ଏକ ସ୍ପାଇ ସିରିଜ୍ ମାଧ୍ୟମରେ ପରଦାକୁ ଫେରିବେ ବୋଲି ଚର୍ଚ୍ଚା ହେଉଥିଲା । କିନ୍ତୁ ଏହି ସିରିଜ୍ କୌଣସି କାରଣରୁ ହୋଇପାରି ନ ଥିଲା । ୨୦୦୮ ରେ ଇମ୍ରାନ୍ ଅଭିନୟରେ କ୍ୟାରିୟର ଆରମ୍ଭ କରିଥିଲେ ଓ ୨୦୧୫ରେ ବଲିଉଡ୍‌ରୁ ଦୂରେଇ ଯାଇଥିଲେ । ଏକଦା ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରରେ ଇମ୍ରାନ୍ 'କଟ୍ଟି ବଟ୍ଟି'ର ବିଫଳତା ପରେ ଇଣ୍ଡଷ୍ଟ୍ରୀ ଛାଡ଼ି ଦେଇଥିବା କଥା କହିଥିଲେ ।

## ଆଜିର ରାଶିଫଳ

**ମେଷ:** ମାନସିକ ଚାପରୁ ମୁକ୍ତି ମିଳିବ । ଅଯଥା ଖର୍ଚ୍ଚରୁ ଦୂରେଇ ରୁହନ୍ତୁ । ଭାଗ୍ୟ ଆପଣଙ୍କ ସାଥ୍ ଦେବ । ଦୀର୍ଘ ଦିନରୁ ଅଟକିଥିବା କାମ ପୂରା ହେବ । ଧନ-ଧାନ୍ୟ ବୃଦ୍ଧିପାଇବ । ଚାକିରି ବଦଳାଇପାରନ୍ତି ।

**ବୃଷ:** ନୂଆ ଚାକିରି ଖୋଜୁଥିଲେ, ସଫଳତା ପାଇବେ । ଘନିଷ୍ଠ ଲୋକଙ୍କ ସହଯୋଗ ରହିବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ନିଜକୁ କମ୍‌ଜୋର ଭାବନ୍ତୁ ନାହିଁ ।

**ମିଥୁନ:** ଦୂରଯାତ୍ରାରୁ ଥକ୍କାପଣ ଅନୁଭବ କରିବେ । ସାମାଜିକ କାର୍ଯ୍ୟରେ ଲିପ୍ତ ରହିପାରନ୍ତି । ଆୟ –ବ୍ୟୟ ସମାନ ରହିବ । ବିଦ୍ୟାର୍ଥୀମାନେ କ୍ୟାରିୟରକୁ ନେଇ ଚିନ୍ତିତ ରହିପାରନ୍ତି ।

**କର୍କଟ:** ପରିଶ୍ରମ ଅନୁସାରେ ଫଳମିଳିବ । ମନୋରଞ୍ଜନ ପାଇଁ ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ରାଜନୀତିରେ ସକ୍ରିୟ ଥିବା ଲୋକଙ୍କ ପାଇଁ ଆଜି ଦିନଟି ଭଲ । ଜୀବନସାଥୀଙ୍କ ସହଯୋଗ ଲୋଡିବେ ।

**ସିଂହ:** ବ୍ୟବସାୟରେ ଉନ୍ନତି ହେବ । ଆଧ୍ୟାତ୍ମିକ ଦୃଷ୍ଟିରୁ ଦିନଟି ଭଲରେ ବିତିବ । ନିବେଶ କରିବା ପୂର୍ବରୁ ଅଭିଜ୍ଞ ଲୋକଙ୍କ ପରାମର୍ଶ ନିଅନ୍ତୁ । ପ୍ରେମ ବ୍ୟାପାରରେ ସଫଳତା ମିଳିବ । ଧନପ୍ରାପ୍ତି ଯୋଗ ରହିଛି ।

**କନ୍ୟା:** ଜମି କିଣାବିକା ପାଇଁ ଭଲ ସମୟ । ଆୟ ଅନୁସାରେ ବ୍ୟୟ କମ୍ ହେବ । ପ୍ରିୟଜନଙ୍କ ସହ ଦୂରଯାତ୍ରା କରିପାରନ୍ତି । ପ୍ରେମୀଯୁଗଳଙ୍କ ପାଇଁ ଦିନଟି ଆଦୌ ଭଲ ନୁହେଁ ।

**ତୁଳା:** ଅକସ୍ମାତ୍ ଖୁସି ଖବର ପାଇବେ । ଆଜି ଯେଉଁକାର୍ଯ୍ୟରେ ହାତ ଦେବେ ସଫଳ ହେବେ । ଦାମ୍ପତ୍ୟଜୀବନ ସୁଖମୟ ହେବ । ପାରିବାରିକ ସମସ୍ୟାର ସମାଧାନ ହେବ । ସୁଖ-ଶାନ୍ତି ମିଳିବ ।

**ବିଛା:** ପାରିବାରିକ ସମସ୍ୟା ଲାଗି ରହିବ । ଆତ୍ମସଂଯମ ରକ୍ଷାକରନ୍ତୁ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ । ସ୍ୱାସ୍ଥ୍ୟ ପ୍ରତି ଯତ୍ନଶୀଳ ରୁହନ୍ତୁ । ଖର୍ଚ୍ଚ ବଢ଼ିବ । ସାମାଜିକ ଏବଂ ଧାର୍ମିକ ସମାରୋହ ପାଇଁ ଦିନଟି ଭଲ ।

**ଧନୁ:** ବନ୍ଧୁମିଳନ ଯୋଗ ରହିଛି । ପରିବାରଲୋକଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି । ଆୟବୃଦ୍ଧି ହେବ । ଅଧିକ ଚିନ୍ତା କରନ୍ତୁନି । ନୂତନ ବ୍ୟବସାୟ ଆରମ୍ଭ କରିପାରିବେ ।

**ମକର:** ସ୍ୱାସ୍ଥ୍ୟପ୍ରତି ଧ୍ୟାନ ଦିଅନ୍ତୁ । ଉଧାର ଦେଇଥିବା ଟଙ୍କା ଫେରିପାଇବାରେ ବିଳମ୍ବ ହୋଇପାରେ । ନିଜ ଉପରେ ଆତ୍ମବିଶ୍ୱାସ ରଖି କାମ କରନ୍ତୁ । କର୍ମକ୍ଷେତ୍ରରେ ପଦୋନ୍ନତି ଯୋଗ ରହିଛି ।

**କୁମ୍ଭ:** ମନରେ ଶାନ୍ତି ଓ ପ୍ରସନ୍ନତା ରହିବ । ପାରିବାରିକ ଜୀବନ ସୁଖମୟ ହେବ । ପିତାଙ୍କ ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ଚିନ୍ତାପ୍ରକଟ କରିବେ । ପିଲାମାନଙ୍କ କାର୍ଯ୍ୟ ଆପଣଙ୍କୁ ଖୁସି ଦେବ ।

**ମୀନ:** ନିଜ କଥା ଉପରେ ନିୟନ୍ତ୍ରଣ ରଖନ୍ତୁ । ମନ ଅସ୍ଥିର ହୋଇପାରେ । ଧର୍ମପ୍ରତି ଶ୍ରଦ୍ଧାଭାବ ରହିବ । ବିଦ୍ୟାର୍ଥୀମାନେ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଗାଡ଼ି ଚଳାଇବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।




# ଆୟୁର୍ବେଦ ଉପଚାରରେ ଯକୃତ୍‌ର ସୁସ୍ଥତା



**ପାଚନ କ୍ରିୟାରେ ଯକୃତ୍ ସାହାଯ୍ୟ କରିଥାଏ । ଖାଦ୍ୟକୁ ହଜମ କରିବା ସହ ଶରୀରରେ ପିତ୍ତ ସୃଷ୍ଟିକାରୀ ବିଷାକ୍ତ ପଦାର୍ଥକୁ ବାହାର କରିବା ଏହାର ମୁଖ୍ୟ କାର୍ଯ୍ୟ । ରକ୍ତ ଶର୍କରାକୁ ନିୟନ୍ତ୍ରଣ ରଖେ ଯକୃତ୍ । ତେବେ ଆୟୁର୍ବେଦରେ ଏପରି ଅନେକ ଜଡ଼ିବୁଟି ରହିଛି, ଯାହା ଯକୃତ୍‌କୁ ସୁସ୍ଥ ରଖିବାରେ ସହାୟ ହୁଏ ।**



### ଟୁଟୁକା ଚିକିତ୍ସା

- ଭୂଇଁ ଅଁଳାରୁ ପ୍ରସ୍ତୁତ ଔଷଧ ଯକୃତ୍ ସଂକ୍ରମଣରୁ ସୁରକ୍ଷା ଦିଏ । ତେଣୁ ଯକୃତ୍ ରୋଗରେ ପୀଡ଼ିତ ବ୍ୟକ୍ତି ଡାକ୍ତରଙ୍କୁ ପରାମର୍ଶ କରି ଭୂଇଁ ଅଁଳାରୁ ପ୍ରସ୍ତୁତ ଚୂର୍ଣ୍ଣ, ଔଷଧ କିମ୍ବା ଏଥିରୁ ପ୍ରସ୍ତୁତ ଜୁସ୍‌କୁ ସେବନ କରିବା ଉଚିତ । ଭୂଇଁ ଅଁଳା ରସ ୧୦ ମିଲି.କୁ ଅଧଚାମଚ ମହୁ ମିଶାଇ ସେବନ କଲେ ଯକୃତ୍ ସୁସ୍ଥ ଓ ସବଳ ରହିଥାଏ ।
- କାକମାଚି ରସ ୧୦ ମିଲିକୁ ସାମାନ୍ୟ ମିଶିରି ଗୁଣ୍ଡ ମିଶାଇ ଦିନକୁ ଦୁଇବେଳା ସେବନ କଲେ ଯକୃତ୍‌ର କାର୍ଯ୍ୟକାରିତା ବୃଦ୍ଧି ପାଏ ।
- ଚିକିତ୍ସକଙ୍କ ପରାମର୍ଶରେ ୧୦ ମିଲି. ଜଡ଼ାପତ୍ର ରସ ମଧ ସେବନ କଲେ ଯକୃତ୍ ପାଇଁ ହିତକର ହୋଇଥାଏ ।
- ଗୁଳୁଚି, ଭୂଇଁ ଅଁଳା, ଜଡ଼ାଚେର, କାକମାଚି, କିସ୍‌ମିସ୍, ତେଜପତ୍ର ମିଳିତ ୧୦ଗ୍ରାମ୍ ୨୦୦ ମିଲି ପାଣିରେ ସିଝାଇ ଏକ ଚତୁର୍ଥାଂଶ ରଖି ଦିନକୁ ଦୁଇବେଳା ସେବନ କଲେ ହିତକର ହୋଇଥାଏ ।
- ଜିରା, ଧଣିଆ, ପାନମହୁରୀ, ମେଥି, ଜୁଆଣି, ତାଳ ମିଶିରିକୁ ରାତିରେ ବତୁରାଇ ସକାଳେ ଛାଣି ପାନ କଲେ ହିତକର ହୋଇଥାଏ ।
- ଆଖୁରସ, ପଇଡ଼ପାଣି, ମିଶିରି ପାଣି, ସାଲାଡ୍, ସିଝା ତରକାରି ଇତ୍ୟାଦି ନିୟମିତ ଭାବେ ଗ୍ରହଣ କଲେ ଉପକାର ମିଳିଥାଏ ।
- ଅଁଳାରୁ ମିଳୁଥିବା ଫାୟଟୋ ନ୍ୟୁଟ୍ରିଏଣ୍ଟ ଯକୃତ୍‌ର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରି କୋଷିକାକୁ ସୁସ୍ଥ ରଖେ । ତେଣୁ ନିର୍ଦ୍ଦିଷ୍ଟ ଅନୁପାତରେ କଞ୍ଚା ଅଁଳା, ଅଁଳା ଜୁସ୍, କ୍ୟାଣ୍ଡି, ଔଷଧ ଖାଇପାରିବେ ।



- ଘିକୁଆଁରୀରୁ ମିଳୁଥିବା ପୋଷକତତ୍ତ୍ୱ ଏବଂ ଆଣ୍ଟିଅକ୍ସିଡାଣ୍ଟ ଯକୃତ୍ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରେ । ତେଣୁ ଡାକ୍ତରଙ୍କ ପରାମର୍ଶରେ ଘିକୁଆଁରୀ ଜୁସ୍ ସେବନ ଦ୍ୱାରା ନୀରୋଗ ରହିପାରିବ ।
- ପୌଷ୍ଟିକ ଖାଦ୍ୟ ଯଥା- ସବୁଜ ପନିପରିବା, ଶସ୍ୟ, ଫଳ, ଡାଲି, ମୂଳା, ଗାଜର, ଲାଉ ଖାଇବା ସହ ଦିନକୁ ୮ରୁ ୧୦ ଗ୍ଲାସ ପାଣି ପିଇବା ଉଚିତ । ନିୟମିତ ବ୍ୟାୟାମ ଓ ଯୋଗ, ପ୍ରାଣାୟାମ କରିବା ଦ୍ୱାରା ଯକୃତ୍ କାର୍ଯ୍ୟକ୍ଷମତାରେ ସୁଧାର ଆସେ । ତେଲ, ଜଙ୍କ୍‌ଫୁଡ୍, ଲୁଣ, ଛଣାଛଣି, ଅଧିକ ମସଲାଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଆଦି କମ୍ ଖାଇଲେ ଯକୃତ୍ ସୁସ୍ଥ ରହିଥାଏ ।

## ସକାଳର ସ୍ୱାସ୍ଥ୍ୟ

# ଜମ୍ବି ରୋଗ



ମହାମାରୀ କରୋନା ପରେ ଅନେକ ଭୂତାଣୁ ଜନିତ ରୋଗ ଚିହ୍ନଟ ହୋଇଛି । ସେଥିରୁ ଆମେରିକାରେ ହରିଣକୁ ପ୍ରଭାବିତ କରୁଥିବା ଜମ୍ବି ଡିଅର ଅନ୍ୟତମ । ଏହି ଭୂତାଣୁ ୪୮୦୦୦ବର୍ଷର ପୁରୁଣା । ଏହା ଏକ ସଂକ୍ରାମକ ରୋଗ । ଯାହା ସର୍ଭିଡସ୍ ନାମକ ପଶୁମାନଙ୍କ ଗୋଷ୍ଠୀକୁ ଆକ୍ରାନ୍ତ କରେ । ଏହି ଗୋଷ୍ଠୀରେ ହରିଣ, ମୁସ୍, ଏଲ୍କ ଏବଂ କାରିବୋ ଭଳି ପଶୁ ରହିଛନ୍ତି । କାନାଡ଼ାର ଜଣେ ବୈଜ୍ଞାନିକ ଜମ୍ବି ଡିୟର ଡିଜିଜ ନାମକ ଏକ ଘାତକ ସଂକ୍ରମଣକୁ ନେଇ ଚିନ୍ତା ପ୍ରକାଶ କରିଛନ୍ତି । ଏହି ରୋଗର ନାଁ ହେଉଛି 'କ୍ରୋନିକ୍ ୱେଷ୍ଟିଂ ଡିଜିଜ' । ଏହା ମିସ୍‌ଫୋଲଡେଡ୍ ପ୍ରୋଟିନ୍‌ସ କାରଣରୁ ହୋଇଥାଏ । ଏହି ରୋଗ ଅଧୀନରେ ଅସ୍ୱାଭାବିକ ପ୍ରୋଟିନ୍ କଣିକା (ପ୍ରିନ୍ସ) ପଶୁମାନଙ୍କର ମସ୍ତିଷ୍କ ଟିସୁରେ ଜମା ହେବା ଆରମ୍ଭ ହୋଇଥାଏ । ପଶୁମାନଙ୍କର ମସ୍ତିଷ୍କ ଭ୍ରମିତ ହୋଇଥାଏ । ଯାହାଫଳରେ ଆକ୍ରାନ୍ତ ପଶୁମାନେ ଗୋଟିଏ ସ୍ଥାନକୁ ଚାହିଁ ରହିଥାନ୍ତି ଏବଂ ଶିକାରୀଙ୍କଠାରୁ ଖସିଯିବାକୁ ମଧ୍ୟ ଚେଷ୍ଟା କରନ୍ତି ନାହିଁ । ତାଙ୍କ ଶରୀର ତଥା ମାଂସପେଶୀ ଧୀରେ ଧୀରେ ଦୁର୍ବଳ ହୋଇଯାଏ । ଏହା ସଂକ୍ରମିତ ପ୍ରାଣୀର ସ୍ନାୟୁପ୍ରଣାଳୀକୁ ପହଞ୍ଚିଥାଏ । ମସ୍ତିଷ୍କ ଯଦି ସଂକ୍ରମିତ ହୁଏ ଧୀରେ ଧୀରେ ଅଙ୍ଗ ଅଚଳ ହୋଇଯାଏ । ଏହା ସଂସ୍ପର୍ଶରେ ଆସୁଥିବା ହିରଣ ନିଜ ଉପରେ ନିୟନ୍ତ୍ରଣ ହରାଇ ବସିଥାଏ । ଆକ୍ରାନ୍ତ ହରିଣ ପାଟିରୁ ଲାଳ ବାହାରିଥାଏ । ଆକ୍ରାନ୍ତ ହରିଣଙ୍କ ମସ୍ତିଷ୍କରେ ଛିଦ୍ର ହୋଇଥାଏ । ସେମାନେ ଛୋଟେଇ ଛୋଟେଇ ଚାଲି ଏଣେତେଣେ ପଡ଼ିଥାନ୍ତି । ଏହି ରୋଗ ସଂକ୍ରାମକ ଏବଂ ତରଳ, ମଳ, ପରିସ୍ରା, ଉଦ୍ଭିଦ କିମ୍ବା ସଂକ୍ରମିତ ପ୍ରାଣୀମାନଙ୍କର ମାଟି ସଂସ୍ପର୍ଶରେ ଆସି ଅନ୍ୟ ପ୍ରାଣୀମାନଙ୍କୁ ବ୍ୟାପିଥାଏ । ଯଦି ଏହି ରୋଗ କୌଣସି ସ୍ଥିର କିମ୍ବା ବନ୍ୟଜନ୍ତୁ ସଂରକ୍ଷଣ ସ୍ଥାନକୁ ଆସେ, ତେବେ ଏହା ବହୁସଂଖ୍ୟକ ପ୍ରାଣୀକୁ ସଂକ୍ରମିତ କରିପାରେ । ଯେଉଁମାନେ ଜଙ୍ଗଲରେ ଅଧିକ ସମୟ ବିତାଉଛନ୍ତି ସେମାନଙ୍କ ଶରୀରରେ ଏହି ସଂକ୍ରମଣ ଆସିବାର ବହୁ ସମ୍ଭାବନା ଥାଏ । ତେଣୁ ଆକ୍ରାନ୍ତ ଲୋକ ସ୍ୱାସ୍ଥ୍ୟଦୁର୍ବଳତା ଦେଖିଲେ, ତୁରନ୍ତ ଡାକ୍ତରଙ୍କ ପରାମର୍ଶରେ ରୋଗର ନିରୀକ୍ଷଣ କରି ଚିକିତ୍ସା ଆରମ୍ଭ କରିବା ଜରୁରି । ସେହି ସମୟରେ ଅନ୍ୟ ପ୍ରାଣୀମାନଙ୍କ ଠାରୁ ଦୂରେଇ ରହିବା ଭଲ । ଚିକିତ୍ସା ସମୟରେ ମାଂସଜାତୀୟ ଖାଦ୍ୟ ଗ୍ରହଣ କରିବା ଅନୁଚିତ ।

# ଚିନ୍ତାରୁ ପେଟ ରୋଗ

ପରିବର୍ତ୍ତିତ ଜୀବନଶୈଳୀ ଓ ଅନିୟମିତ ଖାଦ୍ୟପେୟ, ବିଶୃଙ୍ଖଳିତ ଜୀବନ କାରଣରୁ ଅଧିକାଂଶ ଲୋକ ଚିନ୍ତା ଓ ଅବସାଦରେ ରହୁଛନ୍ତି । ଚିନ୍ତା ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବା ସହ ଏହା ଜଣେ ବ୍ୟକ୍ତିଙ୍କ ପେଟ ସମସ୍ୟାର ମୁଖ୍ୟ କାରଣ ହୋଇପାରେ । କାରଣ ଚିନ୍ତାର ପ୍ରଭାବ ସିଧାସଳଖ ପେଟ ଉପରେ ପଡ଼ିଥାଏ । ମନୁଷ୍ୟ ମସ୍ତିଷ୍କରେ ସେଣ୍ଟ୍ରାଲ ନର୍ଭସ ସିଷ୍ଟମ ରହିଛି । ଯାହା ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନ୍ ସିଷ୍ଟମ ଉପରେ ପ୍ରଭାବ ପକାଏ । ଚିନ୍ତାଗ୍ରସ୍ତ କାରଣରୁ ଏହା ସିଧାସଳଖ ମସ୍ତିଷ୍କକୁ ପ୍ରଭାବିତ କରିଥାଏ । ତେଣୁ ଅଧିକ ଚିନ୍ତା କରିବା ଦ୍ୱାରା ପେଟରେ ଅମ୍ଳଜନିତ ସମସ୍ୟା ହେବା ସହିତ ହାଇପର ଏସିଡିଟି, ବଦହଜିମ ହୋଇଥାଏ । ଏହି କାରଣରୁ ପେଟରେ ଛାଲ ପଡ଼ିବା, ପେଟଜଳାପୋଡ଼ା, ଶୋଷକା ଲାଗିବା ସହ ପେପ୍‌ଟିକ୍ ଅଲ୍‌ସର୍ ମଧ୍ୟ ହୋଇଥାଏ । କେବଳ ସେତିକି ନୁହେଁ; ଚିନ୍ତାରୁ କୋଷ୍ଠକାଠିନ୍ୟ, ଡାଇରିଆ, ପେଟ ଯନ୍ତ୍ରଣା ଆଦି ରୋଗ ହୋଇଥାଏ । ତେଣୁ ଲଗାତାର ଜ୍ୱର ହେବା, ଜଣ୍ଡିସ, ବାନ୍ତି ହେବା, ସମୟରେ ଭୋକ ନଲାଗିବା ଏହାର ଅନ୍ୟାନ୍ୟ ଲକ୍ଷଣ । ଏପରି ଲକ୍ଷଣ ଦେଖିବା ମାତ୍ରେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେଇ ପାରିବେ । ଚିନ୍ତାରୁ ମୁକ୍ତି ପାଇଁ ନିୟମିତ ଧ୍ୟାନ, ପ୍ରାଣାୟମ କରନ୍ତୁ । ଶାନ୍ତି ଓ ଆରାମ ପାଇବା ପାଇଁ ଦୈନିକ ୮ ରୁ ୧୦ ଘଣ୍ଟା ଶୋଇବା ଜରୁରି ।



ସୁସ୍ଥ ମନ ସୁସ୍ଥ ଶରୀର

## ସ୍ୱାସ୍ଥ୍ୟ ବିଜ୍ଞାନ

# ସ୍ୱାସ୍ଥ୍ୟ ସ୍ଥିତି ପରଖିବ ବିସିଏ

ସୁସ୍ଥ ଓ ନୀରୋଗ ରହିବାକୁ ସମସ୍ତେ ଚାହାଁନ୍ତି । ଏଥିପାଇଁ ନିୟମିତ ବ୍ୟାୟାମ କରିବା ସହ ଲୋକେ ବିଏମ୍‌ଆଇ (ବଡି ମାସ୍ ଇଣ୍ଡେକ୍ସ)ରୁ ଫିଟ୍ ଅଛନ୍ତି କି ତାହା ଜାଣିଥାନ୍ତି । ବିଏମ୍‌ଆଇ ଯଦି ୩୦ ତଳକୁ ରହିଥାଏ, ଆନୁଷାଙ୍ଗିକ ଭାବେ ଏହା ସୁସ୍ଥତାର ସୂଚନା ଦିଏ । ହେଲେ ସମ୍ପ୍ରତି ଖାଦ୍ୟପେୟ ଶୈଳୀ ଏବଂ ଶରୀରରେ ଚର୍ବିବୃଦ୍ଧି ପାଉଥିବାବେଳେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ବିସିଏ (ବଡି କମ୍ପୋଜିସନ ଆନାଲିସିସ) ସ୍ୱାସ୍ଥ୍ୟ ସ୍ଥିତିକୁ ପରଖିଥାଏ । ଯଦିଓ ବିଏମ୍‌ଆଇରୁ ବ୍ୟକ୍ତିଙ୍କର ଓଜନ ଓ ଉଚ୍ଚତା ଜଣାପଡ଼ିଥାଏ । ସୁସ୍ଥତା ପାଇଁ ଚର୍ବି, ପୋଷକତତ୍ତ୍ୱ ଖଣିଜଦ୍ରବ୍ୟ, ପାଣି ଆଦି ସଠିକ୍ ମାତ୍ରାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ଏସବୁ ବିସିଏ ପରୀକ୍ଷାରୁ ଜଣାପଡ଼େ । ଜିମ୍, ହେଉ କି ହେଲ୍‌ଥ୍ ସେଣ୍ଟର, ଲ୍ୟାବ୍‌ରେ ଏହି ମେସିନ୍ ଲାଗିଥାଏ । ତେବେ ଏହା ଉପରେ ଛିଡ଼ା ହୋଇ ଶରୀରକୁ ସ୍କାନ କରାଯାଇ ଏଥିରୁ ଜଣଙ୍କର ଓଜନ, ଚର୍ବି, ମାଂସପେଶୀ ଏବଂ ଅସ୍ଥି ଆଦିର ଅନୁପାତ ଜଣାପଡ଼େ । ତେଣୁ ଜିମ୍, ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ଲ୍ୟାବ ଯାଉଥିଲେ ବିସିଏ ଟେଷ୍ଟ କରିପାରିବେ । ଶରୀର ଯଦି ହାଲିଆ ଲାଗୁଥାଏ, ନିୟମିତ ବ୍ୟାୟାମ ଓ ଡାଏଟକୁ ଧ୍ୟାନ ଦିଅନ୍ତୁ ।



**ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍**

## ଭାରତୀୟ ଦଳରେ ଓଡ଼ିଶାର ସୁନେଲିତା, ଜ୍ୟୋତି

**ନୂଆଦିଲ୍ଲୀ, ୨।୫ (ଏଜେନ୍ସି)**

ଏଫ୍ଆଇଏଚ୍ ମହିଳା ହକି ପ୍ରୋ ଲିଗ୍ର ପରବର୍ତ୍ତୀ ଲେଗ୍ (ଚରଣ) ବେଲ୍ଜିୟମ ଓ ଇଂଲଣ୍ଡରେ ଖେଳାଯିବ। ଏଥିଲାଗି ହକି ଇଣ୍ଡିଆ ପକ୍ଷରୁ ଗୁରୁବାର ୨୪ ଜଣିଆ ଭାରତୀୟ ମହିଳା ହକି ଦଳ ଘୋଷଣା କରାଯାଇଛି। ଏହି ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ଭାରତ ନୂଆ ଅଧିନାୟିକା ସାଲିମା ଟେଟେଙ୍କ ନେତୃତ୍ୱରେ ଖେଳିବ। ଅଭିଜ୍ଞ ସବିତା ପୁନିଆଙ୍କ ସ୍ଥାନରେ ସାଲିମାଙ୍କୁ ଏହି ପ୍ରତିଯୋଗିତା ଲାଗି ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଘୋଷିତ ଦଳରେ ୨ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ



ସୁନେଲିତା ଟପ୍ପୋ



ଜ୍ୟୋତି ଛତ୍ରି

ହେଲେ ରକ୍ଷଣଭାଗ ଖେଳାଳି ଜ୍ୟୋତି ଛତ୍ରି ଓ ଅଗ୍ରଭାଗ ଖେଳାଳି ସୁନେଲିତା ଟପ୍ପୋ।

ମେ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଏଫ୍ଆଇଏଚ୍ ମହିଳା ପ୍ରୋ ଲିଗ୍ର ବେଲ୍ଜିୟମ ଚରଣ ଖେଳାଯିବ। ଏହାପରେ ଜୁନ ୧ରୁ ୯ ତାରିଖ ପର୍ଯ୍ୟନ୍ତ ଇଂଲଣ୍ଡ ଚରଣ ଅନୁଷ୍ଠିତ ହେବ। ଉଭୟ ବେଲ୍ଜିୟମ ଓ ଇଂଲଣ୍ଡ ଚରଣରେ ଭାରତୀୟ ମହିଳା ଦଳ ଆର୍ଜେଣ୍ଟିନା, ବେଲ୍ଜିୟମ, ସ୍ପେନ, ଗ୍ରେଟ୍ ବ୍ରିଟେନ ଓ ଜର୍ମାନୀ ବିପକ୍ଷରେ ୨ଥର ଲେଖାଏ ଖେଳିବ। ବର୍ତ୍ତମାନ ଏଫ୍ଆଇଏଚ୍ ମହିଳା ପ୍ରୋ ଲିଗ୍ରେ ଭାରତ ୮ ମ୍ୟାଚ୍ ଖେଳି ୮ ପଏଣ୍ଟ ସହ ୬ଷ୍ଠ ସ୍ଥାନରେ ରହିଛି। ଏହି ୮ଟି ମ୍ୟାଚ୍ ଭାରତ ଭୁବନେଶ୍ୱର ଓ ରାଉରକେଲାରେ ଖେଳି ୫ ପରାଜୟ, ୨ ବିଜୟ ଓ ଗୋଟିଏ ମୁକାବିଲା ଡ୍ର ରଖିଥିଲା।

### ଭାରତୀୟ ମହିଳା ହକି ଦଳ

**ଗୋଲ୍ରକ୍ଷକ:** ସବିତା, ବିଚ୍ଛୁ ଦେବୀ ଖାରିବାମ୍, **ରକ୍ଷଣଭାଗ:** ନିକ୍କି ପ୍ରଧାନ, ଉଦିତା, ଇଶିକା ଚୌଧୁରୀ, ମୋନିକା, ଜ୍ୟୋତି ଛତ୍ରି, ମହିମା ଚୌଧୁରୀ, **ମଧ୍ୟଭାଗ:** ସାଲିମା ଟେଟେ (ଅଧିନାୟିକା), ନବନୀତ୍ କୌର (ଉପ-ଅଧିନାୟିକା), ବୈଷ୍ଣବୀ ଭିଭଲ ଫାଲକେ, ନେହା, ଜ୍ୟୋତି, ବଲଜିତ୍ କୌର୍, ମନିଷା ଚୌହାନ, ଲାଲରେମସିଆମି, **ଅଗ୍ରଭାଗ:** ମୁମତାଜ ଖାନ, ସଙ୍ଗୀତା କୁମାରୀ, ଦୀପିକା, ଶର୍ମିଳା ଦେବୀ, ପ୍ରୀତି ଦୁବେ, ବନ୍ଦନା କାଟାରିୟା, ସୁନେଲିତା ଟପ୍ପୋ ଓ ଦୀପିକା ସୋରେଙ୍ଗ।

## ଏସୀୟ ଜୁ-ଜିତ୍ସୁ ଭାରତୀୟ ଦଳରେ ଅନୁପମା



**ଭୁବନେଶ୍ୱର, ୨।୫ (ସମିସ):** ଆବୁଧାବିଠାରେ ଆରମ୍ଭ ହୋଇଥିବା ଏସୀୟ ଜୁ-ଜିତସୁ ପ୍ରତିଯୋଗିତା ନିମନ୍ତେ ଘୋଷିତ ଭାରତୀୟ ଦଳରେ ଅନୁପମା ସ୍ୱାଇଁଙ୍କ ସମେତ ୩ଜଣ ଓଡ଼ିଆ ଖେଳାଳି ସ୍ଥାନ ପାଇଛନ୍ତି। ଅନ୍ୟ ଦୁଇ ଖେଳାଳି ହେଲେ ଲୋମା ସ୍ୱାଇଁ ଓ ଶ୍ରୀକାନ୍ତ ଶେଖର। ମେ ୮ରେ ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତାରେ ଅନୁପମା ୫୨ କିଗ୍ରା, ଲୋମା ୪୮ କିଗ୍ରା ଓ ଶ୍ରୀକାନ୍ତ ୭୭ କିଗ୍ରା ଶ୍ରେଣୀରେ ଭାଗନେବେ। ଏହି ପ୍ରତିଯୋଗିତା ନିମନ୍ତେ ଖେଳାଳିମାନଙ୍କୁ ଜୁ-ଜିତ୍ସୁ ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଇଛି।

# ଟି-୨୦ ସିରିଜ ଜିତିଲା ଭାରତୀୟ ମହିଳା ଦଳ

### ବାଂଲାଦେଶ ୭ ୱିକେଟରେ ପରାସ୍ତ

**ସିଲହେଟ୍,୨।୫(ଏଜେନ୍ସି)**

ବାଂଲାଦେଶ ଗସ୍ତରେ ଯାଇଥିବା ହରମନପ୍ରୀତ କୌରଙ୍କ ନେତୃତ୍ୱାଧୀନ ଭାରତୀୟ ମହିଳା କ୍ରିକେଟ ଦଳ ଟି-୨୦ ସିରିଜରେ ବିଜୟୀ ହୋଇଛି। ଗୁରୁବାର ସ୍ଥାନୀୟ ସିଲହେଟ ଷ୍ଟାଡିୟମରେ ଅନୁଷ୍ଠିତ ତୃତୀୟ ଟି-୨୦ ମୁକାବିଲାରେ ଭାରତ ୯ ବଲ ବାକିଥାଇ ୭ ୱିକେଟରେ ବିଜୟୀ ହୋଇ ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ୩-୦ରେ ଅଗ୍ରଣୀ ହୋଇଛି। ଏଥିସହ ଭାରତ ଆଗୁଆ ସିରିଜ ହାତେଇ ନେଇଛି। ଏହି ଗ୍ରାଉଣ୍ଡରେ ଆସନ୍ତା ୬ ତାରିଖ ସୋମବାର ଚତୁର୍ଥ ଓ ୯ ତାରିଖ ଗୁରୁବାର ୫ମ ତଥା ଅନ୍ତିମ ଟି-୨୦ ମ୍ୟାଚ୍ ଖେଳାଯିବ।

ଟସ୍ ଜିତି ଭାରତ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୮ ୱିକେଟ ହରାଇ ୧୧୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ଓପନର ଦିଲାରା ଅଖତେର ସର୍ବାଧିକ ୩୯, ଅଧିନାୟିକା ନିଗାର ସୁଲତାନା ୨୮, ଶୋଭନା ମୋସ୍ତାରୀ ୧୫ ରନକରି ଆଉଟ ହୋଇଥିବା ବେଳେ ଅନ୍ୟମାନେ ଦୁଇଅଙ୍କ ଛୁଇଁ ପାରି ନଥିଲେ। ଭାରତ ପାଇଁ ବୋଲିଂରେ ସ୍ପିନର ରାଧା ଯାଦବ ୨, ରେଣୁକା ସିଂ, ପୂଜା ବସ୍ତ୍ରକାର ଓ ଶ୍ରେୟଙ୍କା ପାଟିଲ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।

### ଅର୍ଦ୍ଧଶତକୀୟ ପାଳି ଖେଳି ଶେଫାଳୀ ଶ୍ରେଷ୍ଠ

ଜବାବରେ ଭାରତ ୧୮.୩ ଓଭରରେ ୩ ୱିକେଟ ହରାଇ ୧୨୧ ରନକରି ବିଜୟୀ ହୋଇଥିଲା। ଓପନର ଶେଫାଳୀ ବର୍ମା ୩୮ ବଲର ସମ୍ମୁଖୀନ ହୋଇ ୮ ଚୌକା ସହ ୫୧ ରନର ଅର୍ଦ୍ଧଶତକୀୟ ପାଳି ଖେଳି ମ୍ୟାଚ୍ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଅନ୍ୟତମ ଓପନର ସ୍ମୃତି ମନ୍ଧାନା ୪୭ ରନ କରି ଆଉଟ ହେବା ସହ ଅର୍ଦ୍ଧଶତକରୁ ବଞ୍ଚିତ ହୋଇଥିଲେ। ଦୟାଲାନ ହେମଲତା ୯ ରନକରି ଆଉଟ ହୋଇଥିବା ବେଳେ ଅଧିନାୟିକା ହରମନପ୍ରୀତ ୬ ଓ ୱିକେଟକିପର ବ୍ୟାଟର ରିଚା ଘୋଷ ୮ ରନକରି ଅପରାଜିତ ରହିଥିଲେ। ବୋଲିଂରେ ବାଂଲାଦେଶ ପାଇଁ ନାହିଦା ଅଖତେର, ରାବେୟା ଖାନ୍ ଓ ରତୁ ମୋନୀ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ।




**ମାଡ୍ରିଡ୍ ଓପନ୍ ଟେନିସ୍**

## ରୁବଲେଭ୍-ଫ୍ରିଜ୍ ସେମିଫାଇନାଲ



**ମାଡ୍ରିଡ୍,୨।୫(ଏଜେନ୍ସି):** ଏଠାରେ ଚାଲିଥିବା ମାଡ୍ରିଡ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟରେ ରୁଷିଆରେ ଆନ୍ଦ୍ରେ ରୁବଲେଭ ଓ ଆମେରିକାର ଟେଲର ଫ୍ରିଜ୍ ପୁରୁଷ ଏକକ ସେମିଫାଇନାଲରେ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ସେହିପରି କାନାଡାର ଫେଲିକ୍ସ ଅଗୁର ଆଲିଆଜିମ୍ ମଧ୍ୟ ସେମିକୁ ଉଠିଛନ୍ତି। ୭ମ ସିଡ୍ ରୁବଲେଭ କ୍ୱାର୍ଟର ଫାଇନାଲରେ ୪-୬, ୬-୩, ୬-୨ ସେଟ୍ରେ ଦ୍ୱିତୀୟ ସିଡ୍ ସ୍ପେନ୍ ଯୁବ ଖେଳାଳି କାର୍ଲୋସ ଆଲକାରାଜଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ ସେମିକୁ ଉଠିଛନ୍ତି। ସେହିପରି ଅନ୍ୟଏକ କ୍ୱାର୍ଟର ମୁକାବିଲାରେ ଦ୍ୱାଦଶ ସିଡ୍ ଫ୍ରିଜ୍ ୬-୧, ୩-୬, ୬-୩ ସେଟ୍ରେ ଆର୍ଜେଣ୍ଟିନାର ଫ୍ରାନସିସ୍କୋ ସେରୁଣ୍ଡୋଲୋଙ୍କୁ ହରାଇ ସେମି ଟିକଟ ହାସଲ କରିଛନ୍ତି। ଅନ୍ୟଏକ କ୍ୱାର୍ଟରରେ ଶ୍ରେଷ୍ଠ ସିଡ ଇଟାଲୀର ଜାନିକ ସିନର ଫିଟ୍ନେସ କାରଣରୁ ଓହରିଯିବା ଫଳରେ ଆଲିଆଜିମ୍ ୱାକ୍ଓଭର ପାଇଁ ସେମିକୁ ଉଠିଛନ୍ତି।

### ପ୍ରି-କ୍ୱାର୍ଟରରୁ ନାଦାଲଙ୍କ ବିଦାୟ

ସ୍ପେନ୍ ଅଭିଜ୍ଞ ଖେଳାଳି ରାଫେଲ ନାଦାଲ ପ୍ରି-କ୍ୱାର୍ଟର ଫାଇନାଲରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ବୁଧବାର ଅନୁଷ୍ଠିତ ମୁକାବିଲାରେ ସେ ୩୦ତମ ସିଡ୍ ଚେକ ଗଣରାଜ୍ୟର ଜିରି ଲେହେକାଙ୍କଠାରୁ ୫-୭, ୪-୬ ସିଧାସଳଖ ସେଟ୍ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି। ଦୀର୍ଘଦିନ ପରେ ଆଘାତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରି ସେ ବାର୍ସିଲୋନା ଓପନ୍ରେ ଅଂଶଗ୍ରହଣ କରି ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଥିଲେ ମଧ୍ୟ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ ହୋଇ ବିଦାୟ ନେଇଥିଲେ। ଏବେ ସେ ମାଡ୍ରିଡ ଓପନ୍ ଚତୁର୍ଥ ରାଉଣ୍ଡ ମୁକାବିଲାରେ ପରାସ୍ତ ହୋଇଛନ୍ତି। ଆଘାତ ସମସ୍ୟା ତାଙ୍କ ପ୍ରଦର୍ଶନକୁ ପ୍ରଭାବିତ କରିଛି। ଲେହେକା ଏବେ କ୍ୱାର୍ଟରରେ ତୃତୀୟ ସିଡ୍ ରୁଷିଆର ଡାନିଲ ମେଦେଭେଦେଭଙ୍କୁ ଭେଟିବେ। ମେଦଭେଦେଭ୍ ଅନ୍ୟଏକ ରାଉଣ୍ଡ ଅଫ୍ ୧୬ ମୁକାବିଲାରେ ୭-୬,୬-୪ ସେଟ୍ରେ କାଜାଖସ୍ତାନର ଆଲେକଜାଣ୍ଡର ବଲ୍ବିକ୍ଙ୍କୁ ହରାଇ କ୍ୱାର୍ଟରକୁ ଉଠିଛନ୍ତି।

### ସେମିରେ ସ୍ୱିଆଟେକ, ରିବାକିନା, ସାବାଲେଙ୍କା

ମାଡ୍ରିଡ ଓପନ ମହିଳା ଏକକ ଟୁର୍ଣ୍ଣାମେଣ୍ଟରେ ସିଡେଡ ଖେଳାଳିମାନେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟପ୍ ସିଡ୍ ପୋଲାଣ୍ଡର ଇଗା ସ୍ୱିଆଟେକ ଓ ୧୮ ତମ ସିଡ୍ ଆମେରିକାର ମାଡିନସନ କିଜ୍ ସେମି ଫାଇନାଲରେ ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। ସେହିପରି ଅନ୍ୟଏକ ସେମିରେ ଚତୁର୍ଥ ସିଡ୍ କାଜାଖସ୍ତାନର ଏଲିନା ରିବାକିନା ଓ ଦ୍ୱିତୀୟ ସିଡ୍ ବେଲାରୁଷର ଅରିନା ସାବାଲେଙ୍କା ପରସ୍ପରକୁ ଭେଟିବା ସ୍ପଷ୍ଟ ହୋଇଛି। କ୍ୱାର୍ଟର ଫାଇନାଲରେ ସାବାଲେଙ୍କା ୬-୧, ୬-୪ ସେଟ୍ରେ ରୁଷିଆର ୧୬ ବର୍ଷୀୟା ଖେଳାଳି ମୀରା ଆନ୍ଦ୍ରିଭାଙ୍କୁ, ରିବାକିନା ୪-୬, ୭-୬, ୭-୫ ସେଟ୍ରେ ନିଜ ଦେଶର ୟୁଲିଆ ପୁତିନଶୋଭାଙ୍କୁ, ସ୍ୱିଆଟେକ ୪-୬, ୬-୦, ୬-୨ ସେଟ୍ରେ ୧୧ତମ ସିଡ୍ ବ୍ରାଜିଲ ବିଟ୍ରିଜ ହାଡେଡ ମଇଆଙ୍କୁ, କିଜ୍ ୦-୬, ୭-୫, ୬-୧ ସେଟ୍ରେ ୮ ମ ସିଡ୍ ଟ୍ୟୁନିସିଆର ଓନ୍ସ ଜାବେଉରଙ୍କୁ ପରାସ୍ତ କରି ସେମିକୁ ଉଠିଛନ୍ତି।

**● ଉବର ଓ ଥମାସ କପ୍ ବ୍ୟାଡମିଣ୍ଟନ**

## କ୍ୱାର୍ଟରରୁ ଭାରତର ଅଭିଯାନ ଶେଷ

**ନୂଆଦିଲ୍ଲୀ, ୨।୫(ଏଜେନ୍ସି):** ଚୀନ୍ର ଚେଙ୍ଗଡୁଠାରେ ଚାଲିଥିବା ମହିଳା ବିଭାଗ ଉବର ଓ ପୁରୁଷ ବିଭାଗ ଥମାସ କପ୍ର କ୍ୱାର୍ଟର ଫାଇନାଲରୁ ଭାରତ ବିଦାୟ ନେଇଛି। ଗୁରୁବାର ଖେଳାଯାଇଥିବା ଉବର କପ୍ କ୍ୱାର୍ଟରଫାଇନାଲରେ ଜାପାନଠାରୁ ୩-୦ରେ ଓ ଥମାସ କପ୍ରେ ଚୀନ୍ଠାରୁ ୩-୧ରେ ଭାରତ ପରାଜିତ ହୋଇଥିଲା। ପୁରୁଷ ବିଭାଗରେ ଭାରତ ଗତଥରର ଟାଇଟଲ ବିଜେତା ହୋଇଥିଲା। ମହିଳା ବିଭାଗ ଏକକରେ ଇଶାରାଣୀ ବରୁଆ ଓ ଅଶ୍ମିତା ଚଲିଆ, ଯୁଗଳରେ ଜାତୀୟ ଚାମ୍ପିଅନ୍ ପ୍ରିୟା-ଶ୍ରୁତି ମିଶ୍ରଙ୍କ ଯୋଡି ପରାଜିତ ହୋଇଥିଲେ। କେବଳ ଅଶ୍ମିତା କିଛିଟା ଲଢୁଆ ଖେଳ ପ୍ରଦର୍ଶନ କରିଥିଲେ। ସେହିପରି ପୁରୁଷ ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ପକ୍ଷରୁ ଲକ୍ଷ୍ୟ ସେନ ଏକମାତ୍ର ଖେଳାଳିଭାବେ ବିଜୟୀ ହୋଇଥିଲେ। ତାଙ୍କ ବ୍ୟତୀତ ଏକକରେ ଏଚ୍ଏସ୍ ପ୍ରଣୟ, ଯୁଗଳରେ ସାତ୍ୱିକ ସାଇରାଜ ରଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ମଧ୍ୟ ସହଜରେ ପରାଜିତ ହୋଇଥିଲେ। ଦ୍ୱିତୀୟ ଏକକ ମୁକାବିଲାରେ ଲକ୍ଷ୍ୟ ସେନ୍ ୧୩-୨୧, ୨୧-୧୮, ୨୧-୧୪ରେ ଲି ଶି ଫେଙ୍ଗ୍ଙ୍କୁ ହରାଇଥିଲେ । ଦ୍ୱିତୀୟ ଯୁଗଳ ମୁକାବିଲାରେ ଧ୍ରୁବ କପିଳା ଓ କେ. ସାଇ ପ୍ରତୀକ ମଧ୍ୟ ସିଧାସଳଖ ସେଟ୍ରେ ହାରିଯାଇଥିଲେ।

**ଜାତୀୟ ମହିଳା ହକି ଲିଗ୍**

## ସୁଟ୍ଆଉଟ୍ରେ ହାରିଲା ଓଡ଼ିଶା

**ଭୁବନେଶ୍ୱର, ୨।୫ (ସମିସ)**



ହକି ଇଣ୍ଡିଆ ଆନୁକୂଲ୍ୟରେ ରାଞ୍ଚିରେ ଚାଲିଥିବା ପ୍ରଥମ ଜାତୀୟ ମହିଳା ହକି ଲିଗ୍ (୨୧ ବର୍ଷରୁ କମ୍)ରେ ଓଡ଼ିଶା ପରାଜୟବରଣ କରିଛି। ଓଡ଼ିଶା ଏହାର ଦ୍ୱିତୀୟ ମ୍ୟାଚରେ ସୁଟ୍ ଆଉଟ୍ରେ ୩-୨ (୨-୨) ଗୋଲରେ ମଧ୍ୟପ୍ରଦେଶ ନିକଟରୁ ପରାସ୍ତ ହୋଇଛି। ପୂର୍ବରୁ ପ୍ରଥମ ମ୍ୟାଚରେ ଓଡ଼ିଶା ୪-୧ ଗୋଲରେ ଶକ୍ତିଶାଳୀ ହରିୟାଣା ମହିଳା ଦଳକୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଥିଲା। ଓଡ଼ିଶା ବର୍ତ୍ତମାନ ୨ ମ୍ୟାଚ୍ ଖେଳି ୪ ପଏଣ୍ଟ ସହ ୪ର୍ଥ ସ୍ଥାନରେ ରହିଛି। ଓଡ଼ିଶା ଏହାର ପରବର୍ତ୍ତୀ ମ୍ୟାଚରେ ଶୁକ୍ରବାର ମଣିପୁରକୁ ଏବଂ ଶନିବାର ଝାଡ଼ଖଣ୍ଡକୁ ଭେଟିବାର କାର୍ଯ୍ୟସୂଚୀ ରହିଛି।

ପ୍ରତିଯୋଗିତାରେ ଓଡ଼ିଶା ୨ୟ ମୁକାବିଲାରେ ବୁଧବାର ମଧ୍ୟପ୍ରଦେଶକୁ ଭେଟିଥିଲା। ଏହି ମ୍ୟାଚ୍ ଆରମ୍ଭରୁ ସଂଘର୍ଷପୂର୍ଣ୍ଣ ହୋଇଥିଲା। ଏପରିକି ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ରହିଥିଲା। ଏହାପରେ ଦ୍ୱିତୀୟ କ୍ୱାର୍ଟର ତଥା ୨୬ତମ ମିନିଟ୍ରେ ସ୍ୱାତୀଙ୍କ ଗୋଲ୍ ବଳରେ ମଧ୍ୟପ୍ରଦେଶ ଅଗ୍ରଣୀ ହାସଲ କରିଥିଲା। ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ମଧ୍ୟପ୍ରଦେଶ ୧-୦ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧ ତଥା ୩ୟ କ୍ୱାର୍ଟରରେ ଓଡ଼ିଶା ଏହି ଗୋଲଟି ଶୁଝାଇ ଦେଇଥିଲା। ଓଡ଼ିଶାର ତନୁଜା ଟପ୍ପୋ ପେନାଲ୍ଟି କର୍ଣ୍ଣରରୁ ଭରପୁର ଫାଇଦା ଉଠାଇ ଏହି ଗୋଲଟି ଦେଇଥିଲେ। ମ୍ୟାଚ୍ ୧-୧ର ବରାବରସ୍ଥିତିକୁ ଚାଲିଆସିଥିଲା। ଅନ୍ତିମ ତଥା ୪ର୍ଥ କ୍ୱାର୍ଟରରେ ଆହୁରି ରୋମାଞ୍ଚ ଦେଖିବାକୁ ମିଳିଥିଲା। ୫୧ତମ ମିନିଟ୍ରେ ଦ୍ରୁପଦି ନାୟକ ଏକ ଫିଲ୍ଡ ଗୋଲ ଦେଇ ଓଡ଼ିଶାକୁ ୨-୧ରେ ଅଗ୍ରଣୀ କରାଇଥିଲେ। କିନ୍ତୁ ମ୍ୟାଚ୍ ଶେଷ ହେବାକୁ ଗୋଟିଏ ମିନିଟ୍ ବାକି ଥିବାବେଳେ ମଧ୍ୟପ୍ରଦେଶର ଆଶ୍ରିତା ଠାକୁର ଫିଲ୍ଡ ଗୋଲ ଜରିଆରେ ଏହାକୁ ଶୁଝିଦେଇଥିଲେ। ଫଳରେ ମ୍ୟାଚ୍ ୨-୨ ଗୋଲରେ ଡ୍ର ରହିଥିଲା। ଏହାପରେ ଫଳାଫଳ ପାଇଁ ସୁଟ୍ ଆଉଟ୍ର ସହାୟତା ନିଆଯାଇଥିଲା। ଏଥିରେ ୫ଟି ଲେଖାଏ ପ୍ରୟାସରୁ ଓଡ଼ିଶା ୨ଟି ଗୋଲ ଦେବାରେ ସମର୍ଥ ହୋଇଥିବାବେଳେ ମଧ୍ୟପ୍ରଦେଶ ୩ ଗୋଲ ସହ ୩-୨ରେ ମ୍ୟାଚ୍ ବାଜିମାତ୍ କରିନେଇଥିଲା। ଓଡ଼ିଶାର ଦ୍ରୁପଦି ଓ ପ୍ରତିଭା ଏକ୍କା ଗୋଲ ଦେଇଥିବାବେଳେ ତନୁଜା, ରମ୍ଭା କୁଜୁର ଓ ଅସୀମା ରାଉତ ବିଫଳ ହୋଇଥିଲେ।

**● ରାଜମାତା ଜିଜାବାଈ ଟ୍ରଫି**

## ଓଡ଼ିଶା-ହରିୟାଣା ମ୍ୟାଚ୍ ଅମୀମାଂସିତ

**କଟକ,୨।୫(ସମିସ):** ୨୮ତମ ବରିଷ୍ଠ ମହିଳା ଜାତୀୟ ଫୁଟବଲ ଚାମ୍ପିଅନସିପ୍ ତଥା ରାଜମାତା ଜିଜାବାଈ ଟ୍ରଫି ମେ ପହିଲାରୁ ଆରମ୍ଭ ହୋଇଛି। କୋଲକାତାରେ ଚାଲିଥିବା ଏହି ପ୍ରତିଯୋଗିତାର ପ୍ରଥମ ମ୍ୟାଚ୍ରେ ଗୁରୁବାର ହରିୟାଣାକୁ ଭେଟିଥିଲା ଓଡ଼ିଶା ଦଳ। ଏହି ମ୍ୟାଚ୍ ୧-୧ ଗୋଲରେ ଅମୀମାଂସିତ ରହିଛି। ଖେଳର ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ଦ୍ୱିତୀୟାର୍ଦ୍ଧର ୬୫ତମ ମିନିଟରେ ଓଡ଼ିଆ ଫରୱାର୍ଡ ଦୀପା ନାୟକ ପ୍ରଥମ ଗୋଲ ଦେଇ ଦଳକୁ ଅଗ୍ରଣୀ ରଖିଥିଲେ। ମାତ୍ର ଚାରି ମିନିଟରେ ହରିୟାଣା ମ୍ୟାଚ୍କୁ ପ୍ରତ୍ୟାବର୍ତ୍ତନ କରିଥିଲା। ବଦଳ ଖେଳାଳି ଭାବେ ପଡ଼ିଆକୁ ଆସିଥିବା ପୂଜା ୬୯ତମ ମିନିଟରେ ଗୋଲ ଦେଇ ମ୍ୟାଚ୍କୁ ବରାବର କରିଥିଲେ। ଉଭୟ ଦଳ ଭିତରେ କଡ଼ା ମୁକାବିଲା ହେବା ସତ୍ତ୍ୱେ ପରବର୍ତ୍ତୀ ସମୟରେ କୌଣସି ଗୋଲ ହୋଇ ନଥିଲା। ଫଳରେ ମ୍ୟାଚ୍ ୧-୧ ଗୋଲରେ ବରାବର୍ ରହିଥିଲା। ଶନିବାର ମହାରାଷ୍ଟ୍ର ବିପକ୍ଷରେ ଓଡ଼ିଶା ଦ୍ୱିତୀୟ ମ୍ୟାଚ୍ ଖେଳିବ।

## ଅଶୋକ ମହାନ୍ତିଙ୍କ ପରଲୋକ



**କଟକ,୨।୫(ସମିସ):** ଜାତୀୟସ୍ତରର ପୂର୍ବତନ ଫୁଟବଲ ଖେଳାଳି ଅଶୋକ ମହାନ୍ତିଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୭୫ବର୍ଷ ବୟସ ହୋଇଥିଲା। ୭୦ ଦଶକରେ ସେ ରାଜ୍ୟ ଦଳର ଜଣେ ପ୍ରଭାବଶାଳୀ ଅଗ୍ରଭାଗ ଖେଳାଳି ଭାବେ ପରିଚିତ ଥିଲେ। ଦୀର୍ଘବର୍ଷ ଧରି ସେ ରାଜ୍ୟ ବରିଷ୍ଠ ଦଳର ନିୟମିତ ଖେଳାଳି ରହିଥିଲେ। ଏପରିକି ସନ୍ତୋଷ ଟ୍ରଫିରେ ମଧ୍ୟ ସେ ପ୍ରତିନିଧିତ୍ୱ କରିଛନ୍ତି।

ଯାଜପୁରରେ ଜନ୍ମିତ ଅଶୋକ କଟକ ଶିଖରପୁର ଅଞ୍ଚଳରେ ସପରିବାରେ ରହୁଥିଲେ। ତାଙ୍କର ଦୁଇ ପୁଅ ଏବଂ ଜଣେ ଝିଅ ଅଛନ୍ତି। ପୁଲିସ ଜମାଦାର ଭାବେ ଚାକିରି ଜୀବନ ଆରମ୍ଭ କରିଥିବା ଅଶୋକ ପରବର୍ତ୍ତୀ ସମୟରେ କ୍ରୀଡ଼ା ବିଭାଗରେ ଏବଂ ପରେ ଏକ ପ୍ରତିଷ୍ଠିତ ବ୍ୟାଙ୍କରେ ସିକ୍ୟୁରିଟି ଅଫିସର ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ପରଲୋକାଗତ ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ସମ୍ପାଦକ ଆଶୀର୍ବାଦ ବେହେରା ଶୋକ ପ୍ରକାଶ କରିଛନ୍ତି।

**ଆଇସିସି ଚାମ୍ପିଅନ୍ସ ଟ୍ରଫି**

# ଲାହୋରରେ ଖେଳାଯାଇପାରେ ଭାରତର ସମସ୍ତ ମ୍ୟାଚ୍

**ନୂଆଦିଲ୍ଲୀ,୨।୫(ଏଜେନ୍ସି)**

ଆସନ୍ତା ବର୍ଷ ଫେବୃଆରୀ ଓ ମାର୍ଚ୍ଚରେ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନରେ ଖେଳାଯିବ। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଭାରତର ସବୁ ମ୍ୟାଚ୍ ଲାହୋରରେ ଆୟୋଜନ କରିବାକୁ ପ୍ରସ୍ତୁତି ଚଳାଇଛି। ଏହି ମେଗା ଇଭେଣ୍ଟର ସବୁ ମ୍ୟାଚ୍ ୩ଟି ସହର ଯଥା କରାଚି, ଲାହୋର ଓ ରାୱଲପିଣ୍ଡିରେ ଆୟୋଜନ ହେବ। କିନ୍ତୁ ଭାରତର ସମସ୍ତ ମ୍ୟାଚ୍ ଲାହୋରରେ ଖେଳାଯିବ। ନିରାପତ୍ତା ଓ ସୁରକ୍ଷା ବ୍ୟବସ୍ଥାକୁ ଓ ମ୍ୟାନେଜମେଣ୍ଟକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି। ପୁଣି ଲାହୋର ୱାଘା ବର୍ଡରର ଅତି ନିକଟରେ ଅବସ୍ଥିତ। ଭାରତୀୟ କ୍ରିକେଟ ଦଳର ଭ୍ରମଣକୁ କମାଇବା ପାଇଁ ଏପରି ନିଷ୍ପତ୍ତି ନିଆଯାଇଛି। ଆଇସିସି ମହା ସଚିବ ୱାସିମ ଖାନ୍ କିଛିଦିନ ତଳେ ଲାହୋର



ଗସ୍ତ କରି ଚାମ୍ପିଅନ୍ସ ଟ୍ରଫି ଆୟୋଜନ ନେଇ ପିସିବି ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ୧୯୯୬ ପରେ ପାକିସ୍ତାନ ପ୍ରଥମଥର ପାଇଁ କୌଣସି ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବ। ପିସିବି ମଧ୍ୟ ଇତିମଧ୍ୟରେ ଆଇସିସିକୁ ଭେନ୍ୟୁ ଡ୍ରାଫ୍ଟ ପ୍ରଦାନ କରିସାରିଛି। ଚାମ୍ପିଅନ୍ସ ଟ୍ରଫି ଆୟୋଜନ ନେଇ ଆଇସିସି ସହ ପିସିବି ଲଗାତର ସମ୍ପର୍କରେ ରହିଛି ବୋଲି ପିସିବି ଅଧକ୍ଷ ମୋହସିନ ନକିବୀ କହିଛନ୍ତି।

### ଭାରତୀୟ ଦଳ ପାକିସ୍ତାନ ଯିବା ନେଇ ପ୍ରଶ୍ନବାଚୀ

ସବୁଥର ଭଳି ଭାରତୀୟ ଦଳ ଏଥର ମଧ୍ୟ ପାକିସ୍ତାନ ଯିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଏସିଆ କପ୍ ଭଳି ଚାମ୍ପିଅନ୍ସ ଟ୍ରଫି ମଧ୍ୟ 'ହାଇବ୍ରିଡ୍ ମଡେଲ' ଅନୁସାରେ ହୋଇପାରେ। ଯଦି ଭାରତ ସରକାର ଭାରତୀୟ କ୍ରିକେଟ ଦଳକୁ ପାକିସ୍ତାନ ପଠାଇବାକୁ ଚାହୁଁନାହାନ୍ତି, ତେବେ ଆଇସିସି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଉପରେ କୌଣସି ଚାପ ପକାଇବ ନାହିଁ। ଫଳରେ ଚାମ୍ପିଅନ୍ସ ଟ୍ରଫି ନେଇ ପିସିବିକୁ ଏହା ବିକଳ୍ପ ନେଇ ଚିନ୍ତା କରିବାକୁ ହେବ। ପୂର୍ବରୁ ଭାରତର କହିବା ଅନୁଯାୟୀ ଏସିଆ କପ୍ ହାଇବ୍ରିଡ୍ ମଡେଲ ଅନୁସାରେ ଶ୍ରୀଲଙ୍କାରେ ଆୟୋଜନ ହୋଇଥିଲା। ଫାଇନାଲ ମ୍ୟାଚ୍ରେ ଭାରତ ୧୦ ୱିକେଟରେ ଘରୋଇ ଶ୍ରୀଲଙ୍କାକୁ ହରାଇ ଚାମ୍ପିଅନ ହୋଇଥିଲା।

### ଅଂଶଗ୍ରହଣ କରିବେ ୮ଟି ଦଳ

ଚାମ୍ପିଅନ୍ସ ଟ୍ରଫିର ଗତ ସଂସ୍କରଣ ୨୦୧୭ରେ ଇଂଲଣ୍ଡ ଓ ୱେଲ୍ସରେ ଖେଳାଯାଇଥିଲା। ଫାଇନାଲରେ ଭାରତକୁ ପରାସ୍ତ କରି ପାକିସ୍ତାନ ଟାଇଟଲ ଜିତିଥିଲା। ଏଥର ଚାମ୍ପିଅନ୍ସ ଟ୍ରଫିରେ ୮ଟି ଦଳ ଅଂଶଗ୍ରହଣ କରିବେ।

# କ୍ରୀଡ଼ା



### ନୀତୀଶ ଓ ଟ୍ରାଭିସ୍‌ଙ୍କ ଅର୍ଦ୍ଧଶତକ

# ରାଜସ୍ଥାନକୁ ୧ ରନ୍‌ରେ ହରାଇଲା ହାଇଦ୍ରାବାଦ

ହାଇଦ୍ରାବାଦ୍, ୨।୫(ଏଜେନ୍ସି)

ଇଣ୍ଡିଆନ ପ୍ରିମିୟର ଲିଗ୍-୨୦୨୪ରେ ଗୁରୁବାର ଅନୁଷ୍ଠିତ ହୋଇଛି ଆଉ ଏକ ଉତ୍କଣ୍ଠାପୂର୍ଣ୍ଣ ତଥା ରୋମାଞ୍ଚକ ମୁକାବିଲା। ଏଠାରେ ଅନୁଷ୍ଠିତ ଆଇପିଏଲ୍‌ରେ ୫୦ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ମାତ୍ର ୧ ରନ୍‌ରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରି ପଏଣ୍ଟ ସାରଣୀର ପ୍ରଥମ ୪ଟି ସ୍ଥାନକୁ ଅର୍ଥାତ ଚତୁର୍ଥ ସ୍ଥାନକୁ ଉନ୍ନୀତ ହୋଇଛି। ୧୦ମ ମ୍ୟାଚ୍‌ରୁ ଦ୍ୱିତୀୟ ପରାଜୟ ସତ୍ତ୍ୱେ ରାଜସ୍ଥାନ ପୂର୍ବପରି ପ୍ରଥମ ସ୍ଥାନରେ ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନୀତୀଶ ରେଡ୍ଡୀଙ୍କ ଅପରାଜିତ ୭୬ ରନ୍ ସହାୟତାରେ ହାଇଦ୍ରାବାଦ୍ ୩ ୱିକେଟରେ ୨୦୧ ରନ୍ କରିଥିଲା। ଜବାବରେ ରାଜସ୍ଥାନ ପ୍ରଥମ ଓଭରରେ ଜୋଶ ବଟଲର (୦) ଓ ସଞ୍ଜୁ ସାମସନ (୦)ଙ୍କୁ ହରାଇଥିଲା। କିନ୍ତୁ ତୃତୀୟ ୱିକେଟରେ ଯଶସ୍ୱୀ ଜୟସ୍ୱାଲ ଓ ରିଆନ ପରାଗ ଲଢୁଆ ବ୍ୟାଟିଂ କରିବା ସହ ୭୮ ବଲ୍‌ରୁ ୧୩୪ ରନ୍ ଉଠାଇବା ଫଳରେ ଦଳ ମ୍ୟାଚ୍‌କୁ ଫେରିଥିଲା। କିନ୍ତୁ ଜୟସ୍ୱାଲ ୪୦ ବଲ୍‌ରୁ ୬୭ ଓ ପରାଗ ୪୯ ବଲ୍‌ରୁ ୭୭ ରନ୍ ଉଠାଇ ଆଉଟ ହେବା ପରେ ଦଳର ବିଜୟ ଆଶା ମଉଳି ଯାଇଥିଲା। ଏହି ସମୟରେ ସିମରନ ହେଟମାୟର ୯ ବଲରୁ ୧୩ ରନ୍ କରିଥିଲେ। ତାଙ୍କ ପରେ ଧ୍ରୁବ ଜୁରେଲ ମଧ୍ୟ ଆଉଟ ହୋଇଯାଇଥିଲେ। ଶେଷ ଓଭରରେ ଦଳକୁ ମ୍ୟାଚ୍ ଜିତିବା ଲାଗି ୧୩ ରନ୍ ଦରକାର ହେଉଥିବା କିନ୍ତୁ ଭୁବନେଶ୍ୱର କୁମାର ଚତୁରତାର ସହ ବୋଲିଂ କରି ୧୧ ରନ୍ ଦେବା ସହ ଶେଷ ବଲରେ ରୋଭମାନ ପାୱେଲ (୧୫ବଲ୍‌ରେ ୨୭ରନ୍)ଙ୍କୁ ଏଲବିଡବ୍ଲ୍ୟୁ ଆଉଟ କରି ଦଳକୁ ଆଉ ଏକ ରୋମାଞ୍ଚଭରା ବିଜୟ ଦେଇଥିଲେ। ଭୁବେନଶ୍ୱରଙ୍କୁ ସର୍ବାଧିକ ୩ଟି ୱିକେଟ ମିଳିଥିଲା। ପ୍ୟାଟ କମିନ୍ସ ଓ ଟି ନଟରାଜନ ମଧ୍ୟ ୨ଟି ଲେଖାଏଁ ୱିକେଟ ନେଇ ଦଳର ବିଜୟରେ ସହାୟତା କରିଥିଲେ।

### ସମ୍ମାନ ରଖିଲେ ଘରୋଇ ଯୁବ ଖେଳାଳି

ଚଳିତ ସିଜନରେ ହାଇଦ୍ରାବାଦ୍ ଦଳ ନିଜ ବ୍ୟାଟିଂ ବଳରେ ଦମ୍‌ଦାର ପ୍ରଦର୍ଶନ କରିଛି। କିନ୍ତୁ ଏଠାରେ ଖେଳ ଆରମ୍ଭ କରିବା ମାତ୍ରେ ପ୍ରଥମ ବଲ୍‌ରେ ଟ୍ରାଭିସ୍ ହେଡ ଜୀବନ ଦାନ ପାଇଥିଲେ। ଏହା ବ୍ୟତୀତ ଦଳ ମନ୍ଥର ଗତିରେ ରନ୍ ସଂଗ୍ରହ କରିଥିଲା ଓ ୩୫ ରନ୍‌ରେ ପ୍ରଥମ ଦୁଇଟି ୱିକେଟ ହରାଇଥିଲା। ବିସ୍ଫୋରକ ବ୍ୟାଟର ହେଡ ରନ୍ ସଂଗ୍ରହ କରିବାକୁ ସଂଘର୍ଷ କରୁଥିଲେ। ତାଙ୍କ ସହ ଘରୋଇ ଯୁବ ଖେଳାଳି ନୀତୀଶ ରେଡ୍ଡୀ ଯୋଗ ଦେବା ପରେ ରନ୍ ସଂଗ୍ରହ ହାର କମିଯାଇଥିଲା। ପ୍ରଥମ ୧୧ଟି ବଲ୍‌ରୁ ୧୧ ରନ୍ କରିଥିବା ହାଇଦ୍ରାବାଦ୍ ଖେଳାଳି ନୀତୀଶଙ୍କ ବ୍ୟାଟରୁ ହାତଖୋଲା ସଟ୍ ଦେଖିବାକୁ ମିଳିଥିଲା। ସେ ଓ ଟ୍ରାଭିସ୍ ତୃତୀୟ ୱିକେଟରୁ ୫୭ ବଲ୍‌ରୁ ୯୬ ରନ୍ ଉଠାଇ ଦଳର ସମ୍ମାନ ରଖିବା ସହ ଏକ ବଡ଼ ସ୍କୋର କରିବା ସ୍ପଷ୍ଟ କରିଥିଲେ। ୪୪ ବଲ୍‌ରୁ ୬ ଚୌକା ଓ ୩ ଛକା ସହ ୫୮ ରନ୍ କରି ହେଡ ୧୫ତମ ଓଭରରେ ଆଉଟ୍ ହେଲା ବେଳକୁ ଦଳୀୟ ସ୍କୋର ଥିଲା ୧୩୧। ଏହା ପରେ ନୀତୀଶଙ୍କ ସହ ହେନ୍‌ରିକ୍ କ୍ଲାସେନ ଯୋଗ ଦେବା ପରେ ରନ୍ ସଂଗ୍ରହ ହାର ବୃଦ୍ଧି ପାଇଥିଲା। ଉଭୟ ଖେଳାଳି ପ୍ରତିପକ୍ଷ ବୋଲରଙ୍କୁ ପଡ଼ିଆର ଚାରିଆଡ଼କୁ ଚୌକା ଓ ଛକା ମାରି ଦଳକୁ ଏକ ବଡ଼ ସ୍କୋର ଦେଇଥିଲେ। ଏମାନଙ୍କ ଅବିଭକ୍ତ ଚତୁର୍ଥ ୱିକେଟ ଭାଗୀଦାରିରୁ ମାତ୍ର ୩୨ ବଲ୍‌ରେ ୭୦ ରନ୍ ମିଳିବା ଫଳରେ ହାଇଦ୍ରାବାଦ୍ ୩ ୱିକେଟରେ ୨୦୧ ରନ୍ କରିପାରିଥିଲା। ନୀତୀଶ ୪୨ ବଲ୍ ଖେଳି ୩ ଚୌକା ଓ ୮ଟି ଛକା ସହ ୭୬ ଏବଂ ହେନ୍‌ରିକ୍ କ୍ଲାସେନ ମାତ୍ର ୧୯ଟି ବଲ୍ ଖେଳି ୩ଟି ଚୌକା ଓ ୩ଟି ଛକା ସହାୟତାରେ ୪୨ ରନ୍ କରି ଶେଷଯାଏ ଅପରାଜିତ ରହିଥିଲେ। ରାଜସ୍ଥାନ ପକ୍ଷରୁ ଆଭେଷ ଖାନ୍ ୪ ଓଭରରେ ୩୯ ରନ୍ ଦେଇ ୨ଟି ଓ ସନ୍ଦୀପ ଶର୍ମା ୩୧ ରନ୍ ଦେଇ ଗୋଟିଏ ୱିକେଟ୍ ପାଇଥିଲେ । କିନ୍ତୁ ଭାରତୀୟ ଟି-୨୦ ବିଶ୍ୱକପ୍ ଦଳରେ ସ୍ଥାନ ପାଇଥିବା ଲେଗ୍ ସ୍ପିନର ଯୁଜବେନ୍ଦ୍ର ଚହଲ ୪ ଓଭରରେ ସର୍ବାଧିକ ୬୨ ରନ୍ ଦେଇଥିଲେ ମଧ୍ୟ କାହାରିକୁ ଆଉଟ କରିବାରେ ସମର୍ଥ ହୋଇ ନ ଥିଲେ।



ନୀତୀଶ ରେଡ୍ଡୀ ଓ ଟ୍ରାଭିସ୍ ହେଡ୍

### ପଏଣ୍ଟ ସାରଣୀ

| ଦଳ | ମ୍ୟାଚ୍ | ବିଜୟ | ପରାଜୟ | ପଏଣ୍ଟ | ରନରେଟ୍ |
|---|---|---|---|---|---|
| ରାଜସ୍ଥାନ | ୧୦ | ୮ | ୨ | ୧୬ | +୦.୬୨୨ |
| କୋଲକାତା | ୯ | ୬ | ୩ | ୧୨ | +୧.୦୯୬ |
| ଲକ୍ଷ୍ନୌ | ୧୦ | ୬ | ୪ | ୧୨ | +୦.୦୯୪ |
| ହାଇଦ୍ରାବାଦ | ୧୦ | ୬ | ୪ | ୧୨ | +୦.୦୭୨ |
| ଚେନ୍ନାଇ | ୧୦ | ୫ | ୫ | ୧୦ | +୦.୬୨୭ |
| ଦିଲ୍ଲୀ | ୧୧ | ୫ | ୬ | ୧୦ | -୦.୪୪୨ |
| ପଞ୍ଜାବ | ୧୦ | ୪ | ୬ | ୮ | -୦.୦୬୨ |
| ଗୁଜରାଟ | ୧୦ | ୪ | ୬ | ୮ | -୧.୧୧୩ |
| ମୁମ୍ବାଇ | ୧୦ | ୩ | ୭ | ୬ | -୦.୨୭୨ |
| ବେଙ୍ଗାଲୁରୁ | ୧୦ | ୩ | ୭ | ୬ | -୦.୪୧୫ |

**ଆଇପିଏଲ୍-୧୭**

**ଆଜିର ମ୍ୟାଚ୍**

**ମୁମ୍ବାଇ- କୋଲକାତା**

ସ୍ଥାନ- ମୁମ୍ବଇ, ସମୟ- ରାତି ୭.୩୦

- ପ୍ରସାରଣ -

ଷ୍ଟାର୍ ସ୍ପୋର୍ଟ୍ସ ନେଟ୍‌ୱର୍କ, ଜିଓସିନେମା

## ଟି-୨୦ ବିଶ୍ୱକପ୍

# ମାର୍ଶଙ୍କୁ ଅଷ୍ଟ୍ରେଲିଆର ନେତୃତ୍ୱ

**ମେଲବୋର୍ଣ୍ଣ, ୨।୫(ଏଜେନ୍ସି):** ଆମେରିକା ଓ ୱେଷ୍ଟଇଣ୍ଡିଜ୍‌ରେ ଜୁନ୍ ମାସ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ଅଲରାଉଣ୍ଡର ମିଚେଲ ମାର୍ଶଙ୍କୁ ଅଷ୍ଟ୍ରେଲିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଭେଟେରାନ ଓପନିଂ ବ୍ୟାଟର ଡେଭିଡ ୱାର୍ଣ୍ଣର ଓ ମାଥ୍ୟୁ ୱେଡ୍‌ଙ୍କ ପରି ବୟସ୍କ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଛି। କିନ୍ତୁ ଆଇପିଏଲ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ବିସ୍ଫୋରକ ବ୍ୟାଟିଂ କରି ସମସ୍ତଙ୍କୁ ଆକୃଷ୍ଟ କରିଥିବା ଜେକ୍-ଫ୍ରେଜର ମ୍ୟାକ୍‌ଗ୍ରୁକ୍‌ଙ୍କୁ ସ୍ଥାନ ମିଳିନାହିଁ। ଟେଷ୍ଟ ଅଧିନାୟକ ପ୍ୟାଟ କମିନ୍ସ, ଜୋଶ ହାଜ୍‌ଲେଉଡ ଓ ମିଚେଲ ଷ୍ଟାର୍କଙ୍କ ପରି ଅଭିଜ୍ଞ ଫାଷ୍ଟ ବୋଲରଙ୍କୁ ସାମିଲ କରାଯାଇଛି। ମାର୍କସ ଷ୍ଟୋଇନିସ, କାମେରନ ଗ୍ରୀନ୍‌ଙ୍କ ପରି ପେସ୍ ବୋଲିଂ ଓ ଗ୍ଲେନ ମ୍ୟାକ୍ସୱେଲ ଓ ଆଷ୍ଟନ ଅଗରଙ୍କ ପରି ସ୍ପିନ୍ ବୋଲିଂ ଅଲରାଉଣ୍ଡର ମଧ୍ୟ ଦଳରେ ଅଛନ୍ତି। ଆଦାମ ଜାମ୍ପା ଏକମାତ୍ର ଫ୍ରଣ୍ଟଲାଇନ୍ ସ୍ପିନର ଭାବେ ଦଳରେ ସ୍ଥାନ ପାଇଛନ୍ତି।

**ଘୋଷିତ ଦଳ:** ମିଚେଲ ମାର୍ଶ (ଅଧିନାୟକ), ଡେଭିଡ ୱାର୍ଣ୍ଣର, ଟ୍ରାଭିସ୍ ହେଡ୍, ଗ୍ଲେନ୍ ମ୍ୟାକ୍ସୱେଲ, କାମେରନ ଗ୍ରୀନ୍, ମାର୍କସ ଷ୍ଟୋଇନିସ୍, ଟିମ୍ ଡେଭିଡ୍, ଜୋଶ ଇଂଲିଶ୍ ଓ ମାଥ୍ୟୁ ୱେଡ୍ (ୱିକେଟରକ୍ଷକ), ପ୍ୟାଟ କମିନ୍ସ, ଜୋଶ ହାଜ୍‌ଲେଉଡ, ମିଚେଲ ଷ୍ଟାର୍କ, ନାଥାନ ଏଲିସ୍, ଆଷ୍ଟନ ଅଗର ଓ ଆଦାମ ଜାମ୍ପା।

### ପାକିସ୍ତାନର ୧୮ ଜଣିଆ ଦଳ

ଆୟର୍ଲାଣ୍ଡ ଓ ଇଂଲଣ୍ଡ ବିପକ୍ଷରେ ୭ଟି ଟି-୨୦ ମ୍ୟାଚ୍ ଖେଳିବାକୁ ବାବର ଆଜମଙ୍କ ନେତୃତ୍ୱରେ ୧୮ ଜଣିଆ ପାକିସ୍ତାନୀ ଦଳ ଘୋଷଣା କରାଯାଇଛି। କିନ୍ତୁ ଟି-୨୦ ବିଶ୍ୱକପ୍ ଲାଗି ଚୂଡାନ୍ତ ୧୫ଜଣିଆ ପାକିସ୍ତାନ ଇଂଲଣ୍ଡ ସହ ପ୍ରଥମ ଖେଳିବା ଦିନ ଅର୍ଥାତ୍ ମେ ୨୨ରେ ଘୋଷରା କରାଯିବ। ମେ ୨୪ ତାରିଖ ସୁଦ୍ଧା ଚୂଡାନ୍ତ ଖେଳାଳିଙ୍କ ନାମ ତାଲିକା ପଠାଇବାକୁ ଆଇସିସି ପକ୍ଷରୁ ସମୟସୀମା ଧାର୍ଯ୍ୟ କରାଯାଇଛି।

### ୨୧ରେ ଭାରତୀୟ ଦଳ ଆମେରିକା ଯିବ

ଟି-୨୦ ବିଶ୍ୱକପ୍ ଲାଗି ପ୍ରଥମ ପର୍ଯ୍ୟାୟରେ ଭାରତୀୟ ଦଳ ମେ ୨୧ରେ ଆମେରିକା ଯାତ୍ରା କରିବ। ଆମେରିକାର ନ୍ୟୁୟର୍କ ସହରରେ ଭାରତ ତାହାର ସମସ୍ତ ୩ଟି ଯାକ ଗ୍ରୁପ୍ ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରୁ ଆୟର୍ଲାଣ୍ଡ ସହ ଜୁନ୍ ୪ରେ ପ୍ରଥମ ମ୍ୟାଚ୍, ପାକିସ୍ତାନ ସହ ଜୁନ୍ ୯ରେ ଦ୍ୱିତୀୟ ଓ ଆୟୋଜକ ଆମେରିକା ସହ ଜୁନ୍ ୧୨ରେ ଲିଗ୍ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ମେ ୨୧ରେ ଆମେରିକା ଯିବାକୁ ଥିବା ଭାରତୀୟ ଦଳରେ ମୁଖ୍ୟ ପ୍ରଶିକ୍ଷକ ଓ ତାଙ୍କ ସପୋର୍ଟ ଷ୍ଟାଫ୍ ରହିବେ। ଯେଉଁ ଖେଳାଳିମାନେ ପ୍ଲେ ଅଫ୍ ଲାଗି ଯୋଗ୍ୟତା ଅର୍ଜନ କରିଥିବେ ସେମାନେ ମେ ୨୬ ପରେ ଆମେରିକା ଯିବେ ବୋଲି ବିସିସିଆଇ ପକ୍ଷରୁ କୁହାଯାଇଛି। ସେହିପରି ମେ ୨୨ରୁ ପାକିସ୍ତାନ ସହ ଇଂଲଣ୍ଡର ଟି-୨୦ ସିରିଜ୍ ଆରମ୍ଭ ହେବ। ଏହି ସିରିଜ୍ ପୂର୍ବରୁ ଆଇପିଏଲ୍ ଖେଳୁଥିବା ଏବଂ ଜାତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ଦଳକୁ ଫେରିବେ।

**ପାକିସ୍ତାନ ଦଳ:** ବାବର ଆଜମ, ଫକର ଜମାନ, ସୈମ ଆୟୁବ, ଇଫତିକର ଅହମ୍ମଦ୍, ମହମ୍ମଦ୍ ଆବାସ ଆଫ୍ରିଦୀ, ମହମ୍ମଦ୍ ରିଜୱାନ, ସଲମାନ ଅଲୀ ଆଗା, ଆଜମ ଖାନ୍, ଆବ୍ରାର ଅହମ୍ମଦ୍, ଇମାଦ ୱାସିମ୍, ସଦାବ ଖାନ୍, ସାହିନ ଶାହ ଆଫ୍ରିଦୀ, ଉସ୍‌ମାନ ଖାନ୍, ମହମ୍ମଦ୍ ଆମୀର, ନସୀବ ଶାହ, ହାସନ ଅଲ୍ଲୀ, ହ୍ୟାରିସ୍ ରୌଫ୍, ଉସ୍‌ମାନ ଖାନ୍।

### କାନାଡାରେ ୭, ଓମାନ ଦଳରେ ୪ ଭାରତୀୟ ବଂଶୋଦ୍ଭବ

ଆଗାମୀ ଟି-୨୦ ବିଶ୍ୱକପ୍ ପାଇଁ କାନାଡା, ଓମାନ ଓ ନେପାଳ ଗୁରୁବାର ଦଳ ଘୋଷଣା କରିଛନ୍ତି। କାନାଡା ଓ ଓମାନ ଦଳରେ ମୋଟ ୧୧ଜଣ ଭାରତୀୟ ଅର୍ଥାତ ଭାରତୀୟ ବଂଶୋଦ୍ଭବ ଖେଳାଳି ସ୍ଥାନ ପାଇଛନ୍ତି। ତେବେ ଏହି ଦୁଇ ଦେଶ ପାକିସ୍ତାନ ବଂଶୋଦ୍ଭବ ଖେଳାଳିଙ୍କୁ ଦଳରେ ନେତୃତ୍ୱ ପ୍ରଦାନ କରିଛନ୍ତି। କାନାଡା ଦଳରେ ସର୍ବାଧିକ ୭ଜଣ ଭାରତୀୟଙ୍କୁ ସାମିଲ କରାଯାଇଛି।

**ଓମାନ ଦଳ:** ଆକିବ ଇଲିୟାସ (ଅଧିନାୟକ), ଜିସାନ ମକସୁଦ୍, ଆୟାନ ଖାନ, କଶ୍ୟପ ପ୍ରଜାପତି, ସୋଏବ ଖାନ୍, ମହମ୍ମଦ ନଦୀମ, ପ୍ରତୀକ ଉଠାବଲେ, ନସୀମ ଖୁସି, ଖାଲିଦ କେଲ, ମେହରାନ ଖାନ୍, ବିଲାଲ ଖାନ୍, କଲିମୁଲ୍ଲା, ଫୟାଜ ବଟ, ଶକିଲ ଅହମ୍ମଦ ଓ ରଫିଉଲ୍ଲା।

**କାନାଡା ଦଳ:** ସାଦ୍ ବିନ୍ ଜାଫର (ଅଧିନାୟକ), ଆରୋନ ଜନସନ, ଦିଲନ ହେଇଲିଗର, ଦିଲପ୍ରୀତ ବାଜୱା, ହର୍ଷ ଠାକ୍‌ରେ, ଜେରେମି ଗାର୍ଡନ, ଜୁନୈଦ ସିଦ୍ଦିକ୍, କଲିମ ସନା, କନୱରପାଲ ତଥଗୁର, ନବନୀତ ଧଲିୱାଲ, ନିକୋଲାସ କିର୍ଟୋନ, ପରଗତ ସିଂ, ରବୀନ୍ଦ୍ରପାଲ ସିଂ, ରେୟାନ ଖାନ ପଠାନ, ଶ୍ରେୟାସ ମୋଭା।

### ନେପାଳ ଦଳରୁ ସନ୍ଦୀପ ବାଦ୍

ଅନ୍ୟପଟେ ନେପାଳ ଦଳରୁ ତାରକା ଖେଳାଳି ତଥା ପୂର୍ବତନ ଅଧିନାୟକ ସନ୍ଦୀପ ଲାମିଚେନ୍ ବାଦ୍ ପଡିଛନ୍ତି। ନେପାଳ ରୋହିତ ପୋଡେଲଙ୍କୁ ଅଧିନାୟକ ନିଯୁକ୍ତ କରିଛି। ଏକ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ ହୋଇ ସନ୍ଦୀପ ଜାତୀୟ ଦଳରୁ ବାଦ୍ ପଡିଛନ୍ତି।

**ନେପାଳ ଦଳ:** ରୋହିତ ପୋଡେଲ (ଅଧିନାୟକ), ଆସିଫ୍ ଶେଖ, ଅନିଲ କୁମାର ଶାହା, କୁଶଲ ଭୁର୍ତ୍ତେଲ, କୁଲଲ ମଲ୍ଲା, ଦୀପେନ୍ଦ୍ର ସିଂ ଏରୀ, ଲଳିତ ରାଜବଂଶୀ, କରଣ କେସି, ଗୁଲଶନ ଝା, ସୋମପାଲ କାମି, ପ୍ରତୀଶ ଜିସି, ସନ୍ଦୀପ ଜୋରା, ଅବିନାଶ ବୋହରା, ସାଗର ଢକାଲ ଓ କମଲ ସିଂ ଏରୀ।

# ହରପ୍ରୀତ ଶ୍ରେଷ୍ଠ; ପୁଣି ହାରିଲା ଚେନ୍ନାଇ



**ଚେନ୍ନଇ, ୨।୫(ଏଜେନ୍ସି):** ଦୁଇ ସ୍ପିନ୍ ବୋଲର ହରପ୍ରୀତ ସିଂ ବ୍ରାର୍ ଓ ରାହୁଲ ଚହରଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ବୁଧବାର ଖେଳାଯାଇଥିବା ଆଇପିଏଲ୍‌ର ୪୯ତମ ଲିଗ୍ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସ ୭ ୱିକେଟରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିଛି। ଏହା ଫଳରେ ଚେନ୍ନାଇ ଦଳ ୧୦ଟି ଲିଗ ମ୍ୟାଚ୍ ଖେଳି ୫ଟି ଲେଖାଏଁ ବିଜୟ ଓ ପରାଜୟ ସହ ୧୦ ପଏଣ୍ଟ ପାଇଛି। ଏହି ମ୍ୟାଚ୍‌ରେ ୪ ଓଭର ବୋଲିଂ କରି ୧୭ ରନ୍ ବିନିମୟରେ ଚେନ୍ନାଇର ଆଜିଙ୍କ୍ୟ ରାହାଣେ (୨୯) ଓ ଶିବମ ଦୁବେ (୦)ଙ୍କୁ ଆଉଟ କରିଥିବା ହରପ୍ରୀତ ସିଂ ବ୍ରାରଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଅଧିନାୟକ ଋତୁରାଜ ଗାଏକ୍ୱାଡଙ୍କ ୪୮ ବଲ୍‌ରୁ ୬୨ ରନ୍ ସତ୍ତ୍ୱେ ଦଳ ୭ ୱିକେଟରେ ୧୬୨ ରନ୍ କରିଥିଲା। ପଞ୍ଜାବ ପକ୍ଷରୁ ହରପ୍ରୀତ୍‌ଙ୍କ କଞ୍ଜୁସ ବୋଲିଂ ବ୍ୟତୀତ ରାହୁଲ ଚହର ୪ ଓଭର ବୋଲିଂ କରି ୧୬ ରନ୍‌ରେ ୨ଟି ୱିକେଟ ପାଇଥିଲେ। ଜବାବରେ ପଞ୍ଜାବ କିଙ୍ଗ୍‌ସ ୧୭.୫ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟ ଲାଗି ଆବଶ୍ୟକ ୧୬୩ ରନ୍ ସଂଗ୍ରହ କରିନେଇଥିଲା। ବିଜୟ ଦଳ ପକ୍ଷରୁ ଜନି ବେୟାରଷ୍ଟୋ ୩୦ ବଲ୍‌ରେ ସର୍ବାଧିକ ୪୬ ଓ ରିଲି ରୁଷୋ ୨୩ ବଲ୍‌ରେ ୪୩ ରନ୍ କରିଥିଲେ। ଶଶାଙ୍କ ସିଂ ଅପରାଜିତ ୨୫ ଓ ସାମ କୁରାନ ଅପରାଜିତ ୨୬ ରନ୍ କରି ଦଳକୁ ସହଜରେ ଜିତାଇଥିଲେ। ଘରୋଇ ମାଟିରେ ଚେନ୍ନାଇର ଏକା ଦ୍ୱିତୀୟ ପରାଜୟ। ହିମାଚଳ ପ୍ରଦେଶର ଧର୍ମଶାଳାଠାରେ ଉଭୟ ଦଳ ପରସ୍ପର ସହ ସେମାନଙ୍କ ପରବର୍ତ୍ତୀ ମ୍ୟାଚ୍ ଖେଳିବେ।

● ଚାମ୍ପିଅନ୍ସ ଲିଗ୍ ସେମିଫାଇନାଲ

# ରିଅଲ-ବେୟର୍ଣ୍ଣ ମୁକାବିଲା ଅମୀମାଂସିତ

**ମ୍ୟୁନିକ୍,୨।୫(ଏଜେନ୍ସି):** ୟୁନିଅନ ଅଫ୍ ୟୁରୋପିଆନ୍ ଫୁଟବଲ ଆସୋସିଏସନ (ୟୁଇଏଫ୍ଏ) ଆନୁକୂଲ୍ୟରେ ଚାଲିଥିବା ବର୍ଷିକ କ୍ଲବ୍ ଫୁଟବଲ ପ୍ରତିଯୋଗିତା ଚାମ୍ପିଅନ୍ସ ଲିଗ୍‌ର ସେମିଫାଇନାଲ ପର୍ଯ୍ୟାୟ ଆରମ୍ଭ ହୋଇଛି। ଦୁଇଟି ଯାକ ସେମିଫାଇନାଲ ମୁକାବିଲାର ପ୍ରଥମ ଲେଗ୍ ତଥା ଚରଣ ଅନୁଷ୍ଠିତ ହୋଇଛି। ବେୟର୍ଣ୍ଣ ମ୍ୟୁନିକ୍ ଓ ରିଅଲ ମାଦ୍ରିଦ୍ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମିର ପ୍ରଥମ ଲେଗ୍ ମ୍ୟାଚ୍ ୨-୨ ଗୋଲରେ ଅମୀମାଂସିତ ରହିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ଭିନିସିଅସ ଜୁନିୟର ଦୁଇଟି ଯାକ ଗୋଲ ସ୍କୋର କରିଥିଲେ। ୨୪ତମ ମିନିଟ୍‌ରେ ଗୋଲ ଦେଇ ସେ ଦଳକୁ ଅଗ୍ରଣୀ କରାଇଥିଲେ। ଏହାପରେ ୫୩ତମ ମିନିଟ୍‌ରେ ଲେରୋଏ ସେନ୍ ଫିଲ୍ଡ ଗୋଲ ଓ ହାରୀ କେନ୍ ୫୭ତମ ମିନିଟ୍‌ରେ ପେନାଲ୍ଟି ଗୋଲ ଦେଇ ଦଳକୁ ୨-୧ରେ ଅଗ୍ରଣୀ କରାଥିଲେ। ଭିନ୍‌ସିଅସ୍ ୮୩ତମ ମିନିଟ୍‌ରେ ପେନାଲ୍ଟି ଜରିଆରେ ଗୋଲ ଦେଇ ମ୍ୟାଚ୍‌କୁ ଆମୀମାଂସିତ ରଖିଥିଲେ।

### ପିଏସ୍‌ଜିକୁ ହରାଇଲା ଡର୍ଟମଣ୍ଡ

ପ୍ରଥମ ସେମିର ପ୍ରଥମ ଲେଗ୍ ମୁକାମିଲାରେ ଡର୍ଟମଣ୍ଡ ୧-୦ ଗୋଲରେ ପ୍ୟାରିସ ସେଣ୍ଟ ଜର୍ମେନ(ପିଏସ୍‌ଜି)କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ଜବରଦସ୍ତ ସଂଘର୍ଷ ଦେଖିବାକୁ ମିଳିଥିଲା। ୩୬ତମ ମିନିଟ୍‌ରେ ୩୧ ବର୍ଷୀୟ ଫରୱାର୍ଡ ନିକ୍‌ଲାସ୍ ଫୁଲକ୍ରୁଗ୍ ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ସେମି ଫାଇନାଲ ଦ୍ୱିତୀୟ ଲେଗ୍‌ରେ ମାଦ୍ରିଦ୍ ଓ ବେୟର୍ଣ୍ଣ ୯ ତାରିଖ ଗୁରୁବାର ଏବଂ ପିଏସ୍‌ଜି ଓ ଡର୍ଟମଣ୍ଡ ୮ ତାରିଖ ବୁଧବାର ପରସ୍ପରକୁ ଭେଟିବେ।

### ବିଶ୍ୱକପ୍‌କୁ ଚୟନ ପରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନ

# ସଞ୍ଜୁ, ଦୁବେ, ପାଣ୍ଡ୍ୟା ଶୂନରେ ଆଉଟ୍

**ନୂଆଦିଲ୍ଲୀ, ୨।୫ (ଏଜେନ୍ସି):** ଆଗାମୀ ଟି-୨୦ ବିଶ୍ୱକପ୍ ଲାଗି ଭାରତୀୟ କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ରୋହିତ୍ ଶର୍ମାଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ପ୍ରଦାନ କରାଯାଇଛି। ଲୋକେଶ ରାହୁଲ, ଶୁବମାନ ଗିଲ୍, ରିଙ୍କୁ ସିଂ, ସ୍ପିନର ରବି ବିଷ୍ଣୋଇଙ୍କୁ ଦଳରୁ ଅଣଦେଖା କରିବାକୁ ନେଇ ଅଜିତ ଅଗରକରଙ୍କ ଅଧ୍ୟକ୍ଷତାରେ ଗଠିତ ଚୟନ ସମିତିକୁ ଅନେକ ସମାଲୋଚନାର ଶିକାର ହେବାକୁ ପଡ଼ିଛି। ଦଳ ଘୋଷଣା ପରେ ପରେ ଚୟନ ହୋଇଥିବା ଭାରତୀୟ ଖେଳାଳିମାନେ ଆଇପିଏଲ୍‌ରେ ମଙ୍ଗଳବାର, ବୁଧବାର ଓ ଗୁରୁବାର ଖେଳିଥିବା ପରବର୍ତ୍ତୀ ମ୍ୟାଚ୍‌ଗୁଡ଼ିକର ପ୍ରଦର୍ଶନକୁ ନଜର ପକାଇବା।

ମୁମ୍ବାଇ ଇଣ୍ଡିଆନ୍ସର ୪ଜଣ ଖେଳାଳି ମଙ୍ଗଳବାର ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍ସ ବିପକ୍ଷରେ ମିଶ୍ରିତ ପ୍ରଦର୍ଶନ କରିଛନ୍ତି। ରୋହିତ ଶର୍ମା ୫ ବଲରେ ୪, ସୂର୍ଯ୍ୟକୁମାର ଯାଦବ ୬ ବଲରେ ୧୦ ଓ ହାର୍ଦ୍ଦିକ ପାଣ୍ଡ୍ୟା ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଛନ୍ତି। ଅବଶ୍ୟ ହାର୍ଦ୍ଦିକ ବୋଲିଂରେ ୨ଟି ୱିକେଟ୍ ନେଇଥିବାବେଳେ ଯଶପ୍ରୀତ୍ ବୁମ୍‌ରା ୱିକେଟ୍ ପାଇ ନ ଥିଲେ ମଧ୍ୟ ୧୭ ରନ ବ୍ୟୟ କରିଥିଲେ। ସେହିଭଳି ଚେନ୍ନାଇ ସୁପର୍ କିଙ୍ଗ୍‌ସର ଦୁଇ ଜଣ ଖେଳାଳି ରବୀନ୍ଦ୍ର ଜାଡେଜା ଓ ଶିଭମ ଦୁବେ ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। ବୁଧବାର ପଞ୍ଜାବ ବିପକ୍ଷ ମ୍ୟାଚରେ ଦୁବେ ୨ ବଲ ଖେଳି ଶୂନରେ ଏବଂ ଜାଡେଜା ୪ ବଲରେ ୨ ରନ କରି ଆଉଟ୍ ହୋଇଥିଲେ। ବୋଲିଂରେ ଜାଡେଜା ୨୨ ରନ ବ୍ୟୟ କରିଥିଲେ ମଧ୍ୟ ୱିକେଟ୍ ପାଇ ନଥିଲେ। ଭାରତୀୟ ଦଳରେ ସ୍ଥାନ ପାଇଥିବା ପଞ୍ଜାବ କିଙ୍ଗ୍‌ସର ଅର୍ଶଦୀପ ସିଂ ୪ ଓଭରରେ ୫୨ ରନ ବ୍ୟୟ କରି ଗୋଟିଏ ୱିକେଟ୍ ପାଇଛନ୍ତି। ଗୁରୁବାର ଆଇପିଏଲ୍‌ରେ ଅନୁଷ୍ଠିତ ମ୍ୟାଚରେ ରାଜସ୍ଥାନ ରୟାଲ୍ସର ଦୁଇ ଖେଳାଳି ଯୁଜବେନ୍ଦ୍ର ଚହଲ ଓ ୱିକେଟ୍‌ରକ୍ଷକ ସଞ୍ଜୁ ସାମସନ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ସନରାଇଜର୍ସ ହାଇଦ୍ରାବାଦ୍ ବିପକ୍ଷ ମୁକାବିଲାରେ ଚହଲ ୪ ଓଭରରେ ୬୨ ରନ ବ୍ୟୟ କରି ବେଶ୍ ମହଙ୍ଗା ସାବ୍ୟସ୍ତ ହୋଇଛନ୍ତି। ସେହିଭଳି ସଞ୍ଜୁ ୩ଟି ବଲ୍ ସାମ୍ନା କରିଥିଲେ ମଧ୍ୟ ଖାତା ଖୋଲି ନପାରି ଭୁବନେଶ୍ୱର କୁମାରଙ୍କ ବଲରେ ବୋଲ୍ଡ ହୋଇଥିଲେ। ଉଭୟ ସଞ୍ଜୁ ଓ ଚହଲ ଏଥର ବିଶ୍ୱକପ୍ ଦଳରେ ସ୍ଥାନ ପାଇଛନ୍ତି। ଅନ୍ୟତମ ରାଜସ୍ଥାନ ଖେଳାଳି ଯଶ୍ୱସୀ ଜୟସ୍ୱାଲ ୬୭ ରନ୍ କରିଛନ୍ତି। ଭାରତୀୟଙ୍କ ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ପ୍ରଶଂସକମାନେ ନିରାଶ ହୋଇଛନ୍ତି।

**ଟି-୨୦ ବିଶ୍ୱକପ୍**

# ନାସାଉ ଷ୍ଟାଡିୟମରେ ଲଗାଯିବ ଡ୍ରପ୍ ଇନ୍ ପିଚ୍

### ନ୍ୟୁୟର୍କରେ ଭାରତ-ପାକିସ୍ତାନ ମ୍ୟାଚ୍‌ର ପିଚ୍ ପ୍ରସ୍ତୁତ

ନୂଆଦିଲ୍ଲୀ,୨।୫(ଏଜେନ୍ସି)

ଆସନ୍ତା ଜୁନ୍‌ରେ ଟି-୨୦ ବିଶ୍ୱକପ୍‌ର ୯ମ ସଂସ୍କରଣ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବ। ନ୍ୟୁୟର୍କରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ଲାଗି ପିଚ୍ ପ୍ରସ୍ତୁତ ହୋଇଛି। ଏହି ହାଇଭୋଲ୍ଟେଜ ମ୍ୟାଚ୍ ସମେତ ୮ଟି ମ୍ୟାଚ୍ ନ୍ୟୁୟର୍କର ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଏହି ଷ୍ଟାଡିୟମରେ ଭାରତ ଆଉ ଦୁଇଟି ମ୍ୟାଚ୍ ମଧ୍ୟ ଖେଳିବ। ଭାରତ ଏହି ଷ୍ଟାଡିୟମରେ ଜୁନ୍ ୫ରେ ଆୟର୍ଲାଣ୍ଡକୁ, ୯ ତାରିଖରେ ପାକିସ୍ତାନକୁ, ୧୨ ତାରିଖରେ ଆମରିକାକୁ ଭେଟିବ। ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ର ସବୁ ଟିକଟ୍ ବିକ୍ରି ସରିଛି। ଏହି ଟିକଟ ସବୁ ଚଢ଼ା ଦାମ୍‌ରେ ବିକ୍ରି ହୋଇଛି।

### ଡ୍ରପ୍ ଇନ୍ ପିଚ୍ କ'ଣ?

ଏହି ମ୍ୟାଚ୍‌ଗୁଡିକ ଲାଗି ଏହି ଷ୍ଟାଡିୟମରେ ଡ୍ରପ୍ ଇନ୍ ପିଚ୍ ପ୍ରସ୍ତୁତ କରାଯାଇ ତା'ର ବ୍ୟବହାର କରାଯିବ। ନ୍ୟୁୟର୍କଠାରୁ ଦୁଇ ହଜାର କିଲୋମିଟର ଦୂରରେ ଫ୍ଲୋରିଡାରେ ଏହି ଡ୍ରପ୍ ଇନ୍ ପିଚ୍ ପ୍ରସ୍ତୁତ କରାଯାଇଛି। ପ୍ରଥମଥର ପାଇଁ ଆମେରିକାର କୌଣସି ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଟୁର୍ଣ୍ଣାମେଣ୍ଟ ଆୟୋଜନ ହେବ। ତେଣୁ ନୂଆ ଷ୍ଟାଡିୟମରେ ମ୍ୟାଚ୍ ଆୟୋଜନ ହେବ। ତେଣୁ ହାତରେ କମ୍ ସମୟ ରହିଥିବାରୁ ପିଚ୍ ପ୍ରସ୍ତୁତି ନେଇ ସ୍ୱତନ୍ତ୍ର ଯୋଜନା କରାଯାଇଛି। ଫ୍ଲୋରିଡାରେ ପ୍ରସ୍ତୁତ ହୋଇଥିବା ଏହି ପିଚ୍‌କୁ ନ୍ୟୁୟର୍କ ଅଣାଯାଇ ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ ସ୍ଥାପନ କରାଯିବ। ଅନ୍ୟ ସ୍ଥାନରୁ ପ୍ରସ୍ତୁତ ପିଚ୍ ଆଣି ଷ୍ଟାଡିୟମରେ ସ୍ଥାପନ ଷ୍ଟାଡିୟମରେ ସ୍ଥାପନ କରାଗଲେ, ଏହାକୁ ଡ୍ରପ୍ ଇନ୍ ପିଚ୍ କୁହାଯାଇଥାଏ।





ଗତ ଡିସେମ୍ବରରୁ ଫ୍ଲୋରିଡାରେ ଏହି ଡ୍ରପ୍ ଇନ୍ ପିଚ୍ ପ୍ରସ୍ତୁତି କାର୍ଯ୍ୟ ଚାଲିଛି। ଡ୍ରପ୍ ଇନ୍ ପିଚ୍ ସାଧାରଣତଃ ଅଷ୍ଟ୍ରେଲିଆରେ ବେଶି ବ୍ୟବହାର କରାଯାଇଥାଏ।

### ଅଷ୍ଟ୍ରେଲିଆ ମାଟିରେ ଆଡିଲେଡ କ୍ୟୁରେଟର ପ୍ରସ୍ତୁତ କରିଛନ୍ତି ଏହି ପିଚ୍

ଅଷ୍ଟ୍ରେଲିଆର ମାଟି ବ୍ୟବହାର କରି ଆଡିଲେଡ କ୍ୟୁରେଟର ଏହି ଡ୍ରପ୍ ଇନ୍ ପିଚ୍ ପ୍ରସ୍ତୁତ କରିଛନ୍ତି। ଆଡିଲେଡ ଓଭାଲ ଗ୍ରାଉଣ୍ଡର ମୁଖ୍ୟ କ୍ୟୁରେଟର ଡେମିୟନ ହଗ୍ ଏହି ଭଳି ୧୦ଟି ପିଚ୍ ପ୍ରସ୍ତୁତ କରିଛନ୍ତି। ନାସାଉ ଷ୍ଟାଡିୟମରେ ମୋଟ୍ ୪ଟି ଡ୍ରପ୍ ଇନ୍ ପିଚ୍ ଲଗାଯିବ ଓ ଏଠାରେ ବିଶ୍ୱକପ୍ ମ୍ୟାଚ୍ ଖେଳାଯିବ। ଆଉ ୬ଟି ଅଭ୍ୟାସ ପାଇଁ ସ୍ଥାପନ କରାଯିବ ବୋଲି ଆଇସିସି ତରଫରୁ କୁହାଯାଇଛି। ଟି-୨୦ ବିଶ୍ୱକପ୍ ଜୁନ୍ ୧ରୁ ଆରମ୍ଭ ହୋଇ ୨୯ରେ ଶେଷ ହେବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA